ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ସେପ୍ଟେମ୍ବର ୨୦୨୩
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

# ପ୍ରାଚୀ

Vol.- 9, September 2023, Issue No. VI
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଓଡ଼ିଆ ଅସ୍ମିତାର କର୍ଣ୍ଣଧାର 'ଉତ୍କଳଗୌରବ ମଧୁସୂଦନ'
– ଡକ୍ଟର ସାରଦା ପ୍ରସାଦ ମହାନ୍ତି ୦୭

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରିପ୍ରେକ୍ଷୀରେ
'ଉତ୍କଳ ଦୁର୍ଦ୍ଦଶା' ନାଟକ
– କନକ ବର୍ଦ୍ଧନ ସାହୁ ୧୦

ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଜଗତ
– ଜ୍ଞାନୀ ଦେବାଶିଷ ମିଶ୍ର ୧୩

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗୋଦାବରୀଶ ମିଶ୍ରଙ୍କ ଭୂମିକା
– ମାନସ ନାଏକ ୧୯

ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷାରେ ଗୌରୀଶଙ୍କରଙ୍କ ଭୂମିକା
– ଜ୍ଞାନରଞ୍ଜନ ତ୍ରିପାଠୀ ୨୨

ଜଳମଗ୍ନ ହୀରାକୁଦ ଓ ଓଡ଼ିଆ ଉପନ୍ୟାସ
– ଡକ୍ଟର ଆଲୋକ ବରାଳ ୨୯

ସ୍ତମ୍ଭ ରଚନା : ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ
– ଚନ୍ଦ୍ରିକାରାଣୀ ପଣ୍ଡା ୫୪

ଧର୍ମୀୟ ସଂସ୍କାର ଆନ୍ଦୋଳନ :
ଶଙ୍କରଦେବ, ମାର୍ଟିନ୍‌ଲୁଥର କିଂ ଓ ଶ୍ରୀଚୈତନ୍ୟ
– ଡକ୍ଟର ପ୍ରତୀଚୀ ନନ୍ଦ ୬୧

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ......................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................

ବ୍ୟାଙ୍କ୍........................................ ସ୍ଥାନ...................................................

ତାରିଖ.................................... ଦସ୍ତଖତ...................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**


ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), **Vol.- 9, Issue No.VI, September 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡ଼ିଆ ଅସ୍ମିତାର କର୍ଣ୍ଣଧାର 'ଉତ୍କଳଗୌରବ ମଧୁସୂଦନ'

**ଡକ୍ଟର ସାରଦା ପ୍ରସାଦ ମହାନ୍ତି**

ଉତ୍କଳ ଗୌରବ ମଧୁସୂଦନ ଦାସ ହେଉଛନ୍ତି ଓଡ଼ିଶା ଓ ଓଡ଼ିଶା ଜାତି ନିମନ୍ତେ ଆଲୋକ ସଦୃଶ୍ୟ, ଯେଉଁ ଆଲୋକ ଭାରତର ପ୍ରାଚ୍ୟ ଭୂଖଣ୍ଡ ଉତ୍କଳକୁ କରିଛି ଆଲୋକିତ । ମଧୁସୂଦନ ଦାସ ଜଣେ ମହିମାନ୍ୱିତ ବ୍ୟକ୍ତିତ୍ୱ । ଓଡ଼ିଶାର ଜାତୀୟ ଜୀବନକୁ ସେ କରିଛନ୍ତି ମହିମାମଣ୍ଡିତ । ଓଡ଼ିଶା ନିମନ୍ତେ ତାଙ୍କର ନିଷ୍ପାପର ସାଧନା ପ୍ରତିଟି ଓଡ଼ିଆଙ୍କ ନିମନ୍ତେ ପ୍ରେରଣାର ଉତ୍ସ ଅଟେ । ମଧୁସୂଦନ ଥିଲେ ଯଥାର୍ଥରେ ଓଡ଼ିଆ ଜାତିର ବୀରପୁରୁଷ । ତାଙ୍କ ନେତୃତ୍ୱରେ ଓଡ଼ିଆ ଅସ୍ମିତାର ପୁନଃ ପ୍ରତିଷ୍ଠା ହୋଇପାରିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାପାଇଁ ତାଙ୍କର ପ୍ରୟାସ ଆମ ଜାତି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ସେ ଥିଲେ ସବୁ କ୍ଷେତ୍ରରେ ପ୍ରଥମ ଓଡ଼ିଆ, ସେଥିନିମନ୍ତେ ମଧୁବାବୁ ବାସ୍ତବରେ ଓଡିଆ ଜାତିର ଅଗ୍ରପୁରୁଷ । ଜାତିର ଉନ୍ନତି ଲାଗି ନିଃସ୍ୱାର୍ଥପର ସେବା, ସଂକଳ୍ପର ପ୍ରତୀକ ହେଉଛନ୍ତି ମଧୁସୂଦନ ଦାସ । ସର୍ବଭାରତୀୟ କ୍ଷେତ୍ରରେ ମଧୁବାବୁଙ୍କର ପରିଚୟ ଓଡ଼ିଶାକୁ କରିଛି ଗୌରବାନ୍ୱିତ ।

ଓଡ଼ିଶା ବୈଚିତ୍ର୍ୟମୟ ବିଶ୍ୱରେ ଏକ ବିଭବମୟ ସ୍ୱତନ୍ତ୍ର ସ୍ଥାନ । ଓଡ଼ିଶାର ରହିଛି ଏକ ଗୌରବମୟ ଐତିହ୍ୟ ଓ ପରମ୍ପରା । ଓଡ଼ିଶାର ଭାଷା ଆମ ମାତୃଭାଷା 'ଓଡ଼ିଆ' ଏକ ସମୃଦ୍ଧମୟ ପରମ୍ପରାରେ ଉଜ୍ଜ୍ୱଳ । ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ଓଡ଼ିଶା ଭିନ୍ନ ଭିନ୍ନ ସମୟରେ କିନ୍ତୁ ସଂକଟ ଓ ସମସ୍ୟା ମଧ୍ୟରେ ଗତିକରିଛି । ଯେଉଁ ଓଡ଼ିଆ ଦିନେ ସାଂସ୍କୃତିକ, ସାମାଜିକ, ରାଜନୈତିକ ଇତ୍ୟାଦି କ୍ଷେତ୍ରରେ ମର୍ଯ୍ୟାଦା, ସମ୍ମାନ ପାଇଥିଲେ, ସେହିମାନେ ଉନବିଂଶ ଶତାବ୍ଦୀରେ କିନ୍ତୁ ହୋଇଛନ୍ତି ଲାଞ୍ଛିତ, ଅବହେଳିତ ଓ ଅପମାନିତ । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଅବକ୍ଷୟର ରୂପ ଓଡ଼ିଆ ସ୍ୱାଭିମାନ ଉପରେ କଲା କଠୋରାଘାତ । ଆମ ମାତୃଭାଷା 'ଓଡ଼ିଆ'ର ବିଲୋପ ପାଇଁ ମଧ୍ୟ ଚାଲିଥିଲା ପ୍ରୟାସ । ଓଡ଼ିଶାର ଭୌଗୋଳିକ ସ୍ଥିତି ମଧ୍ୟ ହୋଇଥିଲା ବିପର୍ଯ୍ୟସ୍ତ, ଏହିଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜାତିପ୍ରାଣ ଉତ୍କଳଗୌରବ ମଧୁସୂଦନଙ୍କର ହୋଇଥିଲା ଆବିର୍ଭାବ ।

କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜୀବନ ଇତିହାସ ହେଉଛି ଆଧୁନିକ ଓଡ଼ିଶାର ଦୀର୍ଘ ଅର୍ଦ୍ଧଶତାବ୍ଦୀର ଇତିହାସ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜନ୍ମ ସ୍ଥାନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ । ୨୮ ଅପ୍ରିଲ ୧୯୬୮ ମସିହାରେ ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ ଔରସରୁ ଜନ୍ମଲାଭ କରିଥିଲେ ମଧୁସୂଦନ ଦାସ । ତାଙ୍କ ଜୀବନକାଳ (୧୮୪୮-୧୯୩୪) ଥିଲା ବହୁ ଘଟଣା ବହୁଳ । ଏହି ସମୟ ଅର୍ଥାତ ଉନବିଂଶ ଶତାବ୍ଦୀର ଶେଷଭାଗ ଓ ବିଂଶ ଶତାବ୍ଦୀର ପ୍ରଥମଭାଗ ଓଡ଼ିଶା ଓ ଭାରତର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଏକ ଘଡିସନ୍ଧି ସମୟ । ତାଙ୍କ ଜନ୍ମ ସମୟରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ଏହାର ବିଭିନ୍ନ ଅଞ୍ଚଳ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ପ୍ରଦେଶରେ ଅନ୍ତର୍ଭୁକ୍ତ ଥିଲା, ଯାହା ଫଳରେ ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ୱୀକୃତ ହେଉନଥିଲା । ଓଡ଼ିଶା ଥିଲା ଅର୍ଥନୀତି ଓ ଶିକ୍ଷାକ୍ଷେତ୍ରରେ ଏକ ଅନୁନ୍ନତ ଅଞ୍ଚଳ । ଓଡ଼ିଶାର ଅଧିକାଂଶ କ୍ଷେତ୍ରରେ ବଙ୍ଗୀୟମାନେ ଆଧିପତ୍ୟ ବିସ୍ତାର କରି ରହିଥିଲେ, ତେଣୁ ଓଡ଼ିଶାବାସୀ ଏକ ଅବହେଳିତ, ଦୁଃସ୍ଥ ଜୀବନଯାପନ କରୁଥିଲେ । ଓଡ଼ିଶା ପ୍ରଦେଶର ଏହିପରି ପରିସ୍ଥିତିରେ ମଧୁସୂଦନ ଦାସଙ୍କର ଜନ୍ମ ।

ଉତ୍କଳଗୌରବ ମଧୁସୂଦନ ଓଡ଼ିଶାର ଏହିପରି ସମୟରେ ଏକ ମହକିତ ମଲ୍ଲିପରି ଓଡ଼ିଶାର ଉପବନକୁ ନିଜ ପ୍ରତିଭାର ବାସ୍ନାରେ ମହକାଇ ଦେଇଥିଲେ । ମଧୁସୂଦନଙ୍କର ଜୀବନ କିନ୍ତୁ ଥିଲା ବହୁ ସଂଘର୍ଷମୟ । ମଧୁସୂଦନ ନିଜ ଗ୍ରାମର ପାଠଶାଳାରେ ପ୍ରାଥମିକ ଶିକ୍ଷାପରେ କଟକରେ ଆସି ହାଇସ୍କୁଲ ଶିକ୍ଷା ଲାଭ କରିଥିଲେ । ହାଇସ୍କୁଲ ଶିକ୍ଷା ପରେ ଗୋଟିଏ ବର୍ଷ ବାଲେଶ୍ୱରରେ ଶିକ୍ଷାକତା କରିବା ପରେ ଉଚ୍ଚଶିକ୍ଷା ପାଇଁ କଲିକତା ଯାତ୍ରା କରିଥିଲେ,

ସେହିଠାରେ ମଧୁବାବୁଙ୍କର ବ୍ୟକ୍ତିତ୍ୱ ଓ ଦୃଷ୍ଟିଭଙ୍ଗୀର ଯଥାର୍ଥରେ ବିକାଶ ଘଟିଥିଲା, ସେହିଠାରେ ସେ ବି.ଏ ଓ ଏଲ୍.ଏଲ୍.ବି ଡିଗ୍ରୀ ଲାଭ କରିଥିଲେ । ସେଠାରେ ସେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ଜଣେ ବଙ୍ଗାଳୀ କନ୍ୟା ସୌଦାମିନୀଙ୍କୁ ବିବାହ କରିଥିଲେ କିନ୍ତୁ ଦୁର୍ଭାଗ୍ୟର ବିଷୟ ବିବାହର ମାତ୍ର ୫ବର୍ଷ ପରେ ସୌଦାମିନୀଙ୍କର ଦେହାନ୍ତ ହୋଇଥିଲା । ତାଙ୍କର କୌଣସି ସନ୍ତାନ ନଥିଲା, ପରେ କଲିକତାରେ ଏମ୍.ଏ ଡିଗ୍ରୀ ହାସଲ କରି କିଛିକାଳ ଶିକ୍ଷକତା କରିଥିଲେ । ୧୮୮୧ ମସିହାରେ ମଧୁସୂଦନ କଲିକତା ସହର ଛାଡି ଓଡ଼ିଶା ଫେରିଆସିଲେ ଏବଂ କଟକରେ ଓକିଲାତି କରିଥିଲେ । କଟକ ବାର୍‌ରେ ଯୋଗଦେବାରେ ସେ ଥିଲେ ପ୍ରଥମ ଓଡ଼ିଆ, ତା ପୂର୍ବରୁ ବଙ୍ଗାଳୀମାନେ ଓକିଲ ଥିଲେ । ଓକିଲ ଭାବରେ ମଧୁସୂଦନ କଟକ ବ୍ୟତୀତ କଲିକତା ଓ ପାଟଣାରେ ମଧ କାର୍ଯ୍ୟ କରିଥିଲେ । ଓକିଲାତିରେ ସେ ପାଇଥିଲେ ବେଶ୍ ସଫଳତା । ୧୮୮୫ ମସିହାରେ ଜଗନ୍ନାଥ ମନ୍ଦିରର ପରିଚାଳନା ସମ୍ପର୍କିତ ଘଟଣାରେ ମଧୁସୂଦନ ବ୍ରିଟିଶ୍ ସରକାରଙ୍କୁ ବିରୋଧ କରିଥିଲେ । ସେ ନିଜେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ ମଧ ତାଙ୍କର ଯୁକ୍ତିଥିଲା ଜଗନ୍ନାଥ ମନ୍ଦିର ହିନ୍ଦୁ ଅନୁଷ୍ଠାନ, ତେଣୁ ଖ୍ରୀଷ୍ଟିଆନ୍ ସରକାର ତାହାର ପରିଚାଳନା କରିବା ଉଚିତ୍ ନୁହେଁ । ଓକିଲାତିରେ ବିପୁଳ ସଫଳତା ଓ ଯଶଲାଭ କରିଥିଲେ ହେଁ, ସେଥିରୁ ସେ ବିଶେଷ ଆତ୍ମସନ୍ତୋଷ ଲାଭ କରିନଥିଲେ ।

"ମଧୁସୂଦନ ଦାସ ଥିଲେ ଜାତୀୟତା ଭାବର ମୂର୍ତ୍ତିମନ୍ତ ପ୍ରତୀକ । ଓଡ଼ିଆ ଜାତିର ସାମୂହିକ ବିକାଶ ସହିତ ସାରାଦେଶର ଉନ୍ନତି ପାଇଁ ସେ କାମ କରୁଥିଲେ । ସେ କହୁଥିଲେ, ଯେତେବେଳ ପର୍ଯ୍ୟନ୍ତ ଲୋକେ ବ୍ୟକ୍ତିଗତ ଜୀବନକୁ ଜାତି ନିମନ୍ତେ ବଳି ଦେବାକୁ ଶିଖିନାହାନ୍ତି, ସେତେବେଳେ ଯାଏ ଜାତୀୟ ଜୀବନର ମୂଲ୍ୟ ଲୋକମାନେ ଜାଣି ନାହାନ୍ତି ବୋଲି କହିବାକୁ ହେବ । ପ୍ରତ୍ୟେକ ଲୋକର ଜୀବନରେ ଯେତେବେଳେ ଜାତିର ଚିନ୍ତା ପ୍ରବେଶ କରିବ, ସେତେବେଳେ ଆମ୍ଭମାନଙ୍କ ମଧ୍ୟରେ ଜାତୀୟ ଜୀବନ ପ୍ରବେଶ କରିବ । ମୋର ଶରୀରର ପ୍ରତ୍ୟେକ ରେଣୁ ପ୍ରତ୍ୟେକ ଚିନ୍ତା ସେହି ଜାତୀୟ ଜୀବନର ଅଂଶବିଶେଷ ।"

ମଧୁସୂଦନ ଓଡ଼ିଶାକୁ ନିଜର ପ୍ରାଣଦେଇ ଭଲପାଉଥିଲେ, ତେଣୁ ବିଭିନ୍ନ ପ୍ରଦେଶର ବିକ୍ଷିପ୍ତ ଓଡ଼ିଆ ଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ତଥା ଓଡ଼ିଆ ଭାଷା, ସଂସ୍କୃତି ଓ ସଂହତିକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ୧୯୦୩ ମସିହାରେ ସେ ଗଠନ କଲେ, 'ଉତ୍କଳ ସମ୍ମିଳନୀ' ବସ୍ତୁତଃ 'ଉତ୍କଳ ସମ୍ମିଳନୀ'ର ଅବିରତ ସଂଗ୍ରାମ ତଥା ମଧୁସୂଦନଙ୍କ କଠୋର ତ୍ୟାଗ ବଳରେ ୧୯୩୬ ଏପ୍ରିଲ୍ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି ହେଲା । ଓଡ଼ିଶା ହେଲା ଭାଷାଭିତ୍ତିକ ପ୍ରଦେଶ ଗଠନ କ୍ଷେତ୍ରରେ ପ୍ରଥମ ଓ ସ୍ୱତନ୍ତ୍ର, ମଧୁସୂଦନ ହେଉଛନ୍ତି ଭାଷାଭିତ୍ତିକ ପ୍ରଦେଶ ଗଠନ କରିବା ସୂତ୍ରର ଆଦ୍ୟ ପ୍ରବର୍ତ୍ତକ । ୧୯୦୩ ରୁ ୧୯୨୦ ମଧ୍ୟରେ ମଧୁସୂଦନ ଉତ୍କଳ ସମ୍ମିଳନୀ କଟକ, ବ୍ରହ୍ମପୁର, ପୁରୀ, ପାରଳାଖେମୁଣ୍ଡି ଓ ବାଲେଶ୍ୱର ପ୍ରଭୃତି ସ୍ଥାନରେ ଅଧିଷ୍ଠିତ କରାଇ ଜନମାନସରେ ଐକ୍ୟବୋଧ, ଦେଶପ୍ରେମ ଓ ଜାତୀୟତାର କୋମଳ ବହ୍ନି ପ୍ରଜ୍ୱଳନ କରିବାରେ ସମର୍ଥ ହୋଇଥିଲେ ।

ଓଡ଼ିଶା ଗଠନ ଦିଗରେ ମଧୁସୂଦନଙ୍କ ଉଦ୍ଭାବିତ 'ଉତ୍କଳସଭା' ମଧ ଏକ ଶକ୍ତିଶାଳି ସାଂଗଠନିକ ଅସ୍ତ୍ର ଥିଲା, ଏହା ମାଧମରେ ମଧୁସୂଦନ ତତ୍କାଳୀନ ବ୍ରିଟିଶ୍ ଓ ବଙ୍ଗଳା ଅଫିସର ଓ ଅମଲାମାନଙ୍କର ଓଡ଼ିଶା ସ୍ୱାର୍ଥ ବିରୋଧି ପ୍ରତ୍ୟେକଟି କାର୍ଯ୍ୟର ବିରୋଧ କରିଥିଲେ । ଏହାଛଡା ଏହି ସଭା ଦ୍ୱାରା ଜନ ସଚେତନତା ସୃଷ୍ଟି କରିଥିଲେ, ଯାହାଫଳରେ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ଏହା ସହାୟକ ମଧ ହୋଇଥିଲା । ଭାରତର ରାଜନୈତିକ ମାନଚିତ୍ରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ପ୍ରତିଷ୍ଠିତ କରିବା ସହିତ ଓଡ଼ିଶାର ଅର୍ଥନୀତି ଯେପରି ସୁଦୃଢ ହୁଏ, ସେଥିପ୍ରତି ସେ ବିଶେଷ ଧାନ ଦେଇଥିଲେ । ସେହି ଲକ୍ଷ୍ୟରେ ୧୮୯୭ରେ ଓଡ଼ିଶା ସୂକ୍ଷ୍ମକଳା କାରଖାନା ଓ ୧୯୦୫ରେ 'ଉତ୍କଳ ଟ୍ୟାନେରୀ' ଜୋତା କାରଖାନା ସ୍ଥାପନ କରିଥିଲେ ।

ଓଡ଼ିଆ ଭାଷାର ସଂରକ୍ଷଣ ନିମନ୍ତେ ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ଜରିଆରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆଜୀବନ ସଂଗ୍ରାମ କରିଥିଲେ ହେଁ କୌଣସି ଭାଷାଗତ ସଂକୀର୍ଣ୍ଣତା ତାଙ୍କୁ କେବେ ସ୍ପର୍ଶ କରିନଥିଲା । ବିଶେଷ ଭାବରେ 'ଦ ଓଡ଼ିଆ' ନାମରେ ଏକ ଇଂରାଜୀ ସାପ୍ତାହିକ ପତ୍ରିକା ନିଜ ସମ୍ପାଦନରେ ପ୍ରକାଶ କରିଥିଲେ । ଓଡ଼ିଶାରେ ଇଂରେଜୀ ଭାଷା ସାମ୍ବାଦିକତା କ୍ଷେତ୍ରରେ ମଧୁସୂଦନ ଥିଲେ ଅଗ୍ରଣୀ । ସେ ସମୟର ଅନ୍ୟ ଏକ ପତ୍ରିକା 'ଷ୍ଟାର ଅଫ୍ ଉତ୍କଳ'ରେ ତାଙ୍କ ବହୁ ଲେଖା ପ୍ରକାଶିତ ହୋଇଥିଲା ।

ମଧୁସୂଦନ ଓଡ଼ିଶା ସରକାରଙ୍କର ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ଭାବରେ ସମ୍ପୂର୍ଣ୍ଣ ନିର୍ଭୀକ ଭାବରେ ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟ କରିଥିଲେ । ମନ୍ତ୍ରୀ ଭାବରେ ସେ ୧୯୨୧ରୁ ୧୯୨୩ ମସିହା ପାଖାପାଖି ୨ବର୍ଷ କାର୍ଯ୍ୟ କରିଥିଲେ । ୧୯୨୫-୨୬ ମଧୁସୂଦନ କଂଗ୍ରେସଦଳ ତରଫରୁ ବିହାର ଓ ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌କୁ ପାର୍ଥି ହେବା ପାଇଁ ଇଚ୍ଛାପ୍ରକାଶ କରି ପରେ ପ୍ରତ୍ୟାହାର କରିଥିଲେ । ସେତେବେଳେ 'ସମାଜ' ତାଙ୍କ ସମ୍ବନ୍ଧରେ ଏକ କଟୁ- ମଧୁର ମିଶ୍ରିତ ମନ୍ତବ୍ୟ ପ୍ରକାଶ କରିଥିଲା- "ସେ କଂଗ୍ରେସ ତରଫରୁ କାଉନ୍‌ସିଲ୍‌କୁ ଯିବା ଓଡ଼ିଶା ପକ୍ଷରେ ଗୌରବର ବିଷୟ ହେବ । ମଧୁବାବୁ ସେ କାଳର ରାଜନୀତି କ୍ଷେତ୍ରର ଖେଳାଳୀ ।

ଓଡ଼ିଶାରେ ସେତେବେଳେ ତାଙ୍କର ସେପରି କେହି ସହକର୍ମୀ ନଥିଲେ, ସେ କାହାରି ଠାରୁ ପରାମର୍ଶ ପାଇ ନାହାନ୍ତି କି ସମାଲୋଚନା ସହିନାହାନ୍ତି । ସୁତରାଂ ଏକ ଶିଂଘ ଷଣ୍ଢ ପରି ଯେଉଁ ଆଡେ ଯେତେବେଳେ ବିଚାରିଛନ୍ତି, ଠେଲିପେଲି ଯାଇଛନ୍ତି । ଭଲ କରିଛନ୍ତି, ଭୁଲ କରିଛନ୍ତି, ଯେ ଯାହା କହନ୍ତୁ, ଓଡ଼ିଶାର ନବ ଜାତୀୟ ଜାଗରଣ ମୂଳରେ ତାଙ୍କ ଶକ୍ତି ଓ ସ୍ୱାର୍ଥତ୍ୟାଗ ବହୁ ପରିମାଣରେ ରହିଅଛି ।"(୨)

ଓଡ଼ିଶାରେ ନାରୀଶିକ୍ଷା କ୍ଷେତ୍ରରେ ମଧୁବାବୁଙ୍କର ଉଦ୍ୟମ ଥିଲା ପ୍ରଶଂସନୀୟ । ତାଙ୍କର ପାଳିତ କନ୍ୟା ଶୈଳବାଳା ଓ ସୁଧାଂଶୁବାଳାଙ୍କୁ ସେ ଉଚ୍ଚଶିକ୍ଷା ପ୍ରଦାନ କରିଥିଲେ । ସେ ସମୟରେ ନ୍ୟାୟାଳୟରେ ନାରୀମାନଙ୍କୁ ଓକିଲାତି କରିବାର ଅନୁମତି ମିଳୁ ନଥିଲା । ମଧୁସୂଦନ ଏହାର ପ୍ରତିବାଦ କରିଥିଲେ । ନିଜ କନ୍ୟା ସୁଧାଂଶୁବାଳାଙ୍କୁ ଓକିଲାତି କରିବା ପାଇଁ ସେ ବ୍ରିଟିଶ୍ ସରକାରଙ୍କ ଠାରୁ ଅନୁମତି ଆଣିପାରିଥିଲେ ।

ଓଡ଼ିଆ ଭାଷା ସାହିତ୍ୟର ଅଗ୍ରଗତି ନିମନ୍ତେ ମଧୁବାବୁଙ୍କର ଥିଲା ବିଶେଷ ଆନ୍ତରିକତା । ସେ ଲେଖିଥିଲେ କେତେଗୁଡିଏ ଉଦ୍‌ବୋଧନ ଭିତ୍ତିକ ଜାତୀୟତାବାଦୀ କବିତା । ପରିମାଣାତ୍ମକ ଦୃଷ୍ଟିରୁ ନୁହେଁ ବରଂ ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ କୃତି ପରାଧୀନ ଉତ୍କଳର ଜାତିପ୍ରୀତିର ଆଦର୍ଶକୁ ବହୁଗୁଣିତ କରି ଉପସ୍ଥାପିତ କରିଥିଲା । ଉତ୍କଳ ସନ୍ତାନ, ଜନନୀର ଭକ୍ତି, ସନ୍ତାନର ଭକ୍ତି, 'ସମ୍ମିଳନୀ, ଜାତି ଇତିହାସ' ଇତ୍ୟାଦି କବିତା ମଧୁବାବୁଙ୍କ ଜାତୀୟତାବାଦୀ ଭାବଧାରାର ଯଥାର୍ଥ ପ୍ରତିଫଳନ ଅଟେ । ଓଡ଼ିଆ ମାନଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଆଙ୍କ ସ୍ୱାଭିମାନକୁ ଉତ୍ତୋଳନ କରିବା ଉଦ୍ଦେଶ୍ୟରେ ଏକ ଜାତୀୟତା ବାଦୀ କବିତା 'ଉତ୍କଳ ସନ୍ତାନ'ରେ ସେ ଲେଖିଛନ୍ତି;-

"ଜନନୀର ଦେଖା କରିବାରେ ଇଚ୍ଛା
ଯଦି ହୋଇଥାଏ ମନେ,
ଉତ୍କଳର ମାଟି ଆଲିଙ୍ଗନ କରି
ତା ଧୂଳି ଲେପ ବଦନ ।" (ଉତ୍କଳ ସନ୍ତାନ)

ମଧୁସୂଦନଙ୍କ ଅବିଶ୍ରାନ୍ତ ସଂଗ୍ରାମର ପରିସମାପ୍ତି ଘଟିଥିଲା ୧୯୩୪ ମସିହା ଫେବୃଆରୀ ୪ତାରିଖରେ କଟକଠାରେ । "ଓଡ଼ିଶା ଯେଉଁ ମହାନ୍ ଓଡ଼ିଆଙ୍କ ପ୍ରୟାସରେ ପରିଣାମ ପାଲଟି ଥିଲା, ତାଙ୍କ ସଫଳତା ତଥା ସ୍ୱତନ୍ତ୍ର ଉତ୍କଳର ପରିଚୟ ପାଇବା ପୂର୍ବରୁ ଫେରି ଯାଇଥିଲେ, ଏହି ଜାତିପ୍ରାଣ କୁଳବୃଦ୍ଧ ।"(୩) ୧୯୩୬ ମସିହା ଅପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେଲା; ମାତ୍ର ଦୁଃଖର ବିଷୟ ସେତେବେଳକୁ ମଧୁବାବୁଙ୍କ ମୃତ୍ୟୁ ହୋଇସାରିଥିଲା ।

ମଧୁବାବୁଙ୍କ ପରଲୋକରେ ଦେଶର ରାଜନୀତିକ ଓ ସାମାଜିକ କ୍ଷେତ୍ରରେ ଯେଉଁ ଶୂନ୍ୟତା ସୃଷ୍ଟି ହେଲା ତାହା ସେ ସମୟର ଭାରତୀୟ ନେତୃବୃନ୍ଦଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ବୁଝାପଡ଼େ । ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ତାଙ୍କ ସମ୍ପର୍କରେ କହିଥିଲେ-

"ମଧୁସୂଦନ ଦାସ କେବଳ ଓଡ଼ିଶାର ନୁହେଁ, ସମଗ୍ର ଭାରତର ଜଣେ ମହାନ୍ ପୁରୁଷ ଥିଲେ । ବିଗତ ପଚଶ ବର୍ଷଧରି ମୁଁ ତାଙ୍କ ନାମ ଶୁଣି ଆସିଛି । ତାଙ୍କୁ ସିଧାସଳଖ ଦେଖିବାର ସୁଯୋଗ ମୋର ଘଟି ନାହିଁ; ତାଙ୍କୁ କେବଳ ଦୂରରୁ ଦେଖିଛି, ସେ ମୋ ପିତାଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ବନ୍ଧୁଥିଲେ । ଓଡ଼ିଶା ସମ୍ପର୍କରେ କୌଣସି ବିଷୟର ଆଲୋଚନା ହେଲେ ମଧୁସୂଦନ ଦାସଙ୍କର ନାମ ବାରମ୍ବାର ଉଲ୍ଲେଖ କରାଯାଉଥିଲା ।"(୪)

ଆଧୁନିକ ଓଡ଼ିଶା ଇତିହାସର ମହାନାୟକ ମଧୁସୂଦନ ଦାସ । ତାଙ୍କ ସଂଘର୍ଷମୁଖର ଦୀର୍ଘ ଜୀବନକାଳର କାହାଣୀ ତାଙ୍କୁ ଏକ ବୀରପୁରୁଷ ଭାବେ ଅଭିହିତ କରିଛି । ମଧୁବାବୁ ଥିଲେ ଓଡ଼ିଆ ଜାତିର ସୁରକ୍ଷା କବଚ । ସେ ଥିଲେ ଓଡ଼ିଆ ଜାତିର କପ୍ତାନ । ତାଙ୍କ ବିନା ଆଧୁନିକ ଓଡ଼ିଶାର ମୂଳଦୁଆ ପଡ଼ିବା ହୁଏତ ଅସମ୍ଭବ ହୋଇଥାନ୍ତା ବୋଲି ମନେହୁଏ । ସମଗ୍ର ଭାରତବର୍ଷ ପାଇଁ ଜାତିର ପିତା ମହାତ୍ମାଗାନ୍ଧୀ ଯେପରି ବନ୍ଦନୀୟ, ଓଡ଼ିଶା ତଥା ଓଡ଼ିଆ ଜାତି ପାଇଁ ମଧୁବାବୁ ସେହିପରି ବନ୍ଦନୀୟ । ସେ ଥିଲେ ଜଣେ ଅବତାରୀ ପୁରୁଷ । ମଧୁବାବୁ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କର ସ୍ୱାଭିମାନ ଏବଂ ଓଡ଼ିଶାର ଗର୍ବ ଓ ଗୌରବ ।

(୧) ମଧୁସୂଦନଙ୍କ ଜାତୀୟତା, ପାବକ କାନୁନ୍‌ଗୋ-ଶତବଲ୍ଲୀ (ଉତ୍କଳଗୌରବ ମଧୁସୂଦନ ଦାସ), ସଂ-ବିଜୟାନନ୍ଦ ସିଂହ, ପୃ;-୧୯୪, ୨୦୨୨ ।
(୨) ଦେଶପ୍ରାଣ ମଧୁସୂଦନ ଦାସ, ସୂର୍ଯ୍ୟନାରାୟଣ ଦାସ, ୧୯୭୧, ପୃ-୪୫୨ ।
(୩) ମୁଖବନ୍ଧ, ଶତବଲ୍ଲୀ (ଉତ୍କଳ-ଗୌରବ ମଧୁସୂଦନ ଦାସ) ସଂ- ବିଜୟାନନ୍ଦ ସିଂହ, ପୃ-୦୯, ୨୦୧୯ ।
(୪) ମଧୁସୂଦନ ଦାସ- ଦ ମ୍ୟାନ୍ ଆଣ୍ଡ ହିଜ୍ ମିସନସ୍, ସଂ- ଦେବେନ୍ଦ୍ର କୁମାର ଦାଶ, ପ୍ରଗତି ଉତ୍କଳ ସଂଘ, ରାଉରକେଲା, ୧୯୯୮ ।

ଅଧ୍ୟାପକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ସାଲେପୁର, କଟକ

ISSN -2583-147X (P), **Vol.- 9, Issue No.VI, September 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରିପ୍ରେକ୍ଷୀରେ 'ଉତ୍କଳ ଦୁର୍ଦ୍ଦଶା' ନାଟକ

**କନକ ବର୍ଦ୍ଧନ ସାହୁ**

ଆଜି ଯେଉଁ ଭୌଗୋଳିକ ଭୂଖଣ୍ଡଟି ଓଡ଼ିଶା ପ୍ରଦେଶ ନାମରେ ପରିଚିତ, ତାହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଥିଲା । ଦିନେ ଯାହାର ଭୌଗୋଳିକ ସୀମାରେଖା ଗଙ୍ଗା-ଗୋଦାବରୀ ବିସ୍ତୃତ ଥିଲା, ଆଜି ସେ କେତେ ସଂକୁଚିତ ତାହା ଆମେ ସମସ୍ତେ ଜାଣିଛେ । ଉତ୍କଳ ପ୍ରଦେଶ ଓଡ୍ର, କଳିଙ୍ଗ, ଉତ୍କଳ ଦେଇ ଆଜି ଓଡ଼ିଶା ନାମ ଧାରଣ କରିଛି । ଏ ମାଟିବୀରସୂଭା ମାତ୍ର କାଳର କରାଳ ଗତିରେ ସବୁ ବିଡ଼ମ୍ବିତ । ଏ ଦେଶକୁ ତା'ର ସନ୍ତାନଗଣ ଯେମିତି ଆଦରର ସହ ସାଇତି ରଖି ବିଜୟକେତନ ଉଡ଼ାଇଥିଲେ, ବାହ୍ୟଶତ୍ରୁ ଆକ୍ରମଣ ଫଳରେ ସେହି ଦେଶ ଛିନ୍ନଭିନ୍ନ ହୋଇଗଲା । ଦୁର୍ଦ୍ଦାନ୍ତ ମୋଗଲମାନଙ୍କ ଶତଚେଷ୍ଟା ସତ୍ତ୍ୱେ ଏ ମାଟି ଅରାଜୟ ଥିଲା । ମୋଗଲଗଣ ବାରମ୍ବାର ପରାଜୟର ସ୍ୱାଦ ଚାଖିଲେ । ମାତ୍ର ଏ ଦେଶର ବିଶ୍ୱାସଘାତୀଙ୍କ ପାଇଁ ବିଜୟୀ ହେଲେ । କେବଳ ମୋଗଲ ନୁହେଁ, ମରହଟ୍ଟା ଓ ଇଂରେଜଶାସନ ପଛରେ ମଧ୍ୟ ସେଇ ଏକା କାରଣ । ଏକଥା କେତେଦୂର ସତ ତାହା ଆମେ ସମସ୍ତେ ଜାଣିଛେ । ଆକ୍ରାନ୍ତାଗଣ ଏ ଦେଶକୁ ବଣିକ ହେଇ ଆସିଥିଲେ ମାତ୍ର ଶାସନର ଡୋରି ଧରିଲେ । ଶାସକ ହାତରେ ସବୁକିଛି । ସେ ଯେମିତି ଚାହିଁବ ସେମିତି ନିୟମ କରିବ । ବିଦେଶୀ ଶାସକ ମଧ୍ୟରେ ଭାଙ୍ଗିଦେଇ ଶାସନ କରିବାର ନୀତି ଇଂରେଜମାନଙ୍କ ନିକଟରେ ଅଧିକ ଥିଲା । ଫଳରେ ଗୋଟିଏ ପୂର୍ଣ୍ଣାବୟବମୂର୍ତ୍ତିରୁ ହାତ, ଗୋଡ଼, କାନ, ନାକ, ମୁଣ୍ଡ ଆଦି ଅଲଗା କଲା ପରି ଓଡ଼ିଶାକୁ ବାଣ୍ଟିଦେଲେ । ଖଣ୍ଡେ ନେଇ ବଙ୍ଗରେ ଯୋଡ଼ିଦେଲେ ତ ଆଉ ଖଣ୍ଡେ ନେଇ ବିହାରରେ । ପୁଣି ଆଉ ଖଣ୍ଡେ ନେଇ ଆନ୍ଧ୍ରରେ ତ ଆଉ ଖଣ୍ଡେ ନେଇ ମଧ୍ୟ ମାଡ଼ିଦେଲେ ତ ଆଉ ଖଣ୍ଡେ ନେଇ ବିହାରରେ । ପୁଣି ଆଉ ଖଣ୍ଡେ ନେଇ ଆନ୍ଧ୍ରରେ ତ ଆଉ ଖଣ୍ଡେ ନେଇ ମଧ୍ୟପ୍ରଦେଶରେ ପୂର୍ଣ୍ଣାଙ୍ଗ ଉତ୍କଳ ଖଣ୍ଡ ଖଣ୍ଡ ହୋଇଗଲା । ପ୍ରାଚୀନ ଗୌରବମୟ ଉତ୍କଳ ସତେ ଯେମିତି କେଉଁଠି ହଜିଗଲା । ତଥାପି ଜଗନ୍ନାଥ ଏ ଜାତିକୁ ଏକତା ସୂତ୍ରରେ ବାନ୍ଧି ରଖିଲେ ।

୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ହାତକୁ ଗଲା ମାତ୍ର ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣ ଭାବେ ଓଡ଼ିଶାକୁ ନିଜ ଅଧୀନରେ ନେବାପାଇଁ ତାଙ୍କୁ ଊନବିଂଶ ଶତକର ଉତ୍ତରାର୍ଦ୍ଧ ଯାଏଁ ସମୟ ଲାଗିଲା । ମୋଗଲବନ୍ଦୀ ଆଉ ଗଡ଼ଜାତରେ ଭାଗ ହୋଇଗଲା ଓଡ଼ିଶା । ଓଡ଼ିଶାକୁ ପ୍ରତ୍ୟେକ ଦିଗରୁ ଝୁଣି ଖାଇବାକୁ ଚେଷ୍ଟା କଲେ ଇଂରେଜମାନେ ଏବଂ ଓଡ଼ିଶାର ପଡ଼ୋଶୀ ପ୍ରଦେଶ ସବୁ । ଜଣକର ଭାଷାକୁ ଶେଷ କରିଦେଲେ ସେ ଆପେ ଆପେ ମୂକ, ବଧିର ଆଉ ବଳହୀନ ହୋଇଯାଏ । କାରଣ ତା'ର ଭାଷାରେ ହିଁ ସବୁକିଛି ଥାଏ । ଓଡ଼ିଆ ଭାଷାର ଅସ୍ତିତ୍ୱକୁ ଶେଷ କରିବା ପାଇଁ 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ' କଥା ମଧ୍ୟ ଉଠିଲା । ମାତ୍ର ଏ ଦେଶକୁ ତା'ର ପୂର୍ବ ପରିଚୟ ଫେରାଇ ଦେବା ପାଇଁ ତା'ର ସନ୍ତାନଗଣ ଅନେକ ଦିଗରୁ ପ୍ରଚେଷ୍ଟା ଜାରି ରଖିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ୱପ୍ନ ଦେଖିଲେ । ନିଜ ନିଜ କ୍ଷମତା, ସାମର୍ଥ୍ୟ ମୁତାବକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ନିଜକୁ ନିୟୋଜିତ କଲେ । ଏହି ପରିପ୍ରେକ୍ଷୀରେ 'ଉତ୍କଳ ଦୁର୍ଦ୍ଦଶା' ନାଟକର ଭୂମିକା ସମ୍ପର୍କରେ ଆଲୋକପାତ କରିବା ଏ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ।

'ଉତ୍କଳ ଦୁର୍ଦ୍ଦଶା' ନାଟକର ନାଟ୍ୟକାର ହେଉଛନ୍ତି ଖଡ଼ିଆଳ ରାଜ୍ୟର ଚୌହାନ ବଂଶୀୟ ରାଜା ବୀରବିକ୍ରମ ଦେବ । ବୀରବିକ୍ରମ ଦେବଙ୍କ ପିତା ହେଉଛନ୍ତି କବି ବ୍ରଜରାଜ ସିଂହଦେବ । ଏହି ଖଡ଼ିଆଳ ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ରହି ୧୯୯୩ ମସିହାରୁ ନୂଆପଡ଼ା ଜିଲ୍ଲାରେ ଅବସ୍ଥିତ । ଖ୍ରୀଷ୍ଟାବ୍ଦ ୧୫୯୦ ବେଳକୁ ଗୋଳରାଏ ଦେବଙ୍କ ଦ୍ୱାରା ଖଡ଼ିଆଳ ରାଜ୍ୟ ପ୍ରତିଷ୍ଠା ହୁଏ । ଯାହାର ରାଜଧାନୀ ଥିଲା କୋମନାଗଡ଼ । ପରେ ୧୮୨୦ ମସିହାରେ ରନ୍‌ସିଂହ ଦେବ (ଖ୍ରୀ.୧୮୧୮- ଖ୍ରୀ.୧୮୪୨) ଆଧୁନିକ ଖଡ଼ିଆଳ ସହରକୁ ରାଜଧାନୀ ପରିବର୍ତ୍ତନ କରିଥିଲେ । ଖଡ଼ିଆଳ ମୋଗଲ ଶାସନ କାଳରେ ସ୍ୱାଧୀନ ରହି, ପରେ ମରହଟ୍ଟା ସମୟରୁ କରଦ ରାଜ୍ୟ ରୂପେ ଇଂରେଜ ଶାସନ କାଳରେ ପ୍ରଦେଶ ଅଧୀନରେ ରହିଥିଲା ।

କୃଷ୍ଣଚନ୍ଦ୍ର ସିଂହ ଦେଓ (ଖ୍ରୀ.୧୮୫୨-ଖ୍ରୀ.୧୮୬୭) ବୀର ସୁରେନ୍ଦ୍ର ସାଏଙ୍କୁ ଗୁଡ଼ାଗଡ଼ରେ ଖାଦ୍ୟପେୟ ତଥା ସୁରକ୍ଷା ଦେବା କାରଣରୁ ଇଂରେଜ ସରକାର ଖଡ଼ିଆଳ ରାଜାଙ୍କ କ୍ଷମତାକୁ ସଙ୍କୋଚନ କରିଦେଇ ଏକ ଜମିଦାର କରିଦେଲେ। ମାତ୍ର ରାଜ ପଦବୀ ରହିଲା । ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବେଳେ ଓଡ଼ିଶା ପ୍ରଦେଶ ସହିତ ମିଶିଲା।

ଉତ୍କଳ ଦୁର୍ଦ୍ଦଶା ନାଟକ ରରଚନା ସମୟ ହେଉଛି ୧୯୦୪ ମସିହା । ସେହି ବର୍ଷ ହିଁ ଏଡଓ୍ୱାର୍ଡ ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶ ପାଏ । ରାଜା ଅନଙ୍ଗଭୀମ ଦେବଙ୍କୁ ଉତ୍ସର୍ଗ କରାଯାଇଛି। ୧୯୦୫ ମସିହାରେ ପ୍ରଜାବନ୍ଧୁର ମେନେଜର ଶ୍ରୀ ଜୟକୃଷ୍ଣ ଚ୍ୟାଉ ପଟ୍ଟନାୟକ ମର୍ଦ୍ଦରାଜ ପ୍ରେସ୍, ରମ୍ଭାରୁ ଦ୍ୱିତୀୟ ଥର ପ୍ରକାଶ କରନ୍ତି। ହିନ୍ଦୀ ନାଟ୍ୟକାର ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ 'ଭାରତ ଦୁର୍ଦ୍ଦଶା' ନାଟକ ଅବଲମ୍ବନରେ ରଚିତ ଏହି ନାଟକ ନିଜର ମୌଳିକତା ବଜାୟ ରଖିଛି। ଏଠାରେ ସେସବୁ ଆଲୋଚନାର ଅବକାଶ ନାହିଁ। ଏଣୁ ତହିଁରୁ ବିରତ ରହିଲୁ। ଆଲୋଚନାର ଉଦ୍ଦେଶ୍ୟ ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ।

ଇଂରେଜ ଆସିବାର ଶହେବର୍ଷ ପରେ ଉତ୍କଳବାସୀ ସ୍ୱତନ୍ତ୍ର ଉତ୍କଳ ପାଇଁ ଜୋରଦାର ଆନ୍ଦୋଳନ ଆରମ୍ଭ କରୁଛନ୍ତି। ୧୯୦୩ରେ ଉତ୍କଳଗୌରବ ମଧୁସୂଦନ ଦାସ ଗଠନ କଲେ 'ଉତ୍କଳ ସମ୍ମିଳନୀ'। ଶୋଇ ପଡ଼ିଥିବା ଓଡ଼ିଆ ଜାତିକୁ ମଧୁବାବୁ ଉଠେଇଲେ- "ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ଆଉ ତୁ କେତେ ଦିନେ / ପୂରୁବ ଗୌରବ ପୂରୁବ ମହିମା ପଡୁନାହିଁ କିରେ ତୋର ମନେ।" ସାଧାରଣ ଜନତାଙ୍କ ମନ କିଣିବା ପାଇଁ ଆମ ଓଡ଼ିଆ ଲେଖକଗଣ ଅନେକ ସାହିତ୍ୟ ତିଆରି କରିଛନ୍ତି। ସାହିତ୍ୟ ଲୋକଙ୍କ ମନର କଥା କହେ ଆଉ ମନକୁ ସ୍ପର୍ଶ କରେ। ବିଂଶ ଶତକର ପ୍ରାରମ୍ଭ କାଳରେ ଓଡ଼ିଶା ପ୍ରଦେଶର ଏକ ପରିଚୟ ଆମେ ଏହି ନାଟକରୁ ପାଇବା।

ଏହି ନାଟକ ରାତ୍ର ସଂଖ୍ୟା ପଚିଶ ଓ ପାତ୍ରୀ ସଂଖ୍ୟା ଚାରି । ଏହା ଏକ ଚରିତ ବହୁଳ ନାଟକ, କାରଣ ନାଟକର କଳେବର ତୁଳନାରେ ଚରିତ୍ର ସଂଖ୍ୟା ଅଧିକ। ଛଅଟି ଦୃଶ୍ୟରଏହି ନାଟକର ଚରିତ୍ରଗୁଡ଼ିକ ପ୍ରତୀକାତ୍ମକ। ଉତ୍କଳମାତା, ଆଶା, ନିର୍ଲଜତା, ଉତ୍କଳ ଦୁର୍ଦ୍ଦେବ, ସର୍ବନାଶ ସେନାପତି, ରୋଗ, ଆଳସ୍ୟ, ମଦିରା, ଅନ୍ଧକାର, ରାଜବିଦ୍ରୋହ ତଥା ଉତ୍କଳ ଭାଗ୍ୟ ପ୍ରଭୃତି ଚରିତ୍ର ମାନବୀକରଣ ହୋଇଛି ଏବଂ ଯୋଗୀ, ଇଂରେଜ ବ୍ୟତୀତ କଟକବାସୀ, ଗଞ୍ଜାମବାସୀ, କବି ଏଡିଟର ନିଜ ନିଜ ଗୋଷ୍ଠୀର ପ୍ରତିନିଧି ସ୍ୱରୂପ ଉପସ୍ଥିତ। ଉତ୍କଳ ଦୁର୍ଦ୍ଦଶା ନାଟକରେ ବିଖଣ୍ଡିତ ଓଡ଼ିଶା ପଛର କାରଣକୁ ବିଶ୍ଳେଷଣ କରାଯାଇଛି। ଉଣେଇଶଟି ସଙ୍ଗୀତ ସ୍ଥାନିତ।

ନାଟକର ଆରମ୍ଭରେ ସମସାମୟିକ ଉତ୍କଳର ଏକ ଚିତ୍ର ବର୍ଣ୍ଣନା କରୁଛି ଗୀତ ମାଧ୍ୟମରେ। ସେତିକି ବେଳେ ଓଡ଼ିଶା ଭାଗ ଭାଗ ହୋଇ ସାରିଥିଲା। ତାକୁ ଏକାଠି କରିବା ପାଇଁ ନାଟକରେ ଆହ୍ୱାନ ରହିଛି। ଯେଉଁ ଦେଶରେ ସ୍ୱୟଂ ଜଗନ୍ନାଥ ଓ ଲିଙ୍ଗରାଜ ବିଦ୍ୟମାନ ଆଜି ତା'ର ଅବସ୍ଥା ଶୋଚନୀୟ। ଇନ୍ଦ୍ରଦ୍ୟୁମ୍ନ, ଭୀମଦେବ, ଲାଙ୍ଗୁଳା ନରସିଂହ ଦେବ, କପିଳେନ୍ଦ୍ର ଦେବ, ପ୍ରତାପରୁଦ୍ର ଦେବ ଓ ଚୌହାନ ବଂଶୀୟ ରାଜା ବୈଜଲ ଦେବ ଆଦି ନରପତିଙ୍କ ଗୁଣ ଓ ବଳକୁ ସ୍ମରଣ କରିଛନ୍ତି। ତତ୍ସହିତ କବି ଉପେନ୍ଦ୍ର ଭଞ୍ଜ, ବଳଦେବ ରଥ ଆଦିଙ୍କ ବିଦ୍ୟା, ଜ୍ଞାନ ଆଜି ମନେପଡୁଛି। କହିବାର କଥା ଯେଉଁ ଦେଶରେ ଦିଗବିଜୟୀ ସମ୍ରାଟଗଣ ଓ ମହାପଣ୍ଡିତ କବିଗଣ ଥିଲେ, ସେ ଦେଶ ଆଜି ଖଣ୍ଡ ଖଣ୍ଡ ହୋଇପଡ଼ିଛି। ଯୋଗୀ ଗାଉଛି- "ସହିବ କେ ଦେଖି ଦୁଃଖ ଏ ଉତ୍କଳର / ଅଙ୍ଗ ପ୍ରତ୍ୟଙ୍ଗ ବିଭଙ୍ଗ ହୋଇ ହେଲାଣି ଉତ୍ସଙ୍ଗ / ଜଣେ ନାହିଁ କହିବାକୁ ପ୍ରବୋଧ ଗିର / ହିନ୍ଦୀ ତୈଲଙ୍ଗ ବଙ୍ଗାଳୀ ମହାରାଷ୍ଟ୍ର ଆଦି ମିଳି / ବାଣ୍ଟିନେଲେ ଯେଝା ଇଚ୍ଛା ପ୍ରକାର।" ଏପରି ହେବା ପଶ୍ଚାତ ପଟରେ ରହିଛି ମଦ, ଭୀରୁତା, କୁବିଦ୍ୟା, ଅନୈତିକତା, ନିର୍ଲଜତା ଇତ୍ୟାଦି ଅନେକ କାରଣ। ଦ୍ୱିତୀୟ ଦୃଶ୍ୟରେ ଉତ୍କଳମାତା କ୍ରନ୍ଦନରତା। ଆଶ୍ରୟ ଖୋଜୁଛି। ତା'ର ନାମ ଉଚ୍ଛେଦ ହେବାର ଭୟରେ କାତର ହେଇଯାଉଛି। ଉତ୍କଳମାତା ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି, "ମୋ ସନ୍ତାନେ ଛାଇ ଅଛିକୁ ବିଦ୍ୟା ଆଳସ୍ୟ/ ଏଣୁ ଦିନୁ ଦିନ ଭୋଗ ଯନ୍ତ୍ରଣା ବିଶେଷ / ଅନାଥ ଲଳନା ମୋରେ ହୋଇ ସୁପ୍ରସନ୍ନ / ମୋ କୁମାରେ କର ପ୍ରଭୁ ବିଦ୍ୟାଶୌର୍ଯ୍ୟ ଦାନ"। ଏତିକି ବେଳେ ଉତ୍କଳ ଦୁର୍ଦ୍ଦେବର ଚିତ୍କାର କରୁଛି ଉତ୍କଳର ଆଶାକୁ ବିନଷ୍ଟ କରିବ। ଉତ୍କଳ ଦୁର୍ଦ୍ଦେବ ହେଉଛି ବିହାର, ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ପ୍ରତୀକ। ଉତ୍କଳ ମାତା ଭୟରେ ଅଚେତ। କାରଣ ସେତେବେଳେ ଏହି ପଡ଼ୋଶୀ ରାଜ୍ୟଗୁଡ଼ିକ ନିଜ ନିଜ ସୀମାକୁ ଲାଗିଥିବା ଓଡ଼ିଆ ଅଞ୍ଚଳକୁ ନିଜ ନିଜ ଭିତରେ ମିଶାଇ ଦେଇଛନ୍ତି। ଏହି ଉତ୍କଳ ଦୁର୍ଦ୍ଦେବ ଓ ତା'ର ସହଚରମାନଙ୍କ ପାଇଁ ଉତ୍କଳର ଅଧୋଗତି।

ଉତ୍କଳ ଦୁର୍ଦ୍ଦେବ ତା'ର ସହଚରଗଣଙ୍କୁ ଜଣ ଜଣ କରି ଡାକି ପଚାରୁଛି ଯେ ସେମାନେ ନିଜ ନିଜ କାମ କରିଛନ୍ତି ତ ? ଉତ୍ତରରେ ସେମାନେ ସମସ୍ତେ କହିଛନ୍ତି ଯେ, ଅନେକ ପୂର୍ବରୁ କାମସାରି ଦେଇଛନ୍ତି। ଏବେ ମନରେ ପ୍ରଶ୍ନ ଆସିବ କେଉଁ କାମ ? ଉତ୍କଳ ଦୁର୍ଦ୍ଦେବର ସହଚରଙ୍କ ନାହିଁ ତାଙ୍କ କାମର ପରିଚୟ ବହନ କରନ୍ତି। ସେନାପତି ହେଉଛି ସର୍ବନାଶ। ଅନ୍ୟ ସହଚର ହେଉଛନ୍ତି- ଧର୍ମ, ସନ୍ତୋଷ, ନିରୁଦ୍ୟମ, ଅପବ୍ୟୟ, ଫେସନ, ସିଫାରିସ, ସ୍ୱାର୍ଥପରତା, ବିରୁଦ୍ଧ, ଭୟ, ରୋଗ, ଆଳସ୍ୟ, ଅନ୍ଧକାର ଓ ମଦିରା।

ଧର୍ମ କହୁଛି ବୈଷ୍ଣବ, ଶୈବ, ଶାକ୍ତ ଭଳି ମତବାଦ ପ୍ରଚାର କରି ଭେଦ ତିଆରି କରିବ; ବାଲ୍ୟବିବାହରେ ବଳବୀର୍ଯ୍ୟକୁ ଶେଷ କରିବ; କେବଳ ଖାଇବାରେ ସନ୍ତୋଷ ରହିବ ବୋଲି ସନ୍ତୋଷ କହିଛି; ଯାବତୀୟ ବିଦେଶୀ ଆଚାର ବ୍ୟବହାରକୁ ଆପଣେଇବାର ପ୍ରରୋଚନା କରୁଛି ଫେସନ; ମଦ ଜ୍ୱଳନ୍ତା ଅଗ୍ନିରେ ଘିଅ ଢାଳିଲା ଭଳି ବିନାଶର ମଞ୍ଜିବୁଣି ଚାଲିଛି । ଏ ସମସ୍ତ ଗୁଣ ଓଡ଼ିଶାକୁ ଉଚ୍ଚରୁ ନିମ୍ନକୁ ଆଣିଛନ୍ତି ।

ନାଟକରଞ୍ଚମଂଚ ଦୃଶ୍ୟ ହେଉଛି ଏକ ସଭା । କେହି କେହି ଆଲୋଚକ ଏହି ସଭାକୁ ଉତ୍କଳ ସମ୍ମିଳନୀ ସହିତ ତୁଳନା କରନ୍ତି । ଉତ୍କଳ ସମ୍ମିଳନୀର କଟକ ଅଧିବେଶନରେ ୬୦୦ଖଣ୍ଡ ଉତ୍କଳ ଦୁର୍ଦ୍ଦଶା ନାଟକ ବିତରଣ କରଯାଇଥିଲା ବୋଲି ଶ୍ରୀ ଜୟକୃଷ୍ଣ ଚ୍ୟାଉପଟ୍ଟନାୟକ ଲେଖିଛନ୍ତି ଦ୍ୱିତୀୟ ସଂସ୍କରଣର ଭୂମିକାରେ । ନାଟକର ଏହି ସଭାରେ ଥିଲେ କଟକବାସୀ, ଗଞ୍ଜାମବାସୀ, ସମ୍ବଲପୁରବାସୀ, ବାଲେଶ୍ୱରବାସୀ କବି, ରାଞ୍ଚିବାସୀ, ଖୋର୍ଦ୍ଧାବାସୀ, ଦେଶୀ ମହାଶୟ । ଏହି ସଭାଟି ଉତ୍କଳ ଦୁର୍ଦ୍ଦେବର ଆକ୍ରମଣର ପ୍ରତିରୋଧ ପ୍ରସଙ୍ଗରେ ଉପାୟ ଚିନ୍ତା କରିବା ପାଇଁ ଆୟୋଜିତ । ବିଭିନ୍ନ ଅଞ୍ଚଳର ଲୋକେ ଉତ୍କଳର ଦୁର୍ଦ୍ଦଶା ପାଇଁ ଚିନ୍ତିତ ଏବଂ ତାକୁ ଉତ୍କଳ ଦୁର୍ଦ୍ଦେବ ନିକଟରୁ ମୁକ୍ତ କରିବା ପାଇଁ ଉପାୟ ପାଞ୍ଚିଛନ୍ତି । ମାତ୍ର ଦେଶୀମାନଙ୍କ ଭୟ ଇଂରେଜ ବା ହାକିମ ମାନଙ୍କୁ । କବି ମହାଶୟ ମହମ୍ମଦଶାହା ଓ ଭାଣ୍ଡମାନଙ୍କ ପ୍ରସଙ୍ଗ ଉଦାହରଣ ଦେଲା । କଟକବାସୀ ଚାହୁଁଛି ଇଂରେଜ ସରକାର ଅଟଳ ରହୁ, କେବଳ ଆପଣାର ବଞ୍ଚିବା ପାଇଁ । ଗଞ୍ଜାମବାସୀ ଦେଶୀ ଧୋତି ଓ ପାଗ ତିଆରି ଓ ବ୍ୟବହାର ପାଇଁ ପରାମର୍ଶ ଦେଲା । ଠିକ ଏତିକି ବେଳେ ପୁନଶ୍ଚ ଉତ୍କଳ ଦୁର୍ଦ୍ଦେବର ଆଗମନ ଫଳରେ ପଳାୟନପନ୍ଥୀ ସାଜୁଛନ୍ତି । ଏ ଆମକୁ ଉତ୍କଳ ସମ୍ମିଳନୀ ସହିତ ପରିଚୟ କରାଏ ।

ଏ ସମସ୍ତ ଦେଖି ଉତ୍କଳମାତା ଗୋଟିଏ ବୃକ୍ଷତଳେ ନିଶ୍ଚେଷ୍ଟ ଶୟନ କରିଛି । ଏତିକିବେଳେ ଉତ୍କଳ ସୌଭାଗ୍ୟର ପ୍ରବେଶ । ଉତ୍କଳମାତାଙ୍କୁ ଉଠେଇବାକୁ ଉତ୍କଳ ସୌଭାଗ୍ୟ ପ୍ରଚେଷ୍ଟା କରିଛି । ଉତ୍କଳର ପ୍ରାଚୀନ ପରମ୍ପରାର ସୂଚନା ରହିଛି । ଉତ୍କଳ ସୌଭାଗ୍ୟ କ୍ଷୋଭୋକ୍ତି ପ୍ରକାଶ କରିଛି । ଏ ଦେଶର ନଦନଦୀ, ପାହାଡ଼ ପର୍ବତ, ଦେବୀ ଦେବତା ସମସ୍ତଙ୍କୁ ଏକ ପ୍ରକାର ଆହ୍ୱାନ ଜଣାଇଛି ଉତ୍କଳମାତାର ଦୁଃଖହରଣ ପାଇଁ । ପରିଶେଷରେ ଉତ୍କଳମାତା ଆତ୍ମହତ୍ୟା କରିବାକୁ ଯାଉଛି । ଆଉ ଏତିକିବେଳେ ଜଣେ ଇଂରେଜ ଆସି ତାକୁ ସେଥିରୁ ନିବୃତ୍ତ କରୁଛି ।

ଏଠାରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ନାଟ୍ୟକାର କ'ଣ ଜଣେ ଇଂରେଜର ସାହାଯ୍ୟରେ ଉତ୍କଳର ଦୁର୍ଦ୍ଦଶା ଦୂର କରିବାକୁ ଚାହିଁଛନ୍ତି । ଏହା ପଛର କାରଣ କ'ଣ ହୋଇପାରେ ? ନାଟ୍ୟକାର ଜଣେ ରାଜା ହୋଇଥିବାରୁ ଇଂରେଜ ସରକାରଙ୍କ ପ୍ରତି ଆନୁଗତ୍ୟ ପ୍ରକଟ କରିଛନ୍ତି ନା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଇଂରେଜମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନାଟକରେ ଇଂରେଜ ଜଣକ କହୁଛି ଯେ ସରକାରଙ୍କ ନିର୍ଦ୍ଦେଶ ଆସିଛି ଆଉ ଏବେ ଉତ୍କଳମାତାର ଦୁଃଖ ଘୁଞ୍ଚିବ । ଉତ୍କଳମାତାଙ୍କୁ ଇଂରେଜ ଆଶ୍ୱାସନା ବାଣୀ ଶୁଣାଇ ନାଟକକୁ ସମାପ୍ତ କରିଛନ୍ତି ନାଟ୍ୟକାର । ବିଚାର କରିବାର ବିଷୟ ହେଲା ଯେ ଏପରି ଏକ ନାଟକର ଆବଶ୍ୟକତା କ'ଣ ଥିଲା ? ସମୟାନୁସାରେ ନାଟ୍ୟକାର ବିଷୟଟିଏ ବାଛିଛନ୍ତି । ଉତ୍କଳବାସୀଙ୍କ ମନରେ ଉତ୍ସାହ ଆଣିବା ପାଇଁ, ଖଣ୍ଡ ଖଣ୍ଡ ହୋଇଥିବା ଉତ୍କଳକୁ ଯୋଡି ପୂର୍ଣ୍ଣାଙ୍ଗ କରିବା ପାଇଁ ଏପରି ଏକ କାହାଣୀର ଆବଶ୍ୟକତା ଅଛି । ଏହାର ପ୍ରଭାବ ଲୋକଙ୍କ ମନକୁ ପ୍ରଭାବିତ କରିଥିଲା । ପରବର୍ତ୍ତୀ ସମୟରେ ଓଡନେଲ ଓଡ଼ିଶା ବାଉଣ୍ଡାରୀ କମିଶନ ବେଳେ ଏହି ଖଡ଼ିଆଳ ଅଞ୍ଚଳ ମଧ୍ୟପ୍ରଦେଶ ସହିତ ନ ମିଶି ଉତ୍କଳ ଜନନୀର ଅଙ୍ଗମଣ୍ଡନ କଲା ।

**ସହାୟକ ଗ୍ରନ୍ଥସୂଚୀ :**


୧. ପଟ୍ଟନାୟକ ଦୀନବନ୍ଧୁ, ଧାରା; ଖଡ଼ିଆଳ, ଦୀନବନ୍ଧୁ ପଟ୍ଟନାୟକ, ପ୍ରଥମ ପ୍ରକାଶ, ୧୯୮୫ ।

୨. ବିଶି ସୁଶାନ୍ତ କୁମାର, ଓଡ଼ିଆ ନାଟ୍ୟସାହିତ୍ୟ ଓ ନାଟ୍ୟକାର ବୀରବିକ୍ରମ ଦେବ, ଗ୍ୟାରେଜ ଛକ, ଲୁଇସ ରୋଡ୍, ଭୁବନେଶ୍ୱର କାବ୍ୟଲୋକ; ପ୍ରଥମ ପ୍ରକାଶ, ୨୦୧୮ ।

୩. ସିଂହଦେବ ନୀଳ ଲୋହିତ, ବୀର ବିକ୍ରମ ଗ୍ରନ୍ଥାବଳୀ (ପ୍ରଥମ ଭାଗ); ଶାନ୍ତିଭବନ, ଖଡ଼ିଆଳ ରାଜପ୍ରାସାଦ, ଖଡ଼ିଆଳ, ଆସନ୍ଦ ସିଂହଦେବ; ପ୍ରଥମ ସଂସ୍କରଣ,୨୦୧୮ ।

୪. Singdeo Jitamitra Prasad, Socio-Cultural History of Orissa: a case study of Khariar Estate; Punthi Pustak, Bidhansarani, Kolkata; 1st Published, 2006.



କଳାବିଭୂଷଣ ଅଧାୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X (P), **Vol.- 9, Issue No.VI, September 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଜଗତ

**ଜ୍ଞାନୀ ଦେବାଶିଷ ମିଶ୍ର**

।। ୧ ।।

ମହାପାତ୍ର ନୀଳମଣି ସାହୁ (୨୨ ଡିସେମ୍ବର ୧୯୨୬ - ୨୫ ଜୁନ୍ ୨୦୧୬) ଓଡ଼ିଆ କଥାସାହିତ୍ୟର ଏକ ପରିଚିତ ତଥା ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କର କୋଡ଼ିଏଟି ଗଳ୍ପ ସଂକଳନ ପ୍ରକାଶିତ । ଏତଦ୍ ଭିନ୍ନ ସେ ପ୍ରବନ୍ଧ, ଆଲୋଚନା, ରମ୍ୟରଚନା, ଶିଶୁ ସାହିତ୍ୟ, ଅନୁବାଦ, ସଙ୍କଳନ ଓ ସମ୍ପାଦନା କ୍ଷେତ୍ରରେ ସ୍ୱକୀୟ ପଦଚିହ୍ନ ଛାଡ଼ି ଯାଇଛନ୍ତି । ମହାପାତ୍ର ନୀଳମଣି ସାହୁଙ୍କ 'ଧରା ଓ ଧାରା' (୧୯୬୨), 'ତାମସୀ ରାଧା' (୧୯୬୪) ନାମରେ ଦୁଇଟି ମାତ୍ର ଉପନ୍ୟାସ ପ୍ରକାଶିତ । ବହିଦୁଇଟିର ପ୍ରକାଶନ ବେଳକୁ ଶ୍ରୀଯୁକ୍ତ ସାହୁଙ୍କର 'ପ୍ରେମ ଓ ତ୍ରିଭୂଜ' (୧୯୫୨), 'ମିଛ ବାଘ' (୧୯୫୫), 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' (୧୯୫୭), 'ଗଞ୍ଜେଇ ଓ ଗବେଷଣା' (୧୯୬୧), 'ସୁମିତ୍ରାର ହସ' (୧୯୬୧), 'ଏକ ଭୌତିକ ରଜନୀର ଟ୍ରାଜେଡି' (୧୯୬୨), 'କପୋତ ପକ୍ଷୀ ଗୁରୁ ମୋର' (୧୯୬୩) ଓ ଶିଶୁ ସାହିତ୍ୟ ସଂକଳନ 'ପ୍ରତିଭାର ଜୟଯାତ୍ରା' (୧୯୫୬) ପ୍ରକାଶିତ । ଅର୍ଥାତ୍ ଏତେବେଳକୁ ଗଳ୍ପ ଜଗତରେ ସେ ଜଣେ ପରିଚିତ ଓ ସ୍ୱୀକୃତି ପ୍ରାପ୍ତ ଶିଳ୍ପୀ । ପୁନଶ୍ଚ ଝଙ୍କାର ଓ ପ୍ରଜାତନ୍ତ୍ର ସହ ସଂପୃକ୍ତ ହୋଇ ଓଡ଼ିଆ ସାହିତ୍ୟର ବୁଦ୍ଧିଜିବୀ ମହଲରେ ମଧ୍ୟ ସ୍ୱୀକୃତ ହୋଇସାରିଲେଣି ।

ଶ୍ରୀଯୁକ୍ତ ସାହୁଙ୍କର ଜନ୍ମ ଅବିଭକ୍ତ କଟକ ଜିଲ୍ଲାର ନିଆଳି ଗ୍ରାମରେ । ପିତା ମହେଶ୍ୱର ମହାପାତ୍ର ଓ ମାତା ରଙ୍ଗଲତା ଦେବୀ । ପାଳକ ପିତାମାତା ହେଉଛନ୍ତି ବୀରବର ସାହୁ ଓ ରାଧିକା ଦେବୀ । ନିଆଳି ମାଇନର ସ୍କୁଲ୍ ଓ ଭିଙ୍ଗାରପୁର ବକ୍ରେଶ୍ୱର ହାଇସ୍କୁଲରେ ପାଠପଢ଼ା ପରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଆଇ.ଏ, ବି.ଏ. ଓ ସ୍ନାତକୋତ୍ତର ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ।

୧୯୪୬ ମସିହାରେ ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୁଏ । ୧୯୪୮-୪୯ ଶିକ୍ଷା ବର୍ଷରେ ମହାପାତ୍ର ନୀଳମଣି ସାହୁ ଓଡ଼ିଆ ସ୍ନାତକୋତ୍ତର ଶିକ୍ଷାରେ ଯୋଗ ଦିଅନ୍ତି । ସେତେବେଳକୁ ଅବସର ନେବାପରେ ମଧ୍ୟ ଓଡ଼ିଆ ବିଭାଗ ସହ ଆର୍ତ୍ତବଲ୍ଲଭ ମହାନ୍ତି ଜଡ଼ିତ ଥାଆନ୍ତି । ପ୍ରାଚୀ ସମିତିର ପ୍ରଭାବ ମଉଳି ଆସିଥିଲେ ମଧ୍ୟ ଆର୍ତ୍ତବଲ୍ଲଭଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱ ଅତ୍ୟନ୍ତ ଉଜ୍ଜ୍ୱଳ ମନେ ହେଉଥାଏ । ଏହି ସମୟରେ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ 'କଳିଙ୍ଗ ଭାରତୀ'ର ଭଞ୍ଜ ସାହିତ୍ୟ ପରିଚର୍ଚ୍ଚା ମଧ୍ୟ ଚର୍ଚ୍ଚାର ପରିସର ତିଆରି କରିଥାଏ । ଶ୍ରୀଯୁକ୍ତ ସାହୁ ଏହି ଉଭୟ ଅନୁଷ୍ଠାନର ପ୍ରେରଣା ସମେତ ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ସ୍ୱାଧୀନତା ସଂଗ୍ରାମକାଳୀନ ରାଜନୀତିକ ଉଷ୍ମତାକୁ ମଧ୍ୟ ଅନୁଭବ କରିଛନ୍ତି ।

୧୯୫୨ ମସିହାରେ ପ୍ରସନ୍ନ କୁମାରୀ ଦେବୀଙ୍କ ସହିତ ମହାପାତ୍ର ନୀଳମଣି ସାହୁଙ୍କର ବିବାହ ହୁଏ । ୧୯୫୩ ମସିହାରେ ଓଡ଼ିଆ ଅଧ୍ୟାପକ ଭାବେ ମହାପାତ୍ର ନୀଳମଣି ସାହୁ ଭଦ୍ରକ ମହାବିଦ୍ୟାଳୟରେ ଯୋଗଦିଅନ୍ତି । ୧୯୫୬ ମସିହା ବେଳକୁ ପ୍ରସନ୍ନ କୁମାରୀ ଯକ୍ଷ୍ମା ରୋଗର ଶିକାର ହୁଅନ୍ତି । ୧୯୫୮ ମସିହା ଜାନୁଆରୀ ତିନି ତାରିଖରେ ମହାପାତ୍ର ନୀଳମଣି ସାହୁଙ୍କ ବଦଳି ପାରଳାଖେମୁଣ୍ଡି ମହାବିଦ୍ୟାଳୟକୁ ହୁଏ । ସେହି ସମୟରେ ରଣପୁରର ରାଣୀ ତଥା ବିଧାୟିକା ବସନ୍ତମଞ୍ଜରୀ ଦେବୀଙ୍କ ଉଦ୍ୟମରେ ଚାନ୍ଦିପୁର ଠାରେ ଥିବା ରାଜଉଆସରେ ଏକ ଯକ୍ଷ୍ମା ଚିକିତ୍ସାଳୟର ଶୁଭାରମ୍ଭ ପାଇଁ ପ୍ରୟାସ କରୁଥାନ୍ତି । ଯକ୍ଷ୍ମା ନିବାସଟି ୧୯୫୮ ମସିହା ଫେବୃଆରୀ ମାସରେ ଆରମ୍ଭ ହୁଏ । ମହାପାତ୍ର ନୀଳମଣି ସାହୁ ସେଠାରେ ପତ୍ନୀଙ୍କୁ ଚିକିତ୍ସା ପାଇଁ ରଖି ନିଜେ ପାରଳାଖେମୁଣ୍ଡିରେ ଅବସ୍ଥାନ କରିବାକୁ ବାଧ୍ୟ ହୁଅନ୍ତି ।

ପାରଳାଖେମୁଣ୍ଡିରେ ରହଣି ଭିତରେ ତେଲୁଗୁ-ଓଡ଼ିଆ ଭାଷାର ବିବାଦ, ଭଞ୍ଜ ସାହିତ୍ୟର ପରିଚର୍ଚ୍ଚା, ପାରଳାଖେମୁଣ୍ଡିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସୁଷମା, ରମାକାନ୍ତ ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ଶରତ କୁମାର ମହାନ୍ତିଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସାନିଧ ଶ୍ରୀଯୁକ୍ତ ସାହୁଙ୍କ ଜୀବନର କଷ୍ଟକୁ କିଛି ମାତ୍ରାରେ ଲାଘବ କରେ । ୧୯୬୧ ମସିହାବେଳକୁ ମହାପାତ୍ର ନୀଳମଣି ସାହୁ ପାରଳାରୁ ବଦଳି ହୋଇ ବାରିପଦା ମହାବିଦ୍ୟାଳୟରେ ଯୋଗଦିଅନ୍ତି ।

ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ପାଇସାରିଥିବା ସମୟରେ ତଥା ବ୍ୟକ୍ତିଗତ ଜୀବନରେ ସାମ୍ନା କରୁଥିବା ଏଇ ଅସହାୟ ମୁହୂର୍ତ୍ତମାନଙ୍କୁ ନେଇ ଗତି କରୁଥିବାବେଳେ ହିଁ ତାଙ୍କର ଉପନ୍ୟାସ ଦୁଇଟି ପ୍ରକାଶ ପାଏ । ଏହି ଆଲୋଚନାରେ ଔପନ୍ୟାସିକ ମହାପାତ୍ର ନୀଳମଣିଙ୍କ କଥାଜଗତର ଆକଳନ ନିମିତ୍ତ ପ୍ରୟାସ କରାଯାଇଛି । ଆଲୋଚନା ନିମିତ୍ତ 'ଧରା ଓ ଧାରା'ର ଦ୍ୱିତୀୟ ସଂସ୍କରଣ (ପିଡିଏଫ୍) ତଥା 'ତାମସୀରାଧା'ର ପଞ୍ଚମ ସଂସ୍କରଣ (ପୁସ୍ତକ)ରେ ଉପଲବ୍ଧ ପ୍ରକାଶକୀୟ ତଥ୍ୟକୁ ଗ୍ରହଣ କରାଯାଇଛି । ଯଦିଓ 'ଧରା ଓ ଧାରା' ୧୯୬୧ ମସିହାରେ ପ୍ରକାଶିତ ବୋଲି ପ୍ରାୟତଃ ସୂଚନା ଉପଲବ୍ଧ ମାତ୍ର ଦ୍ୱିତୀୟ ସଂସ୍କରଣରେ ଉପଲବ୍ଧ ତଥ୍ୟ ଅନୁସାରେ ଏ ଆଲୋଚକ ୧୯୬୨କୁ ଗ୍ରହଣ କରିଛି ।

॥ ୨ ॥

ମହାପାତ୍ର ନୀଳମଣି ସାହୁଙ୍କ 'ଧରା ଓ ଧାରା' ଉପନ୍ୟାସ ୧୯୬୨ ମସିହାରେ ଗ୍ରନ୍ଥ ମନ୍ଦିର ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶ ପାଏ । ଏହି ସମୟବେଳକୁ ଶ୍ରୀଯୁକ୍ତ ସାହୁଙ୍କର ପତ୍ନୀ ଯକ୍ଷ୍ମା ରୋଗରୁ ମୁକ୍ତି ପାଇଗଲେଣି । ବହିର ମୁଖବନ୍ଧରୁ ଏହି ସମୟଭିତ୍ତିକ ଜୀବନଗତ ଅସହାୟତାର ଚିତ୍ର ଦେଖିବାକୁ ମିଳେ । ଔପନ୍ୟାସିକ ଉତ୍କଳର ଖ୍ୟାତନାମା କ୍ଷୟରୋଗ ବିଶେଷଜ୍ଞ ଡାକ୍ତର ଶ୍ରୀଯୁକ୍ତ ଶିବାଜୀଙ୍କ ସାହାଯ୍ୟ ପ୍ରସଙ୍ଗ ମନେପକେଇ କୁହନ୍ତି, "କେବଳ ମୋର ସ୍ତ୍ରୀ ନୁହଁନ୍ତି- ଏ ଦରିଦ୍ର ଦେଶର ଶତଶତ କ୍ଷୟରୋଗଗ୍ରସ୍ତ ହତଭାଗ୍ୟ ଓ ହତଭାଗିନୀମାନଙ୍କୁ ଆପଣ ନବଜୀବନର ସୌଭାଗ୍ୟ ନିତ୍ୟ ପ୍ରଦାନ କରୁଛନ୍ତି । ଆପଣଙ୍କର ସସ୍ନେହ କୋମଳ ସମ୍ବେଦନଶୀଳ ଓ ଆଶାପ୍ରଦ ବ୍ୟବହାର ଏବଂ ଚିକିତ୍ସା ବିଜ୍ଞାନରେ ଆପଣଙ୍କର ଅସାଧାରଣ ଧୈର୍ଯ୍ୟ, ସାହସ ଅଭିଜ୍ଞନିପୁଣତା ସ୍ମରଣ କରି କେବଳ ମୋର ନୁହେଁ- ଏ ଦେଶର ଶତଶତ ସ୍ୱାମୀ, ସ୍ତ୍ରୀ, ପୁତ୍ର, କନ୍ୟା ଓ ପିତାମାତା ଆପଣଙ୍କର ଶୁଭ ଉଦ୍ଦେଶ୍ୟରେ ନିତ୍ୟ ଈଶ୍ୱରଙ୍କ ନିକଟରେ ସେମାନଙ୍କର ବିନମ୍ର କୃତଜ୍ଞତା ନିବେଦନ କରୁଛନ୍ତି । ମୁଁ ମୋର ସ୍ତ୍ରୀଙ୍କୁ ଫେରିପାଇଛି । ମୋର ପିଲାମାନେ ତାଙ୍କର ମାଆଙ୍କୁ ଫେରିପାଇଛନ୍ତି । ଦୀର୍ଘ ତିନିବର୍ଷ କାଳ ଆପଣଙ୍କର ନିର୍ଭରଶୀଳ ଦାୟିତ୍ୱ ଭିତରେ ମୋର ସ୍ତ୍ରୀଙ୍କର ସଙ୍କଟାପନ୍ନ ଜୀବନକୁ ନିଶ୍ଚିନ୍ତ ଭାବେ ଛାଡ଼ିଦେଇ ମୁଁ ଏହି ଉପନ୍ୟାସଟି ଲେଖୁଥିଲି । ଆପଣ କବିରାଜ । ଦରିଦ୍ର କବିଟିର ଏହି ସାମାନ୍ୟତମ ଉପହାରଟି ଗ୍ରହଣକରି ବିଚାରାକୁ ଋଣମୁକ୍ତ କରନ୍ତୁ ।"(୧) ଏହି ଉତ୍ସର୍ଗରୁ ଲେଖକଙ୍କ ଅସହାୟ ପରିସ୍ଥିତି ଓ ମୁକ୍ତିର ଆନନ୍ଦ ଅନୁଭବ କରିହୁଏ ।

'ଧରା ଓ ଧାରା' ଉପନ୍ୟାସ ଡାକ୍ତର ହାଡ଼ିବନ୍ଧୁ ଚୌଧୁରୀ ଓ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ବନ୍ଧୁତାଭିତ୍ତିକ ସଂପର୍କର କାହାଣୀ । ଆର୍ତ୍ତବନ୍ଧୁଙ୍କ ଇଚ୍ଛା ଚୌଧୁରୀଙ୍କ ପୁଅ ଜୟନ୍ତ ସହିତ ମୀରାର ବିବାହ । ନାୟକ ଜୟନ୍ତ କିନ୍ତୁ ନାୟିକା ଉମା ପ୍ରତି ଆସକ୍ତ । ଅବଶ୍ୟ ଏହି ସମ୍ପର୍କକୁ ସ୍ୱୀକୃତି ଓ ସକାରାତ୍ମକ ମନ୍ତବ୍ୟ ମିଳିବାରେ ସାମାନ୍ୟ ସମସ୍ୟା ଦେଖାଦେଇଛି । ଉମାର ଜୀବନ ପ୍ରବାହ ଓ ସଂଘର୍ଷକୁ ନେଇ ଏ ଉପନ୍ୟାସର କଥାନକ ଗତିଶୀଳ ।

ଆଲୋଚକ କୁହନ୍ତି, ମହାପାତ୍ର ନୀଳମଣିଙ୍କର ପ୍ରଥମ ଉପନ୍ୟାସ 'ଧରା ଓ ଧାରା' ଉପନ୍ୟାସଟିରେ ମଣିଷର ମନୋଭୂମିର ବାସ୍ତବତାକୁ ପ୍ରଦର୍ଶନ କରାଯାଇଛି ବେଶ୍ ସଫଳତାର ସହିତ । ମନର ଧାରା ବଡ଼ ବିଚିତ୍ର । ଗତି ତା'ର କେବେ ଆଗକୁ ତ କେବେ ପଛକୁ । କେବେ ବୃତ୍ତାକାରରେ ତ କେବେ ଆକାଶଚାରୀ । ପୁଣି କେବେ ଅତଳତଳ ପାତାଳର ଅନ୍ଧକାର ବଳୟକୁ । ଏ ଧାରାକୁ ଚିହ୍ନିବା ପାଇଁ ଫ୍ରଏଡ୍‌ଙ୍କ ପ୍ରଦତ୍ତମନସ୍ତତ୍ତ୍ୱ ଓ ଦର୍ଶନର ସହାୟତା ନେଇଛନ୍ତି ସାହିତ୍ୟିକମାନେ । ଏହି ଉପନ୍ୟାସରେ ବହୁ ଚରିତ୍ରର ସମାବେଶ ଘଟିଛି । ବିଭିନ୍ନ ଚରିତ୍ରର ମାନସତାତ୍ତ୍ୱିକ ବିଶ୍ଳେଷଣ ଓ ଘଟଣାର ପର୍ଯ୍ୟବେକ୍ଷଣ ଧାରାରେ ଔପନ୍ୟାସିକ ଆବିଷ୍କାର କରିଛନ୍ତି ମଣିଷର ସଚେତନ ମନର ଆଦର୍ଶବାଦ ମୂଲ୍ୟବୋଧ, ମାନବିକତା, ତା'ର ସଂସ୍କୃତି ସମ୍ପନ୍ନତା ଓ ସର୍ବୋପରି ମଣିଷର ଆସ୍ପୃହା ଓ ତା'ର ଅବଚେତନରେ ସଂଗୁପ୍ତ ଥିବା ପଶୁ ପ୍ରବୃତ୍ତି । ମାନବିକତା ଓ ପାଶବିକତା ମଧ୍ୟରେ ଅନେକ ସମୟରେ ଘଟୁଥିବା ସଂଘାତରେ ଯେଉଁ ଦିଗ ଅଧିକ ଶକ୍ତିଶାଳୀ ହୋଇଉଠେ ତାହାର ହିଁ ବିଜୟ ହୁଏ ସେହି ସମୟ ପାଇଁ । x x x ବହୁ ଛୋଟ ବଡ଼ ଘଟଣାର ସମାବେଶ ଉପନ୍ୟାସରେ ଘଟିଥିଲେ ମଧ୍ୟ ଏଥିରେ ଚରିତ୍ରମାନେ ମୁଖ୍ୟସ୍ଥାନ ନେଇଛନ୍ତି । ସବୁ ପ୍ରକାର ଅବସ୍ଥାର ବର୍ଣ୍ଣନା କରିବାରେ ଔପନ୍ୟାସିକଙ୍କ ଭାଷା ପ୍ରୟୋଗର ଚମତ୍କାରିତା ପାଠକକୁ ମୁଗ୍ଧ କରେ । x x x (୨) ଔପନ୍ୟାସିକ ମଧ୍ୟ କହିଛନ୍ତି, "ଖଟର ଦୁଇ ପାର୍ଶ୍ୱରେ ଝଞ୍ଜା ବୁହାଉଛନ୍ତି ଦୁଇଟି ନାରୀ - ଲୋତକର

ବନ୍ୟା ବୁହାଉଛନ୍ତି ଦୁଇଟି ନାରୀ । ତନ୍ମଧ୍ୟରୁ ଗୋଟିଏ କେବଳ ନାରୀ ! ଅନ୍ୟଟି କେବଳ ପ୍ରେମିକା !! ଗୋଟିଏ କେବଳ ଧରା - ଅନ୍ୟଟି କିନ୍ତୁ ଧାରା ।" (୩) 'ଧରା ଓ ଧାରା' ଉପନ୍ୟାସର ଶେଷଆଡ଼କୁ ଥିବା ଏହି ଉଦ୍ଧୃତିରୁ ଉପନ୍ୟାସଟିର ବିଷୟବସ୍ତୁଗତ ସ୍ୱଷ୍ଟତା ସାମ୍ନାକୁ ଆସେ ।

'ଧରା ଓ ଧାରା' ଏକ ପ୍ରତୀକାତ୍ମକ ନାମକରଣ । ଧରା ହୁଏତ ଅପେକ୍ଷାକୃତ ସ୍ଥିରତା ଓ ନିର୍ଦ୍ଦିଷ୍ଟତା ସୂଚକ । ଧାରାରେ ଲୁଚି ରହିଛି ପ୍ରବହମାନତା । ଏ ଧାରାର ଗତି ହୁଏତ କେବେ ମନ୍ଥର ପୁଣି କେବେ ତୀବ୍ର । ପୁଣି କେବେ ଉଦାସୀ ତ କେବେ ଉଚ୍ଛ୍ୱସିତ । ଜୟନ୍ତର ଉମା ପ୍ରତି ଆକର୍ଷଣ ଏବଂ ଏକାନ୍ତ ମୁହୂର୍ତ୍ତରେ ଉଭୟଙ୍କର ସମ୍ପର୍କ ପରେ ଜୟନ୍ତ ଜର୍ମାନୀ ଚାଲିଯାଏ । ଏପଟେ ଗର୍ଭସ୍ଥ ସନ୍ତାନକୁ ନଷ୍ଟ କରିଦେବା ବ୍ୟତୀତ ଉମା ପାଖରେ କୌଣସି ଉପାୟ ନଥାଏ । ବିବାହ ଭଳି ସାମାଜିକ ସ୍ୱୀକୃତିର ଅଭାବବୋଧକୁ ଉମା ମର୍ମେମର୍ମେ ଅନୁଭବ କରୁଥାଏ । ଗୋଟିଏ ପଟେ ମାତୃତ୍ୱର ମର୍ଯ୍ୟାଦା, ଅନ୍ୟପଟେ ସମାଜ ଜୀବନର ଲାଞ୍ଛନା ଭିତରେ ଛନ୍ଦି ହେଉଥାନ୍ତି ଉପନ୍ୟାସର ଚରିତ୍ରମାନେ । ଉମାର ଜନ୍ମିତ ସନ୍ତାନକୁ ଅବଶ୍ୟ ପରବର୍ତ୍ତୀ ସମୟରେ ଚୌଧୁରୀ ପରିବାରରେ ସ୍ଥାନ ମିଳିଛି । ଜର୍ମାନୀରୁ ଫେରି ଜୟନ୍ତ ମଧ୍ୟ ଉମାକୁ ଗ୍ରହଣ କରିଛି । ଗୋଟିଏ ସୁଖଦ ପରିସମାପ୍ତିଭିତ୍ତିକ ଉପନ୍ୟାସ ହୋଇଥିଲେ ମଧ୍ୟ ନାରୀ ଜୀବନର ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱ ଓ ଅସହାୟତା ଏହି ଉପନ୍ୟାସରେ ଚମତ୍କାରିତାର ସହିତ ବର୍ଣ୍ଣିତ । ଉପନ୍ୟାସରେ ଜୟନ୍ତ, ଆର୍ତ୍ତବନ୍ଧୁ, ଉମା, ମୀରା ଓ ବିଳାସବତୀଙ୍କ ମାଧ୍ୟମରେ ମନସ୍ତତ୍ତ୍ୱର ସୂକ୍ଷ୍ମ ଆସ୍ତରଣଗୁଡ଼ିକ କ୍ରମଶଃ ଆଲୋଚନାର ପର୍ଯ୍ୟାୟକୁ ଆସିଛି । କେଉଁଠି ଅନାଥ ଆଶ୍ରମର ଦାୟିତ୍ୱ ନେଇ ମନକୁ ବ୍ୟସ୍ତ ରଖିବା ଭଳି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ହୋଇଛି ତ କେଉଁଠି ନିଜର ଭୁଲ ପାଇଁ ମୀରା ଅନୁତାପ କରି ପୁନଶ୍ଚ ଆଶ୍ରମର ଦାୟିତ୍ୱ ମଧ୍ୟ ଗ୍ରହଣ କରିଛି ।

ଉପନ୍ୟାସଟି ନାରୀ ଜୀବନର ମନସ୍ତାତ୍ତ୍ୱିକ ସଂଘର୍ଷମୟତାର ଚିତ୍ର ପ୍ରଦାନରେ ଅତ୍ୟନ୍ତ ସଫଳ ମନେହୁଏ । ହୁଏତ ମାତ୍ରାଧିକ ପ୍ରଗଲ୍ଭତା ଉପନ୍ୟାସଟିକୁ ଅଧିକ ବିସ୍ତାରିତ କରିଦେଇଛି ମାତ୍ର ଉପନ୍ୟାସର ଭାଷାଶୈଳୀ ଓ ହାସ୍ୟ-କରୁଣ-ଶୃଙ୍ଗାର ରସର ଅବତାରଣାରେ ମହାପାତ୍ର ନୀଳମଣିଙ୍କ ଲେଖକୀୟ ସ୍ୱାତନ୍ତ୍ର୍ୟ ବାରିହୋଇପଡ଼େ । ଘଟଣାର ବୈଚିତ୍ର୍ୟ ଅପେକ୍ଷା ଚରିତ୍ରମାନଙ୍କ ଉପରେ ଘଟଣାଜନିତ ପ୍ରଭାବର ଆସ୍ତରଣ ଭିତର ଦେଇ ଉପନ୍ୟାସଟିରେ ଧରା ଓ ଧାରାର ବ୍ୟାପ୍ତିକୁ ଅନୁଭବ କରିହୁଏ ।

'ତାମସୀ ରାଧା' ଉପନ୍ୟାସ ପ୍ରକାଶ ପାଏ ୧୯୬୪ ମସିହାରେ ।

ରାଧା ହ୍ଲାଦିନୀ ଶକ୍ତି । ପ୍ରକୃତିପୁରୁଷ ଶ୍ରୀକୃଷ୍ଣଙ୍କ ପ୍ରେରଣାର ଉତ୍ସ । ମାତ୍ର ଔପନ୍ୟାସିକ ଏଇ ଶବ୍ଦଟିକୁ ଗ୍ରହଣ କରିଛନ୍ତି ଅନ୍ୱେଷଣ ଅର୍ଥରେ । ଔପନ୍ୟାସିକ କୁହନ୍ତି- "'ରାଧା' ଶବ୍ଦକୁ ମୁଁ ପ୍ରତ୍ୟେକ ବଦ୍ଧଜୀବର ବ୍ୟାକୁଳ 'ଅନ୍ୱେଷଣ' ଅର୍ଥରେ ଗ୍ରହଣ କରିଛି । ଆଉ ଜୀବ ଏହି ଅନ୍ୱେଷଣର ପ୍ରଚେଷ୍ଟାରେ ପ୍ରାରମ୍ଭରୁ ସର୍ବଦା ଘୋର ତାମସୀ ମାୟାର ପ୍ରତିବନ୍ଧକତା ନିବନ୍ଧନ, ଅତିଶୟ ତାପଗ୍ରସ୍ତା, ଉତ୍ପୀଡ଼ିତା ଓ ଉତ୍କ୍ଷିପ୍ତା । ଏତିକିବେଳେ ହିଁ ରାଧା ତିମିରାଭିସାରିଣୀ- ତାମସୀ ରାଧା । ମାତ୍ର ଏହି ତାମସାଭିସାର ଶେଷରେ ? ପରମ ଆଲୋକଦୀପ୍ତ ସଚ୍ଚିଦାନନ୍ଦଙ୍କର ମିଳନରେ ଏକାତ୍ମଭୂତା ଶ୍ରୀ ରାଧା ସେତେବେଳେ ସମସ୍ତ ଉପାଧି ବିବର୍ଜିତା । ଏହି ଜ୍ଞାନଗମ୍ୟ ମହାଭାବବୋଧ ସତ୍ୟକୁ ମୁଁ ଲୌକିକତା ମଧ୍ୟରେ ପ୍ରମାଣ କରିବାକୁ ଯାଇ 'ମହାଭାବସ୍ୱରୂପା ଶ୍ରୀରାଧା ଠାକୁରାଣୀ'ଙ୍କ ଶ୍ରୀନାମ ପୂର୍ବରୁ 'ତାମସୀ' ବିଶେଷଣ ପ୍ରୟୋଗ କରି 'ଗୁରୁକୃଷ୍ଣ ଓ ବୈଷ୍ଣବ'ଙ୍କ ଶ୍ରୀଚରଣରେ 'ଠକବତ୍' ଆଚରଣ କରିଅଛି । ବୈଷ୍ଣବ ମହାଜନଗଣ ମୋର ଏହି ଲୌକିକ କବିତ୍ୱ ଦୋଷ ଉପରେ ତୁଳସୀ ପତ୍ର ପକାଇ ମୋତେ କ୍ଷମା କରନ୍ତୁ ।" (୪) ଉପନ୍ୟାସଟି ମଧ୍ୟ ନାରୀଜୀବନର ଅସହାୟତା ଓ ସଂଘର୍ଷଶୀଳତା ଭିତରଦେଇ ଉତ୍ତରିତ ସାଧନା ପଥପାଖରେ କହଞ୍ଚାଇବାର କଥା କୁହେ ।

ଥରଥର କରି ତିନିଥର ବେଦୀରେ ବସିଥିଲେ ସାଧୁଚରଣ । ପ୍ରଥମେ କୃଷ୍ଣପ୍ରିୟା ତାପରେ ପୁଷ୍ପରାଣୀ, ଶେଷରେ ହେମମୟୀଙ୍କ ସହ ବିବାହ କରିଥିଲେ । ଅଥଚ ତିନିଜଣଙ୍କର ମୃତ୍ୟୁ ଘଟିଥିଲା । ସାଧୁଚରଣଙ୍କ ଆଖିରେ ଆଉ ଲୁହ ନଥିଲା ଜୀବନକୁ ଆଶ୍ୱସନା ଦେବାକୁ । ବାଧ୍ୟତଃ ସେ ଗ୍ରହଣ କରିନେଲେ ଆଶ୍ରମର ଜୀବନ । ଏମିତି ଗୋଟିଏ ସମୟରେ ତାଙ୍କ ଜୀବନକୁ ଆସିଲା ତନୁଜା । ସ୍ନେହୀ, ନିସ୍ୱାର୍ଥପର, ମାନବବାଦୀ ସାଧୁଚରଣ ତାକୁ କନ୍ୟା ଭାବରେ ପାଳନ କରିଥିଲେ । ଯଦିଓ ଶରଧାବୋଉ ଭାବିଥିଲା ସାଧୁଚରଣ ପୁନଶ୍ଚ ତନୁଜାକୁ ବିବାହ କରିବେ । ଏମିତି ଏକ ସମୟରେ ତନୁଜାର ଲାଳନପାଳନ ତଥା ସର୍ବାଦୌ ମଙ୍ଗଳ ଚାହୁଁଥିବା ସାଧୁଚରଣ ଜଣେ ଗୃହୀ ସନ୍ନ୍ୟାସୀ ପରି ଜୀବନ ଅତିବାହିତ କରୁଥିଲେ ।

ତନୁଜାର ଜୀବନକୁ ନିୟନ୍ତ୍ରିତ କରିଥିବା ଦ୍ୱିତୀୟ ପୁରୁଷଟି ହେଉଛି ମୋହନ । ତନୁଜାର ମୋହନ ପ୍ରତି ଅନୁରାଗ ଓ ପ୍ରେମସିକ୍ତ ମନୋଭାବ ଥିଲେ ହେଁ କର୍ମଠ ଓ ଦାୟିତ୍ୱନିଷ୍ଠ ବିଡିଓ ରସାନନ୍ଦଙ୍କ ପ୍ରତି ମଧ୍ୟ ତନୁଜା ମନରେ ଆକର୍ଷଣ ଥାଏ ଓ ସେ ତାଙ୍କୁ ବିବାହ କରେ । ମାତ୍ର ରସାନନ୍ଦଙ୍କର ଅକାଳ ବିୟୋଗ, ତନୁଜାର ଜୀବନକୁ ପୁନଶ୍ଚ ଗୋଟିଏ ଦୁଃଖଦ ମୋଡ଼ରେ ଆଣି ଛାଡ଼ିଦିଏ ।

ଏହି ସମୟରେ ପୁନଶ୍ଚ ମୋହନ ତନୁଜାକୁ ସହାୟତାର ହାତ ବଢ଼ାଏ । ତନୁଜାକୁ ନେଇ ମୋହନ ଯେଉଁ ନର୍ସିଂ ସ୍କୁଲରେ ନାମ ଲେଖାଇ ଦିଏ, ସେଇଠାରେ ଡାକ୍ତର ଥିବା ଘାସିରାମ ସୋରେନଙ୍କ ପ୍ରତି ତନୁଜା ମନରେ ଗଭୀର ଆକର୍ଷଣ ସୃଷ୍ଟି ହୁଏ । କ୍ରମଶଃ ମୋହନ ତନୁଜା ପାଇଁ ପ୍ରତିବନ୍ଧକତୁଲ୍ୟ ମନେହୁଏ । ମୋହନକର୍ତ୍ତୃକ ସହାୟତା ତନୁଜା ପାଇଁ ବୋଝଭଳି ପ୍ରତୀୟମାନ ହୁଏ । ଏକ ଅଦ୍ଭୁତ ଜାନ୍ତବ କ୍ଷୁଧାର ବଶବର୍ତ୍ତୀ ହୋଇ ସେ ହୁଏତ ମୋହନର ଶିଶୁକୁ ଗର୍ଭରେ ଧାରଣ କରେ ମାତ୍ର ହେମ ପାଲୁଣୀ ସହାୟତାରେ ଜନ୍ମିତ ଶିଶୁକୁ ହତ୍ୟା ମଧ୍ୟ କରେ । ନିଜର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟାର ବାଟ ବାଛି ନେଉଥିଲାବେଳେ ନଈ କୂଳରେ ଅଚେତ ହୋଇ ପଡିଯାଏ । ଏଇ ସମୟରେ ଆଉ ଜଣେ ପୁରୁଷ ସୁରଜିତଙ୍କ ସହିତ ତା'ର ସାକ୍ଷାତ ହୁଏ । ସୁରଜିତଙ୍କ ସହାୟତାରେ ସୋରେନଙ୍କ ପାଖକୁ ପୁଣିଥରେ ଫେରେ ତନୁଜା । ୧୯୬୨ ମସିହାର ଭାରତ ଓ ଚୀନ ମଧ୍ୟରେ ଚାଲିଥିବା ଯୁଦ୍ଧଜନିତ ପରିସ୍ଥିତିକୁ ଉପନ୍ୟାସର ଅଂଶବିଶେଷ କରି ଔପନ୍ୟାସିକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ତନୁଜା ଓ ଡାକ୍ତର ଘାସିରାମ ସୋରେନଙ୍କ ସେବା ମନୋବୃତ୍ତିର ପରିଚୟ ଦେବାପାଇଁ ଚେଷ୍ଟା କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୬୨ ମସିହାବେଳକୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ 'ନରକିନ୍ନର' ପ୍ରକାଶ ପାଇସାରିଥାଏ । ମହାପାତ୍ର ନୀଳମଣି ସାହୁ ସେତେବେଳକୁ 'ତାମସୀ ରାଧା' ଲେଖୁଥାନ୍ତି । ହଠାତ୍ ଭାରତ ଓ ଚୀନ୍ ଭିତରେ ଯୁଦ୍ଧଜନିତ ସ୍ଥିତି ଭାରତର କୂଟନୀତି ଓ ନୈତିକ ବିଶ୍ୱାସକୁ ଦୋହଲାଇ ଦେଇଥିଲା । 'ଭାରତ-ଚୀନ ଭାଇ ଭାଇ' ସ୍ଲୋଗାନ୍ କ୍ରମଶଃ ଚୀନର ବିଶ୍ୱାସଘାତକତା ଆଗରେ ମଳିନ ପଡ଼ିଆସିଲା । ତଥାକଥିତ ପ୍ରଗତିବାଦୀମାନଙ୍କର ଭ୍ରମ କିନ୍ତୁ ସେତେବେଳକୁ ସହଜରେ ଦୂର ହୋଇନଥାଏ । ମହାପାତ୍ର ନୀଳମଣି ସାହୁ ନିଜର ନୂତନ ଉପନ୍ୟାସ ସମ୍ପର୍କରେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର ମତାମତ ଜାଣିବା ପାଇଁ ଚାହିଁଥିଲେ ଓ ଉପନ୍ୟାସର ଶେଷ ଅଧ୍ୟାୟକୁ ଡାକଯୋଗେ ତାଙ୍କ ପାଖକୁ ପଠାଇଥିଲେ । ଉପନ୍ୟାସର ଶେଷ ଭାଗରେ ଲେଖକ ତାଙ୍କର ନାୟକକୁ ବାମପନ୍ଥୀ ଚରିତ୍ର ରୂପରେ ବର୍ଣ୍ଣନା କରି ମାର୍କ୍ସବାଦ ଢାଞ୍ଚାରେ ରାଷ୍ଟ୍ରୀୟ ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ ପାଇଁ ପ୍ରସ୍ତୁତ କରିଥାଆନ୍ତି । କିନ୍ତୁ ଆଲୋଚ୍ୟ ସମୟଖଣ୍ଡରେ ଲେଖକ ଏପରି କରିବାରୁ ବିରତ ରୁହନ୍ତୁ ବୋଲି ଶାନ୍ତନୁ କୁମାର ଆଚାର୍ଯ୍ୟ ମହାପାତ୍ର ନୀଳମଣି ସାହୁଙ୍କୁ ପରାମର୍ଶ ଦେଇଥିଲେ । ଶାନ୍ତନୁଙ୍କ ପରାମର୍ଶ ଲେଖକଙ୍କୁ ଯଥାର୍ଥ ମନେହେଲା । ତଦନୁଯାୟୀ ଉପନ୍ୟାସର ଆବଶ୍ୟକ ପରିବର୍ତ୍ତନ କରିଥିବା ପ୍ରସଙ୍ଗ ମଧ୍ୟ ଶ୍ରୀଯୁକ୍ତ ସାହୁ ସ୍ୱୀକାର କରିଥିବା ଜଣାଯାଏ । (୫) ଏହି ପରିବର୍ତ୍ତନକୁ ଗୋଟିଏ ସମୟଗତ ଆବଶ୍ୟକତା ଭାବରେ ଗ୍ରହଣ କରାଯାଇପାରେ ।

ମୂଳତଃ 'ତାମସୀ ରାଧା' ଏକ ପ୍ରେମ ଚେତନାଧର୍ମୀ ଉପନ୍ୟାସ । ପ୍ରେମର ବାହ୍ୟ ଆବରଣର ଶରୀର ଓ ଶୃଙ୍ଗାର ଭିତରୁ ମୁକ୍ତ ହୋଇ ଅନ୍ତଃସୌନ୍ଦର୍ଯ୍ୟ ଆଡ଼କୁ ଉ ରିତ ଯାତ୍ରାର ଏକ ପ୍ରୟାସ ଭାବେ ଉପନ୍ୟାସଟିକୁ ଗ୍ରହଣ କରାଯାଇପାରେ । ସାଂସାରିକ ଜୀବନର ମାୟା ଓ ମୋହଗ୍ରସ୍ତତାକୁ ଏଡ଼ାଇ ତମଗୁଣ ସମ୍ପନ୍ନ ରାଧାଟି ସାତ୍ତ୍ୱିକ ଅବବୋଧରେ ରୂପାନ୍ତରିତ ହେବା ପ୍ରେମର ମୂଳ ଉଦ୍ଦେଶ୍ୟ । ପ୍ରେମର ସ୍ଥୁଳ ଅନୁଭବ ବାଟ ଦେଇ ସୂକ୍ଷ୍ମ ଉପଲବ୍ଧି ପାଖରେ ପହଞ୍ଚିବାର ଯାତ୍ରା ହେଉଛି ତାମସୀ ରାଧା । ହୁଏତ ଏହି ପ୍ରେମମୂଳକ ଉପନ୍ୟାସଟିର ପ୍ରସଙ୍ଗ ଓ ପରିବେଶରେ ଅନେକ ସ୍ଥୁଳ ରାଜନୀତିକ ଓ ସାମାଜିକ ପ୍ରସଙ୍ଗମାନେ ସାମ୍ନାକୁ ଆସିଛନ୍ତି । ଔପନ୍ୟାସିକଙ୍କର ତାରୁଣ୍ୟର ଭାବାବେଗ ଓ ଶୃଙ୍ଗାରଜନିତ ଉପଲବ୍ଧି ତଥା ପ୍ରେମରେ ଦେହର ଉପସ୍ଥିତି ପ୍ରସଙ୍ଗ ମଧ୍ୟ ସ୍ଥାନେସ୍ଥାନେ ଗୁରୁତ୍ୱପୂର୍ଣ୍ଣ ମନେ ହେଇଛି । କିନ୍ତୁ ଏ ଉପନ୍ୟାସର ମୂଳ ଉଦ୍ଦେଶ୍ୟ ଦେହକୁ ଅତିକ୍ରମ କରି ଦେହାତୀତ ପ୍ରେମରେ ହିଁ ଶୃଙ୍ଗାରର ସାର୍ଥକତା ଖୋଜିବା । ପ୍ରେମକୁ କାଳ, ରୂପ ତଥା କ୍ଷୟର ସମସ୍ତ ସ୍ପର୍ଶରୁ ଦୂରରେ ରଖି ଶରୀରଟିଏ ନଖୋଜି ଆତ୍ମିକ ପ୍ରେମର ଅନ୍ୱେଷଣ କରିବାରେ ହିଁ ତାମସୀ ରାଧାର ଜୀବନଯାତ୍ରାଭିତ୍ତିକ ଉତ୍ତରଣ ନିହିତ ।

॥ ୩ ॥

ଲେଖକଟିଏ ମଧ୍ୟ ବ୍ୟକ୍ତିଗତ ଜୀବନ ଜିଉଁଥାଏ । ସମାଜ ସହିତ ତା'ର ସଂପୃକ୍ତି, ଧର୍ମ ବା ଆଧ୍ୟାତ୍ମିକତାକୁ ନେଇ ତାର ଦ୍ୱନ୍ଦ୍ୱ, ସଂସ୍କୃତି ଅଥବା ପରମ୍ପରାକୁ ନେଇ ତା'ର ସଂଘର୍ଷର ଯାତ୍ରା ମଧ୍ୟ ସେଥିରେ ସମନ୍ୱିତ ହୋଇଥାଏ । ଲେଖକ ତା'ର ଲେଖାରେ ନିଜର ଅହଂ କେବଳ ପ୍ରକାଶ କରେନି, ବରଂ ପ୍ରକାଶ କରେ ଗୋଟିଏ ସମୟଖଣ୍ଡର ଉଠାଣି-ଗଡ଼ାଣିଭିତ୍ତିକ ଜୀବନ ପ୍ରବାହର ଯାତ୍ରା ଓ ଦୃଶ୍ୟ-ଅଦୃଶ୍ୟ ଅନୁଭବ-ଉପଲବ୍ଧିର କାହାଣୀ । ତେଣୁ ଲେଖକୀୟ ଚିନ୍ତା-ଚେତନାର ବ୍ୟାପ୍ତି ଓ ନିର୍ଦ୍ଦିଷ୍ଟତା କଳନା କରିବା ସମୟେସମୟେ ଏକ ସାଧ୍ୟାତୀତ ବ୍ୟାପାରରେ ପରିଣତ ହୁଏ ।

ଆଲୋଚ୍ୟ ଉପନ୍ୟାସ ଦୁଇଟିରେ ମହାପାତ୍ର ନୀଳମଣି ସାହୁଙ୍କର ସ୍ୱାତନ୍ତ୍ର୍ୟ କଥା ବିଚାର କଲାବେଳେ ପ୍ରଥମେ ସାମ୍ନାକୁ ଆସେ ତାଙ୍କର ଅନ୍ତରଙ୍ଗ ପ୍ରଗଲ୍‌ଭମୟତାର ଚିତ୍ର । ଉପନ୍ୟାସ ଦୁଇଟି ତେଣୁ ମହାପାତ୍ର ନୀଳମଣି ସାହୁଙ୍କ କଥକ ସୁଲଭ ବ୍ୟକ୍ତିତ୍ୱକୁ

ନେଇ ଆଗେଇ ଯାଇଥିବା ଭଳି ମନେହୁଏ । ଏକଥା ମଧ୍ୟ ମନେରଖିବାକୁ ହେବ ଯେ, ପ୍ରଗଲ୍‌ଭମୟତା ମହାପାତ୍ର ନୀଳମଣି ସାହୁଙ୍କ କଥା ଉପସ୍ଥାପନାର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିକେନ୍ଦ୍ର ଓ 'ଅଭିଶପ୍ତ ଗନ୍ଧର୍ବ' ଭଳି ଗଳ୍ପ ସଂକଳନରେ ସଫଳତାର ସହିତ ଉପସ୍ଥାପିତ । ମାତ୍ର ତାଙ୍କ ଉପନ୍ୟାସ ଦୁଇଟିରେ ଏହି ଶକ୍ତି ହିଁ ତାଙ୍କର ଦୁର୍ବଳତା ଭାବରେ ସଚେତନ ପାଠକଙ୍କୁ ଅନୁଭୂତ ହୋଇପାରେ ।

ଧରା ସ୍ଥିର ଅବିଚଳିତ ଓ ଏକମାତ୍ର ସିନା, ଧାରାରେ କିନ୍ତୁ ଅନେକ ଅସ୍ଥିରତା, ଚଞ୍ଚଳତା ଓ ପ୍ରବହମାନତା । ଜୀବନଧାରାର ପ୍ରବାହ ଭଳି ମଣିଷର ବାସ୍ତବଜୀବନ କେତେବେଳେ କ୍ଷୀଣକାୟ ତ କେତେବେଳେ ପୂର୍ଣ୍ଣଗର୍ଭା । ପରିସ୍ଥିତି, ବର୍ତ୍ତମାନିକତା, ଅସହାୟତା, ବାଧ୍ୟବାଧକତା ତଥା ଅନେକ ଆବେଗ ଦ୍ୱାରା ନିୟନ୍ତ୍ରିତ ହୋଇଚାଲିଥାଏ ମଣିଷ । ସମାଜ ବିବେକ ଭଳି ପାଞ୍ଚଣ ଧରି ଜଗି ବସିଥାଏ, ମନ କିନ୍ତୁ ନିଜ ବାଟ ନିଜେ ଖୋଜି ଚାଲିଥାଏ । ନିଜ ସହ ନିଜର ସଂଘର୍ଷମୟ ଯାତ୍ରାରୁ ହିଁ ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସର ଚରିତ୍ରମାନେ ଆସିଛନ୍ତି । ଠାଏ ମହାପାତ୍ର ନୀଳମଣି କୁହନ୍ତି "ଏଥିରେ ଘଟଣାର କିଞ୍ଚିତ ଘନଘଟା ଅଛି । ମାତ୍ର ନାଟକୀୟତା ଖୁବ୍ ବେଶି ପ୍ରକାଶମାନ ନାହିଁ । ଚରିତ୍ରମାନଙ୍କର ଅଧିକାଂଶ ଦ୍ୱନ୍ଦ୍ୱମାନଙ୍କର ଅନୁଭୂତି ବିଶେଷ ବାହ୍ୟ ଘଟଣାବଳୀ ଉପରେ ନୁହେଁ ବରଂ ଏହା ସର୍ବଦା ଅନ୍ତରର ଅନ୍ୟାନ୍ୟ ବହୁ ସଂଗୁପ୍ତ ପରସ୍ପର ବିରୋଧୀ ଭାବ, ଏଷଣା, କଳ୍ପନା, ସ୍ୱପ୍ନ, ଚିନ୍ତା, ଆବେଗ, ପ୍ରବେଗ, ଆଦର୍ଶ ଓ କାମନାର ପରୋକ୍ଷ କ୍ରିୟା ପ୍ରତିକ୍ରିୟା ମଧ୍ୟରେ ଲୀଳାୟିତ । ସେଥିଲାଗି ଏହି ଉପନ୍ୟାସରେ ପ୍ରତିଟି ଚରିତ୍ର ଅନୁଭୂତିଶୀଳ ଓ ଆବେଗ ପ୍ରବଣ ଏବଂ ଉଚ୍ଛ୍ୱଳ ଜୀବନର ସରୁ ତାଡ଼ିତ ହୋଇ ସେମାନେ କୁ-ଦୃଷ୍ଟି ଓ ବୋଧଦୃଷ୍ଟିରେ ବେଶ୍ ପାସୋନେଟ ବା ପ୍ରବେଗଧର୍ମୀ । ଫଳରେ ଲେଖକର ବକ୍ତବ୍ୟର ସ୍ୱର ମଧ୍ୟ ହୋଇ ଉଠିଛି ଆବେଗପ୍ରଧାନ ଏ ଯେମିତି ଲେଖକର ସ୍ୱର ଭିତରେ ଚରିତ୍ରମାନେ ଆତ୍ମପ୍ରକାଶ କରିଛନ୍ତି ।"(୬) ତେଣୁ ସମ୍ଭବତଃ ଠାଏଠାଏ ଉପନ୍ୟାସ ଦ୍ୱୟରେ ନଗ୍ନ ବାସ୍ତବତା ଓ ଲୌକିକତାର ଚିତ୍ର ସ୍ପଷ୍ଟ ବାରି ହୋଇ ପଡ଼େ ।

ଆଲୋଚକମାନେ ମଧ୍ୟ 'ତାମସୀ ରାଧା'ର ନଗ୍ନ ବାସ୍ତବତା ଓ 'ଧରା ଓ ଧାରା'ରେ ଶୋଇଥିବା ଅବସ୍ଥାରେ ଉମାକୁ ଆଲିଙ୍ଗନ ଫାଶରେ ଆବଦ୍ଧ କରି ଜୟନ୍ତ କରିଥିବା ବ୍ୟବହାରକୁ ଅଶ୍ଳୀଳ ମନେ କରନ୍ତି । "'ତାମସୀ ରାଧା'ର ଚରିତ୍ରଗୁଡ଼ିକ ଘୋର ତାମସୀ ଚିନ୍ତାରେ ଅତିଶୟ ତାପଗ୍ରସ୍ତ, ଉତ୍ପୀଡ଼ିତ ଓ ଉତ୍କ୍ଷିପ୍ତ ବୋଲି ଅଭିଯୋଗ ଉଠାନ୍ତି ।"(୭) ମାତ୍ର ମନେରଖିବାକୁ ହେବ ମହାପାତ୍ର ନୀଳମଣି ସାହୁଙ୍କ ମୂଳ ଉଦ୍ଦେଶ୍ୟ ଘଟଣାର ଦୃଶ୍ୟାୟନ ନୁହେଁ, ଘଟଣାକୁ ଅତିକ୍ରମ କରି ମନୋଜଗତର ଉତ୍ତରଣ । ସେଇଥିପାଇଁ ତ 'ତାମସୀ ରାଧା'ରେ ଔପନ୍ୟାସିକ କୁହନ୍ତି,"ଉପନ୍ୟାସଟି ଏକ ଆଦର୍ଶବାଦୀ ଅନୁଭୂତି (ନୈତିକ ଅନୁଭୂତି ନୁହେଁ) ଉପରେ ପ୍ରତିଷ୍ଠା ଲାଭ କରିଅଛି । ତେଣୁ ଏହାର ସମସ୍ତ ଚରିତ୍ର ପାର୍ଥିବ ହେଲେ ମଧ୍ୟ ମୋର ସ୍ୱପ୍ନ ଭିତରେ ହିଁ ମୁଁ ଏମାନଙ୍କୁ ପ୍ରତ୍ୟକ୍ଷ କରିଅଛି । ମଣିଷର ଜୀବନପ୍ରତି ଓ ଜୀବନର ଘଟଣାରାଜିପ୍ରତି ମୋର ଅନ୍ତରର ଆବେଗଧର୍ମୀ ପ୍ରତିକ୍ରିୟାର ସମର୍ଥନ ନ ପାଇଥିଲେ ହୁଏତ ସେମାନେ ଭିନ୍ନ ରୂପରେ ଦେଖାଦେଇଥାନ୍ତେ ଓ ଭିନ୍ନ ପଥରେ ଗତି କରିଥାନ୍ତେ । ତେଣୁ ଚରିତ୍ରଗୁଡ଼ିକର ବାସ୍ତବ ଭିତ୍ତି ଖୋଜିବାକୁ ହେଲେ ବହିଃର୍ଜଗତ ସଂଗେସଂଗେ ଏଠାରେ ସମାଲୋଚକଙ୍କୁ ଲେଖକର ଅନ୍ତର୍ଲୋକର ସମ୍ବେଦନଶୀଳ ମନ ନେଇ ଖୁବ୍ ସାବଧାନତାର ସହିତ ଘୂରିବାକୁ ହେବ । କାରଣ ଏହି ବାହାର ଜଗତଟାର ଚାକ୍ଷୁସ ରୂପକୁ କେବଳ ସତ୍ୟ ବୋଲି ଧରି ଲେଖକର ଅନ୍ତର୍ଜଗତର ବୋଧମୟ ରୂପକୁ ଅସ୍ୱୀକାର କରିବାଟା ଯଥାର୍ଥ ସତ୍ୟବୋଧ ବିବେଚନାର ହାସ୍ୟକର ଦୀନତା ହିଁ ପ୍ରକାଶ କରିଥାଏ । ଏ ସ୍ଥଳେ ସବିନୟ ନିବେଦନମିଦଂ ଲେଖକର ସ୍ୱଜୀବନଚର୍ଯ୍ୟା ଓ ଜୀବନବୋଧରୁ ସଂଜାତ ଅନ୍ତଃପ୍ରେରଣା ହିଁ 'ତାମସୀ ରାଧା'ର ମୌଳିକ ପ୍ରେରଣା ଓ ଜୀବନବୋଧ ।"(୮)

ମନସ୍ତାତ୍ତ୍ୱିକତା ଗୋଟିଏ କାହାଣୀକୁ ଯେତିକି ଭିନ୍ନତା ପ୍ରଦାନ କରେ ସମୟ ସମୟେ କାହାଣୀକୁ ଘଟଣା ବିହୀନ କରିଦେଇ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକେଇଦେବାର ଭୟ ମଧ୍ୟ ସେତିକି ଥାଏ । କିନ୍ତୁ ଏକଥା ସତ ଯେ ଗୋଟିଏ ପ୍ରସଙ୍ଗକୁ ନୂତନତା ତଥା ଗଭୀରତା ଦେବା ପାଇଁ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀର ନିତାନ୍ତ ଆବଶ୍ୟକତା ରହିଛି । ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଦ୍ୱୟରେ ଫ୍ରଏଡ଼ୀୟ ଯୌନତାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ଠାଏଠାଏ ଅବଶ୍ୟ ଏହା ଅତ୍ୟନ୍ତ ଇତର ବର୍ଣ୍ଣନା ଧର୍ମିତାର ରୂପ ମଧ୍ୟ ପାଇଥିବା ଭଳି ଅନୁଭବ ହୁଏ । ମାତ୍ର ଉଭୟ ଉପନ୍ୟାସରେ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ହିଁ ଶ୍ରୀଯୁକ୍ତ ସାହୁଙ୍କର ମୁଖ୍ୟ ଆୟୁଧ ।

ବହିଃର୍ଜଗତର ଇତର ବା ସାଧାରଣ ଭଳି ମନେହେଉଥିବା ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଜଗତର ଗଭୀରତର ଉପଲବ୍ଧି ସହିତ ଯୋଡ଼ିପାରୁଥିବା ଲେଖକ ହିଁ ସଫଳତା ପାଇଥାଏ । ସାଧାରଣରୁ ସାଧାରଣ ମନେ ହେଉଥିବା ପ୍ରସଙ୍ଗ, ଚରିତ୍ର ବା ଘଟଣାଟିଏ ଅନ୍ତର୍ଜଗତର ପ୍ରସଙ୍ଗ ସହିତ ସମନ୍ୱିତ କରିବାରେ ମହାପାତ୍ର ନୀଳମଣି ସାହୁଙ୍କର ଲେଖନୀ ସଦା ଉଦ୍ୟମରତ ବୋଲି ମନେହୁଏ । ସେଠି

ନୈତିକତା ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ବାସ୍ତବତାକୁ ଗ୍ରହଣ କରି ଜୀବନ ଜିଉଁଥିବା ମଣିଷର ପ୍ରସଙ୍ଗ ହିଁ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଦୁଇଟି ମାତ୍ର ଉପନ୍ୟାସ ଲେଖିଥିଲେ ମଧ୍ୟ ସ୍ୱାଦ, ସ୍ୱର ଓ ପ୍ରସଙ୍ଗଗତ ଗଭୀରତା ହେତୁ ମହାପାତ୍ର ନୀଳମଣିଙ୍କ ଉପନ୍ୟାସର ଭିନ୍ନତା ବାରିହୁଏ ।

**ସହାୟିକା ଗ୍ରନ୍ଥସୂଚୀ :**


୧. ସାହୁ, ମହାପାତ୍ର ନୀଳମଣି, ଧରା ଓ ଧାରା, ଗ୍ରନ୍ଥମନ୍ଦିର, କଟକ, ଦ୍ୱିତୀୟ ସଂସ୍କରଣ-୧୯୬୭, ଉତ୍ସର୍ଗ ।

୨. ନାୟକ, ଅର୍ଚ୍ଚନା, ସୌରଦୀପ୍ତ ପଥର ଯାତ୍ରୀ ମହାପାତ୍ର ନୀଳମଣି ସାହୁ, କଟକ ଷ୍ଟୁଡେ ସ୍ ଷ୍ଟୋର, କଟକ, ୨୦୧୬, ପୃ-୧୨୯-୧୩୧ ।

୩. ସାହୁ, ମହାପାତ୍ର ନୀଳମଣି, ଧରା ଓ ଧାରା, ଗ୍ରନ୍ଥମନ୍ଦିର, କଟକ, ଦ୍ୱିତୀୟ ସଂସ୍କରଣ-୧୯୬୭, ପୃ - ୨୦୬ ।

୪. ସାହୁ, ମହାପାତ୍ର ନୀଳମଣି, ତାମସୀ ରାଧା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ପଞ୍ଚମ ସଂସ୍କରଣ-୨୦୧୯, ପ୍ରଥମ ସଂସ୍କରଣ ଭୂମିକାର ଉତ୍ତରାର୍ଦ୍ଧ ।

୫. ନାୟକ, ଅର୍ଚ୍ଚନା, ସୌରଦୀପ୍ତ ପଥର ଯାତ୍ରୀ ମହାପାତ୍ର ନୀଳମଣି ସାହୁ, କଟକ ଷ୍ଟୁଡେଣ୍ଟସ୍ଷ୍ଟୋର, କଟକ, ୨୦୧୬, ପୃ-୭୭ ।

୬. ସାହୁ, ମହାପାତ୍ର ନୀଳମଣି, ତାମସୀ ରାଧା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୨୦୧୯, ପଞ୍ଚମ ସଂସ୍କରଣ-୨୦୧୯, ପ୍ରଥମ ସଂସ୍କରଣ ଭୂମିକାର ଉତ୍ତରାର୍ଦ୍ଧ ।

୭. ପଟ୍ଟନାୟକ, ପଠାଣି ଓ ରାଉତ, ଭୋଳାନାଥ (ସଂ), ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ପ୍ରଥମ ଭାଗ (ଅନ୍ତର୍ଗତ) ଔପନ୍ୟାସିକ ମହାପାତ୍ର ନୀଳମଣି ସାହୁ, ଭୋଳାନାଥ ରାଉତ, ଓଡ଼ିଶା ବୁକ୍ ଷ୍ଟୋର, ତୃତୀୟ ସଂସ୍କରଣ-୨୦୧୯, ପୃ- ୭୨୪ ।

୮. ସାହୁ, ମହାପାତ୍ର ନୀଳମଣି, ତାମସୀ ରାଧା, କଟକ, କଟକ ଷ୍ଟୁଡେ ସ୍ ଷ୍ଟୋର, ୨୦୧୯, ପ୍ରଥମ ସଂସ୍କରଣ-୨୦୧୯, ପ୍ରଥମ ସଂସ୍କରଣ ଭୂମିକାର ଉତ୍ତରାର୍ଦ୍ଧ ।

ଏବଂ

୧. ନାୟକ, ଅର୍ଚ୍ଚନା, ମହାପାତ୍ର ନୀଳମଣି ସାହୁ (ମନୋଗ୍ରାଫ୍), ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ, ପ୍ରଥମ ପ୍ରକାଶ-୨୦୨୧ ।

୨ ଶୁକ୍ଳ, ହରିହର (ସଂ), ଆମ ସମୟର ସୃଜନୀ (ମହାପାତ୍ର ନୀଳମଣି ସାହୁ ବିଶେଷାଙ୍କ), ପଂଚମ ବର୍ଷ, ପ୍ରଥମ ସଂଖ୍ୟା-୨୦୦୬



ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩

IISSN -2583-147X (P), **Vol.- 9, Issue No.VI, September 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗୋଦାବରୀଶ ମିଶ୍ରଙ୍କ ଭୂମିକା

**ମାନସ ନାଏକ**

ସ୍ୱର୍ଣ୍ଣ ପ୍ରସବିନୀ ଉତ୍କଳ ଭୂଖଣ୍ଡର ଇତିହାସ ଏକ ଗୌରବ ଗରିମାମୟ କାହାଣୀ । ସଂପ୍ରତି ଉତ୍କଳ ପ୍ରଦେଶର ଭୌଗୋଳିକ ମାନଚିତ୍ର ଯାହା ଅଛି, ତାହା ଅତୀତରେ ଥିଲା ଭିନ୍ନ । ଏହା ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା , କିନ୍ତୁ ଦୁଃଖର କଥା ୧୫୬୮ ଖ୍ରୀଷ୍ଟାବ୍ଦରୁ ଗୋଟିଏ ପରେ ଗୋଟିଏ ବାହ୍ୟଶକ୍ତି ଓଡ଼ିଶା ଉପରେ ଆକ୍ରମଣ କରିବା ଫଳରେ ଏହି ବିଶାଳ ଭୂଖଣ୍ଡର ଆରମ୍ଭ ହୋଇଥିଲା ଦୁର୍ଦ୍ଦିନ । ବହୁ ବାହ୍ୟଶତ୍ରୁ ଆକ୍ରମଣ କରି ସାରିବା ପରେ ପରିଶେଷରେ ଇଂରେଜମାନେ ଆଠ ଅକ୍ଟୋବର ୧୮୦୩ ମସିହାରେ ଓଡ଼ିଶାକୁ ନିଜ ଆୟତ୍ତାଧୀନ କରି ଶାସନ ଚଳାଇଥିଲେ । ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କରି ସାରିବା ପରେ ତତ୍କାଳୀନ ଓଡ଼ିଶା ତାର ଆତ୍ମପରିଚିତ ହରାଇ ବସିଥିଲା । ଗଞ୍ଜାମ ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଏକ ଅଙ୍ଗ ହେଲାବେଳେ, ସମ୍ବଲପୁର ମଧ୍ୟପ୍ରଦେଶର ଏକ ଅଂଶ, ମେଦିନପୁର ବଙ୍ଗ ପ୍ରେସିଡେନ୍‌ସିର ଏକ ଅଙ୍ଗ ଏବଂ ସିଂହଭୂମି ଆଦି ଓଡ଼ିଆ ଭାଷାଭାଷୀ ଅଂଚଳ ବିହାର ଛୋଟନାଗପୁର ଡିଭିଜନ୍‌ର ଅଂଶ ବୋଲି ପରିଗଣିତ ହେଲା । ଏହା ଓଡ଼ିଆ ଜାତିର ସ୍ୱାଭିମାନକୁ କ୍ଷୁଣ୍ଣ କରିବା ସହିତ ଓଡ଼ିଆମାନଙ୍କ ମନରେ ଗଭୀର ଆଘାତ ଦେଇଥିଲା । ତେଣୁ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ ବିଭିନ୍ନ ସମୟରେ ଦାବି ଏବଂ ଆନ୍ଦୋଳନ କରିଥିଲେ ଓଡ଼ିଶାର ନେତା, ସାହିତ୍ୟିକ ଓ ସାଧାରଣ ବ୍ୟକ୍ତିବିଶେଷ । ଏହା ଥିଲା ଆଧୁନିକ ଓଡ଼ିଶା ଇତିହାସର ଅନ୍ୟତମ ମାଇଲସ୍ତମ୍ଭ ।

ପୂର୍ବସୂରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ, ସ୍ୱପ୍ନ, ଅଦ୍ୟମ ସାହସ, ଦୃଢ଼ ମନୋବଳ, ଦୃଢ଼ସଂକଳ୍ପ ତଥା ସଂଗ୍ରାମର ଫଳ ସ୍ୱରୂପ ଓଡ଼ିଆ ଜାତି ତା'ର ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନକୁ ଫେରି ପାଇଛି । ସେହି ଚିରବନ୍ଦନୀୟ ତଥା ଚିରସ୍ମରଣୀୟ ପୂର୍ବସୂରୀମାନେ ହେଲେ ସର୍ବାଗ୍ରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ସ୍ୱଭାବକବି ଗଙ୍ଗାଧର ମେହେର, ବ୍ୟାସକବି ଫକୀର ମୋହନ ସେନାପତି ତଥା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରମୁଖ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଯେଉଁମାନଙ୍କର ଅବଦାନ ଅବିସ୍ମରଣୀୟ ସେମାନଙ୍କ ମଧ୍ୟରେ ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ । ପଣ୍ଡିତ ମିଶ୍ର ନିଜର ବ୍ୟକ୍ତିଗତ ସ୍ୱାର୍ଥ, ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଓଡ଼ିଆ ଜାତିର ଉନ୍ନତି ଏବଂ ତା'ର ଭବିଷ୍ୟତ ସୁରକ୍ଷା ନିମିତ୍ତ ଆଗେଇ ଆସିଥିଲେ ।

ପଣ୍ଡିତ ଗୋଦାବରୀଶ ମିଶ୍ର ପୁରୀ ଜିଲ୍ଲା ବାଣପୁର ନିକଟସ୍ଥ ଶ୍ରୀନିବାସପୁର ଶାସନରେ ୧୮୮୬ ମସିହା ଅକ୍ଟୋବର ୨୬ ତାରିଖ ରେ ଜନ୍ମଗ୍ରହଣ କରିଥିଲେ । ନିଜର ବହୁମୁଖୀ ପ୍ରତିଭା ବଳରେ ପଣ୍ଡିତ ଗୋଦାବରୀଶ ମିଶ୍ର ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଓଡ଼ିଶାର ଜାତୀୟ ଜୀବନକୁ ରସମୟ କରି ସଂପ୍ରତି ଓଡ଼ିଶା ଇତିହାସରେ ଏକ ବିରାଟ ଅଧ୍ୟାୟ ହୋଇପାରିଛନ୍ତି । ପଣ୍ଡିତ ମିଶ୍ର ଏକାଧାରରେ ସମାଜସେବକ, ସମାଜ ସଂସ୍କାରକ, କବି, ରାଜନୀତିଜ୍ଞ ଓ ସାହିତ୍ୟିକ ଥିଲେ । ଆତ୍ମଗୌରବ ଅପେକ୍ଷା ଜାତୀୟ ଗୌରବକୁ ଓଡ଼ିଶାରେ ଯେଉଁମାନେ ଜୀବନର ଆଦର୍ଶ କରି ନେଇଥିଲେ ସେମାନଙ୍କ ମଧ୍ୟରେ ଏକ ଉନ୍ନତ ସ୍ଥାନ ଅଧିକାର କରି ପଣ୍ଡିତ ଗୋଦାବରୀଶ ମିଶ୍ର ଏ ଜାତିର ଇତିହାସରେ ଚିର ନମସ୍ୟ ହୋଇ ରହିଛନ୍ତି ।

ଊନବିଂଶ ଶତାବ୍ଦୀର ଶେଷ ପାଦରେ ବଙ୍କିମ ଚନ୍ଦ୍ରଙ୍କ 'ବନ୍ଦେ ମାତାରମ୍' ଥିଲା ମହାଭାରତୀୟ ଜାତୀୟତାବୋଧର ବୀଜମନ୍ତ୍ର । ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଏହି ଚେତନାର ଅଗ୍ରଦୂତ । ଉତ୍କଳ ଜନନୀର ସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ମହାଭାରତୀୟ ଭାବେ ଅନୁପ୍ରାଣିତ ହେବାପାଇଁ ଗୋପବନ୍ଧୁ ବାବୁଙ୍କ ଆହ୍ୱାନରେ ଆଗେଇ ଆସିଥିଲେ

ପଣ୍ଡିତ ଗୋଦାବରୀଶ ମିଶ୍ର । ପଣ୍ଡିତ ମିଶ୍ରଙ୍କ ଉତ୍କଳ ପ୍ରୀତି ମହାଭାରତୀୟ ଭାବଧାରାରୁ ଭିନ୍ନ ନଥିଲା । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ଉଚିତ ପଦକ୍ଷେପ ସହିତ ଜାତି ଗଠନ ନିମିତ ଉତ୍କଳ ସମ୍ମିଳନୀ ଯେଉଁ ଭୂମିକା ଗ୍ରହଣ କରିଥିଲା 'ସତ୍ୟବାଦୀ' (୧୯୧୫) ପତ୍ରିକା ଥିଲା ତା'ର ଆହ୍ୱାନ । ଇତିହାସ ପ୍ରତି ଥିବା ନିରପେକ୍ଷ ଦୃଷ୍ଟିଭଙ୍ଗୀ ସତ୍ୟବାଦୀ ସାଧକଙ୍କର ଅନ୍ୟତମ ସୁବିଚାର । ଏମାନେ ପ୍ରାଚୀନ କିମ୍ବଦନ୍ତୀ ଓ ଇତିହାସକୁ ଅନୁସରଣ କରି ଜଡ଼ ଓ ସୁପ୍ତ ଜାତିକୁ ଦେଇଛନ୍ତି ବଂଚିବାର ପ୍ରେରଣା । ଦେଶବାସୀଙ୍କୁ ଜାଗ୍ରତ କରାଇଛନ୍ତି ଅତୀତର ବୀରପୁରୁଷଙ୍କ ଦେଶପ୍ରେମର ଉଦାହରଣ ଦେଇ । ଇତିହାସର ପୃଷ୍ଠଭୂମିରେ ଆଧାରିତ ଗୋଦାବରୀଶ ମିଶ୍ରଙ୍କ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦଦେବ' ନାଟକ ଦ୍ୱୟ ଓଡ଼ିଶା ଇତିହାସର ଗୌରବମୟ ଘଟଣାର ମୂକସାକ୍ଷୀ ସଦୃଶ ।

ଗୋଦାବରୀଶ ମିଶ୍ରଙ୍କ ଠାରେ ଓଡ଼ିଆ ସ୍ୱାଭିମାନ ବେଶ୍ ଜାଗ୍ରତ ହୋଇଛି ସେ କଲିକତାରେ ଏମ୍.ଏ ପଢ଼ିବା ସମୟରେ । ବଙ୍ଗ ପ୍ରଦେଶରୁ ଓଡ଼ିଶା ଓ ବିହାର ସ୍ୱତନ୍ତ୍ର ହେବା ପୂର୍ବରୁ ବଙ୍ଗାଳୀମାନେ ଓଡ଼ିଆମାନଙ୍କୁ ହୀନ ଦୃଷ୍ଟିରେ ଦେଖି ତାଚ୍ଛଲ୍ୟ କରି 'ଉଡେ' ଶବ୍ଦରେ ଡାକୁଥିଲେ । ଏ ସବୁକୁ ଗୋଦାବରୀଶ ସହ୍ୟକରି ପାରୁନଥିଲେ; ତେଣୁ କଲିକତାରେ ନୀଳକଣ୍ଠ ଓ ଗୋଦାବରୀଶ ଉଭୟ ମିଶି 'ଓଡ଼ିଆ ଜାଗରଣ' କେନ୍ଦ୍ରଟିଏ ଗଢ଼ିଥିଲେ । ଉଭୟଙ୍କ ନେତୃତ୍ୱରେ ବହୁ ଓଡ଼ିଆ ଯୁବକ ଶପଥ ନେଇ ଉତ୍କଳ ମା'ର ସ୍ୱାଭିମାନ ପାଇଁ ଆଗଭର ହୋଇପଡିଲେ । ମଧୁସୂଦନ ଦାସଙ୍କ ନେତୃତ୍ୱରେ କଲିକତାରେ ଏକ ସଭାର ଆୟୋଜନ କରାଇ ଗୋଦାବରୀଶ ଉକ୍ତ ସଭାରେ ଓଡ଼ିଆ ଭାଷାରେ ଏକ ଦୀର୍ଘ ତଥା ହୃଦୟସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ବଙ୍ଗାଳୀମାନଙ୍କର ଓଡ଼ିଆ ଜାତି ତଥା ଭାଷା ପ୍ରତି ଥିବା ହୀନ ମନୋଭାବ ଦୂର ହୋଇଥିଲା । କଲିକତାରେ ଏମ୍.ଏ ପଢୁଥିବା ସମୟରେ ଗୋଦାବରୀଶ ସ୍ୱଦେଶୀ ଆନ୍ଦୋଳନ, ଓଡ଼ିଆ ଭାଷା ସଂସ୍କୃତିର ମହତ୍ୱ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବ୍ୟସ୍ତ ରହିବା ଫଳରେ ଏମ୍.ଏ ପରୀକ୍ଷା ଫଳ ଗୋଦାବରୀଶଙ୍କୁ ନିରାଶ କରିଥିଲା ।

ପ୍ରାଚୀନ ଭାରତର ରାଜନୀତିକୁ ବିଶ୍ୱାସ କରି ଗୋଦାବରୀଶ ମିଶ୍ର ରାଜନୀତିରେ ଯୋଗଦେଇଥିଲେ । ଗୋଦାବରୀଶ ରାଜନୀତିରେ ଯୋଗଦେବା ପାଇଁ ମୂଳତଃ ଗୋପବନ୍ଧୁବାବୁ ଓ ଶଶିଦା ଥିଲେ ତାଙ୍କର ପ୍ରେରଣାଦାତା । ୧୯୨୦ ମସିହାରେ ଚକ୍ରଧରପୁରରେ ଥିବା ସମୟରେ ସେଠାରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନରେ ପ୍ରଦତ୍ତ ଭାଷଣ ଗୋଦାବରୀଶଙ୍କର ପ୍ରଥମ ରାଜନୀତିକ ଭାଷଣ । ସିଂହଭୂମି ଜିଲ୍ଲାର ବହୁ ଅଂଚଳରେ ଗୋଦାବରୀଶ ବୁଲି ବୁଲି କଂଗ୍ରେସର ବାର୍ତ୍ତା ପ୍ରଚାର ପ୍ରସାର କରାଇଥିଲେ । ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟ ଜାଗରଣ ସୃଷ୍ଟି ନିମିତ୍ତ ପଣ୍ଡିତ ଗୋଦାବରୀଶ ମେ ମାସର ପ୍ରଚଣ୍ଡ ଉତ୍ତାପକୁ ଖାତିର୍ ନକରି ଚକ୍ରଧରପୁର ଉଚ୍ଚବିଦ୍ୟାଳୟର କିଛି ଛାତ୍ର ଓ ତାଙ୍କର ସହକର୍ମୀ ଗତିକୃଷ୍ଣ ବାବୁଙ୍କୁ ଧରି ବିଭିନ୍ନ ସ୍ଥାନରେ ସଭାସମିତି କରୁଥିଲେ । ଗୋଦାବରୀଶ ନିଜ ସହକର୍ମୀମାନଙ୍କୁ ଧରି ରେଳ ଷ୍ଟେସନକୁ ଯାଇ ଯାତ୍ରୀମାନଙ୍କ ଠାରୁ ପଇସା ମାଗି ଆଣୁଥିଲେ । ସେଥିରୁ ଯାହା କିଛି ପଇସା ସଂଗ୍ରହ ହେଉଥିଲା ତାହା କର୍ମୀମାନଙ୍କ ଓଳିଏ ଖାଇବାକୁ ହେଉନଥିଲେ ମଧ୍ୟ ସେମାନେ ବଡ ଉତ୍ସାହର ସହିତ କଂଗ୍ରେସର ପ୍ରଚାରରେ ମାତିଥିଲେ । ଏହି ସମୟରେ ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମିତ୍ତ କଂଗ୍ରେସ ସ୍ଥିର କରିଥିଲା । ଜନସଂଖ୍ୟା ଦୃଷ୍ଟିରୁ ସିଂହଭୂମି ଓଡ଼ିଶାରେ ମିଶିବା କଥା କିନ୍ତୁ କଂଗ୍ରେସ ନେତାମାନେ ଏକମତ ନ ହେବାରୁ ସିଂହଭୂମି ବିହାରରେ ମିଶିଗଲା; ଫଳରେ ଗୋଦାବରୀଶ ବହୁତ କଷ୍ଟ ପାଇଥିଲେ । ରାଜନୀତିକ ପରିବର୍ତ୍ତନରେ ଚକ୍ରଧରପୁର ଓଡ଼ିଆମାନଙ୍କ ଅବସ୍ଥା ଭିନ୍ନ ରୂପ ନେଇଥିଲା । ଏହାର ସମାଧାନ ନିମିତ୍ତ ୧୯୨୨ ମସିହାରେ ଗୋଦାବରୀଶ ମିଶ୍ର, ମଧୁସୂଦନ, କନିକା ରାଜା ଓ ବ୍ରଜସୁନ୍ଦର ଦାସଙ୍କୁ ଚିଠି ଲେଖିଥିଲେ । ଚିଠିର କୌଣସି ଉତ୍ତର ନ ପାଇ ପତ୍ନୀ ଓ ପୁତ୍ରକନ୍ୟାଙ୍କ ସମେତ ନିରାଶ ହୋଇ ବାଣପୁରକୁ ଫେରିଆସିଲେ । ବାଣପୁରରେ ରହି ସେ ସରକାରଙ୍କ ସମବାୟ ବିଭାଗ ସହାୟତାରେ ଦଶଜଣ ସଦସ୍ୟଙ୍କୁ ନେଇ 'କୃଷକ ସମବାୟ ସମିତି' ଓ ଏକ 'ବୟନ ସମିତି' ଗଠନ କରିଥିଲେ ।

ଦୀର୍ଘଦିନର ଆନ୍ଦୋଳନ ପରେ ଓଡ଼ିଶା ୧୯୩୬ ମସିହା ଏପ୍ରିଲ ମାସ ଏକ ତାରିଖ ଦିନ ସ୍ୱତନ୍ତ୍ର ପ୍ରଦେଶ ହେଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାପରେ ଷାଠିଏ ଜଣ ସଦସ୍ୟଙ୍କୁ ନେଇ ବିଧାନସଭାର ଏକ ବୈଠକ ରେଭେନ୍ସା କଲେଜ ହଲ୍‌ରେ ବସିଥିଲା । ପୁରୀରୁ ଗୋଦାବରୀଶ ମିଶ୍ର ନିର୍ବାଚିତ ହୋଇ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଦ ସମ୍ଭାଳି ଥିଲେ । ଗୋଦାବରୀଶ ଓ ପାରଳା ମହାରାଜାଙ୍କ ଉଦ୍ୟମ ବଳରେ ଉତ୍କଳ ବିଶ୍ୱବିଦ୍ୟାଳୟ (୧୯୪୩), ମେଡ଼ିକାଲ କଲେଜ (୧୯୪୪) ଓ ଓଡ଼ିଶା ଉଚ୍ଚନ୍ୟାୟାଳୟ (୧୯୪୮) ପ୍ରତିଷ୍ଠା ହେଲା ।

୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଦେଶ ସ୍ୱାଧୀନ ହେବା ପରେ ପ୍ରଦେଶଗୁଡିକର ସୀମା ନିର୍ଣ୍ଣୟ କରିବା ପାଇଁ ଭାରତ ସରକାର ଏକ ଉଚ୍ଚ କମିଶନ ବସାଇ ଥିଲେ । ୧୯୫୫ ମସିହା ଶେଷରେ ରାଜ୍ୟ ପୁନର୍ଗଠନ କମିଟିର ରିପୋର୍ଟ

ପ୍ରକାଶ ପାଇଲା ପରେ ଭାଷାଭିତ୍ତିରେ ରାଜ୍ୟ ସବୁ ସ୍ୱୀକୃତି ଲାଭକଲା । ଷଢ଼େଇକଳା ଓ ଖରସୁଆଁରେ ଓଡ଼ିଆ ଭାଷାଭାଷୀ ଲୋକ ଅଧିକ ଥିବାରୁ ତାହା ଗୋଦାବରୀଶଙ୍କ ନେତୃତ୍ୱରେ ଓଡ଼ିଶାରେ ମିଶିଥିଲା । ଉପରୋକ୍ତ ଦୁଇଗୋଟି ଅଂଚଳ ଓଡ଼ିଶାରେ ମିଶିବା ଫଳରେ ସିଂହଭୂମିର ଦୁଃଖ ଭୁଲି ଯାଇଥିଲେ ଗୋଦାବରୀଶ ମିଶ୍ର କିନ୍ତୁ ଦୁଃଖର କଥା ୧୯୫୫ ରିପୋର୍ଟ ଅନୁଯାୟୀ ପୁନଶ୍ଚ ଷଢ଼େଇକଳା ଓ ଖରସୁଆଁ ବିହାର ସୀମାରେ ମିଶିଗଲା । ଏହି ଘଟଣା ଗୋଦାବରୀଶଙ୍କୁ ଦୁଃଖ ଦେଇଥିଲା । ୧୯୫୬ ମସିହାରେ 'ଉତ୍କଳ ସମ୍ମିଳନୀ' ଓ ଓଡ଼ିଶା ସରକାର ଉଭୟ ଓଡ଼ିଆ ଭାଷାଭାଷୀ ସମସ୍ତ ଅଂଚଳକୁ ଓଡ଼ିଶାରେ ମିଶାଇବା ପାଇଁ ଉପଯୁକ୍ତ ଯୁକ୍ତି ପ୍ରମାଣ ସହିତ ସରକାରଙ୍କୁ ସ୍ମାରକପତ୍ର ଦେଲେ । ଓଡ଼ିଶା ରାଜ୍ୟ ସୀମାକୁ ଯଥାର୍ଥ ମର୍ଯ୍ୟାଦା ଦେବାପାଇଁ ସମଗ୍ର ଓଡ଼ିଶାରେ ଆନ୍ଦୋଳନ ତେଜି ଉଠିଥିଲା । ଗୋଦାବରୀଶ ମିଶ୍ର, ପାଟଣା ମହରାଜା ଓ ସାରଙ୍ଗଧର ଦାସ ପ୍ରମୁଖ କଟକଠାରେ ସତ୍ୟାଗ୍ରହ ଆନ୍ଦୋଳନ କରି ଗିରଫ ହୋଇଥିଲେ । ବିଶେଷ କରି ରାଜ୍ୟର ବିଭିନ୍ନ ଅଂଚଳରେ ଯେଉଁ ପ୍ରବଳ ଜନଆନ୍ଦୋଳନ ଗଢ଼ି ଉଠିଥିଲା, ତାହାର ନେତୃତ୍ୱ ନେଇଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । କମିଶନରଙ୍କ ରିପୋର୍ଟକୁ ବିରୋଧ କରି ସୀମା ନିର୍ଦ୍ଧାରଣକୁ ସ୍ୱୀକାର ନ କରିବା ପାଇଁ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ସଭା-ସମିତିମାନ କରାଇଥିଲେ ।

ଗୋଦାବରୀଶ ମିଶ୍ର ଆନ୍ଦୋଳନର ନେତୃତ୍ୱ ନେଇ ୧୯୫୬ ମସିହାରେ ଦୁଇ ତିନି ମାସ ଜେଲ୍‌ଦଣ୍ଡ ଭୋଗ କରିଥିଲେ । ଜେଲ୍‌ଦଣ୍ଡ ଭୋଗିବା ପରେ ଗୋଦାବରୀଶ ଉଭୟ ମାନସିକ ଓ ଶାରୀରିକ ଚାପରେ ତାଙ୍କର ସତୁରୀ ବର୍ଷର ସଂଗ୍ରାମୀ ଶରୀର ଭାଙ୍ଗି ପଡ଼ିଥିଲା । ଜେଲ୍‌ରୁ ମୁକ୍ତି ପାଇବା ପରେ ସେ କିଛିଦିନ ପାଇଁ ଭୁବନେଶ୍ୱରରେ ଚିକିତ୍ସିତ ହେଲେ; ମାତ୍ର ସେଥିରୁ ଭଲ ହୋଇ ପାରିଲେ ନାହିଁ । ଏହାପରେ ପଣ୍ଡିତ ମିଶ୍ରଙ୍କୁ ଜ୍ୱର, ରକ୍ତଚାପ ସହ ବହୁମୂତ୍ର ରୋଗ ଆଦିରେ ପୀଡ଼ିତ ହେବା ଫଳରେ ସେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ଭର୍ତ୍ତି ହେଲେ । ବହୁମୂତ୍ର ରୋଗ ସାମାନ୍ୟ କମିଥିଲେ ମଧ୍ୟ ଅନ୍ୟ ରୋଗ କମିଲା ନାହିଁ ଫଳରେ ପଣ୍ଡିତ ମିଶ୍ର ୧୯୫୬ ଜୁଲାଇ ୨୬ ତାରିଖ ଗୁରୁବାର ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଶରୀର ତ୍ୟାଗ ବେଳକୁ ଗୋଦାବରୀଶ ମିଶ୍ର ଓଡ଼ିଶା ବିଧାନସଭାର ସଦସ୍ୟ ସହ କର୍ମକ୍ଷେତ୍ରରୁ ବିଶ୍ରାମ ନେଇ ନଥିଲେ । ଗୋଦାବରୀଶଙ୍କ ନିଃସ୍ୱାର୍ଥ କର୍ମପ୍ରବଣତା, ନିରବଚ୍ଛିନ୍ନ ସାଧନା, ଜାତୀୟ ଜୀବନର ଆହ୍ୱାନ, ମାତୃଭୂମି ସେବା ଓଡ଼ିଆ ଜାତିପାଇଁ ଚିରସ୍ମରଣୀୟ ତଥା ପ୍ରେରଣା ହୋଇ ରହିଛି, ରହିବ ମଧ୍ୟ । ଜନ୍ମଭୂମିର ସେବାକରି ତାଙ୍କ ଜୀବନ ବାସ୍ତବରେ ଧନ୍ୟ ହୋଇଛି । ତେଣୁ ତାଙ୍କ ଲେଖନୀରୁ ଝରିପଡେ-

"ଜନମ ଭୂମି ଯେ ମାଟି ପଥରର
ଜନନୀ କି ବଳି ବଡ,
ସେ ଜନମ ଭୂମି ସେବା ଯେ କରଇ
ନରଜନ୍ମ ଧନ୍ୟ ତାର ।"

**ସହାୟକ ଗ୍ରନ୍ଥସୂଚୀ :**


୧. ମିଶ୍ର, ଗୋଦାବରୀଶ - ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ଗ୍ରନ୍ଥମନ୍ଦିର, ୧୩ଶ ପ୍ରକାଶନ ୨୦୨୧ ।

୨. ପଟ୍ଟନାୟକ, ନବୀନ ଚନ୍ଦ୍ର (ସଂ) - ଓଡ଼ିଶା ପ୍ରଦେଶ ଗଠନର ଇତିହାସ, ଜଗନ୍ନାଥ ପ୍ରିଣ୍ଟର୍ସ, ବ୍ରହ୍ମପୁର-୧, ୧ମ ମୁଦ୍ରଣ-୧୯୮୭ ।

୩. ଆଚାର୍ଯ୍ୟ, ଶ୍ରୀନିବାସ - ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଉତ୍କଳ ପ୍ରସଙ୍ଗ ଏପ୍ରିଲ୍- ୨୦୦୬ ।

୪. ପ୍ରଧାନ, ବୈକୁଣ୍ଠନାଥ-ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣିଗଣ, ଉତ୍କଳ ପ୍ରସଙ୍ଗ - ୨୦୦୭ ।

୫. ମହାପାତ୍ର ବାଇକୋଳି, ଓଡ଼ିଆ ଆନ୍ଦୋଳନର ଇତିହାସ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ ।



ଗଇଲୋ, ପର୍ଜଙ୍ଗ, ଢ଼େଙ୍କାନାଳ

ISSN -2583-147X (P), Vol.- 9, Issue No.VI, September 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷାରେ ଗୌରୀଶଙ୍କରଙ୍କ ଭୂମିକା

ଜ୍ଞାନରଞ୍ଜନ ତ୍ରିପାଠୀ

ମନୁଷ୍ୟକୁ ଆମେ ଯଦି ଗୋଟିଏ ଜାତି ଆଧାରରେ ପରିଚୟ ଖୋଜିବସିବା ତେବେ ତା'ର ଭାଷା ଓ ସଂସ୍କୃତି ହେବ ପ୍ରଥମ ପରିଚୟ; ତା'ପରେ ଅନ୍ୟ ସବୁ । ଭାଷା ହେଉଛି ଗୋଟିଏ ଜାତିର ବିକାଶର ସମ୍ବଳ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତିକି ବଳିଷ୍ଠ, ସାହସୀ, ନିର୍ଭିକ ତଥା ପ୍ରତିଷ୍ଠିତ । ଭାଷାର ସାମର୍ଥ୍ୟ ଓ ଶକ୍ତି ଦ୍ୱାରା ଦେଶ ଓ ଜାତିର ମହତ୍ୱ ବୃଦ୍ଧି ପାଏ । ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କ ଭିତରେ ଭାଷା ପାଇଁ ହିଁ ଶ୍ରେଷ୍ଠ ଆସନ ଅଧିକାର କରେ । ମଣିଷର ଏଇ ଭାଷା ପୁଣି ସ୍ଥାନ ଆଉ ସମାଜ ବିଶେଷରେ ପୃଥକ । ଆମ ପୃଥିବୀରେ ମଣିଷ କହୁଥିବା ଭାଷା ବହୁବିଦ୍ଧ । ଯା' ମଧ୍ୟରେ ଓଡ଼ିଆ ଭାଷା ପୂର୍ବ ଉପକୂଳ ଭାରତବର୍ଷର ଓଡ଼ିଶା ରାଜ୍ୟରେ ବ୍ୟବହୃତ ତଥା ତା'ର ପଡ଼ୋଶୀ ରାଜ୍ୟମାନଙ୍କ ସୀମାନ୍ତ ଅଞ୍ଚଳରେ ବ୍ୟବହୃତ ଓ କଥିତ ହେଉଥିବା ଭାଷା । ଓଡ଼ିଆ ହେଉଛି ମୋର ମାତୃଭାଷା ।

ମଣିଷର ମାତୃଭାଷା ସମ୍ପର୍କରେ ଏତିକି କହିଲେ କଥାଟି ସ୍ପଷ୍ଟ ହେବ ଯେ "ଶୈଶବରୁ ଯେଉଁ ପରିବେଶରୁ ଯେଉଁ ଭାଷାଟି ମଣିଷ ଶିଖେ, ବ୍ୟବହାର କରେ ସେଇ ଭାଷାରେ ସେ ଚିନ୍ତାକରେ, ସ୍ୱପ୍ନଦେଖେ, ଭଲପାଏ, ଘୃଣାକରେ ଇତ୍ୟାଦି । ପରେ ହୁଏତ ସେ ବିଚାରକୁ ଅନ୍ୟ ଭାଷାରେ ଅନୁବାଦ କରିପାରେ । ତେଣୁ ଭାଷାମାନଙ୍କ ମଧ୍ୟରେ ନିଜ ଭାଷା ବା ସାଧାରଣ ଭାବେ ଯାହାକୁ ମାତୃଭାଷା କୁହାଯାଏ ତା'ର ସ୍ଥାନ ସର୍ବୋଚ୍ଚ ।"(୧) ଭାଷା ହେଉଛି ଈଶ୍ୱର ଦତ୍ତ ଶ୍ରେଷ୍ଠ ଉପଲବ୍ଧି ଯାହାକୁ ଆଧାର କରି ମଣିଷ ସାହିତ୍ୟ, ବିଜ୍ଞାନ, ରାଜନୀତି, ଇତିହାସ, ଅର୍ଥଶାସ୍ତ୍ର ଏ ସମସ୍ତର ବ୍ୟାଖ୍ୟା କରିପାରୁଛି । ଏକ ଜାତି ବିଶେଷଠାରୁ, ଏକ ଧର୍ମ ବିଶେଷଠାରୁ ଓ ସଂପ୍ରଦାୟ ବିଶେଷ ଠାରୁ ଜ୍ଞାନର ଆଦାନ ପ୍ରଦାନ ଅତି ସହଜ ସରଳ ଭାବରେ ହୋଇପାରୁଛି । "କହିବାକୁ ଗଲେ ଈଶ୍ୱର ମଣିଷକୁ ଭାଷାଶକ୍ତି ଦେଇଛନ୍ତି, ବଦଳରେ ମଣିଷ ଈଶ୍ୱରଙ୍କୁ ରୂପଗୁଣ ଦେଇଛି । ଭାଷା ନଥିଲେ ବେଦ, ପୁରାଣ, ନାନା ଧର୍ମ, ସଂପ୍ରଦାୟର ନାନା ଗ୍ରନ୍ଥ ନଥା'ନ୍ତା । ଏତେ କିସମର ଦେବାଳୟ କି ଉପାସନା ସ୍ଥଳ ନଥାନ୍ତା । ମଣିଷର ଭାଷା ଅଛି ବୋଲି ସେ ଈଶ୍ୱରଙ୍କୁ ଚିହ୍ନି ଚିହ୍ନେଇଛି । ଜ୍ଞାନ ଆହରଣ କରି ବାଣ୍ଟିଛି । ବିଜ୍ଞାନ ଗବେଷଣା କରି ସାଗରରୁ ଆକାଶଯାଏ ଜୟ କରିଛି । ଏଥିରେ ସୃଷ୍ଟି ହୋଇଛି ଇତିହାସ, ଭୂଗୋଳ, ଅର୍ଥଶାସ୍ତ୍ର, ମନୋବିଜ୍ଞାନ, ବାଣିଜ୍ୟ, ଯନ୍ତ୍ରବିଦ୍ୟା, ଚିକିତ୍ସାଶାସ୍ତ୍ର, ଗଣିତଶାସ୍ତ୍ର ଏବଂ କଳ୍ପନା ଓ ଅନୁଭବର ସର୍ବଶ୍ରେଷ୍ଠ ଗଳ୍ପ, କବିତା, ନାଟକ, ଉପନ୍ୟାସ, ପ୍ରବନ୍ଧ ପରି ସାହିତ୍ୟ ସବୁ । ବୁଝିବାର କଥା, ଭାଷା ନଥିଲେ ସାହିତ୍ୟ ନଥା'ନ୍ତା, ରକେଟ୍ ନଥା'ନ୍ତା, ପରମାଣୁ ବୋମା, ଚିକିତ୍ସା ଶାସ୍ତ୍ର, ତେଲଖଣି, କାରଖାନା, ଧାନଚାଷ ଏମିତି ସଂସ୍କୃତି, ସଭ୍ୟତା ନଥା'ନ୍ତା ।(୨)

ଭାଷା ସମ୍ପର୍କରେ ଯେତେ କହିଲେ ସେତେ ଅଧିକ ହେବ । କଥା ସରିବ ନାହିଁ । ଭାଷାର ବହୁବିଦ୍ଧ ରୂପ ମଧ୍ୟରେ ଓଡ଼ିଆ ଭାଷାର ପରମ୍ପରା ଓ ସୃଷ୍ଟି ଢେର ପ୍ରାଚୀନ । ବିଧିବଦ୍ଧ ଭାବେ ସାରଳା ସାହିତ୍ୟକୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାର ପ୍ରାରମ୍ଭ କାଳ ବୋଲି ଧରାଯାଏ । ଏହି ଭାଷା ସାହିତ୍ୟର ସୁରକ୍ଷା ପାଇଁ ସମୟ ଅବଧିରେ ବହୁ ଚିନ୍ତନାୟକ ଏବଂ ଜ୍ଞାନୀଗୁଣୀ ନିଜର ଶ୍ରମ ସ୍ୱୀକାର କରିଛନ୍ତି । ସେମାନଙ୍କ ମଧ୍ୟରେ ଗୌରୀଶଙ୍କରଙ୍କ ଉଦ୍ୟମ ମୋ ପ୍ରବନ୍ଧର ମୁଖ୍ୟ ବିଷୟବସ୍ତୁ ।

କଟକ ଜିଲ୍ଲାର ଅସୁରେଶ୍ୱର ପ୍ରଗଣାର ଦୀକ୍ଷିତପଡ଼ା ଗ୍ରାମରେ ୧୮୩୮ ମସିହା ଜୁଲାଇ ୧୩ ତାରିଖ ଦିନ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ ଗର୍ଭରୁ ଓ ପିତା ସଦାଶିବ ରାୟଙ୍କ ଔରସରୁ ଗୌରୀଶଙ୍କର ଭୂମିଷ୍ଠ ହୋଇଥିଲେ । ତାଙ୍କ ପୂର୍ବପୁରୁଷ ବଙ୍ଗଦେଶର ହୋଇଥିଲେବି ଜନ୍ମଗତ ଅଧିକାର ସୂତ୍ରରେ ସେ ଓଡ଼ିଆ ଥିଲେ ।

ତାଙ୍କ ପୂର୍ବପୁରୁଷ ଓଡ଼ିଶାକୁ କିପରି ଆସିଲେ ସେ ସମ୍ପର୍କରେ ତିନୋଟି କାରଣ ବିଶେଷ ଭାବରେ ଚର୍ଚ୍ଚା ହୁଏ । ତାହା ହେଉଛି ଷୋଡ଼ଶ ଶତାବ୍ଦୀର ଶେଷ ଆଡ଼କୁ ବଙ୍ଗ ଦେଶର ରାଜା ତୋଡ଼ରମଲ୍ଲଙ୍କ ରାଜକାର୍ଯ୍ୟ ଉପଲକ୍ଷେ କିଛି ବଙ୍ଗାଳି ଓଡ଼ିଶା ଆସିଥିଲେ । ସେ ସୂତ୍ରରେ 'ରାଜା' ଉପାଧି କ୍ରମେ 'ରାଜା'ରୁ ରାୟ ସାଙ୍ଗିଆଧାରୀ କିଛି ପରିବାରଙ୍କ ମଧ୍ୟରେ ଗୌରୀଶଙ୍କରଙ୍କ ପୂର୍ବପୁରୁଷ ଓଡ଼ିଶାରେ ରହିଯାଇଥିଲେ । ଦ୍ୱିତୀୟ କାରଣ ହେଉଛି ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଦେଶ ବିଦେଶରୁ ବହୁ ଅଣଓଡ଼ିଆ ଓଡ଼ିଶା ଆସି ଆଉ ନିଜ ଅଞ୍ଚଳକୁ ଫେରିନଥିଲେ । ଏ ଆଧାରରେ ବଙ୍ଗ ଅଞ୍ଚଳରୁ ଆସିଥିବା ରାୟ ପରିବାରର ଦାୟଦ ଭାବରେ ଗୌରୀଶଙ୍କରଙ୍କୁ ଚିହ୍ନଟ କରାଯାଇପାରେ । ଶେଷ କାରଣଟି ଶ୍ରୀ ଚୈତନ୍ୟଙ୍କ ସହିତ ତାଙ୍କ ଅନୁଗାମୀମାନେ ପୂର୍ବ ଓଡ଼ିଶାର ପ୍ରାୟ ସବୁ ପ୍ରାନ୍ତରରେ କୌଣସି କୌଣସି କାରଣ ବଶତଃ ହେଉ ଅବା କିଛି ଉଦ୍ଦେଶ୍ୟ ଲାଗି ରହିଯାଉଥିଲେ । ସେମାନଙ୍କ ପରିବାର ମଧ୍ୟରେ ଗୌରୀଶଙ୍କରଙ୍କ ପରିବାର ଯେ ନଥିବେ, ଏଥିରେ କୌଣସି ଅବିଶ୍ୱାସ କରିହେବ ନାହିଁ । ଏତେ ସବୁ ସତ୍ତ୍ୱେ ଜନ୍ମସ୍ଥାନର ପରିଚୟ ନ୍ୟାୟରୁ ଗୌରୀଶଙ୍କର ମୂଳତଃ ଓଡ଼ିଆ ଥିଲେ ।

ଗୌରୀଶଙ୍କରଙ୍କ ବାଲ୍ୟକାଳ ତାଙ୍କ ଗ୍ରାମରେ ହିଁ କଟିଥିଲା । ଗ୍ରାମ ଚାଟଶାଳୀରେ ସେ ବିଦ୍ୟା ଅଧ୍ୟୟନ ଶେଷକରି କଟକ ଆସି ହାଇସ୍କୁଲରେ ଅଧ୍ୟୟନ କଲେ । ଏହାପରେ ସେ ସ୍କଲାରସିପ୍ ପାଇ ଉଚ୍ଚଶିକ୍ଷା ଲାଗି ହୁଗୁଳି ଯାତ୍ରା କରିଥିଲେ । "୧୮୫୮ ମସିହା ନଭେମ୍ବର ମାସରେ ଗୌରୀଶଙ୍କର ହୁଗୁଳିରୁ ବାଲେଶ୍ୱର ଫେରି ନିଜ ପିତୃବ୍ୟ ଭବାନୀ ପ୍ରସାଦ ରାୟଙ୍କ ପାଖରେ ରହି ମାସିକ ୨୦ ଟଙ୍କା ବେତନରେ ଶକ୍ଷକତା କଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ସେତେବେଳେ ଉତ୍କଳ ଗୌରବ ମଧୁସୂଦନ ତାଙ୍କର ଛାତ୍ର ଥିବାରୁ ତାଙ୍କୁ ଶେଷ ଜୀବନ ପର୍ଯ୍ୟନ୍ତ 'ମାଷ୍ଟର ଦାଦା' ବୋଲି ସମ୍ବୋଧନ କରୁଥିଲେ । ଏହାପରେ ୧୮୫୯ ମସିହାରେ କଟକକୁ ଫେରି କମିଶନର କଚେରୀରେ ଜଣେ କିରାଣୀ ରୂପେ ଚାକିରୀରେ ଯୋଗଦେଲେ ଗୌରୀଶଙ୍କର । ଚାକିରୀ ଜୀବନରେ ତାଙ୍କର ଅସାଧାରଣ ନିଷ୍ଠା ଓ ସଚ୍ଚୋଟତାରେ ମୁଗ୍ଧ ହୋଇ ତତ୍କାଳୀନ କମିସନର ଜି.ଏଫ୍. କକ୍‌ବର୍ଣ୍ଣ ସାହେବ ତାଙ୍କୁ ୨୦ ଟଙ୍କା ବେତନରେ ମନିଅର୍ଡ଼ର ଏଜେଣ୍ଟ ରୂପେ ନିଯୁକ୍ତି ଦେଇଥିଲେ । ଏହାପରେ ଅବଶ୍ୟ ସେ ମ୍ୟାକ୍‌ଫରସନ ସାହେବଙ୍କ ଯୋଗୁଁ ଅନୁବାଦକ ବା ଟ୍ରାନ୍ସଲେଟର ରୂପେ କାର୍ଯ୍ୟ କରି ମାତ୍ର ୧୨ ବର୍ଷର ଚାକିରୀ ଜୀବନ ପରେ ୧୮୭୨ ମସିହାରେ ଅବସର ନେଇଥିଲେ ।"(୩)

ଏଇ ସମୟକାଳ ଥିଲା ଗୌରୀଶଙ୍କରଙ୍କ ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତ । ଜୀବନ ସଂଗ୍ରାମର ଦୋଛକିରେ ରହି କେଉଁ ରାସ୍ତାକୁ ସେ ଆପଣାର କରିବେ ତାହା ନିର୍ଣ୍ଣୟ କରିବା ? ପ୍ରକୃତରେ କହିବାକୁ ଗଲେ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ ବିକାଶରେ ସମକାଳର ପରିବେଶ, ପାଣିପାଗ ଏବଂ ଓଡ଼ିଶାରେ ନାହିଁ ନାହିଁର ଅଭାବବୋଧ ହିଁ ତାଙ୍କୁ ଢେର ଆଗକୁ ବଢ଼ିବାରେ ଆଉ ସ୍ୱାଧୀନଚେତା ହେବାରେ ସହଯୋଗ କରିଥିଲା । ସେତେବେଳକୁ ଓଡ଼ିଶା ନଅଙ୍କ ଦୁର୍ଭିକ୍ଷର କରାଳଗ୍ରାସକୁ ଦେଖି ସାରିଲାଣି । ଆଉ କର୍ମଯୋଗୀ ଗୌରୀଶଙ୍କରଙ୍କ ସାଧନାର ପ୍ରତିବିମ୍ବ ସଦୃଶ 'ଉତ୍କଳ ଦୀପିକା'ର ମହତ ଉଦ୍ଦେଶ୍ୟକୁ ଏ ଜାତି ମର୍ମେ ମର୍ମେ ଅନୁଭବ କଲାଣି । ଗୋଟିଏ ବର୍ଷରେ ଓଡ଼ିଆ ଜାତି ନଅଙ୍କ ଦୁର୍ଭିକ୍ଷର ବିଭିଷୀକାକୁ ଏବଂ 'ଉତ୍କଳ ଦୀପିକା'ର ନିର୍ଭିକତାକୁ ସମାନ ଦୃଷ୍ଟି ଦେଇ ଦେଖିଛି । ଏ ଦୁହିଁଙ୍କଠାରୁ ନୂଆ ଓଡ଼ିଶାର ଆରମ୍ଭ ହୋଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

"ଗୌରୀଶଙ୍କର ସରକାରୀ କର୍ମଚାରୀ ଥିଲେ ହେଁ, ସମ୍ବାଦ ପରିବେଷଣ କ୍ଷେତ୍ରରେ ଥିଲେ ନିର୍ଭିକ । ସରକାରୀ କର୍ମଚାରୀ ବିଶେଷତଃ ପୁଲସ୍-ଅବକାରୀ ବିଭାଗର କର୍ମଚାରୀ ଦୁର୍ନୀତି, ନଦୀ ଘାଟରେ ହେଉଥିବା ଅତ୍ୟାଚାରଠାରୁ ଆରମ୍ଭ କରି ବଜେଟ୍ ସମ୍ପର୍କରେ ସେ ଆପଣାର ନିରପେକ୍ଷ ମତ ଦୀପିକାରେ ପ୍ରକାଶ କରୁଥିଲେ । ଓଡ଼ିଶାରେ ନାଳ ଖୋଳିବା, ରେଳରାସ୍ତା ପକାଇବା, କଟକରେ କଲେଜ ପ୍ରତିଷ୍ଠା କରିବା, ଇଂରେଜୀ ଶାସନରେ ଅବହେଳିତ ଓଡ଼ିଶା ପକ୍ଷେ ଥିଲା ଏକାନ୍ତ ଆବଶ୍ୟକ । ଏ ବିଷୟରେ ସେ ବହୁ ପ୍ରସ୍ତାବ ଓ ପରାମର୍ଶ ପତ୍ରିକା ମାଧ୍ୟମରେ ସରକାରଙ୍କ ନିକଟରେ ଉପସ୍ଥାପିତ କରୁଥିଲେ ।(୪)

କେବଳ ଯେ 'ଉତ୍କଳ ଦୀପିକା' ଗୌରୀଶଙ୍କରଙ୍କ ଏକମାତ୍ର ଆୟୁଧ ଥିଲା ନୂତନ ଓଡ଼ିଶା ପ୍ରଦେଶ ଗଠନରେ ତାହା ନୁହେଁ; ତାଙ୍କ କମାଣର ପ୍ରଧାନ ଅସ୍ତ୍ର ଥିଲା 'ଉତ୍କଳ ଦୀପିକା' । ଏତଦ୍‌ଭିନ୍ନ ସେ ଜଣେ ଭଲ ବକ୍ତା, ସଂଗଠକ, ସଂସ୍କାରକ ଏବଂ ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ ଥିଲେ । ଗୌରୀଶଙ୍କରଙ୍କ ନିଷ୍ଠା ଓ ଦକ୍ଷତାକୁ ଏ ଜାତି କାଳକାଳକୁ ମନେରଖିଥିବ । ଏ ଅବସରରେ ଗୌରୀଶଙ୍କରଙ୍କ ଓଡ଼ିଆ ଭାଷା ଓ ଜାତି ପ୍ରତି ରହିଥିବା ପ୍ରମୁଖ ଅବଦାନଗୁଡ଼ିକ ନିମ୍ନମତେ ଆଲୋଚନା କରାଯାଇପାରେ ।

**ସାମ୍ବାଦିକତା ମାଧ୍ୟମରେ ଭାଷା ଓ ଜାତିର ଉନ୍ନତି କାମନା :**

ଆଜି ଭାରତରେ ସମ୍ବାଦପତ୍ରକୁ ଦେଶର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଛି । ଯେତେବେଳେ ଭାରତରେ ଗଣତନ୍ତ୍ର ନଥିଲା, ଦେଶ ପାରଧିନ ଥିଲା ସେତେବେଳେ ଗୌରୀଶଙ୍କର ଆପଣା ଉଦ୍ୟମରେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ପ୍ରଥମ ଓଡ଼ିଆ ମୁଦ୍ରିତ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶ କରିଥିଲେ । ଏଥିରେ ଧର୍ମ, ସଂସ୍କୃତି, ସାହିତ୍ୟ, ଆଞ୍ଚଳିକ ସମସ୍ୟା ଓ ଘଟଣାବଳୀ, ଅର୍ଥନୀତି ଆଦି ସମସ୍ତ ଖବର ପ୍ରକାଶ ପାଉଥିଲା । ଗୋଟିଏ ସମୟରେ 'ଉତ୍କଳ ଦୀପିକା' ଉଭୟ ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କର ସେତୁ ହୋଇ ଉଭା ହୋଇଥିଲା ।

"କେବଳ ସେତିକି ନୁହେଁ, ଶ୍ରୀଜଗନ୍ନାଥ ମନ୍ଦିର, ତା'ର ପରିବେଶ, ରଥଯାତ୍ରା, ତୀର୍ଥ କ୍ଷେତ୍ରରେ ଦୂରାଚାର, ନବକଳେବର, ପୁରୀ ରାଜାଙ୍କ ସମାଲୋଚନା, ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ସମ୍ପର୍କରେ ଦୀପିକାରେ ଅବାରିତ ଧାରାରେ ଲେଖାମାନ ପ୍ରକାଶ ପାଉଥିଲା ।

ବ୍ରାହ୍ମଧର୍ମ, ମହିମାଧର୍ମ, ଧର୍ମ ଓ ଅନାଚାର, ଗୀତା, ସାମ୍ୟବାଦ ଆଦି ସମ୍ପର୍କରେ ତଥ୍ୟମୂଳକ, ଐତିହାସିକ ସମ୍ବାଦ ସମୀକ୍ଷା ଓ ଟିପ୍‌ପଣୀଗୁଡ଼ିକ ଦ୍ୱାରା ଦୀପିକା ଏକ ସୁଖ ପାଠ୍ୟ ପତ୍ରିକାର ସ୍ଥାନ ଗ୍ରହଣ କରିଥିଲା । ନ୍ୟୁଜ୍ ସହିତ ଭିଉଜ୍ ହିଁ ଏହାକୁ ଜନପ୍ରିୟ କରିଥିଲା ।

ଓଡ଼ିଶାରେ ସେତେବେଳେ ରେଳପଥ ପ୍ରଥମେ ଆରମ୍ଭ ହେଲା । ଦୀପିକା ରେଳପଥର ଅପକାରିତା, ଉପକାରିତା, ରେଳଡାକ ଆଦି ସମ୍ପର୍କରେ ଭୂରି ଭୂରି ଲେଖା ଲେଖିଥିଲେ ।"(୫)

ଗୌରୀଶଙ୍କର ଏହି ପତ୍ରିକା ମାଧ୍ୟମରେ ଯେଉଁ ଦିଗଟିକୁ ଅଧିକ ଗୁରୁତ୍ୱ ଦେଉଥିଲେ ତାହା ହେଉଛି ଭାଷା ସାହିତ୍ୟର ଉନ୍ନତି । ଓଡ଼ିଆ ଭାଷା ସମକାଳରେ ବହୁ ବାଧାବିଘ୍ନର ଶିକାର ହୋଇଥିଲା । ଏଥିରେ ଇଂରେଜମାନଙ୍କ ଓଡ଼ିଆ ଭାଷା ପ୍ରତି ଅନୁଦାରଭାବ, ପଡ଼ୋଶୀ ବଙ୍ଗଭାଷୀ ବୁଦ୍ଧିଜୀବିମାନଙ୍କ ଚକ୍ରାନ୍ତ ଏବଂ କିଛି ଓଡ଼ିଆମାନଙ୍କ ବୈମାତୃକ ମନୋଭାବ ବିଶେଷ ଭାବରେ କାର୍ଯ୍ୟ କରିଥିଲା । ଏମାନଙ୍କ ଉଦ୍ଦେଶ୍ୟରେ 'ଉତ୍କଳ ଦୀପିକା' ଢେର କଥା ନିଜର ସମ୍ବାଦ ପ୍ରଭାଗରେ ଲେଖିଅଛି । ଗୋଟେ ଜାତି ଆଉ ପ୍ରଦେଶର ଏତେ ବିଶାଳ ସଂସ୍କୃତି, ସଭ୍ୟତା ଓ ଭାଷାର ପ୍ରାଚୀନ ପରମ୍ପରା ସହିତ, ପ୍ରାଚୀନ କାବ୍ୟ କବିତାର ସୁବିପୁଳ ସୌଧ ଥାଉଁ ଥାଉଁ ଏ ରାଜ୍ୟକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦିଆଯାଉନାହିଁ ! ଗୌରୀଶଙ୍କର ଏହାର ବିରୋଧରେ ଢେର କଥା ଲେଖିଥିଲେ ନିଜର ସମ୍ପାଦକ ପୃଷ୍ଠାରେ । ଆଉ ଅନ୍ୟମାନଙ୍କୁ ଏହାର ବିରୋଧ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ସେ ସବୁବେଳେ ଓଡ଼ିଆ ଭାଷାର ଉନ୍ନତି ଚାହୁଁଥିଲେ । ଯେଉଁଥିଲାଗି ବହୁ ପ୍ରାଚୀନ ପୋଥିମାନଙ୍କୁ ବିଶେଷ କରି ଭଞ୍ଜଯୁଗୀୟ କାବ୍ୟ କବିତା ତାଳପତ୍ର ପୋଥିରୁ ମୁଦ୍ରିତ ହେବାରେ ବହୁ ଶ୍ରମ ସ୍ୱୀକାର କରିଥିଲେ । ସାହିତ୍ୟର ଚର୍ଚ୍ଚା, ସତ୍ତା ଏବଂ ସାହିତ୍ୟିକମାନଙ୍କ ମନରେ ପ୍ରେରଣା ଯୋଗାଇବା ଲାଗି ଦୀପିକା ବିଜ୍ଞାପନ ପୃଷ୍ଠାରେ ଅନେକ ବିବରଣୀ ପ୍ରକାଶ କରୁଥିଲା । 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାର କଳି ଦ୍ୱାରା ସେ ପ୍ରକାରାନ୍ତରେ ସାହିତ୍ୟିକ ପାଣିପାଗକୁ ସର୍ବଦା ସରଗରମ କରି ରଖୁଥିଲେ । ଆଜି ଯଦି ଓଡ଼ିଶାରେ ଏତେ ସଂଖ୍ୟକ ଖବର କାଗଜ ଏବଂ ପତ୍ରିକା ପ୍ରକାଶ ପାଇ ପାଠକଙ୍କ ଆବଶ୍ୟକତାକୁ ପୂରଣ କରି ପାରୁଛି । ତେବେ ଏ ସମସ୍ତର ପୃଷ୍ଠପଟରେ 'ଉତ୍କଳ ଦୀପିକା' ଏବଂ ଗୌରୀଶଙ୍କରଙ୍କ ନିର୍ଭିକ ଓ ସଚ୍ଚା ସାମ୍ବାଦିକତା ପ୍ରଚ୍ଛନ୍ନ ଭାବରେ ରହିଅଛି ।

**ପ୍ରାଚୀନ ସାହିତ୍ୟ ପ୍ରୀତି ଓ ସମ୍ପାଦନା ଦାୟିତ୍ୱକୁ ଗୁରୁତ୍ୱ :**

ଗୌରୀଶଙ୍କର ତାଙ୍କ ପିଲାଦିନରୁ ପ୍ରାଚୀନ ସାହିତ୍ୟ ପ୍ରତି ବେଶ୍ ଦରଦୀ ଥିଲେ । ଚାଟଶାଳୀ ସମୟରେ ସେ କେତେକ ପୋଥି ପଢ଼ିବାର ଗୌରବ ଅର୍ଜନ କରଥିଲେ । କଟକରେ ହାଇସ୍କୁଲ ପାଠ ପଢ଼ିବା କାଳରେ ବହୁ କାବ୍ୟକବିତା, ପୋଥି ମଧ୍ୟରୁ ଅକ୍ଷର ଚିହ୍ନି ଚିହ୍ନି ପଢ଼ିବାର ଅଭିଳାଶ ଢେର ରହିଥିଲା । ଏହି ଅଭିଳାଶ ତାଙ୍କର ପ୍ରାଚୀନ ସାହିତ୍ୟ ପ୍ରୀତିର ପରିଚୟ ଦେଇଥାଏ । ବିଶେଷ କରି ସେ ଉପେନ୍ଦ୍ରଭଞ୍ଜଙ୍କ ଜଣେ ବଡ଼ ପ୍ରଶଂସକ ଓ ପାଠକ ଥିଲେ । ଏଥିପାଇଁ ସମକାଳରେ ସଭ୍ୟ ଶିକ୍ଷିତ ନବ ଓଡ଼ିଆମାନେ ଗୌରୀଶଙ୍କରଙ୍କୁ ବ୍ୟଙ୍ଗ ବିଦ୍ରୁପ କରିଥିବାର ପ୍ରସଙ୍ଗ ମଧ୍ୟ କେହି କେହି ସମାଲୋଚକ କହିଥା'ନ୍ତି । ରାଧାନାଥ ଏବଂ ଉପେନ୍ଦ୍ରଭଞ୍ଜ ବିବାଦ, ଇନ୍ଦ୍ରଧନୁ-ବିଜୁଳି ବିବାଦ ଏ ସମସ୍ତର ସୂତାଖିଅରେ ପ୍ରାରମ୍ଭ ଗଣ୍ଠି ତାଙ୍କଠାରେ ପଡ଼ିଥିବାର କୁହାଯାଏ । ଏ ସବୁର ଆଲୋଚନା ପରର କଥା । ଗୌରୀଶଙ୍କରଙ୍କ ଉଦ୍ୟମରେ ଯେ ପ୍ରାଚୀନ ସାହିତ୍ୟର ପୁନଃରୁଦ୍ଧାର ସମ୍ଭବ କିଛି ମାତ୍ରାରେ ହୋଇପାରିଥିଲା ତାହା ହେଉଛି ସବୁଠୁଁ ବଡ଼ କଥା ।

'ଉତ୍କଳ ଦୀପିକା'ରେ ଉପେନ୍ଦ୍ର ଭଞ୍ଜଙ୍କ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ' 'ବୈଦେହୀଶ ବିଳାଶ' ପରି କେତେକ

ଆଦର୍ଶ ସ୍ଥାନୀୟ କାବ୍ୟର ସମ୍ପାଦନା କାର୍ଯ୍ୟ ସମ୍ଭବ ହୋଇଥିଲା । ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି', ଦୀନକୃଷ୍ଣଙ୍କ 'ରସକଲ୍ଲୋଳ' ପରି କେତେକ ରୀତିଯୁଗୀୟ କାବ୍ୟ କବିତା 'ଉତ୍କଳ ଦୀପିକା'ର ପୃଷ୍ଠାମଣ୍ଡନ କରୁଥିଲା ।

"ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାର ପାଇଁ ଗୌରୀଶଙ୍କର ଦୀପିକା ପୃଷ୍ଠାରେ କମ୍ ପ୍ରୟାସ ଚଳାଇନଥିଲେ । ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ନିମିତ୍ତ ଓଡ଼ିଆ କାବ୍ୟ ଓ ସାହିତ୍ୟ ପାଇଁ ସଂକଳିତ ହେବାକୁ ଥିବା ଏକ ପାଠ୍ୟପୁସ୍ତକରେ ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ ଏବଂ ଭାଷା ଭାଗବତ (ସମ୍ଭବତଃ ଜଗନ୍ନାଥ ଦାସଙ୍କ ଦ୍ୱାରା ଅନୁସୃତ ନବାକ୍ଷରୀ ଛନ୍ଦ ବିଶିଷ୍ଟ ଭାଗବତ)ରୁ ନିର୍ବାଚିତ ଅଂଶମାନ ସନ୍ନିବେଶିତ କରିବା ପାଇଁ ହୋଇଥିବା ଏକ ନିଷ୍ପତ୍ତି ଦୀପିକା ପୃଷ୍ଠାରେ ପ୍ରକାଶିତ ହୋଇଥିଲା । ଦୀପିକାର ୧୫.୦୨.୧୮୬୮ ମସିହା ସପ୍ତମ ସଂଖ୍ୟାରେ ଗୌରୀଶଙ୍କର କୃଷ୍ଣ ସିଂହଙ୍କ ମହାଭାରତ ଓ ହରିବଂଶ ସମ୍ପର୍କରେ ଏକ ବିଜ୍ଞାପନ ପ୍ରକାଶ କରିଥିଲେ । ଉତ୍କଳ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ତାଙ୍କର ଉଦ୍ୟମର ଅନ୍ତ ନଥିଲା ।"(୬)

ଗୌରୀଶଙ୍କର ପ୍ରାଚୀନ ପୋଥିମାନଙ୍କର ମୂଲ୍ୟ ଭଲ ଭାବରେ ଜାଣିଥିଲେ । ସେ ବହୁବାର ଦୃଢ଼ତାର ସହିତ କୁହନ୍ତି, ଆଜି ଓଡ଼ିଆ ସାହିତ୍ୟ ଯେଉଁ ରୂପରେ ଆଉ ଯେଉଁ ଭାବରେ ଆତ୍ମପ୍ରକାଶ କରିଛି ତା'ର ସମସ୍ତ ଶ୍ରେୟ ଆମ ପୁରାଣ, କାବ୍ୟ, କବିତା, ଭଜନମାଳା ଏବଂ ଆଧ୍ୟାତ୍ମିକ ପରିମଣ୍ଡଳର ସୃଜନଶୀଳତା ।

**ଓଡ଼ିଆ ଗ୍ରନ୍ଥ ଏବଂ ପତ୍ରପତ୍ରିକାର ଉତ୍ତମ ରୂପେ ପ୍ରଚାର ପ୍ରସାର ଲାଗି ବିଜ୍ଞାପନ :**

ଗୌରୀଶଙ୍କର ଓଡ଼ିଆ ଭାଷାର ଉନ୍ନତିକୁ ଦୃଷ୍ଟିରେ ରଖି ବହୁ ଯୋଜନା ଓ ପରିକଳ୍ପନାମାନ ପ୍ରସ୍ତୁତ କରୁଥିଲେ । ସମ୍ବାଦପତ୍ରରେ ବିଜ୍ଞାପନ ଦେବାର ପରମ୍ପରା ରହିଥିଲେବି ଏହା କିପରି ସମସ୍ତ ପାଠକଙ୍କୁ ଆକୃଷ୍ଟ କରିବ ଏବଂ ମନୋଲୋଭା ହୋଇପାରିବ, ସେ ଦିଗରେ ଶ୍ରୀ ରାୟ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ । ବିଜ୍ଞାପନ ଦ୍ୱାରା ପତ୍ରିକା ଯେପରି ଆପଣାର ମର୍ଯ୍ୟାଦା ନହରାଇ ପାଠକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ତାକୁ ସହଯୋଗ କରିପାରୁଥିବ ସେ ଦିଗରେ ଗୌରୀଶଙ୍କର ଭଲଭାବରେ ଚିନ୍ତା କରିଥିଲେ । ମାସିକ ରାଶିଫଳ, ନୂତନ ପୁସ୍ତକ କିମ୍ବା ପତ୍ରିକାର ଆତ୍ମପ୍ରକାଶକାଳ, କୃଷି ସମ୍ବନ୍ଧୀୟ ସଚେତନତା ଆଦି ଏହି ପତ୍ରିକାର କଳେବର ମଣ୍ଡନ କରୁଥିଲା ।

"ଗୌରୀଶଙ୍କର କୃଷ୍ଣ ସିଂହଙ୍କ ମହାଭାରତ ଓ ହରିବଂଶ ସମ୍ପର୍କରେ ଏକ ବିଜ୍ଞାପନ ପ୍ରକାଶ କରିଥିଲେ । ଉତ୍କଳ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ତାଙ୍କର ଉଦ୍ୟମର ଅନ୍ତ ନଥିଲା । ଦୀପିକାର ବିଭିନ୍ନ ସଂଖ୍ୟାରେ ସେ ମୁଖ୍ୟତଃ ଉତ୍କଳ ସାହିତ୍ୟର ଉନ୍ନତି ପାଇଁ ସ୍ୱପ୍ନ ଦେଖି ଆସୁଥିଲେ । ଓଡ଼ିଆ ଭାଷାରେ ଖଣ୍ଡେ ବହି ପ୍ରକାଶ ପାଇଲେ ସେ ସଙ୍ଗେ ସଙ୍ଗେ ତା'ର ପ୍ରଚାର ଦୀପିକା ମାଧ୍ୟମରେ କରୁଥିଲେ । ଫକୀର ମୋହନ ସେନାପତିଙ୍କ 'ସରଳ ବ୍ୟାକରଣ' ଓ 'ଜୀବନ ଚରିତ', ତାରାଭୂଷଣ ଶର୍ମାଙ୍କ 'ବର୍ଣ୍ଣ ବିଜ୍ଞାନ', ଜଗମୋହନଲାଲାଙ୍କ 'ଭ୍ରମଭଞ୍ଜନ କାବ୍ୟ', 'ରଘୁବଂଶ', 'ଚାରୁ ପାଠ' ୧ମ ଓ ୨ୟ, ଶ୍ରୀ ନୀଳ ବସାକଙ୍କ 'ଭାରତବର୍ଷର ଇତିହାସ' ୧ମ ଓ ଦ୍ୱିତୀୟ ଭାଗର ଅନୁବାଦ 'କାଦମ୍ବରୀ ବର୍ଣ୍ଣପରିଚୟ'(୭) ଆଦି ଗ୍ରନ୍ଥର ବିଜ୍ଞାପନ ଦୀପିକାରେ କରାଇ ପାଠକଙ୍କ ସହଯୋଗିତା ଏବଂ ସହଭାଗିତାରେ ସହାୟକ ହେଉଥିଲେ । ପୁନଶ୍ଚ ଏଥିରେ ମାସର ଛୁଟି ଦିନମାନଙ୍କର ତାଲିକା ପଞ୍ଜିକାର ବେଳ, ଘଡ଼ି, ମୁହୂର୍ତ୍ତ ଆଦି ସମସ୍ତ କଥା ପ୍ରକାଶ ପାଉଥିଲା । ଗୌରୀଶଙ୍କର ବିଜ୍ଞାପନଗୁଡ଼ିକରୁ ପ୍ରୋପାଗଣ୍ଡା ଅପେକ୍ଷା ବାସ୍ତବ ଖବର ବେଶୀ ପ୍ରକାଶନକୁ ଅଗ୍ରାଧିକାର ଦେଉଥିଲେ ।

ଶିକ୍ଷାବନ୍ଧୁ ପତ୍ରିକାର ପ୍ରକାଶନ ପୂର୍ବରୁ 'ଉତ୍କଳ ଦୀପିକା'ରେ ଯେଉଁ ବିଜ୍ଞାପନ ପ୍ରକାଶ ପାଇଥିଲା ତାହା ନିମ୍ନରେ ଦିଆଗଲା ।

"ବିଜ୍ଞାପନ

ଶିକ୍ଷାବନ୍ଧୁ

ଏହି ନାମରେ ଶିକ୍ଷା ବିଷୟକ ଖଣ୍ଡିଏ ମାସିକ ପତ୍ରିକା ତିନି ସପ୍ତାହ ମଧ୍ୟରେ ପ୍ରକାଶିତ ହେବ । ଏହାକୁ ଶିକ୍ଷକ ଓ ଛାତ୍ରମାନଙ୍କ ଉପଯୋଗୀ କରିବା ନିମନ୍ତେ ଯଥାସାଧ୍ୟ ଯତ୍ନର ଅନୁଷ୍ଠିତ ହେବ । କତିପୟ ସୁଶିକ୍ଷିତ ଲେଖକ ମହାଶୟମାନେ ଏହାର ଲେଖକ ହେବା ନିମନ୍ତେ ଅଙ୍ଗୀକାର କରିଛନ୍ତି । ପତ୍ରିକାର ଆକାର ରାଏଲ୍ ଆଠପେଜି ଏକ ଫର୍ମା ଏବଂ ଡାକ ମାସୁଲ ସମେତ ଅଗ୍ରୀମ ବାର୍ଷିକ ମୂଲ୍ୟ ଏକ ଟଙ୍କା । ଗ୍ରହଣେଚ୍ଛୁ ମହାଶୟମାନେ ନିମ୍ନଲିଖିତ ଠିକଣାକୁ ମୂଲ୍ୟ ଓ ପତ୍ରାଦି ପଠାଇବେ ।

୧.୧.୧୯୮୫ ଶ୍ରୀ ଯୋଗେନ୍ଦ୍ର ନାଥ ଜେନା

କଟକ କାର୍ଯ୍ୟାଧ୍ୟକ୍ଷ, କାଳିଗଳି ।(୮)

ଓଡ଼ିଶାର ବିକାଶରେ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧିରେ ଗୌରୀଶଙ୍କର ସବୁ ଅସାଧ୍ୟକୁ ସାଧ୍ୟ କରିବାରେ ଏବଂ ଅମଡ଼ା ବାଟ ମାଡ଼ି ଚଲାବାଟ ତିଆରିବାରେ ସତ ପ୍ରଚେଷ୍ଟିତ ଥିଲେ ।

**ଉନବିଂଶ ଶତାବ୍ଦୀର ସାଂସ୍କୃତିକ ବିକାଶଧାରାରେ ଗୌରୀଶଙ୍କରଙ୍କ ଭୂମିକା :**

ଓଡ଼ିଆ ଜାତିର, ସାହିତ୍ୟର ଏବଂ ଓଡ଼ିଶାର ଇତିହାସ ରଚନା ଦିଗରେ ବୁଦ୍ଧିଜୀବିମାନେ ଯେତିକି ତତ୍ପର ଓ ଆଗ୍ରହ ଦେଖାଇଛନ୍ତି ସେହି ପରିମାଣରେ ଓଡ଼ିଶାର ସାଂସ୍କୃତିକ ଇତିହାସ ରଚନାରେ ଆଗ୍ରହ ଦେଖାଇନାହାନ୍ତି । ସତ କହିବାକୁ ଗଲେ ଚିତ୍ତରଞ୍ଜନ ଦାସଙ୍କ 'ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା', ଗୌରାଙ୍ଗ ଚରଣ ଦାଶଙ୍କ 'ଜଗତିକରଣ ଓ ମଞ୍ଚ ରାଜନୀତି' ବ୍ୟତୀତ କିଛି ଭଲ ପ୍ରବନ୍ଧ ଆଦିକୁ ବାଦ୍ ଦେଲେ ଉତ୍କୃଷ୍ଟ ଗ୍ରନ୍ଥ ନାହିଁ କହିଲେ ଚଳେ । ଉନବିଂଶ ଶତାବ୍ଦୀ କେବଳ ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷ ଓ ବିଶ୍ୱ ଇତିହାସରେ ନୂତନତାର ଅରୁଣ ଆଭା ନେଇ ଆସିଥିଲା । ଇଉରୋପୀୟ ଶିକ୍ଷା ଓ ସଂସ୍କୃତି ସମଗ୍ର ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିଚାଲିଥିଲା । ଏହାର କାରଣ ମୁଖ୍ୟତଃ ବ୍ରିଟିସ୍ କଲୋନିଆଜିମ୍ ଥିଲା । ଓଡ଼ିଶାରେ ନବଶିକ୍ଷିତ ଜନନାୟକମାନେ ଏକ ମଧ୍ୟମ ପନ୍ଥାକୁ ଅବଲମ୍ବନ କରିଥିଲେ, ଯେଉଁଥିରେ କି ଆମ ସଂସ୍କୃତି ଓ ସଭ୍ୟତାରେ ରହିଥିବା ଅନେକ ଦୋଷ ଦୁର୍ବଳତାକୁ ଆମେ ଅନ୍ଧପରି ନମାନି ଏହାର ବିକଳ୍ପକୁ ଆମେ ଇଉରୋପୀୟ ସଂସ୍କୃତି ସହିତ ତୁଳନା କରି ନିଷ୍କର୍ଷର ପନ୍ଥା ଖୋଜିବାକୁ ଆରମ୍ଭ କରିଥିଲେ । ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଗୌରୀଶଙ୍କର ବହୁପରିମାଣରେ ଆମ ସଭ୍ୟତା ଓ ସଂସ୍କୃତିର ଉତ୍‌ଥାନ ପତନରେ ନିଜକୁ ଅଂଶୀଦାର କରି ରଖିଥିଲେ । ପ୍ରଥମତଃ ଗୌରୀଶଙ୍କର ଚାଟଶାଳୀ ଶିକ୍ଷା ପରେ ନିଜେ ଇଂରାଜୀ ସ୍କୁଲରେ ପାଠପଢ଼ି ଅନ୍ୟମାନଙ୍କୁ ପାଠ ପଢ଼ିବ ଲାଗି ଉତ୍ସାହିତ କରୁଥିଲେ । ଶିକ୍ଷା ଦିଗରେ ଆମେ କେତେ ପଛରେ ରହିଯାଇଛେ ସେ ସବୁର କଳନା ରାମଶଙ୍କର ବହୁବାର ନିଜର 'ଉତ୍କଳ ଦୀପିକା'ରେ ଲେଖା ପ୍ରକାଶନ କରି ସଚେତନ କରାଉଥିଲେ । ନାରୀ ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଉଥିଲେ । ଓଡ଼ିଶାରେ ରେଳଗାଡ଼ିର ପ୍ରଚଳନ ଜନିତ ସୁବିଧା, ଅସୁବିଧା, ହିନ୍ଦୁ ଧର୍ମରେ ରହିଥିବା ବହୁବିଧ କୁସଂସ୍କାର, ଉନ୍ନତ ଚିକିତ୍ସା ପଦ୍ଧତି, ଧର୍ମୀୟ ସ୍ୱତନ୍ତ୍ରତା, ମନୁଷ୍ୟର ସାମାଜିକ ଓ ନ୍ୟାୟିକ ଅଧିକାର, ଓଡ଼ିଶାରେ ଶିଳ୍ପର ବିକାଶ ଏବଂ ସର୍ବୋପରି ଓଡ଼ିଆ ଶିକ୍ଷା, ଓଡ଼ିଆ ଭାଷା ଓ ସଂସ୍କୃତିର ବଳିଷ୍ଠତାକୁ ଗୌରୀଶଙ୍କର ତତ୍ପରତାର ସହିତ ସମାଧାନ କରିବାର ସୂତ୍ରକୁ ନିଜେ କିମ୍ବା ଅନ୍ୟ ଦ୍ୱାରା ଦୀପିକା ମାଧ୍ୟମରେ ଉଠାଇଥିଲେ । ଗୌରୀଶଙ୍କରଙ୍କ ଉତ୍କଳ ଦୀପିକା ମଧ୍ୟ ଓଡ଼ିଶାର ସାଂସ୍କୃତିକ ବିକାଶ ଦିଗରେ ଢେର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା ।

"ଯେତେବେଳେ ଗୌରୀଶଙ୍କର 'ଉତ୍କଳ ଦୀପିକା' ପ୍ରକାଶନର ଦାୟିତ୍ୱ ବହନ କଲେ ସେହି ସମୟରେ କଟକ, ପୁରୀ, ବାଲେଶ୍ୱର ଥିଲା, କିନ୍ତୁ ଓଡ଼ିଶା ନଥିଲା । ଏହି ଭୂଖଣ୍ଡରେ ଲୋକେ ଓଡ଼ିଆ ଭାଷା କହୁଥିଲେ, କିନ୍ତୁ ଓଡ଼ିଆ ନଥିଲେ । କେତେକ ଉପକୂଳ ଅଞ୍ଚଳର ଲୋକ ଆଗ ପାଠ ପଢ଼ି ପଶ୍ଚିମ ଓଡ଼ିଶାର ଗଡ଼ଜାତ ଅଞ୍ଚଳକୁ ଯାଉଥିଲେ । ସେହିପରି କଲିକତାରୁ ଶିକ୍ଷା ପାଇଁ ବଙ୍ଗାଳୀମାନେ ଏ ଅଞ୍ଚଳକୁ ଚାକିରୀ କରିବାକୁ ଆସୁଥିଲେ । ଗୌରୀଶଙ୍କର ଓଡ଼ିଆ ଜାତୀୟ ଜୀବନରେ ଦେଖାଦେଇଥିବା ଦୁର୍ଗତି ସମ୍ପର୍କରେ ପ୍ରଥମେ ସଂଗଠିତ ଉପାୟରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ଚେଷ୍ଟା କରିଥିଲେ । ଓଡ଼ିଶାର ଦୁଃଖ ଦୁର୍ଦ୍ଦଶାର ଚିତ୍ର ଜାତି ସମ୍ମୁଖରେ ଉପସ୍ଥାପନ କଲେ । ଅର୍ଥନୀତିକ ପ୍ରଗତି ନିମନ୍ତେ ଦିଗ୍‌ଦର୍ଶନ ଦେଲେ । ଏସବୁକୁ ସରକାରଙ୍କ ନିକଟରେ ଉପସ୍ଥାପନ କରି ସରକାରୀ ସ୍ତରରେ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିଥିଲେ ।"(୯)

ଏ ସମସ୍ତ ଦିଗରୁ ଖୋଜି ଲୋଡ଼ି ବସିଲେ ଓଡ଼ିଶାର ସାଂସ୍କୃତିକ ଇତିହାସରେ ଗୌରୀଶଙ୍କର ଓ ଉତ୍କଳଦୀପିକା ଚିରକାଳକୁ ସ୍ମରଣୀୟ ହୋଇ ରହିବେ ।

**ଛଦ୍ମନାମରେ ବିରୋଧୀଙ୍କୁ ବ୍ୟଙ୍ଗବିଦ୍ରୂପ :**

ପତ୍ର ପତ୍ରିକାରେ ଛଦ୍ମନାମରେ ଲେଖା ପ୍ରକାଶ କରିବା ଏବଂ ନିଜକୁ ଛଦ୍ମନାମରେ ଗୋଟିଏ କ୍ଷେତ୍ରରେ ପରିଚିତ କରାଇବା, ଏବେର ପରମ୍ପରା ନୁହେଁ । ସମାଲୋଚକମାନେ ଏ ପରମ୍ପରା ବିଦେଶରୁ ସୃଷ୍ଟି ହୋଇଛି ବୋଲି କହିଥାଆନ୍ତି । ମୋ ମତରେ ଆମ ଭାରତରେ ଏ ପରମ୍ପରା ଢେର ପ୍ରାଚୀନ । ଓଡ଼ିଆ ସାହିତ୍ୟ କଥାକୁ ଦୃଷ୍ଟି ଦେଲେ ପ୍ରାଚୀନ ଚର୍ଯ୍ୟାଗୀତିଠାରୁ ସାରଳା ଦାସଙ୍କ ଛଦ୍ମନାମ ଯାଏଁ କେତେ କ'ଣ ଉଦାହରଣ ବାହାରିବ । କିନ୍ତୁ ଏପରି ଛଦ୍ମତା ଯଦି ସମାଜର ଉନ୍ନତି କଳ୍ପେ ବ୍ୟବହାର କରାଯାଉଛି ତେବେ ଏହାର ମୂଲ୍ୟାଙ୍କନ କରିବା ନିହାତି ଆବଶ୍ୟକ । ଗୌରୀଶଙ୍କରଙ୍କ କଥାକୁ ଦୃଷ୍ଟିଦେଲେ ସେ 'ଉତ୍କଳ ଦୀପିକା' ମାଧ୍ୟମରେ ହେଉ ବା 'ଇନ୍ଦ୍ରଧନୁ'ରେ କେତେକ ଛଦ୍ମନାମର ବ୍ୟବହାର କରି ବହୁ କଟାକ୍ଷ କରିଥିଲେ । ବଙ୍ଗଭାଷୀମାନଙ୍କ

ଓଡ଼ିଆ ଭାଷା ବିଦ୍ୱେଷୀ ମନୋଭାବକୁ ଲକ୍ଷ୍ୟ କରି ଦୀପିକା ପୃଷ୍ଠାରେ 'ନବଗୁଞ୍ଜର' ଛଦ୍ମ ନାମରେ ଗୋଟିଏ ଗୀତ ଗୌରୀଶଙ୍କର ଲେଖିଥିଲେ ।

"ସଂଗାତ କି ଶୁଣିଲି ଆଚମ୍ବିତ, ନାହିଁ ଏଥୁଁ ବଳି ଆଚମ୍ବିତରେ
ଓଡ଼ିଆ ପାଇଁକି ଯାହାଙ୍କ ପଢ଼ିଆ କରମ ବଟିୟା ହେଲା
ବଣା କଲା ତାଙ୍କୁ ଓଡ଼ିଆ ଅକ୍ଷର ଭାଷା ଅଡୁଆ ଲାଗିଲାରେ ।

X X X

ପଣ ପଣେ ଜଣେ ସିହାଣ ଭାଣ୍ଡକୁ ପିହାଣ ଫେଡ଼ି
ବଙ୍ଗଳା ଅକ୍ଷରେ ଓଡ଼ିଆ ଲେଖିବା ବିଧିକି ଦେଇଛି ଇତିରେ
ପାଇ ଏ ବିଧାନ ଚାଟଙ୍କ ପ୍ରଧାନ କରୁଛନ୍ତି ଯେତେ ନାଟ
ତା' ଦେଖି ମୁଁ ଭାଳେ ପରବନ୍ଧୁ ଦେଲେ
କଣ୍ଡାକୁ ଦିଶିବ ବାଟରେ ।"(୧୦)

'ଶ୍ରୀରଙ୍ଗ ପଞ୍ଚାନନ' ଛଦ୍ମ ନାମରେ ନିଜ ଉପାଧି ଷ' ଲୋପ କରି ରାଜକୃଷ୍ଣ ମୁଖୋପାଧ୍ୟାୟ 'ମେଷ' ବୋଲି କହି କଟାକ୍ଷପାତ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା କେବଳ ଓଡ଼ିଆ ଭାଷାର ସ୍ୱତନ୍ତ୍ରତାକୁ ରକ୍ଷା କରିବା । ଏତଦ୍‌ଭିନ୍ନ ବିରୋଧୀମାନଙ୍କୁ ଇନ୍ଦ୍ରଧନୁ ପତ୍ରିକା ମାଧ୍ୟମରେ ଛଦ୍ମନାମରେ ବହୁବିଧ ତାର୍କିକ ସମାଲୋଚନା ଲେଖି ଭଞ୍ଜଙ୍କ ପକ୍ଷପାତୀତାକୁ ଦର୍ଶାଇଥିଲେ ।

## ଓଡ଼ିଆ ରଙ୍ଗମଂଚ ଓ ନାଟକର ବିକାଶରେ ଗୌରୀଶଙ୍କରଙ୍କ ଭୂମିକା :

ଆମ ଓଡ଼ିଶାରେ ବହୁପ୍ରକାର ଲୋକ ଭିନ୍ନ ଭିନ୍ନ ଜାତିର ଓ ଅଞ୍ଚଳର ଭିତ୍ତିରେ ବାସ କରନ୍ତି । ସେମାନଙ୍କ ସଂସ୍କୃତିରେ ବହୁବିଧ ଲୋକନାଟକର ବ୍ୟବହାର ରହିଥିଲା । କିନ୍ତୁ ଓଡ଼ିଆରେ ଭୌତିକ ସ୍ତରରେ ସେପରି କୌଣସି ନାଟକ ରଚିତ ହେଉନଥିଲା ବା ନାଟ୍ୟକାରମାନଙ୍କୁ ଏ ଦିଗରେ ସଚେତନ କରାଯାଉନଥିଲ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରୁ ସତୁରୀ ଦଶକ ଯାଏ ଆମେ ସଂସ୍କୃତ ନାଟକ, ବଙ୍ଗଳା ନାଟକ ଏବଂ ଇଂରାଜୀ ଅନୁବାଦିତ ନାଟକ ଉପରେ ଅଧିକ ନିର୍ଭରଶୀଳ ଥିଲୁ । ଏହାପରେ ଜଗମୋହନ ଲାଲା, ରାମଶଙ୍କର ରାୟ, ଅଶ୍ୱିନି କୁମାର ଆଦିଙ୍କ ପ୍ରଚେଷ୍ଟାରେ ଓଡ଼ିଆରେ ନାଟକ ଲେଖାଗଲା ଏବଂ ଅଭିନୀତ ମଧ୍ୟ କରାଗଲା । ଗୌରୀଶଙ୍କର ଜଣେ ନାଟ୍ୟକାର ନଥିଲେବି ନାଟ୍ୟ ସମାଲୋଚକ, ସମୀକ୍ଷକ, ନାଟ୍ୟକାରମାନଙ୍କୁ ଉତ୍ସାହିତ କରୁଥିବା ଜଣେ ବ୍ୟକ୍ତିତ୍ୱ ଥିଲେ । ତାଙ୍କର ଏହି ଉଦ୍ୟମ ଅତ୍ୟନ୍ତ ନିଷ୍ଠାପୂର୍ଣ୍ଣ । ଓଡ଼ିଆ ନାଟକ ଲାଗି ଦୂରଦୃଷ୍ଟି ସମ୍ପର୍ଣ୍ଣ ମାନସିକତାକୁ ପ୍ରମାଣିତ କରିଥାଏ । ଏ ସମ୍ପର୍କରେ ନାଟ୍ୟ ସମାଲୋଚକ ଡଃ. ହେମନ୍ତ କୁମର ଦାସ ଖୁବ୍ ସୁନ୍ଦର ଏବଂ ତାର୍କିକ କଥାଟିଏ କୁହନ୍ତି ।

"ଗୌରୀ ଶଙ୍କର ନାଟ୍ୟକାର ନଥିଲେ । ତେବେ ଓଡ଼ିଆ ନାଟକ ଓ ରଙ୍ଗମଂଚର ଇତିହାସ ତାଙ୍କ ସମ୍ପର୍କରେ ଉଲ୍ଲେଖ ବିନା ଯେ ଅସମ୍ପୂର୍ଣ୍ଣ ହୋଇ ରହିଯିବ ଏଥିରେ କୌଣସି ସନ୍ଦେହ ନାହିଁ । ଗୌରୀଶଙ୍କର ଗୋଟିଏ ଅର୍ଥରେ କହିବାକୁ ଗଲେ ନବଉତ୍କଳର ନିର୍ମାତାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଆ ପ୍ରଦେଶ ଗଠନ, ଭାଷା ସୁରକ୍ଷା ଆନ୍ଦୋଳନ, ଗଳା ଓ ସଂସ୍କୃତିର ମାନ ଉନ୍ନୟନ, ଶିକ୍ଷାର ପ୍ରସାର, କୁସଂସ୍କାର ବିଲୋପ ପ୍ରଭୃତି ବହୁ ବ୍ୟାପାରରେ ସେ ନିଜକୁ ଏଭଳି ଭାବରେ ଜଡ଼ିତ କରି ନେଇଥିଲେଯେ, ଉତ୍ତର ପୁରୁଷମାନେ ସର୍ବଦା ତାଙ୍କୁ କୃତଜ୍ଞତାର ସହିତ ସ୍ୱୀକାର ନକରି ଉପାୟ ନାହିଁ ।(୧୧)

ଆଜିର ସମୟରେ ଓଡ଼ିଆ ନାଟକ କଥା ଯଦି ଚିନ୍ତା କରାଯାଏ ତେବେ ଗୌରୀଶଙ୍କରଙ୍କ ପ୍ରତି ଓ ସେ କାଳର ଯଥାମାନ୍ୟ ନାଟ୍ୟକାରମାନଙ୍କ ପ୍ରତି ଯେତିକି ଶ୍ରଦ୍ଧା ଆସିବ ସମପରିମାଣରେ ଅନ୍ତରାତ୍ମା କ୍ଷୋଭରେ ଭରିଯିବ । କେବଳ ଓଡ଼ିଆ ନାଟକ ନୁହେଁ ଏ ଅବସ୍ଥା ପ୍ରାୟ ସବୁ ଦେଶ ଓ ଜାତିର ଦୁଃଖ ପାଲଟିବାକୁ ଯାଉଛି । ଆଗପରି ଆଉ ନାଟକର ଆଦର ସେପରି ଅଧିକ ନାହିଁ ।

## ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ, ସମକାଳୀନ ଓଡ଼ିଶା ଓ ଓଡ଼ିଆ ଭାଷା :

ଜଣେ ସରଳ, ନିରଳସ ମଣିଷ କର୍ମବୀରୀ ଗୌରୀଶଙ୍କର ରାୟ । କହିବାଠାରୁ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଦୁର୍ଭିକ୍ଷ ପରି ଘଡ଼ିସନ୍ଧି ସମୟରେ ସେ 'ଉତ୍କଳ ଦୀପିକା'କୁ କଟକ ପ୍ରିଣ୍ଟିଂ କମ୍ପାନୀ ଅନୁକୂଲ୍ୟରେ ପ୍ରକାଶ କରାଇ ଓଡ଼ିଶାରେ ନିରପେକ୍ଷ ଖବର ଦେବାରେ ସହଯୋଗ କରିଥିଲେ । ଓଡ଼ିଶାର ସମସ୍ତ ଦୁର୍ଗତି ଏବଂ ହାନିଲାଭର ସୁବିଧା ଅସୁବିଧାକୁ ଗୌରୀଶଙ୍କର ଦୀପିକା ପତ୍ରିକା ମାଧ୍ୟମରେ ପ୍ରକାଶ କରି ଜନମାନସରେ ବେଶ୍ ଆଲୋଡ଼ନ ସୃଷ୍ଟି କରିପାରିଥିଲେ ।

ଭାଷା ସୁରକ୍ଷା କ୍ଷେତ୍ରରେ ଗୌରୀଶଙ୍କରଙ୍କ ଦାନ ବିଶେଷ ଭାବରେ ସ୍ମରଣୀୟ । ଓଡ଼ିଆ ଭାଷାକୁ ଉଠାଇଦେବା ନିମନ୍ତେ

ଯେଉଁ କେତେଜଣ ବଙ୍ଗୀୟ ଉଚ୍ଚପଦସ୍ଥ ଅଧିକାରୀ ଚକ୍ରାନ୍ତ ଚଳାଇଥିଲେ ତା'ର ପ୍ରତିବାଦ କରି ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ କଡ଼ା ସମାଲୋଚନା ଏବଂ ସମ୍ପାଦକୀୟ ମାନ ଲେଖି ପ୍ରକାଶ କରୁଥିଲେ । ଏହାଦ୍ୱାରା ଓଡ଼ିଆ ଭାଷାଭାଷୀମାନଙ୍କ ଭିତରେ ଏକତା ବୃଦ୍ଧି ପାଇଥିଲା । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଜନଜାଗରଣ ସୃଷ୍ଟି କରିବାଠାରୁ ଜନସଚେତନତା ସୃଷ୍ଟି କରିବା ଗୌରୀଶଙ୍କରଙ୍କ ବିଶାଳ ହୃଦୟ ଏବଂ ନିଷ୍ଠାପଣକୁ ସ୍ୱୀକାର କରୁଅଛି ।

**ଉପସଂହାର :**

ପ୍ରବନ୍ଧର ଅନ୍ତିମ ସୋପାନରେ ଖାଲି ଗୋଟିଏ କଥା କହି ଗୌରୀଶଙ୍କର ନିର୍ଭିକତା ଏବଂ ସଙ୍କୋଚତାର ପରିଚୟରେ କଥାର ଶେଷ କରିବି । ସେହି ସମୟରେ କଟକରେ ସବ୍‌ରେଜିଷ୍ଟାର ଅଫିସ୍‌ରେ ନିୟମ ମୁତାବକ ସବ୍‌ରେଜିଷ୍ଟାର ରହୁନଥିଲେ । ତାଙ୍କ କାର୍ଯ୍ୟ ପାଇଁ ଡେପୁଟି କଲେକ୍ଟର କାର୍ଯ୍ୟଭାର ତୁଲାଉଥିଲେ । ଯାହାଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରିବା ସହିତ ହଇରାଣ ହରକତ ହେଉଥିଲେ । ଏ କଥାକୁ ସେ ନିଜର ଦୀପିକା ପୃଷ୍ଠାରେ ଲେଖି ଇଂରେଜ ସରକାରଙ୍କ ଓ ସାଧାରଣ ଜନତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସବ୍‌ରେଜିଷ୍ଟାର ଇଂରେଜ ଅଫିସର ଆର୍ମିଷ୍ଟ୍ରଙ୍ଗ୍ ସାହେବ ତାଙ୍କ ଉପରେ ଏଥିପାଇଁ ପ୍ରବଳ କ୍ରୋଧ କରିଥିଲେ । ଏ ସମସ୍ତ କଥାକୁ କର୍ଣ୍ଣପାତ ନକରି ସେ ତାଙ୍କ କର୍ତ୍ତବ୍ୟ ପରାୟଣତାକୁ ଦୃଢ଼ତାର ସହ ସମ୍ପାଦନ କରିଥିଲେ ।

ଗୌରୀଶଙ୍କର କେବଳ ଯେ ଓଡ଼ିଆ ଭାଷା ପାଇଁ ଢେର କିଛି କରିଥିଲେ ତାହା ନୁହେଁ; ଓଡ଼ିଆ ଜାତି ଏବଂ ଜନସାଧାରଣଙ୍କ ପାଇଁ ତାଙ୍କ ଅବଦାନ ଆଜିବି ସମସ୍ତେ ମନେରଖିଛନ୍ତି । ସାରାଜୀବନ ସେ କର୍ମଯୋଗୀ ପରି ନିଜର କର୍ମ କରିଚାରିଥିଲେ ଏ ଜାତି ଓ ଜନସାଧାରଣଙ୍କ ମଙ୍ଗଳ ବିଧାନ ପାଇଁ । ୧୯୦୩ ମସିହା ମାର୍ଚ୍ଚ ମାସ ୫ ତାରିଖରେ ପ୍ରେସ୍‌ରେ ବସି କାର୍ଯ୍ୟ କରୁଥିବା କାଳରେ ହଠାତ୍ ତଳେ ପଡ଼ି ସଂଜ୍ଞାହୀନ ହୋଇପଡ଼ିଥିଲେ । ଏହାପରେ ଓଡ଼ିଶା ତା'ର ବରପୁତ୍ରକୁ ହରାଇଥିଲା । ଆଜି ସେ ଆମ ଗହଣରେ ନାହାଁନ୍ତି ସତ; କିନ୍ତୁ ତାଙ୍କ ପରିକଳ୍ପିତ ଓଡ଼ିଶା ପ୍ରଦେଶ ଆଜି ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଓ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିସାରିଲାଣି । ଏ ଜାତି ଓ ଭାଷା ପାଇଁ ଯାଠୁଁ ବଳି ସୌଭାଗ୍ୟ ଆଉ କ'ଣ ହୋଇପାରେ ।

**ଶେଷ ଟୀକା :**


୧. ଟିକାୟତ ରାୟ, କୈଳାସ ଚନ୍ଦ୍ର, ବ୍ୟାକରଣ ଚର୍ଚ୍ଚା, ସୁଲଭ ପ୍ରକାଶନ, ବଳଗଣ୍ଡି, ପୁରୀ-୧, ପ୍ରଥମ ପ୍ରକାଶକାଳ-୨୦୨୦, ପୃଷ୍ଠା-୧୮ ।

୨. ତତ୍ରୈବ, ପୃଷ୍ଠା-୧୫ ।

୩. ଶ୍ରୀ ଚନ୍ଦନ ସିଂହ, ଡ. ଶୁଭେନ୍ଦୁ ମୋହନ, ଗୌରୀଶଙ୍କର ରାୟ, ଖଗେନ୍ଦ୍ର ନାଥ ମଲ୍ଲିକ, ଗୌରୀଶଙ୍କର ପରିକ୍ରମା, ପ୍ରକାଶନ-ଗୌରୀଶଙ୍କର ସ୍ମୃତି ସଂସଦ, କଟକ-୨, ପୃଷ୍ଠା-୯ ।

୪. ଶ୍ରୀ ଚନ୍ଦନ ସିଂହ, ଡ. ଶୁଭେନ୍ଦୁ ମୋହନ, ଗୌରୀଶଙ୍କରଙ୍କ ଚାକିରୀ ଓ ସ୍ୱାଭିମାନ- ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ଗୌରୀଶଙ୍କର ସୀମକ୍ଷା, ପ୍ରକାଶନ-ଗୌରୀଶଙ୍କର ସ୍ମୃତି ସଂସଦ, କଟକ-୨, ପୃଷ୍ଠା-୩୯ ।

୫. ତତ୍ରୈବ, ପୃଷ୍ଠା-୭୬ ।

୬. ତତ୍ରୈବ, ପୃଷ୍ଠା-୫୧ ।

୭. ତତ୍ରୈବ, ପୃଷ୍ଠା-୫୨ ।

୮. କର, ବାଉରିବନ୍ଧୁ, ଓଡ଼ିଆ ସାହିତ୍ୟର ଇତିହାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ପ୍ରକାଶକାଳ-୨୦୧୮, ପୃଷ୍ଠା-୨୩୦ ।

୯. ଶ୍ରୀ ଚନ୍ଦନ ସିଂହ, ଡ. ଶୁଭେନ୍ଦୁ ମୋହନ, ଗୌରୀଶଙ୍କର ପରିକ୍ରମା, ଊନବିଂଶ ଶତାବ୍ଦୀର ଓଡ଼ିଶାରେ ସାମାଜିକ ସଂସ୍କାର ଆଣିବାରେ ଉତ୍କଳ ଦୀପିକାର ଭୂମିକା-ଡ. ନିହାର ରଞ୍ଜନ ପଟ୍ଟନାୟକ, ଗୌରୀଶଙ୍କର ସ୍ମୃତି ସଂସଦ, କଟକ-୨, ପୃଷ୍ଠା-୪୬ ।

୧୦. ଗୌରୀଶଙ୍କର ସମୀକ୍ଷା, ପୃଷ୍ଠା-୫୦ ।

୧୧. ତତ୍ରୈବ, ପୃଷ୍ଠା-୨୫ ।



ମୁଦୁପୁର, ନୂଆଗଡ଼, ଜଗତସିଂହପୁର

ଦୂରଭାଷ : ୭୫୦୪୧୦୦୮୧୮

ISSN -2583-147X (P), **Vol.- 9, Issue No.VI, September 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଜଳମଗ୍ନ ହୀରାକୁଦ ଓ ଓଡ଼ିଆ ଉପନ୍ୟାସ

## ଡକ୍ଟର ଆଲୋକ ବରାଳ

'ବିସ୍ଥାପନ' (Displacement) ପ୍ରସଙ୍ଗର ଅବତାରଣା ବେଳେ ସ୍ୱତଃ କେତେକ ପ୍ରସଙ୍ଗର ଉତ୍‌ଥାପନ ହୋଇଥାଏ; ତାହା ହେଉଛି ପ୍ରବାସୀ (Migrant/Immigrent); ଶରଣାର୍ଥୀ (Refugee); ତଥା ଉତ୍‌ଖାତ (Eviction), ପୁନର୍ବାସ (Rehabilition) ଏବଂ 'ସ୍ଥାନାନ୍ତରଣ' (Transmigration) ଭଳି ସମାନ୍ତରାଳ ବିଷୟ । ମାତ୍ର ପ୍ରତ୍ୟେକର ଗୁରୁତ୍ୱ ଓ ଆଭିମୁଖ୍ୟ ଭିନ୍ନଭିନ୍ନ ଅଟେ । ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ କିମ୍ବା ଯୁଦ୍ଧ ଭଳି ଜରୁରୀ ଅବସ୍ଥା କିମ୍ବା ସାମୂହିକ ବିକାଶମୂଳକ କାର୍ଯ୍ୟ ନିମନ୍ତେ ଗୋଟିଏ ବର୍ଗୀୟ ଜୀବନ ଗୋଟିଏ ବସତିରୁ ଅନ୍ୟ ଏକ ନୂତନ ବସତିକୁ ବା ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇଥାନ୍ତି; ସେହିଭଳି ବିଷୟକୁ 'ବିସ୍ଥାପନ'ର ଅନ୍ତର୍ଗତ କରାଯାଇପାରେ । ସମାଜଶାସ୍ତ୍ରର 'Push & Pull Theory' ପ୍ରସଙ୍ଗର ଅବତାରଣା କଲେ ଏକଥାଟି ଅଧିକ ସ୍ପଷ୍ଟ ହୋଇପାରିବ । Push Factor ଟି ସାଧାରଣତଃ ଦ୍ୱନ୍ଦ୍ୱ, ଦୁର୍ଭିକ୍ଷ, ମରୁଡ଼ି, ପ୍ରାକୃତିକ ବିପର୍ଯ୍ୟସ୍ତ, ତୀବ୍ର ଧାର୍ମିକ ଦ୍ୱନ୍ଦ୍ୱ, ତୀବ୍ର ଆର୍ଥନୀତିକ ଅଭାବ ଆଦି ମୌଳିକ ଦିଗ ହୋଇଥିବା ସ୍ଥଳେ Pull Factor ଟି ଏକ ଉନ୍ନତ ସାମାଜିକ-ଆର୍ଥନୀତିକ ସହାବସ୍ଥାନ, ନୂତନ ବସତି ବା ଆବାସ ପ୍ରଦାନ କ୍ଷେତ୍ରରେ ବା ଏକ ଯୁକ୍ତ ରାଜନୀତିକ ତଥା ଧର୍ମୀୟ ବିବାଦଯୁକ୍ତ ଜୀବନଧାରାକୁ ଲକ୍ଷ୍ୟ କରିପାରିବା । ଅନେକ ସମୟରେ ପରିବେଶଗତ କାରଣ (Environmental Pull Factor) ମଧ୍ୟ ରହିଥାଏ । ଯଥା ପ୍ରାକୃତିକ ସଂସାଧନର ସୁବିଧା ତଥା ପରିବେଶଗତ କାରଣରୁ ଘଟିତ । ଶରଣାର୍ଥୀଙ୍କ ସମସ୍ୟାଟି କିନ୍ତୁ ସାମାନ୍ୟ ଭିନ୍ନ ଅଟେ । କାରଣ ବର୍ଗୀୟ ଜୀବନକୁ ବାଧ କରି ତାଙ୍କର ପାରମ୍ପରିକ ବାସରୁ ସେମାନଙ୍କୁ ବିଚ୍ୟୁତ କରାଯାଇଥାଏ । ମୁଖ୍ୟତଃ ପ୍ରାକୃତିକ ଦୁର୍ବିପାକ (Natural Disaster); ରାଜନୀତିକ ଅଭିସନ୍ଧି; ଭୌଗୋଳିକ ବସତିର ବିଭାଜନ ବା ଯୁଦ୍ଧ ଜରୁରୀ (War Emargency) ଭଳି ପରିସ୍ଥିତିରେ ଶରଣାର୍ଥୀ (Refugee) ସମସ୍ୟା ସୃଷ୍ଟି ହୋଇଥାଏ ।

ଯେତେବେଳେ ବି 'ବିସ୍ଥାପନ' କଥାର ଅବତାରଣା କରାଯାଏ; ଉପର୍ଯ୍ୟୁକ୍ତ ସମସ୍ତ ପ୍ରସଙ୍ଗ ସ୍ୱାଭାବିକ ଭାବେ ସ୍ମରଣକୁ ଆସୁଥିଲେ ହେଁ ବିସ୍ଥାପନର ଭିତ୍ତି ଓ ଆଧାର ବେଶ୍ ଭିନ୍ନ ଅଟେ । ସାଧାରଣତଃ ଏହା ସ୍ଥାନାନ୍ତରଣକୁ ହିଁ ସୂଚିତ କରିଥାଏ । ଏଥିରେ 'ସ୍ୱାଭାବିକ' ଏବଂ 'ଅସ୍ୱାଭାବିକ' ଭଳି ଦୁଇଟି ଚିନ୍ତାଧାରାକୁ ଏକତ୍ର ଯୋଡ଼ି ଦେଖିଲେ କଥାଟି ଅଧିକ ସ୍ପଷ୍ଟ ହୋଇପାରିବ । ଏହା ପାରମ୍ପରିକ ଭାବେ ଏକ ବର୍ଗୀୟ ଜୀବନର ସାମୂହିକ ସାମାଜିକ ଓ ଆର୍ଥନୀତିକ ବିକାଶକୁ ଭିତ୍ତି କରିଥାଏ । ଏହାକୁ ପ୍ରାକୃତିକ ସ୍ଥାନାନ୍ତରଣ କହିପାରିବା । ଅନ୍ୟଟି ଅପ୍ରାକୃତିକ ଭାବେ ନିଷ୍କାସନ ବା ଉତ୍‌ଖାତିତ (Eviction) ହେବା ଅଟେ । ଅନେକ ସମୟରେ ବନ୍ୟା-ମରୁଡ଼ି-ଦୁର୍ଭିକ୍ଷ-ଅକାଳ-ଶୁଖା-କର୍ମସଂସ୍ଥାନର ଅନୁସନ୍ଧାନ ମଧ୍ୟ ସ୍ୱାଭାବିକ ପ୍ରାକୃତିକ କାରଣ ହୋଇଥିବା ସ୍ଥଳେ ବେଳେବେଳେ ଭୂତ-ପ୍ରେତ-ଡୁମା-ଦେବତା ଭଳି ଆଧିଦୈବିକ କାରଣରୁ ବର୍ଗୀୟ ଜୀବନ ସ୍ଥାନାନ୍ତରିତ ହୋଇଥାନ୍ତି; ଏହା ଏକ ପ୍ରକାର ଧର୍ମୀୟ-ଆସ୍ଥାକୁ ଭିତ୍ତିକରି ଥାଏ ।

ଦୀର୍ଘକାଳ ଧରି ରହି ଆସୁଥିବା ଭୂଖଣ୍ଡରୁ ବଳପୂର୍ବକ ତଥା ନିୟମ ଲାଗୁ କରି ବ୍ୟକ୍ତି-ସମୂହକୁ ଯେତେବେଳେ ସ୍ଥାନାନ୍ତରିତ ହେବା ପାଇଁ ବାଧ କରାଯାଏ; ସେହିଭଳି ବିଷୟକୁ ତଥାକଥିତ ଭାବେ ବିସ୍ଥାପନ କୁହାଯାଉଥିଲେ ହେଁ ତା'ର କେତେକ ମୌଳିକ ଦିଗ ସର୍ବଦା ସଂଯୁକ୍ତ ରହିଥାଏ । ଯେଉଥିରେ କି ସରକାରୀ ବା ବେସରକାରୀ ଯୋଜନା; ଯେଉଁଥିରେ ସମୂହର ବିକାଶଗତ ସ୍ୱାର୍ଥ ନିହିତ ଥାଏ ବା ରାଷ୍ଟ୍ରର ମଙ୍ଗଳ ସାଧନ ହୋଇଥାଏ- ତାହା ସେଭଳି କ୍ଷେତ୍ରରେ ଲାଗୁ ହୁଏ; ସେଥିନିମନ୍ତେ ସେଠାରେ ବାସ କରୁଥିବା ଲୋକଙ୍କୁ ପୁନଃ ବାସଭୂମି ଯୋଗାଇଦେବା ସହିତ ଉଚିତ ଥଇଥାନର ବ୍ୟବସ୍ଥା କରିଥାନ୍ତି ସରକାର । ମାତ୍ର ଅନେକତ୍ର ସେଇ ବାସପଯୋଗୀ ଭୂମିପ୍ରାପ୍ତି ଓ ଉଚିତ୍ ଥଇଥାନ ହେବା ନେଇ ସମସ୍ୟା ପରିଲକ୍ଷିତ ହୋଇଥାଏ ଏବଂ ସେଥିପାଇଁ ସୃଷ୍ଟି ହୋଇଥାଏ

ମୀମାଂଶାବିହୀନ କନ୍ଦଳ ଓ ଅଶାନ୍ତି ।

ଦୀର୍ଘକାଳ ଧରି ଏକ ଭୂଖଣ୍ଡରେ ଜୀବନ ଜିଇଥିବା ମଣିଷଙ୍କ ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ-ଧାର୍ମିକ; ଏପରିକି ମାଟି ସଂପୃକ୍ତିରୁ ବିଚ୍ୟୁତ ହୋଇପାରୁନଥିବା ହତାଶା ବେଶ୍ ସମ୍ବେଦନଶୀଳ ଅଟେ । ଅପର ପକ୍ଷରେ ଶିଳ୍ପ-ପ୍ରକଳ୍ପ-ଖଣି-ନଦୀବନ୍ଧ-ବ୍ୟାରେଜ୍-ପ୍ରତିଷ୍ଠାନ-ରେଳଲାଇନ୍ ଭଳି ବିଭିନ୍ନ କାରଣରୁ ସମଗ୍ର ଭାରତରେ ଏହି ବିସ୍ଥାପନ (Distplacement) ଭଳି ସମସ୍ୟା ସୃଷ୍ଟି ହୋଇ ଏ ପର୍ଯ୍ୟନ୍ତ ତା'ର ସଫଳ 'ସ୍ଥାନାନ୍ତରଣ' ଓ 'ପୁନର୍ବାସ' ସମ୍ଭବ ନହେବା ନେଇ ଲାଗି ରହିଛି ଅଶାନ୍ତି ଓ ତଦ୍‌ଜନିତ ଗଣ ଆନ୍ଦୋଳନ । କେତେବେଳେ ଜଳବୁଡ଼ି ଭିତରରେ ତ କେତେବେଳେ ଖଣି ଅଂଚଳର ଗର୍ଭ ଭିତରେ ତ କେତେବେଳେ ବୃହତ୍ ଶିଳ୍ପ-ପ୍ରତିଷ୍ଠାନର ବିଶାଳତା ଭିତରେ ଲୁପ୍ତ ହୋଇଯାଇଛି ଅସଂଖ୍ୟ ଜୀବନ୍ତ ସଭ୍ୟତା ।

୧୯୫୭ ମସିହା ଜାନୁଆରୀ ୧୩ ତାରିଖରେ ହୀରାକୁଦ ନଦୀବନ୍ଧର ଲୋକାର୍ପଣ ହେଲା ଏବଂ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଦ୍ୱାରା ତାହା ସାଧିତ ହୋଇଥିଲା । ନେହେରୁ ଜାଣିଥିଲେ ବିଶାଳ ହୀରାକୁଦ ପ୍ରକଳ୍ପ ପାଇଁ ସ୍ଥାନୀୟ ବାସୀଙ୍କୁ ଅନେକ କିଛି ହରେଇବାକୁ ପଡ଼ିବ; ତଥାପି ସେ ସାଜିଥିଲେ ବିକାଶର ସୁଯୋଗ୍ୟ ବିନ୍ଧାଣୀ । ବିଶାଳ ଜନ ସମାଗମକୁ ସେ ଆହ୍ୱାନ ଦେଇ ହୀରାକୁଦ ବନ୍ଧକୁ 'ଓଡ଼ିଶାର ଆଧୁନିକ କୋଣାର୍କ' ବୋଲି ଅବିହିତ କରି ବଳିଦାନକୁ କରିଥିଲେ ସ୍ମରଣ । "ନେହେରୁଙ୍କର ରାଷ୍ଟ୍ରନିର୍ମାଣର ସ୍ୱପ୍ନ ଇତିହାସରେ ଲିପିବଦ୍ଧ ହୋଇ ରହିଲା । କିନ୍ତୁ ଯେଉଁମାନେ ସେଥିରେ ବଳି ପଡିଲେ; ସବୁଦିନ ପାଇଁ କାଙ୍ଗାଳ ହୋଇଗଲେ । ଯେଉଁମାନେ ତା ବିରୁଦ୍ଧରେ ଲଢ଼ିଲେ, ସେମାନେ ସେ ଇତିହାସର ପାଦଟୀକାରେ ମଧ୍ୟ ସ୍ଥାନ ପାଇଲେ ନାହିଁ ।" (ଗାଁ ଛାଡିବୁ ନାହିଁ, ନିଗମାନନ୍ଦ ଷଡ଼ଙ୍ଗୀ, ରଂଜନା ପାଢୀ, ୨୦୨୦, ପୃ-୨୬) ହୀରାକୁଦ ନଦୀବନ୍ଧର ବିଶାଳ ଐଶ୍ୱର୍ଯ୍ୟର ପ୍ରଚ୍ଛନ୍ନରେ ଲୁପ୍ତ କାରୁଣ୍ୟର ଇତିହାସକୁ ଅଙ୍ଗେ ନିଭାଇଥିବା ଅନୁଭବ ଓ ଉପଲବ୍ଧିକୁ ଉଭୟ ଲୋକ ସାହିତ୍ୟ ଓ ଲିଖିତ ସାହିତ୍ୟ ଭିତରେ ଅନୁଭବି ହେବ ବେଶ୍ ସୂକ୍ଷ୍ମତାରେ । ବିକାଶ ଯେତେଯେତେ ହୁଏ; ତା'ର ପ୍ରତିଦାନ ଦେବାକୁ ହୁଏ ଲୋକଙ୍କୁ; କିନ୍ତୁ ଉଚିତ୍ ଥଇଥାନ ଏକ ଅପରିହାର୍ଯ୍ୟ ବିକଳ୍ପ ଭାବେ ଗୃହୀତ ହେଉଥିଲେ ହେଁ ଅନେକ ସମୟରେ ତାହା ଫଳପ୍ରଦ ହୋଇପାରିନାହିଁ । ଫଳତଃ ତେଜିଛି ଜନ ଅସନ୍ତୋଷ; ସେହିଭଳି ଜନ ଅସନ୍ତୋଷରେ ଭରପୂର ଥିଲା ହୀରାକୁଦ ନଦୀବନ୍ଧ ନିର୍ମାଣର ପ୍ରାକ୍ ଓ ପରବର୍ତ୍ତୀ ସମୟ; ଆଉ ସେସବୁ ଲିପିବୋଦ୍ଧ ହୋଇଥିଲା ସାହିତ୍ୟରେ ।

ହୀରାକୁଦ ନଦୀବନ୍ଧ ତିଆରି ହେବାର ପଛରେ ରହିଛି ଏକ ବିରାଟ ସମୂହର ବିସ୍ଥାପନର କାହାଣୀ । ହୀରାକୁଦ ଜଳଭଣ୍ଡାର ତଳେ ମଗ୍ନ-ଉପତ୍ୟକା ପାଲଟି ଯାଇଥିବା ଅନେକର ଗାଁର ବିଲୁପ୍ତ ଇତିହାସ ଓ କାହାଣୀକୁ ଭିତ୍ତି କରି ଲେଖାଯାଇଛି ଅନେକ କବିତା, ଗଳ୍ପ, ନାଟକ ଏବଂ ଉପନ୍ୟାସ । ଖୁବ୍ ଅଧିକ ଉପନ୍ୟାସ ନହେଲେ ମଧ୍ୟ ତିନିଟି ଉପନ୍ୟାସ ପୂର୍ଣ୍ଣତଃ ଭିତ୍ତି କରିଛି ହୀରାକୁଦର ମଗ୍ନ-ଉପତ୍ୟକା ଓ ବିସ୍ଥାପନର କାହାଣୀକୁ; ଆଉ କେତେକ ଉପନ୍ୟାସରେ ଆଂଶିକ ଏହାର ଘଟଣା ରୂପାୟିତ ହୋଇଥିବା ଲକ୍ଷ୍ୟ କରିପାରିବା । ସପ୍ରସଙ୍ଗ ଆଂଶିକ ଭାବେ ହୀରାକୁଦର ବିସ୍ଥାପନର କଥା କହିଥିବା ଔପନ୍ୟାସିକ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ 'ଅମରୀ' (୧୯୮୨); ରାଧାମୋହନ ମହାପାତ୍ରଙ୍କର 'ବ୍ୟାଘ୍ର ନିନାଦ'(୧୯୯୫) ଏବଂ ହୀରାକୁଦ କୈନ୍ଦ୍ରିକ ପୂର୍ଣ୍ଣାଙ୍ଗ ଉପନ୍ୟାସ ମଧ୍ୟରେ ଔପନ୍ୟାସିକ ହରିଶଙ୍କର ବଡ଼ପଣ୍ଡାଙ୍କର 'ତିନି ହୀରକୁଦ' (୨୦୧୨); କରୁଣାକର ସୂପକାରଙ୍କ 'ଟେମା କାଲୋ' (୨୦୧୬) ଏବଂ କୁମାର ହସନଙ୍କ 'ବୁଡ଼ି ଅଂଚଳ' (୨୦୨୩) ଉପନ୍ୟାସ ସ୍ମର୍ତ୍ତବ୍ୟ ।

କେବଳ ଓଡ଼ିଆ ଉପନ୍ୟାସ ନୁହେଁ ଏଠାରେ ସପ୍ରସଙ୍ଗ ଉଲ୍ଲେଖ କରାଯାଇପାରେ ଦୁଇଟି ବଙ୍ଗଳା ଉପନ୍ୟାସ; ଯେଉଁଥିରେ ହୀରାକୁଦ ନଦୀବନ୍ଧ ନିର୍ମାଣ ଓ ବିସ୍ଥାପନର ପ୍ରସଙ୍ଗକୁ ବେଶ୍ ସୂକ୍ଷ୍ମତାରେ ଅନୁଶୀଳନ କରାଯାଇଛି; ତାହା ହେଉଛି ଔପନ୍ୟାସିକ ଦେବେଶ ରାୟଙ୍କ 'ତିସ୍ତାପାରେର୍ ବୃତ୍ତାନ୍ତ' (୧୯୮୮) ଏବଂ ଅନୀତା ଅଗ୍ନିହୋତ୍ରୀଙ୍କର 'ମହାନଦୀ' (୨୦୧୫) ଉପନ୍ୟାସ । ଦେବେଶଙ୍କର ଉପନ୍ୟାସରେ ହୀରାକୁଦ ପ୍ରସଙ୍ଗ ତିସ୍ତାବ୍ୟାରେଜ୍ ପ୍ରସଙ୍ଗରେ ଉଲ୍ଲେଖ ହୋଇଥିବା ସ୍ଥଳେ ଅନୀତା ଅଗ୍ନିହୋତ୍ରୀଙ୍କର ଉପନ୍ୟାସରେ ମହାନଦୀ ଯେଉଁଯେଉଁ ଅଞ୍ଚଳ ଦେଇ ପ୍ରବାହିତ ହୋଇଛି; ସେହିସବୁ ଅଞ୍ଚଳ ଜୀବନର ନିଛକ ଚିତ୍ରକୁ ବହମାନ କାହାଣୀହୀନ ଶୈଳୀରେ ଉପସ୍ଥାପନ କରିଛନ୍ତି ଲେଖିକା । ମହାନଦୀର ଧାରାର ଅବତାରଣା ବେଳେ ହୀରାକୁଦ ନଦୀବନ୍ଧ ନେଇ ସରକାରୀ ପଦକ୍ଷେପ; ବିରୋଧୀ ଦଳ ଆନ୍ଦୋଳନ; ଜଳମଗ୍ନ ଗାଁଗୁଡ଼ିକର ବିଲୁପ୍ତିର ଇତିହାସ; ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ଶ୍ରଦ୍ଧାକର ସୁପକାର, ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ବ୍ୟକ୍ତିଙ୍କର ହୀରାକୁଦ ନେଇ ପ୍ରତ୍ୟାଶା ଓ ଅଭିବ୍ୟକ୍ତି ରୂପପାଇଛି ଉପନ୍ୟାସରେ । ଯାହାକି ହୀରାକୁଦ ନଦୀବନ୍ଧ ତଳେ ମଗ୍ନ-ଉପତ୍ୟକା ସାଜିଥିବା ମଣିଷମାନଙ୍କର ଦୀର୍ଘଶ୍ୱାସ ଓ ଦୁଃଖର କାହାଣୀ ।

**'ଅମରୀ'(୧୯୮୨) :**

ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କର 'ଅମରୀ' ଉପନ୍ୟାସରେ

ମୁଖ୍ୟତଃ ଝାରସୁଗୁଡ଼ା ଦୀପ୍ତିନଗର ଅଞ୍ଚଳର ସମସ୍ୟା ସହ ବସ୍ତି ବିସ୍ଥାପନ ସମ୍ପର୍କିତ ଭାବବସ୍ତୁକୁ ଆଧାର କରିଛି । ବିସ୍ଥାପିତ ଲୋକମାନଙ୍କ ପାଇଁ ପ୍ରଶାସନିକ ଥଇଥାନର ସୁବନ୍ଦୋବସ୍ତ ହୋଇ ନ ପାରିବାରୁ କିପରି ଜୀବନ-ଜୀବିକାରେ ସର୍ବସ୍ୱାନ୍ତ ହୋଇ ପଡିଛନ୍ତି ସମୂହ ମଣିଷ ଏବଂ କିପରି ସ୍ୱପ୍ନ ସବୁ ଅକାତରେ ମିଳେଇ ଯାଇଛି, ସେହିଭଳି ପ୍ରସଙ୍ଗ ଗୁରୁତ୍ୱ ପାଇଛି 'ଅମରୀ' ଉପନ୍ୟାସରେ । ଉପନ୍ୟାସର ପ୍ରମୁଖ ଚରିତ୍ର ଲୁକୁବୁଢା (ଲୋକନାଥ ବିଶ୍ୱାଳ) ରାଉରକେଲା ବସ୍ତି-ଅଞ୍ଚଳର ସବୁଠାରୁ ବୟସ୍କ ମଣିଷ । ଅତୀତରେ ଯାହାର ଗାଁ-ଘର-ଡିହ-କ୍ଷେତ ବୁଡ଼ିଯାଇଥିଲା ହୀରାକୁଦର ଜଳଭଣ୍ଡାର ତଳେ । ଅନ୍ୟ ଅନେକଙ୍କ ପରି ସେ ହାତରେ କ୍ଷତି ପୂରଣ ଟଙ୍କା ଧରି ସହରକୁ ଯାଇନଥିଲା । ଗାଆଁ ପାଖରେ ରହି ପଞ୍ଜାବୀ ଠିକାଦାର ପାଖରେ ପଥର ଯୋଡ଼େଇ କାମ ଶିଖିବାକୁ ଆଶା କରିଥିଲା । ଆଶା ଥିଲା ଖରାଦିନେ ବନ୍ଧରେ ପାଣି ଶୁଖିଗଲେ ପୁଣି ଚାଷ କରିବ; କିନ୍ତୁ ଚାଷ ଆଉ ହେବାର ସ୍ୱପ୍ନ ସବୁଦିନ ପାଇଁ କେବଳ ସ୍ୱପ୍ନ ହୋଇ ରହିଗଲା । ସେଇଠାରୁ ସମ୍ବଲପୁର-ରେଙ୍ଗାଲି-ଝାରସୁଗୁଡ଼ା-ସୁନ୍ଦରଗଡ଼-ବରଗାଁ ଦେଇ ରାଉରକେଲା ବସ୍ତି ଅଞ୍ଚଳରେ ଯାଇ ପହଞ୍ଚିଥିଲା ଲୁକୁବୁଢ଼ା । ସେଠାରେ ଲୁକୁବୁଢା ରାଜମିସ୍ତ୍ରୀ ଭାବେ କାମ କରିଥିଲା । ଲୁକୁର ପରିବାର କହିଲେ ତିନିପୁଅ, ଝିଅ ବୁନ୍ଦେଲି; ବଡ଼ ବୋହୂ ଇଲା ଓ ନାତି ତାପସ । ଅର୍ଥାଭାବ ଓ ଦାରିଦ୍ର୍ୟତାରୁ ଅନେକ ଆଗରୁ ସ୍ତ୍ରୀ ତା'ର ହସ୍‌ପିଟାଲରେ ଆଖିବୁଜି ସାରିଥିଲା । ଲୁକୁ କେବଳ ତା'ର ପରିବାରର ମୁରବି ନଥିଲା; ଥିଲା ସାରା ବସ୍ତିର ମୁରବି ଓ ସବୁଠାରୁ ବୟସ୍କ ମଣିଷ । ତାକୁ ଜଣାଥିଲା ସାଧାରଣ ଜଡ଼ିବୁଟି ଆଉ ମନ୍ତ୍ର-ଚିକିତ୍ସା; କେବେ ବସ୍ତିର କାହାର ଦରକାର ହେଲେ ଦେଉଥିଲା ଚେରମୂଳର ଔଷଧ ଅବା ମନ୍ତ୍ରର କରୁଥିଲା ପ୍ରୟୋଗ । ବିଭିନ୍ନ କାର୍ଯ୍ୟ ନେଇ ବସ୍ତିଲୋକଙ୍କୁ ସୁବିଧା-ଅସୁବିଧା କଥା କହିବା ସହିତ ଦେଉଥିଲା ଉପଦେଶ । କ୍ରମଶଃ ବୟସ୍କ ଲୁକୁବୁଢ଼ା ବୟସାଧିକ୍ୟ ଅସୁସ୍ଥତାରୁ ମୃତ୍ୟୁବରଣ କଲା, ଯଦିଓ ଘରେ ପୁଅ-ବୋହୂ ବୁଢାର କରିଥିଲେ ଅନେକ ସେବାଯତ୍ନ । ନିଜ ଭିଟାମାଟିରେ ଜୀବନ ବଂ*ବାର ସ୍ୱପ୍ନ ଲୁକୁବୁଢ଼ା ସହ ସମାଧି ଲଭିଥିଲା । 'ଅମ୍ରୀ' ଉପନ୍ୟାସ କେବଳ ଲୁକୁବୁଢ଼ାର କଥା ନୁହେଁ, ଅନ୍ୟ ଅନେକଙ୍କର ଜୀବନର କରୁଣ କାହାଣୀକୁ ରୂପାୟିତ କରିଛି । ଏପରିକି ଦୀପ୍ତିନଗର ଅଂ*ଳରେ ବିଭିନ୍ନ ପ୍ରସଙ୍ଗ ସହ ସହରୀ ସଂକ୍ରମଣର ବିବିଧ ପ୍ରସ୍ତକୁ ଉପନ୍ୟାସରେ ଲକ୍ଷ୍ୟ କରିହେବ । ଲିଙ୍ଗା-ଲାଲୁ-ଚାଟିକୁ ନେଇ ଉପନ୍ୟାସର ଅଭିବ୍ୟକ୍ତି ବେଶ୍ ସ୍ୱତନ୍ତ୍ର । ଅତୀତରେ ଲୁକୁ ବୁଢ଼ା ନିଜ ସ୍ତ୍ରୀ (ବୁଢ଼ୀ) ବଞ୍ଚିଥିବା ବେଳର ଯେଉଁ କାହାଣୀ ଶୁଣାଇଛି ତା'ର ପିଲାଙ୍କୁ, ସେଇଥିରୁ ହିଁ ଜାଣିହେବ ଯେ କିପରି ମହାଜନଠାରୁ ଲୁକୁ ନେଇଥିବା ଋଣ ପରିଶୋଧ ପାଇଁ ଲଙ୍ଗଳ ଛାଡ଼ି କରଣି ଧରିଥିଲା । ଚାଷୀ ନହୋଇ ମିସ୍ତ୍ରୀ ହୋଇଥିଲା । ହୀରାକୁଦ ତଳେ ଗାଁ ବୁଡିଗଲା ପରେ ବି ପ୍ରାୟ ଦୁଇବର୍ଷ କାଳ ସେଇ ଗାଁମାଟି ପାଖରେ ପଡ଼ି ରହିଥିଲା । ବନ୍ଧନିର୍ମାଣ ଶେଷ ହୋଇଗଲା ପଛେ; ତା'ର ଆଶା ଆଶାରେ ହିଁ ରହିଗଲା । ଲୁକୁ ସେଇ ସମୟରେ ସମ୍ବଲପୁରର ମୁଦିପଡ଼ା ଓ ହୀରାକୁଦର ବୁଢ଼ି ଅଞ୍ଚଳରେ ଅନେକ କୋଠା ତୋଳିଥିଲା । ସେଇଠୁ ସେ ଅନେକ ଜାଗା ହୋଇ ଶେଷରେ ପହ*ଥିଲା ନୂଆ ଶିଳ୍ପ ସହର ରାଉରକେଲାରେ ।(ପୃ-୩୪)

**ବ୍ୟାଘ୍ର ନିନାଦ (୧୯୯୫):**

ଔପନ୍ୟାସିକ ରାଧାମୋହନ ମହାପାତ୍ରଙ୍କର 'ବ୍ୟାଘ୍ର ନିନାଦ' (୧୯୯୫) ପୂର୍ଣ୍ଣତଃ ହୀରାକୁଦ ସମ୍ପର୍କରେ ଲିଖିତ ଉପନ୍ୟାସ ନୁହେଁ; କିନ୍ତୁ ଗୋଟିଏ ସ୍ୱତନ୍ତ୍ର ପର୍ଯ୍ୟାୟକୁ ସେ ସଂଯୋଗ କରିଛନ୍ତି ଉପନ୍ୟାସରେ । ରାଧାମୋହନ ମହାପାତ୍ର ଗୋଟିଏ ବାଘଉଦ୍ଧାର କାର୍ଯ୍ୟରେ ଆବଶ୍ୟକୀୟ ମାଛଜାଲ ନିମନ୍ତେ ନଉକାରେ ମାଛଜାଲ ଧରି ମାଛ ଶିକାର କରୁଥିବା ତଥା ପକ୍ଷୀଶିକାର କରୁଥିବା କ୍ଷେମା ଦେହୁରୀ ସହିତ ସଂଯୁକ୍ତ ହୋଇଛି ହୀରାକୁଦ ପ୍ରସଙ୍ଗ । ଲେଖକଙ୍କର ବନ୍ଧୁ ପ୍ରେମ୍ ତିୱାରୀଙ୍କର ଘର ଥିଲା ବୁର୍ଲା ଅଞ୍ଚଳରେ; ତେଣୁ ସେ ମହାନଦୀର ଅବବାହିକାରେ କରିଥିଲେ ଅନେକ ଶିକାର ତଥା ନିଜେ ସମ୍ବଲପୁର ରେଞ୍ଜ ଡିଭିଜନରେ ଜଙ୍ଗଲ ବିଭାଗର ଅଫିସର ହୋଇଥିବାରୁ ସେ ଅଞ୍ଚଳର ବିବିଧ କାର୍ଯ୍ୟରେ ଘୂରି ବୁଲୁଥିଲେ ବଣ-ଜଙ୍ଗଲ; ଏପରିକି ହୀରାକୁଦ ମଧ୍ୟ ତାଙ୍କ ପକ୍ଷୀ ଶିକାରର ଥିଲା ଅନ୍ୟ ଏକ ମୁଗ୍ଧକର ସ୍ଥାନ ।

ହୀରାକୁଦ ବୁଡ଼ି ଅଞ୍ଚଳର ବ୍ୟାପ୍ତି ପ୍ରସଙ୍ଗରେ ଔପନ୍ୟାସିକ ଲେଖିଛନ୍ତି : "xxx ପ୍ରକୃତିକୁ ମୋଡି, ମନାଇ ବନ୍ଧାଇ ମଣିଷ ଏଠି ଛିଡ଼ା କରାଇଛି ଏକ ବିଶାଳ ବିପୁଳ କୃତ୍ରିମ ହ୍ରଦ, ଯାହା ୧୩୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଜଳାର୍ଣ୍ଣବ କରି ରଖିଛି । ଦେଶର କୃଷିକରଣ ଆଭିମୁଖ୍ୟକୁ ଆଖି ଆଗରେ ରଖି ଏହି ବନ୍ଧ ଯୋଜନାଦ୍ୱାରା ଅନ୍ୟୂନ ଛଅଷଠି ଅୟୁତ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ଜାରି ରଖିବା ସଙ୍ଗେ ସଙ୍ଗେ ଦୈନିକ ଦଶ ମେଗାୱାଟ ଜଳବିଦ୍ୟୁତ୍ ଉତ୍ପାଦନ କରିପାରୁଛି । ଏହି ଆଧୁନିକ ଉନ୍ନୟନ ମୂଳକ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଉତ୍ତରାଞ୍ଚଳ ଲୋକଙ୍କ ଅନେକ ସମସ୍ୟା ଉପୁଜିଥିଲା । ସାଥୀ ପ୍ରେମ୍ ବନ୍ଧ ଯୋଜନାର ପୂର୍ବ ଓ ପରବର୍ତ୍ତୀ ଘଟଣା ସବୁ ସ୍ୱଚକ୍ଷୁରେ ଦେଖିଛନ୍ତି, ଅଙ୍ଗେ ନିଭେଇଛନ୍ତି, ଲୋକଙ୍କ ହର୍ଷ ବିମର୍ଷର କାହାଣୀ କାନରେ ଶୁଣିଛନ୍ତି ।(ପୃ-୧୧୪) ହୀରାକୁଦ ଜଳ ଯୋଜନା ଦ୍ୱାରା ୪୧୦ ଗୋଟି ଗ୍ରାମ ଆକ୍ରାନ୍ତ ହୋଇ ବିସ୍ଥାପିତ ହୋଇଥିଲା ବୋଲି ଲେଖକ

ଉଲ୍ଲେଖ କରିଛନ୍ତି । ଅତୀତର ସ୍ମୃତିରକ୍ଷା ନିମନ୍ତେ 'କ୍ୟାମ୍ପ' ଯୋଗ କରାଯାଇ ନୂତନ ଗ୍ରାମଗୁଡ଼ିକର ନାମକରଣ କରାଯାଇଥିଲା । ରମ୍ପେଲା, ମୁରା, ପରରା, ମହାଦେବପାଲି, ତଲିଆ, ଡେର୍‌ବା, ମୂର୍ଦ୍ଧା, ପୁରନା, ମାରଙ୍ଗ, ପଲ୍‌ସଦା, ରମ୍ପାଲୁଗା, ବନ୍‌ଜାରୀ, ଲଛିପାଲି, ଲୁଧିଆପାଲି, ଭଅଁରଖୋଲ ଆଦି କ୍ୟାମ୍ପର ସୂଚନା ଦେଇଛନ୍ତି ଲେଖକ ।(ପୃ-୧୧୪) ଜନ୍ମସ୍ଥାନ ପ୍ରତି ମଣିଷର ଥାଏ ଅଶେଷ ମମତା । ଲେଖକ ବିସ୍ତୃତ ଭାବେ ମୁରା କ୍ୟାମ୍ପର ଅତୀତ ଓ ବର୍ତ୍ତମାନର ବିଶଦ ବର୍ଣ୍ଣନା କରିଛନ୍ତି ଉପନ୍ୟାସରେ । ଗାଁ ମୁଖିଆ ଯଦୁ ପଧାନର ପ୍ରସଙ୍ଗକୁ ଉତ୍‌ଥାପନ କରିଛନ୍ତି ଯେ ସେ ଯେତେବେଳେ ଛାଡ଼ିବାକୁ ଇଚ୍ଛା କରୁନଥିଲେ ନିଜ ଭିଟାମାଟି; ସେତେବେଳେ ପୋଲିସ ତାଙ୍କୁ ଟେକି ନେଇଥିଲେ ମୁରା କ୍ୟାମ୍ପକୁ । ବୁଢ଼ା ଏସବୁ ସହି ନପାରି ସେଠାରେ ଆଖି ବୁଜିଥିଲା । ଏମିତି ଅନେକ ଯଦୁ ପଧାନ ଆଖି ବୁଜିଥିଲେ ସବୁଦିନ ପାଇଁ । ମୁରା କ୍ୟାମ୍ପରେ ଯଦୁ ପଧାନର ପୁଅ ମୁରଲୀ ପଧାନ ନିଜ ବୃଦ୍ଧପିତାଙ୍କ ଦୁଃଖ ବର୍ଣ୍ଣନା ବେଳେ ଆଖି ତାଙ୍କ ହେଇଯାଉଥିଲା ଲୋତକାପ୍ଳୁତ । ସେସବୁ ଘଟଣାକୁ ବଡ଼ ମର୍ମାନ୍ତିକ ଏବଂ ହୃଦୟସ୍ପର୍ଶୀ ବୋଲି ଲେଖକ କରିଛନ୍ତି ଉଲ୍ଲେଖ ।(ପୃ-୧୧୫)

ଲେଖକ ହୀରାକୁଦ ଜଳଭଣ୍ଡାରର 'ବୁଢ଼ି ଅଞ୍ଚଳ'କୁ ଚିଲିକାର ସାନଭଉଣୀ ଏବଂ ତାହାର ଜଳ କ୍ଷାରୀୟ ନୁହେଁ ବରଂ ମଧୁର ବୋଲି କହିଛନ୍ତି । ସେଠାକାର ଜୈବବିବିଧତା (Biodiversity) ପ୍ରସଙ୍ଗକୁ ଉଲ୍ଲେଖ କରିବାକୁ ଯାଇ "ଶୀତ ଆସିବା ସହିତ ବିଶ୍ୱର ବିଭିନ୍ନ ଦେଶର ବହୁ ଜାତି ପ୍ରଜାତିର ପକ୍ଷୀମାନଙ୍କୁ ଦେଖିବାକୁ ମିଳନ୍ତି । ଅନୁଧ୍ୟାନରୁ ଜଣାଯାଏ, ଏହାକୁ ପ୍ରତିବର୍ଷ ନବେ ପ୍ରକାର ପରିବ୍ରାଜକ ପକ୍ଷୀ ମାଡ଼ି ଆସି ସେପ୍ଟେମ୍ବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅବସ୍ଥାନ କରନ୍ତି । ତିରିଶ ପ୍ରକାର ଆଞ୍ଚଳିକ ପକ୍ଷୀ ଜଳଭଣ୍ଡାରରେ ସ୍ଥାୟୀ ବାସ କରନ୍ତି । ଏ ସମସ୍ତ ତଥ୍ୟର ଉଲ୍ଲେଖପୂର୍ବକ ଲେଖକ ପ୍ରାୟ ଚାରିପୃଷ୍ଠା ବ୍ୟାପୀ ସେଠାକାର ପକ୍ଷୀମାନଙ୍କର ବିବିଧତା ଓ ଜୈବବିବିଧତାର ପ୍ରସଙ୍ଗର ଅବତାରଣା କରିଛନ୍ତି । ଲେଖକ ସମ୍ବଲପୁରର ଏହି ବୁଢ଼ି ଅଞ୍ଚଳରେ ଜଳବିହାର ସମୟରେ ଅନେକ ଦେଶୀ, ବିଦେଶୀ ଦେଶାନ୍ତରୀ ପକ୍ଷୀମାନଙ୍କର ଅଧ୍ୟୟନ ଓ ଅନୁଧ୍ୟାନ କରିଛନ୍ତି ।(ପୃ-୧୧୯) ସେହିଭଳି ଶୀତଋତୁରେ ଅତ୍ୟନ୍ତ ନିଦାଘ ଆସିଲେ ବୁଢ଼ି ଅଞ୍ଚଳ ପକ୍ଷୀଶୂନ୍ୟ ହେବା ସହିତ ଜଳଭଣ୍ଡରର ହତଶ୍ରୀ ରୂପକୁ ମଧ୍ୟ ବର୍ଣ୍ଣନା କରିଛନ୍ତି ଉପନ୍ୟାସରେ । 'ବ୍ୟାଘ୍ର ନିନାଦ' ଉପନ୍ୟାସର ଅନେକ ପ୍ରସଙ୍ଗରେ 'ବୁଢ଼ି ଅଞ୍ଚଳ'ର ସ୍ଥାନାନ୍ତରଣ ବିସ୍ଥାପନ, ନୂତନ ବସତିର ସୁଖ-ଦୁଃଖ ସହିତ ବୁର୍ଲାର ବନ୍ଧୁ କ୍ୟାପଟେନ ପ୍ରେମ୍ ତିୱାରୀ ପ୍ରସଙ୍ଗର ଅବତାରଣା ବେଶ୍ ସ୍ୱତନ୍ତ୍ର । ହୀରାକୁଦରକୁ ଉପନ୍ୟାସରେ ଲେଖକ ଏକ ଉତ୍କୃଷ୍ଟ ଜୈବବିବିଧତାର ଅଞ୍ଚଳ ଭାବେ ଅଭିହିତ କରିଛନ୍ତି ।

**ତିନି ହୀରାକୁଦ (୨୦୧୨) :**

ହରିଶଙ୍କର ବଡ଼ପଣ୍ଡାଙ୍କର 'ତିନି ହୀରାକୁଦ' ହୀରାକୁଦ ବିସ୍ଥାପନ ସମ୍ପର୍କିତ ପ୍ରଥମ ଉପନ୍ୟାସ ବୋଲି କୁହାଯାଇପାରେ । ଲେଖକ ଇଞ୍ଜିନିୟର କରୁଣାକର ସୂପକାର; ପ୍ରସିଦ୍ଧ ଜନନେତା ଶ୍ରଦ୍ଧାକର ସୂପକାର; ସୁସାହିତ୍ୟିକ ମଙ୍ଗଳୁ ଚରଣ ବିଶ୍ୱାଳ; ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ; ପର୍ତ୍ତା ଗ୍ରାମରୁ ବିସ୍ଥାପିତ ହୋଇଥିବା ତାଙ୍କର ସମୁଦି ଭିକାରି ଚରଣ ପଣ୍ଡା; ବିଶିଷ୍ଟ ସ୍ତମ୍ଭକାର ଶିବପ୍ରସାଦ ତ୍ରିପାଠୀ; ସାମ୍ବାଦିକ କିଶୋର କୁମାର ସାହୁ, ସମାଜସେବୀ ଦିଲ୍ଲୀପ କୁମାର ପାଢ଼ୀ ଆଦିଙ୍କର ଆଲେଖ୍ୟ ଏବଂ ଦିଗ୍‌ଦର୍ଶନରୁ ଲେଖକ ରୂପ ଦେଇଥିଲେ 'ତିନି ହୀରାକୁଦ'ଉପନ୍ୟାସକୁ । ଉପନ୍ୟାସର 'ଉତ୍ସର୍ଗ'ରୁ ହିଁ ଏହାର ଆଭିମୁଖ୍ୟଟି ସ୍ପଷ୍ଟ ହୋଇଥାଏ: "କ୍ଷତିପୂରଣ ନପାଇ, ଜମି ନପାଇ ଘର ନପାଇ ଏପ୍ରିଲ୍ ୨ ତାରିଖ, ୧୯୪୮ ଦିନ ହୀରାକୁଦ ବୁଢ଼ି ଅଞ୍ଚଳରୁ ସର୍ବ ପ୍ରଥମେ ବିସ୍ଥାପିତ ହୋଇଥିବା ଚେମା କାଲୋ, ନିରଞ୍ଜନ ଭୋଇ, ଜଇ ଭୋଇ, ଭରତ ଚମାର, ବ୍ରଜ ଭୋଇ, ବିଦ୍ୟାଧର ପ୍ରଭୃତିଙ୍କ ଅମର ସ୍ମୃତିରେ ଉତ୍ସର୍ଗିତ ।" (ପୃ-ଉତ୍ସର୍ଗ)

'ଉପନ୍ୟାସ'ରେ ହୀରାକୁଦ ଜଳଭଣ୍ଡାରର ସୁବର୍ଣ୍ଣ ଜୟନ୍ତୀ-୨୦୦୭ ନିମନ୍ତେ ଲିଖିତ କବିତା 'କର୍ମକଷଣ'ସହିତ 'ହୀରାକୁଦ ଏକ' (୧୯୪୫-୧୯୪୮); 'ହିରାକୁଦ ଦୁଇ' (୧୯୪୮-୧୯୫୭); 'ହୀରାକୁଦ ତିନି' (୧୯୫୭-୨୦୧୦) ଏହି ଭଳି ୧୯୪୫-୨୦୧୦ ପର୍ଯ୍ୟନ୍ତ ବିଷୟ ସଂଯୋଗିତ ଓ ବିଭକ୍ତ ହୋଇଥିବାରୁ ଉପନ୍ୟାସର ନାମକରଣ 'ତିନି ହୀରାକୁଦ'ରଖା ଯାଇଥିବା ଲକ୍ଷଣୀୟ; "ନିଆଁରେ ନିଜ ଜନ୍ମମାଟି ଗାଁକୁ / ଯିଏ ଜଳି ଯିବାର ଦେଖିଛି / ବନ୍ୟାରେ ନିଜର ଜନ୍ମମାଟି ଗାଁକୁ/ଯିଏ ଧୂଳିସାତ୍ ହୋଇଯିବାର ଦେଖିଛି / ଘୂର୍ଣ୍ଣିଝଡ଼ରେ ନିଜ ଜନ୍ମମାଟି ଗାଁକୁ/ଯିଏ ଉଡ଼ିଯିବାର ଦେଖିଛି/ସିଏ କେବଳ ଅନୁଭବି ପାରିବ ଯେ'/ ଜଳ ଭଣ୍ଡାର ତଳେ ନିଜ ଗାଁ ନାଁ/ ବୁଡ଼ିଯିବାର ଦୁଃଖ/ କେତେଟା ଅଶ୍ଳୀଳ, କେତେଟା ଦୁଃଖଦ ।"(ପୃ-୭) କବିତାରେ ବେଶ୍ ସମ୍ବେଦନଶୀଳ ହୀରାକୁଦର ବିସ୍ଥାପନ : " ଘଙ୍ଘ ଯେଉଠି ଗ୍ରାମଦେବୀଙ୍କ ଥିଲା ଆସ୍ଥାନ/ ଏବେ ତାର ନାହିଁ ଚିହ୍ନବର୍ଣ୍ଣ/ କେବଳ ଆସ୍ଥାନକୁ ଲଗାଲଗି/ ସାହାଡ଼ା ଗଛଟି ଖୁଣ୍ଟ ହୋଇ ପାଣି ଉପରକୁ ଦିଶେ / xxx ଆମ ଗାଁର ସନିଆ ବାରିକର ପରିବାର/ ଏବେ ବ୍ରଜରାଜ ନଗରରେ/ ଚିଙ୍ଗୁରୁ ଗୋବାର ଦୁଃଖ କହିଲେ ନସରେ/ ଝାଟିମାଟିର ଘର ଖଣ୍ଡିଏ କରି/ ତା'ର ପରିବାର ରୁହନ୍ତି ରେଙ୍ଗାଲି କ୍ୟାମ୍ପରେ/ଏକର ପ୍ରତି ଆଠଟଙ୍କା ବାର ଅଣା ପାଇ/ ବ୍ରଜ ମାଷ୍ଟ୍ରେ,

କାହ୍ନୁ ମାଷ୍ଟ୍ରେ ଗାଁ ଛାଡ଼ି / କୁଆଡେ ଗଲେ ଜଣା ନାହିଁ /ଗାଁକୁ ଗାଁକୁ ଭିକମାଗି / ବଞ୍ଚି ରହିଛି ଗାଁ ଚୌକିଆ ଚଇତୁ ସ୍ୱାଇଁ । / ମନେପଡ଼େ ଆମ ଗାଁର ଗାଧୁଆତୁଠ / ବାଘଲଟି, କୁଞ୍ଜଘେରା ମାତାମଠ / xxx ଗାଁମୁଣ୍ଡ ବରଗଛ ଆମ୍ବତୋଟା ବଉଳ / xxx ଘାଣ୍ଟିଚକଟି ହେଉଥିଲା ଏ ନୂଆ ଗାଆଁଟା / ଆମ ପାଇଁ ପାଲଟିଛି ଯେମିତି କଂସପୁର ।"(ପୃ-୯-୧୦)

'ହୀରାକୁଦ ଏକ' ବିଭକ୍ତ ହୋଇଛି ଫୁଲର ଫଗୁଣ; ସୁନା ରାଇଜର ସୁନାଫସଲ; ଜମଡ଼ା ଗାଁର ଦୁଃଖ; କଳା ସାହେବର ଖାରାପଣ, ଇତିହାସର ପରିହାସ; ପର୍ବପର୍ବାଣିର ମହକ; ଲୁହର ଡାକ ଭାବେ ୧୯୪୫ ମସିହାର ପୃଷ୍ଠଭୂମିରେ ମହାନଦୀ କୂଳେ ଜମଡ଼ା ଗାଁର ଆମ୍ବ-ଖଜୁରୀ-ଶାଳ ଆଉ ସାହାଡ଼ା ଗଛରେ ବଣରେ ଭରା ଲମଡୁଙ୍ଗୁରିର ଚିତ୍ରରେ ଅତୀତର ନଷ୍ଟାଲଜିଆ ପ୍ରତିଫଳିତ । ଫଗୁଣ ଆସିଲେ କିପରି ଜମଡ଼ା ଗାଁଟି ସତେକି ଚଳଚ*ଳ ହୋଇଉଠେ; ଏବେ ଯେଉଁଠି ହୀରାକୁଦ ସହର ଅଛି; ଜମଡ଼ା ସେଇଠି ଥିଲା; କିନ୍ତୁ ତା'ର ନାଁ ନାହିଁକି ଗାଆଁ ବି ନାହିଁ ।(ପୃ-୧୩) ଜମଡ଼ା ଗାଁରୁ ରମ୍ଭେଲା ଗାଁଟା ପ୍ରାୟ ଛଅ କୋଶ ବାଟ; ଆଉ ବାଟରେ ପଡ଼େ ରଙ୍ଗମାଟିଆ ଗାଁ; ଇବ୍ ନଦି କୂଳରେ ପ୍ରାୟ ପା*/ ଛଅ ହଜାର ଲୋକସଂଖ୍ୟା ବିଶିଷ୍ଟ ଗୋଟିଏ ବଡ଼ ଗାଁ ହେଉଛି ରମ୍ଭେଲା/ ଗାଁର ଗୌନ୍ତିଆ ଶିକ୍ଷିତ ଜଗବନ୍ଧୁ ପଣ୍ଡା । ଗୌନ୍ତିଆଙ୍କଦ୍ୱାରା ହୀରାକୁଦ ବନ୍ଧ ବାନ୍ଧିବା କଥା ଶୁଣି ପ୍ରଥମେ ଲୋକଙ୍କ ଭିତରେ ସୃଷ୍ଟି ହୋଇଥିଲା ଗୁଞ୍ଜରଣ; ବ୍ରଜ ଭୋଇ, ଗୁରୁବାରୀ, ସାନବାବୁ ଆଦି ପ୍ରଥମେ ଏ ଖବର ଶୁଣି ଦୁଶ୍ଚିନ୍ତାରେ ଜମଡାକୁ ଫେରିବାର ଦୁଃଖ ଥିଲା ପ୍ରଥମ ଏକ ଆଶଙ୍କାର ସୂତ୍ରପାତ ।(ପୃ-୧୬) 'ସୁନା ରାଇଜର ସୁନାଫସଲ'ରେ ରମ୍ଭେଲାର ସମୃଦ୍ଧି ହୋଇଛି ବର୍ଣ୍ଣିତ । ରମ୍ଭେଲା ଏବଂ ମୁରା ଗାଁରେ ଥାଏ ଦୁଇଟି ଏମ୍‌ଇ ସ୍କୁଲ । ଗାଁର ସବୁ ସମାଧାନ କରନ୍ତି ଗୌନ୍ତିଆ ଜଗବନ୍ଧୁ ପଣ୍ଡା । ଚାଉଳ ପାଇଁ ପ୍ରସିଦ୍ଧ ଥିଲା ରମ୍ଭେଲା ଗାଁ । ସେଇଠାରୁ ହିଁ ଶହେ ଶଗଡ଼ ପ୍ରତିଦିନ ବର୍ଷସାରା ଚାଉଳ ନେଇ ଯାଏ ସମ୍ବଲପୁର, ଝାରସୁଗୁଡ଼ା, ବ୍ରଜରାଜ ନଗର ଆଦି ଅଞ୍ଚଳକୁ । ତା'ସହିତ ମୁଗ-ବିରି- ଆଉ ବିଭିନ୍ନ ପନିପରିବା । ଅନୁରୂପ ଭାବରେ ପଶ୍ଚିମପଟେ ମହାନଦୀରେ ଇବ୍‌ନଦୀ ମିଶି ସୃଷ୍ଟି ହୋଇଛି ଗଣ୍ଡ; ବର୍ଷ ସାରା ପ୍ରଚୁର ମାଛ; ରମ୍ଭେଲା-ବଘରା-ମୁରାର କେଉଟମାନଙ୍କର ମୁଖ୍ୟ ବେଉସା ଥିଲା ମାଛଧରା । ବଘରା ଗାଁର ତ୍ରିବେଣୀ ସଙ୍ଗମ ସହିତ ନଦୀ କୂଳେକୂଳେ ବିସ୍ତୃତ ସବୁଜ ଶସ୍ୟକ୍ଷେତ୍ର ଏବଂ ଶାଳ, ପିଆଶାଳ, ଗମ୍ଭାରୀ, ସାଗୁଆନ, ଶିରିଷ, ଶିମିଳି, ଆମ୍ବ, ପଣସ, ଚାର, ମହୁଲ ଗଛର ଜଙ୍ଗଲ ସହିତ ଥିଲା ପିଜୁଳି-ଆମ୍ବ-କଦଳୀ-ସାନ୍ତରା ଓ ଟଭା ଗଛବୃଛରେ ଭରପୂର ଏ ଅଞ୍ଚଳ । ସେଇ ସମୃଦ୍ଧ ରମ୍ଭେଲାର ଜଗନ୍ନାଥଙ୍କର ରଥଯାତ୍ରା ଥିଲା ଏକ ବଡ଼ ଉତ୍ସବ; ତା ସହିତ ନୂଆଖାଇ-ଦଶହରା-କାର୍ତ୍ତିକ ପୂର୍ଣ୍ଣମୀ-ମାର୍ଗଶିର ଲକ୍ଷ୍ମୀପୂଜା-ପୌଷପୂର୍ଣ୍ଣମୀ-ଦୋଳ ଆଉ ରାମନବମୀ ! ସେସବୁ ବିଲୁପ୍ତ ହୋଇଯାଇଥିଲା ସେଇ ଜଳର ଗର୍ଭରେ; ଆଉ ବିଲୟ ଲଭିଥିଲା ଅନେକ ଇତିହାସ ସେହି ମଗ୍ନ-ଉପତ୍ୟକା ତଳେ । 'ଜମଡ଼ା ଗାଁର ଦୁଃଖ'ରେ ରମ୍ଭେଲାରୁ ହୀରାକୁଦ ନଦୀବନ୍ଧ ହେବା କଥା ଶୁଣି ଫେରିଥିବା ବ୍ରଜ ଭୋଇ; ତା'ର ପୁଅ ସ୍ତ୍ରୀ ସଙ୍ଗେ ଫେରିଲା ପରେ ଜମଡାକୁ ତାକୁ ଆଉ ନିଦ ନଥିଲା, କାରଣ ଜମଡା ସଂପୂର୍ଣ୍ଣ ଭାବେ ଉଠିଯିବ ! ବତିଶ ପରିବାରର ଗାଁ; ଜମଡା ଗାଁର ଚେମା କାଲୋ; ନିରଞ୍ଜନ ଭୋଇ, ଜଇ ଭୋଇ, ଗଣ୍ଡା ଝାଙ୍କର, ସୁଆଗ, ହେମ, ଉଜଲ ଭୋଇ, ରତନ ଭୋଇ, ଭରତ ଚମାର, ବ୍ରଜ ଭୋଇ, ବିଦ୍ୟାଧର ତଥା ଗାଁର ସମସ୍ତ ହରିଜନ-ଆଦିବାସୀ ସଂନ୍ଧ୍ୟାବେଳେ କୋଠା ପିଣ୍ଡାରେ ହେଲେ ଏକଯୁଟ ! ସେଠି ଶୁଣି ଆସିଥିବା କଥାର ଖିଅରୁ ଆରମ୍ଭ ହୋଇଥିଲା କଳ୍ପନାଜଳ୍ପନା ଏବଂ ଆଶଙ୍କା ନେଇ ବିଭିନ୍ନ ଲୋକଙ୍କର ଉପଲବ୍ଧିର ଜଗତ ଏବଂ ପ୍ରତିକ୍ରିୟା ଥିଲା ବେଶ୍ ଭାବିତ କରିବା ଭଳି । ବ୍ରଜ ଭୋଇର ସୁନାମୁଣ୍ଡା ଜମି ଯେ ସରକାର ତା' ଅଧିକାରକୁ ନେଇଯିବେ; ସେ କଥା ଭାବି ପାରୁନଥିଲା ବ୍ରଜ । 'କଳା ସାହେବର ଗୋରାପଣ' ଅଂଶରେ ୧୫ ମାର୍ଚ୍ଚ, ୧୯୪୭ର ଏକ ଅଳସ ଅପରାହ୍ନକୁ ଔପନ୍ୟାସିକ 'ମହାନଦୀରେ କାହାର କଳାଛାଇ ପଡ଼ିଗଲା' ବୋଲି ବେଶ୍ ବ୍ୟଞ୍ଜନାରେ ଆଶଙ୍କାକୁ କରିଛନ୍ତି ଅଭିବ୍ୟକ୍ତ । କାରଣ ଠିକ୍ ମାସେକ ଆଗରୁ ଜମଡ଼ାର ଚବିଶଟି ପରିବାରକୁ କିଛି ଜଣା ନଥିଲା କେତେଜଣ କଳା ଓ ଗୋରା ସାହେବ ମହାନଦୀ କୂଳକୁ ଆସିଥିଲେ ଅନେକ ଥର; ଆଉ ମାର୍ଚ୍ଚ ୧୫, ୧୯୪୭ରେ ପୋଲିସ୍ ସହିତ କେତେକ ସରକାରୀ ଗାଡ଼ି ହର୍ଣ୍ଣ ବଜାଇ; ରାସ୍ତାକୁ ଧୂଳି ଧୂସରିତ କରି ଆସି ପହଞ୍ଚିଲେ । ଓଡ଼ିଶାର ତତ୍‌କାଳୀନ ଗଭର୍ଣ୍ଣର ସାର୍ ହଥର୍ଣ୍ଣ ଲୁଇସ୍ ହୀରାକୁଦ ବନ୍ଧ ଯୋଜନାର ମଧ କରିଥିଲେ ଭିତିପ୍ରସ୍ତର ସ୍ଥାପନ ।(ପୃ-୨୬) ହୀରାକୁଦ, ଟିକରପଡ଼ା, ନରାଜ ଯୋଜନା ମଧ୍ୟରୁ ହୀରାକୁଦ ଯୋଜନାଟି ଥିଲା ସବୁଠାରୁ ଆକର୍ଷଣୀୟ, କାରଣ ହୀରାକୁଦ ଯୋଜନାରେ କୌଣସି ପ୍ରକାର ରାଜନୈତିକ ସମସ୍ୟା ନାହିଁ ବୋଲି କହିଥିଲେ ତତ୍‌କାଳୀନ ହୀରାକୁଦ ନଦୀବନ୍ଧର ମୁଖ୍ୟଯନ୍ତ୍ରୀ ଡକ୍ଟର ଅଯୋଧ୍ୟା ଖୋସ୍‌ଲା । ଏପରିକି ୧୯୪୭ ମସିହାରେ ହୀରାକୁଦ ବନ୍ଧ ରିପୋର୍ଟରେ ସେ କହିଥିଲେ ଯେ ଘର, ଗାଁ, ଆଦି ବୁଡ଼ିଯିବା ବହୁପୂର୍ବରୁ ଜମି ବଦଳରେ ଜମି, ଘର ବଦଳରେ ଘର ଓ ଉଦାର କ୍ଷତିପୂରଣ ଦିଆଯିବା ଉଚିତ ।(ପୃ-୨୬)

ରମ୍ଭେଲାଠାରୁ ରମ୍ଭାଲୁଗା; ପିତାପାଲିଠାରୁ ମୁରା; ମୁରାରୁ

ବଘରା; ଆମ୍ବାଭୋନାରୁ ଲଖନପୁର; ତାଲବେର୍ଣ୍ଣୋରୁ କୁମ୍ଭାରବନ୍ଧ ସବୁଆଡ଼େ ଚର୍ଚ୍ଚା ହେଉଥିଲା ଏହି ବିସ୍ଥାପନର କଥା । ଜମଡ଼ା ଛାଡ଼ିଲେ ସେଠାକାର ଲୋକେ ଯିବେ କୁଆଡ଼େ ସେ କଥାକୁ ହେଉଥିଲେ ଭାଳି । ଗୌନ୍ତିଆଙ୍କୁ ଗାଁଲୋକେ ଫୋରାଦ୍ କରୁଥିଲେ ବି ଏହାର ପ୍ରସ୍ତାବ ଥିଲା ଖୁବ୍ ବଡ଼; ତଥାପି ଭିନ୍ନଭିନ୍ନ ଅଞ୍ଚଳରୁ ଲୋକେ ଆସୁଥିଲେ ଏହାର ସମାଧାନାର ବାଟ ଖୋଜିବାପାଇଁ । 'ଇତିହାସର ପରିହାସ'ରେ ଶ୍ରଦ୍ଧାକର ସୂପକାରଙ୍କ ପୁସ୍ତକ 'ଇତିହାସର ପରିହାସ'ର କଥାକୁ ହିଁ ଉଲ୍ଲେଖ କରାଯାଇପାରେ : "ମହାନଦୀ ଓ ତହିଁର ଉପନଦୀ ଇବ୍ ନଦୀର ଉଭୟ ତୀରରେ ନଦୀମାତୃକାର ଉର୍ବର ଭୂମି ଶତାବ୍ଦୀ ଶତାବ୍ଦୀ ଧରି ସମ୍ବଲପୁରର ଏକ ସମୃଦ୍ଧ ଅଞ୍ଚଳର ମୁଖ୍ୟ ଭୂମିଥିଲା । ରମ୍ପେଲା, ଆଢାବରା, କୁମ୍ଭାରବନ୍ଧ, ଖୁଣ୍ଡା, ବଘରା, ରମ୍ପାଲୁଗା, ମୁରା, ଭୁଲକା, ଅନାଦି ଆଦି ଗାଁମାନ ଧାନ,ଆଖୁ, ମୁଗ, ପନିପରିବା ଆଦି ପାଇଁ ଯେପରି ପ୍ରସିଦ୍ଧ ଥିଲା; ବୀର ସୁରେନ୍ଦ୍ର ସାଏ, ଲୋକନାଥ ଗଡ଼ତିଆ, ବଳଭଦ୍ର ସୂପକାର ଆଦିଙ୍କ ଲୀଳାଭୂମି ପାଇଁ ସେହିପରି ଐତିହାସିକ ଖ୍ୟାତିସମ୍ପନ୍ନ ଅଞ୍ଚଳ ଭାବେ ପରିଗଣିତ ହେଉଥିଲା । ଓଡ଼ିଶାର ଶସ୍ୟଭଣ୍ଡାର ଭାବେ ଖ୍ୟାତ ଏହି ଅଞ୍ଚଳ ଯେ ଜଳମଗ୍ନ ହେବାକୁ ସ୍ଥିରୀକୃତ ହୋଇଛି; ତାହା ଅନେକ ଗ୍ରହଣ କରିପାରୁ ନଥିଲେ ।(ପୃ-୨୯) ପର୍ବ-ପର୍ବାଣିର ମହକରେ ପୁଷପୁନି (ଖଳା ଛଡ଼ା); ନୂଆଁଖାଇ, ଦୋଳ, ରଥଯାତ୍ରା, ଦଶହରା, ଆଦିର ପ୍ରସଙ୍ଗ ଏବଂ ସେହି ବର୍ଷ ଜାନୁଆରୀ ୩୦, ୧୯୪୮ରେ ନାଥୁରାମ ଗଡ୍‌ସେଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କର ହତ୍ୟାର ଖବର ବି କିପରି ଦୁଃଖର ଲହରୀ ଖେଳେଇ ଦେଇଥିଲା ସେଇ ଅଞ୍ଚଳରେ ତା'ର ଛବି ମଧ୍ୟ ବେଶ୍ ପ୍ରତୀକାତ୍ମକ ଭାବେ ହୋଇଛି ଉପସ୍ଥାପିତ ।

ବିନା ନୋଟିସ୍‌ରେ ବିନା ପୂର୍ବ ପ୍ରସ୍ତୁତିରେ ଜମଡ଼ା ଗାଁର ଚବିଶ ଗୋଟି ପରିବାରକୁ ଘର-ଜମି-କ୍ଷତିପୂରଣ ନଦେଇ ସଂପୂର୍ଣ୍ଣ ଭାବେ ତଡ଼ି ଦିଆଗଲା ଏପ୍ରିଲ୍ ୨ ତାରିଖ, ୧୯୪୮ ମସିହାରେ । ୧୨ ଏପ୍ରିଲ୍‌ରେ 'ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଆହୁରି ଥରେ ହୀରାକୁଦ ନଦୀବନ୍ଧ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ।(ପୃ-୩୬) ଜମଡ଼ା ଗାଆଁରୁ ଲୋକେ ଯେ ପ୍ରଚଣ୍ଡ ଖରାରେ ଲମ୍ବଡୁଙ୍ଗ୍ରୀ ମାଟିର କୌଣସି ଗଛତଳେ ଆଶ୍ରୟ ନେଇ; ଗାଆଁ ଆଡକୁ ଅନେଇ ଅନେଇ କାକୁସ୍ଥ ଲୁହ ଢାଳି ଯେ ବିସ୍ଥାପିତ ହୋଇଗଲେ; ତା'ର କୌଣସି ଇତିହାସ ନାହିଁ । ୧୪ ଏପ୍ରିଲ୍ ୧୯୪୯ ପ୍ରାୟ ବର୍ଷକ ପରେ ସରକାର ସେମାନଙ୍କୁ କ୍ଷତିପୂରଣ ଦେଲେ । ଅବିଶ୍ୱାସର କଥାଟି ହେଉଛି ୨୭ ଏକର ୭୬ ଡିସିମିଲ ପାଇଁ କ୍ଷତି ପୂରଣ ମିଳିଥିଲା ମୋଟ୍ ୫୧୯ ଟଙ୍କା ୫ ଅଣା । ଅର୍ଥାତ୍ ଏକରକୁ ୧୮ ଟଙ୍କା ୧୨ ଅଣା । ଡେସିମିଲକୁ ୩ ଅଣା । ପୈତୃକ ଘରୁ ବେଦଖଲ ହେବାର କ୍ଷତିପୂରଣ ଉଲ୍ଲେଖ ନଥିଲା କେଉଁଠି ।(ପୃ-୩୮) କେତେ ଲୋକ କେତେ ଯେ ଯାତନା ଭୋଗିଲେ ତା'ର ଇୟତ୍ତା ନାହିଁ । ଜମିକୁ ମନେପକାଇ ଗୁରୁବାରୀର ଆଖିରୁ ଲୁହ ନଶୁଖିବା କିମ୍ବା ଭରତ ଚମାର ଜୋତା ତିଆରି ଛାଡି ଭିକ ମାଗିବା ବେଶ୍ ସମ୍ବେଦନଶୀଳ । 'ଲୁହର ଡାକ'ରେ ପିତାପାଲିର ଗୌନ୍ତିଆ ଦୁର୍ଯୋଧନ କିଭଳି ଗାଁ ବିଲରେ ଖଟି ହୀରା ଫଳାଏ; ଗୁଡ଼ ମାଠିଆ ବିକି ସେମାନେ ଯେ ଚଳି ଯାଆନ୍ତି ବର୍ଷ ସାରା; ମାତ୍ର କାହିଁକି ସେମାନଙ୍କୁ ମା' ମାଟିରୁ ବିଚ୍ୟୁତ କରାଯିବ ଭଳି ପ୍ରସଙ୍ଗରେ ସେମାନଙ୍କ ମାଟି ପ୍ରତି ତୀବ୍ର ଆସକ୍ତିକୁ ଲକ୍ଷ୍ୟ କରାଯାଇପାରିବ । 'ଲୁହର ଡାକ'ରେ ସଭା କରି ସମସ୍ତେ ନିଜ ନିଜର ମତ ରଖିବା ଭିତରେ ବେଶ୍ ପ୍ରତିଫଳିତ ହୋଇଛି ବିସ୍ଥାପନ ହେବାର ଆଶଙ୍କାର କାହାଣୀ । ୨୧ ମଇ, ୧୯୪୭ ମସିହାରେ ଜନାର୍ଦ୍ଦନ ପୂଜାରୀ, ଶତ୍ରୁଘ୍ନ ପଣ୍ଡା, ଶ୍ରୀନିବାସ ମିଶ୍ର ପ୍ରମୁଖଙ୍କର କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କଲେ । ସେମାନଙ୍କୁ ଗିରଫ କରି ତିନିମାସ ଲେଖାଏଁ ଜେଲଦଣ୍ଡ ହେଲା, ପରେପରେ ଶ୍ରଦ୍ଧାକର ସୂପକାରଙ୍କୁ ମଧ୍ୟ ଗିରଫ୍ କରି ଜେଲ୍‌କୁ ପଠାଇ ଦିଆଗଲା; ତତ୍‌କାଳରେ ହୀରାକୁଦ ବନ୍ଧ ବିରୋଧୀ ସମତି ଗଠିତ ହୋଇଥିଲା ଏବଂ ଏହାର ସଭାପତି ଥିଲେ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଏବଂ ସମ୍ପାଦକ ଥିଲେ ଶ୍ରଦ୍ଧାକର ସୂପକାର । ୨୨ ମଇ ୧୯୪୭ରେ ଅଠର ବର୍ଷୀୟ ସୌରିନ୍ଦ୍ରୀ ନାୟକ ଏବଂ ଅନ୍ୟାନ୍ୟ ମହିଳାମାନଙ୍କୁ ଲାଠିମାଡ ହେଲା; କିନ୍ତୁ ସେମାନଙ୍କୁ ଗିରଫ୍ ନକରି ସମସ୍ତଙ୍କୁ ଛାଡ଼ି ଦିଆଯାଇଥିଲା; ସୌରିନ୍ଦ୍ରୀ ନାୟକ କିନ୍ତୁ ବିଶେଷ ଭାବରେ ଆହତ ହୋଇଥିଲେ ।(ପୃ-୪୬) ୧୨ ନଭେମ୍ବର ୧୯୪୬ ମସିହା ବେଳକୁ ଭାରତ ସ୍ୱାଧୀନତା ଲାଭ କରିନଥାଏ; ତେଣୁ ପରାଧୀନ ଭାରତରେ ହୀରାକୁଦ ନଦୀବନ୍ଧ ବିରୋଧୀ ଆନ୍ଦୋଳନ ଜୋର୍ ଧରିବା ଥିଲା; ଏକତାର ପ୍ରତୀକ ଓ ସୂଚକ ।

ତତ୍‌କାଳରେ ସମ୍ବଲପୁରରେ ଲକ୍ଷାଧିକ ପୁରୁଷ-ମହିଳାଙ୍କ ବିରୋଧ ଥିଲା ଭାବିତ କରିବା ଭଳି ବିଷୟ । ଜୁଲାଇ ୨୧, ୧୯୪୬ରେ ସମ୍ବଲପୁର ଟାଉନହଲରେ ହୋଇଥିବା ବିଶାଳ ସମାବେଶରେ ଜନାର୍ଦ୍ଦନ ପୂଜାରୀଙ୍କର ଅଗ୍ନିବର୍ଷୀ ଭାଷଣ ଥିଲା ବେଶ୍ ତୀବ୍ର । ଯାହାକି ତତ୍‌କାଳରେ ବେଶ୍ ଚର୍ଚ୍ଚାକୁ ଆସିଥିଲା । ଏହି ସଭାରେ ଉପସ୍ଥିତ ଥିଲେ ଓଡ଼ିଶା ରାଜନୀତିର ଦୁଇ କର୍ଣ୍ଣଧାର : ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ (ହୀରାଖଣ୍ଡ ସମାଚାର, ୧୭.୦୯.୧୯୪୬) ।(ପୃ-୪୩) ୨୧ ମଇ ୧୯୪୭ ମସିହାରୁ ଜନାର୍ଦ୍ଦନ ପୂଜାରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଏହି ସତ୍ୟାଗ୍ରହ । ଏହି ଅହିଂସାତ୍ମକ ଆନ୍ଦୋଳନରେ ତାଙ୍କର ପତ୍ନୀ

ଶ୍ରୀମତୀ କମଳା ପୂଜାରୀ; ତାଙ୍କର ଦ୍ୱାଦଶ ବର୍ଷୀୟ ପୁତ୍ର ଶ୍ରୀମାନ୍ ଯତୀନ୍ଦ୍ରଙ୍କ ସହିତ ଶତ୍ରୁଘ୍ନ ପଣ୍ଡା, ପୂର୍ଣ୍ଣ ଗୁଡ଼ିଆ, ଶ୍ରୀନିବାସ ମିଶ୍ର, ପୁରନ୍ଦର ହୋତା, ଚିନ୍ତାମଣି ହୋତାଙ୍କ ସହଯୋଗ ତଥା ଶ୍ରଦ୍ଧାକର ସୂପକାର, ବିଷ୍ଣୁ ପ୍ରସାଦ ମିଶ୍ର, ଭରତ ପୂଜାରୀ ପ୍ରମୁଖଙ୍କ ନେତୃତ୍ୱ ଥିଲା ବେଶ୍ ପ୍ରଭାବଶାଳୀ । ଏହି ସତ୍ୟାଗ୍ରହ ପ୍ରାୟ ୨୭ ମଇ ୧୯୪୭ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଆନ୍ଦୋଳନ କ୍ରମଶଃ ଦୁର୍ବଳ ହେବାକୁ ବସିଲା; କାରଣ ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର ବିବିଧ ଉପାୟର ଅବଲମ୍ବନ କରିଥିଲେ । ପରିଶେଷରେ ହୀରାକୁଦ ବନ୍ଧ ବିରୋଧୀ କମିଟିର ସଭାପତି ଶ୍ରୀ ଶଙ୍କର ପ୍ରସାଦ ମିଶ୍ର ଡେପୁଟୀ କମିସନରଙ୍କୁ ଜଣାଇଥିଲେ ଯେ ବନ୍ଧ ବିରୋଧୀ କମିଟି ଭାଙ୍ଗିଯାଇଛି ।(ପୃ-୪୪)

'ହୀରାକୁଦ-ଦୁଇ' ପର୍ଯ୍ୟାୟଟି ୧୯୪୮ରୁ ୧୯୫୭ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ଏହା ସ୍ୱାଧୀନରୁ ପରାଧୀନ, ସମୁଦିର ଶେଷ ଭେଟଘାଟ, ନଈପାଣିରୁ ନିପାଣିଆ, ରମ୍ଭେଲାର ଲୁହ, କର୍ମକଷଣ(୧) ଓ କର୍ମକଷଣ (୨) ଭାବେ ଉଲ୍ଲିଖିତ । 'ସ୍ୱାଧୀନରୁ ପରାଧୀନ' ପର୍ଯ୍ୟାୟରେ ବଘରା ଗାଁର ଚାଷୀ ରେଙ୍ଗୁଟି ଭୋଇର ବାଇଶ/ତେଇଶ ବର୍ଷୀୟ ବିବାହିତ ପୁଅ ପ୍ରଦୀପ ଭୋଇର ଅବତାରଣା କରାଯାଇ ହୀରାକୁଦ ନଦୀବନ୍ଧର ନିର୍ମାଣ ଏବଂ ବିସ୍ଥାପନ ନେଇ ଗାଁଲୋକଙ୍କର ଆଲୋଚନାକୁ ଲକ୍ଷ୍ୟ କରାଯାଇପାରିବ । ସେଥିରେ ସମତାରାମ,ଚିନୁ, ସପନ, ଚଇତୁ ଧୋବା, କମ ଭଣ୍ଡାରୀ, କୃଷ୍ଣଚନ୍ଦ୍ର ମିଶ୍ର, ମଦନ ଭୋଇ, ନୀଳ ଗୌଡ ଆଦିରେ ଏଥିନେଇ ମତାମତ ଓ ଉପଲବ୍ଧି ଯେତେ ପରିବେଶ ଭିତ୍ତିକ; ସେତେ ନଷ୍ଟାଲଜିଆରେ ଭରା । 'ସମୁଦିର ଶେଷ ଭେଟଘାଟ'ରେ ଅଧୁନା ବିଲୁପ୍ତ ଇବ୍ ନଦୀ କୂଳରେ ଥିବା ଭୁଲକା, ପର୍ଡା, ରମ୍ଭେଲା, ସାପଲହରା, ତିହୁରା, ମଙ୍ଗଳପୁର ଓ ପତ୍ରାପାଲି ଗାଁର ପରିପୂର୍ଣ୍ଣ ଜୀବନ୍ତ ଇତିକଥା ବେଶ୍ ଦୀର୍ଘଶ୍ୱାସଭରା ।

୧୯୫୧-୫୨ ମସିହାର କାହାଣୀକୁ ଯୋଡ଼ି ଧରିଛନ୍ତି ଲେଖକ । ପର୍ଡା ଗାଁର ବିଦେଶୀ ଡାଙ୍ଗ ଏବଂ ତା'ର ସ୍ତ୍ରୀ ଲାଇବନ ତିହୁରା ଗାଁରେ ତାଙ୍କ ବଡ଼ଝିଅ ରତନ ଛତ୍ରିଆକୁ ବାହାଦେଇଥିଲା । ବାସୁ ଛତ୍ରିଆ ଥିଲା ସେମାନଙ୍କ ସମୁଦି । ସେମାନଙ୍କର ଦେଖାହେଲା ସେହିଭଳି ଏକ ପୃଷ୍ଠଭୂମିରେ; ଯେଉଁଠି ତାରାକନ୍ଦ ବୁଡ଼ି ଯିବାନେଇ କଥୋପକଥନ; କେବେ କିଏ ଆଉ-କୋଉଠି କାହାକୁ ଦେଖିପାରିବ; ତାହା ଥିଲା ବେଶ୍ ଆଶଙ୍କା ବିଜଡ଼ିତ । ଏ ପର୍ଯ୍ୟାୟରେ ଔପନ୍ୟାସିକ ସେହିଭଳି ଅନେକ କଥା ଓ ଘଟଣାକୁ ଏକତ୍ରିତ କରିଛନ୍ତି । ସପ୍ରସଙ୍ଗ କୁନୁ ବଗର୍ତ୍ତୀ, ଶକ୍ତିବାବୁ, ମହରଗୁ, ବିନୁ ମାଝୀ, ଚଇତୁ, କର୍ମୁ, ସୁନା ଲୁହାରର କଥାକୁ ସ୍ମରଣ କରାଯାଇପାରେ । 'ନଈପାଣିରୁ ନଈପାଣିଆ' ପାଞ୍ଚଶହ ଜନସଂଖ୍ୟା ବିଶିଷ୍ଟ ଇବ୍ ନଦୀକୂଳରୁ ତିହୁରା ଗାଁର ପ୍ରସଙ୍ଗର ଅବତାରଣା କରିଛନ୍ତି । ଗାଁର ଗ୍ରାମସଭାରେ ଗୌରହରି ବାବୁ, ପୀତାମ୍ବର ଗୌଡ, ଗୁରୁବାରୁ ବଗର୍ତ୍ତୀ, ସିତୁ ଛତ୍ରିଆ, ଅନନ୍ତ ମୁଣ୍ଡା, ନାନୁ ବେହେରା, ଅନ୍ତ ମୁଣ୍ଡା ଆଦିଙ୍କ କଥୋପଥନ ଏବଂ ଓରିଏଣ୍ଟ କାଗଜକଳ ପାଇଁ ଇବ୍ ନଦୀ ଦୂଷିତ ହେବା ପ୍ରସଙ୍ଗ ଆଦି ହୋଇଛି ଆଲୋଚିତ । ୧୯୪୦ ମସିହାରେ ବ୍ରଜରାଜନଗରରେ ସ୍ଥାପିତ ଓରିଏଣ୍ଟ ପେପର ମିଲ୍‌ର ସ୍ଥାନୀୟ ଲୋକଙ୍କୁ ରୋଜଗାର, ଚାକିରି ନେଇ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନହେବା; କାରାଖାନାର ବର୍ଜ୍ୟବସ୍ତୁଦ୍ୱାରା ଜଳ ଦୂଷିତ ହେବା; କଗଜକଳ ବିରୋଧରେ ଲୋକଙ୍କ ଆପତ୍ତି ଅଭିଯୋଗ, କୋର୍ଟ ଇବ୍ ନଦୀକୁ କାଗଜକଳରୁ ନିର୍ଗତ ପଦାର୍ଥକୁ ଛାଡ଼ି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ସତ୍ତ୍ୱେ ତାହା ସରକାର ତଥା ରାଜନୀତିକ ନେତାଙ୍କ ମୌନତାରୁ କାର୍ଯ୍ୟକାରୀ ହୋଇ ପାରିନଥିଲା । ୧୯୫୭ ମସିହାରେ ଯେତେବେଳେ ହୀରାକୁଦ ଜଳଭଣ୍ଡାରର ପାଣି ପଶି ସମଗ୍ର ଅଂଚଳକୁ ଜଳମଗ୍ନ କଲା ସେତେବେଳେ ନଦୀ କୂଳରେ ଥିବା ଭୁଲକା-ପର୍ଡା-ରମ୍ଭେଲା-ସାପଲହରା-ତିହୁରା-ମଙ୍ଗଳପୁର-ପତ୍ରାପାଲି ସଂପୂର୍ଣ୍ଣ ଭାବେ ଦେଶର ମାନଚିତ୍ରରୁ ଅଦୃଶ୍ୟ ହୋଇଯାଇଥିଲା । ଓରିଏଣ୍ଟ କାଗଜ କଳ ବି ଚିରଦିନ ପାଇଁ ବନ୍ଦ ହୋଇଯାଇଥିଲା । ଇବ୍ ନଦୀର ଅଭିଶାପରେ ସତେକି ଶିଳ୍ପ-ରାକ୍ଷସ ବିଲୁପ୍ତି ଲଭିଲା ବୋଲି କୁହାଯାଇପାରେ । ଭାରତ ସ୍ୱାଧୀନତା ପାଇବାର ଠିକ୍ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୧୫, ୧୯୪୭ରେ ହୀରାକୁଦରେ ଭିତ୍ତିପ୍ରସ୍ତର ଦିଆଗଲା । ୧୯୫୧-୧୯୫୩ ମସିହା ମଧ୍ୟରେ ହୀରାକୁଦ ନଦୀବନ୍ଧରେ ବୁଡ଼ିବାକୁ ଥିବା ପ୍ରାୟ ୨୦୦ ରୁ ଅଧିକ ରାଜସ୍ୱ ଗ୍ରାମ ଚିହ୍ନଟ ହୋଇ ସାରିଥାଏ ଏବଂ ୧୯୫୭ ସୁଦ୍ଧା ବୁଡ଼ି ଅଂଚଳକୁ ସଂପୂର୍ଣ୍ଣ ଭାବେ ଖାଲି କରିବାର ନିର୍ଦ୍ଦେଶ ବଳବତ୍ତର ରହିଥାଏ । 'ରମ୍ଭେଲାର ଲୁହ'ରେ ୧୯୫୪ର ପ୍ରସଙ୍ଗ ଅବତାରଣା କରାଯାଇ ତତ୍କାଳରେ ହୋଇଥିବା ଖୁବ୍ ଭଲ ଚାଷ ଏବଂ ଭବିଷ୍ୟତରେ ଆଶଙ୍କା ବେଶ୍ ବିଚଳିତ କରିଛି । ସେହିଭଳି ଗୌନ୍ତିଆଙ୍କୁ କଲେକ୍ଟର ସ୍ୱତନ୍ତ୍ର ସଭା କରି ୧୯୫୪ ମସିହାରେ ନିମନ୍ତ୍ରଣ କରିବା ଏବଂ ଆଗକୁ ଆସିବାକୁ ଥିବା ଡିସେମ୍ବର ଭିତରେ ବୁଡ଼ି ଅଞ୍ଚଳର ସମସ୍ତ ଗାଁକୁ ଖାଲି କରିଦେବା ପାଇଁ ଆଦେଶ ଦେଇଛନ୍ତି ।

'କର୍ମକଷଣ (୧)'ରେ ୫୦ ଖଣ୍ଡ ଗାଁଲୋକଙ୍କୁ ଏକ-ଦୁଇ-ତିନି ମାସ ଭିତରେ ଗାଁ ଖାଲି କରିବାର ଆଦେଶର ପ୍ରସଙ୍ଗ ସହିତ ପିତାପାଲିର ଗୌନ୍ତିଆ ଦୁର୍ଯ୍ୟୋଧନଙ୍କର ଅସହାୟତା ବିସ୍ଥାପନ ନେଇ ଅତ୍ୟନ୍ତ ନୀରବତାରେ ଆଶଙ୍କା ସୃଷ୍ଟିକାରୀ । 'କର୍ମକଷଣ-(୨)'ରେ ୧୯୫୫ ମସିହା ଜାନୁଆରୀ-ଫେବୃଆରୀ ବେଳକୁ ବିସ୍ଥାପନର ପ୍ରକ୍ରିୟାର ପ୍ରଥମ ଚରଣର ଆରମ୍ଭ

ହୋଇଥିଲା; କାରଣ, ଆଷାଢ଼ ମାସ ବେଳକୁ ନଦୀବନ୍ଧରେ ପାଣି ବନ୍ଧା ହେବାନେଇ ଯୋଜନା ହୋଇ ସାରିଥିଲା । ରମ୍ପାଲୁଗା ଗାଁରେ ଭାଳେଣି ପଡ଼ିଥିଲା ଯେ ସେମାନେ ରମ୍ପେଲା କ୍ୟାମ୍ପକୁ ଯିବେ ନା ବଡ଼ମାଲକୁ । କାରଣ ସରକାର ଦେଇଥିବା କୌଣସି ପ୍ରତିଶ୍ରୁତିକୁ ରକ୍ଷା କରିନଥିଲେ । ସମସ୍ତେ ମୁଣ୍ଡରେ ହାତଦେଇ ବସିଥିଲେ; ଲକ୍ଷ୍ୟହୀନ ଭାବେ ସେମାନେ ସମଗ୍ର ସଂସାର-ପିଲାଛୁଆ-ଗାଈ-ବଳଦ-ମଇଁଷି- ଜିନିଷପତ୍ର ନେଇ କୁଆଡେ ଯିବେ; ତାହା ଥିଲା ଏକ ଆତଙ୍କିତ ପ୍ରଶ୍ନବାଚୀ ! ତେଣୁ ଶାଗ-ମାଛ ମୂଲରେ ସେସବୁ ଅନେକ ବିକି ସାରିଥିଲେ ଅନ୍ୟକୁ । ରମ୍ପାଲୁଗାରେ ଚହଳ ପଡ଼ିଥିଲା ପ୍ରାୟ ପଚାଶ ଟ୍ରକ ଆସିବ । ଶହେ/ଦେଢଶହ ପରିବାର ସେଇସବୁ ଟ୍ରକରେ କ୍ୟାମ୍ପକୁ ଯିବେ । ତିନିଦିନ ପୂର୍ବରୁ ପୋଲିସ୍ ଗାଁକୁ ଆସିଥିଲେ ଏବଂ ନିଜେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଲୋକେ ଯାଉଥିଲେ । ଅବସ୍ଥା ଏପରି ମଧ୍ୟ ହୋଇଥିଲା ଯେ ପାଂଶହ ପୋଲିସ୍ ଗାଁଗାଁ ବୁଲି ମାର୍ଚ୍ଚ କରୁଥିଲେ, ଲୋକଙ୍କୁ ଜବରଦସ୍ତ ଟାଣି ଧକ୍‌କା ଚାପୁଡ଼ା ମାରି ଟ୍ରକ୍ ବା ବସ୍‌ରେ ନେଇ ଛାଡ଼ି ଦେଉଥିଲେ ଅନ୍ୟତ୍ର ।(ପୃ-୭୩) ୧୯୫୫ ମସିହାର ଆଷାଢ଼/ଶ୍ରାବଣ ବର୍ଷା ଦିନରେ ନଦୀବନ୍ଧରେ ପାଣି ଜମା ହେବାକୁ ଲାଗିଲା । ୧୯୫୬ ଆଷାଢ଼/ ଶ୍ରାବଣ ବେଳକୁ ଆହୁରି ଅନେକ ଗାଁ ବିସ୍ଥାପିତ ହେଲେ । କ୍ରମଶଃ ଜଳସ୍ତର ବଢିବାକୁ ଲାଗିଲା । ଗାଁ-ଘର-ବଣ-ଜଙ୍ଗଲ-ମନ୍ଦିର-ମସ୍‌ଜିଦ୍-ପାହାଡ଼-ରାସ୍ତା-ନଦୀର ଧାର ସବୁ କିଛି ବୁଡ଼ିଥିଲା ନଦୀର ମହା ପ୍ଲାବନରେ । ସେତେବେଳକୁ ୨୦୦ ଖଣ୍ଡରୁ ଅଧିକ ଗାଁ ଜଳମଗ୍ନ ହେଲା । ୨୨୦୦୦ ପରିବାର ବିସ୍ଥାପିତ ହେଲେ । ୧୯୫୭ ଜାନୁଆରୀ ୧୩ ତାରିଖରେ ହୀରାକୁଦ ନଦୀବନ୍ଧ ପାଖରେ ଆୟୋଜିତ ହେଲା ବିରାଟ ଏକ ମହାସଭା । ଜନସମାବେଶରେ ମୁଖ୍ୟଅତିଥି ଥିଲେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାଆନ୍ତି ଡ. ହରେକୃଷ୍ଣ ମହତାବ । ସେହିଦିନ ହୀରାକୁଦ ନଦୀବନ୍ଧ ଲୋକଙ୍କ ପାଇଁ ଲୋକାର୍ପଣ କରାଗଲା । ନେହେରୁ କହିଥିଲେ: "ଏ ନଦୀବନ୍ଧ ଯୋଜନା ସବୁ ଆଜି କାଲିର କୋଣାର୍କ ! ସମସ୍ତଙ୍କୁ ଏକା ସାଙ୍ଗରେ ସଂସ୍କୃତି ଓ ପ୍ରଗତିର ଗୀତିଗାନ ଶୁଣାଇବାକୁ ଏବେ ପ୍ରସ୍ତୁତ । xxx ଏ ନୂତନ କୋଣାର୍କ ଗଢିବାରେ ଯେଉଁ ଗାଁ ଏବଂ ସେ ଗାଁଗୁଡ଼ିକର ପରିବାର ବିସ୍ଥାପିତ ହେଲେ ସେମାନଙ୍କର ଲୁହରେ ଲିଖିତ ଇତିହାସ ଧରମା ନାଆଁରେ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏଥିରେ ସନ୍ଦେହର ଅବକାଶ ନାହିଁ । xxx ହୀରାକୁଦ ନଦୀବନ୍ଧ କୋଣାର୍କ ପରି ସବୁଦିନ ଆଦରିତ ହେବ ଏଥିରେ ସନ୍ଦେହ ନାହିଁ; କିନ୍ତୁ ଇତିହାସ ପୃଷ୍ଠାରେ ବିସ୍ଥାପନର ଅଲିଭା ଅସୀମ ଦୁଃଖର କଳଙ୍କିତ ଅଧ୍ୟାୟ ସବୁଦିନ ପାଇଁ ମଣିଷର ସ୍ମୃତିପଟଳକୁ ଆର୍ଦ୍ରକରି ଚାଲିଥିବ ।"(ପୃ-୭୫-୭୬)

'ହୀରାକୁଦ ତିନି (୧୯୫୭-୨୦୧୦)' ଭାଗଟି ଉପନ୍ୟାସର ଶେଷ ଭାଗ; ଏଥିରେ ରାଜୁ ମୁଣ୍ଡାର ଯୋଜନା, ମୁରା କ୍ୟାମ୍ପର ସୁଖବାସୀ, ତେଲଗି ଗାଁର ବ୍ୟଥା, ବିସ୍ଥାପନର ପାଉଣା, ପାଏନ୍‌ଝରିରୁ ନୂଆଁପାଲି, ଜଳରୁ କାଳ ଓ ସପନ ବଣିକ ଭାବେ ସଂଯୁକ୍ତ ହୋଇଛି ବିଷୟ । 'ରାଜୁ ମୁଣ୍ଡାର ଯୋଜନା'ରେ ଔପନ୍ୟାସିକ ଦଶଟା କୁଟୁମ୍ବର ଏକ ଅଖ୍ୟାତ ପଲ୍ଲୀ ସୁନାଝରି ଏବଂ ରାଜୁ ମୁଣ୍ଡାର କଥା ଉତ୍‌ଥାପନ କରିଛନ୍ତି । ୧୯୪୭ ମସିହା ବେଳକୁ ରାଜୁକୁ ହୋଇଥାଏ କୋଡ଼ିଏ ବର୍ଷ; ଇବ୍‌ନଦୀ କୂଳରେ ଥିବା ସେହି ଗାଁରେ ହୁଏ ଭଲ ଚାଷ । ସୁନାଝରିର ଜଙ୍ଗଲକୁ କାଟି ଜମି କରାହୋଇ ସୃଷ୍ଟି ହୋଇଥିଲା ଗାଁଟି । ପାଖ ଗାଁ ଖଜୁରପାଲିର ମନ୍ଦାରକୁ ବାହା ହୋଇଥିଲା ରାଜୁ; ସୁନାଝରି ବି ବୁଡ଼ିଯିବ ପାଣିତଳେ; ଭାରତ ସ୍ୱାଧୀନ ହେଲା ସତ କିନ୍ତୁ ନଦୀବନ୍ଧ ପାଇଁ ଯେତେ ବିରୋଧ ହେଲେ ବି ସରକାର କିଛି ଶୁଣିଲେ ନାହିଁ । ପ୍ରଥମେ ରାଜୁ ବିସ୍ଥାପନକୁ ସ୍ୱୀକାର କରୁନଥିଲେ ହେଁ; ୧୯୫୭ ମସିହା ବେଳକୁ ଗାଁ ଖାଲି କରାଗଲା; ମନ୍ଦାରକୁ ଧରି କ୍ୟାମ୍ପ ଆଡକୁ ଆଗେଇ ଯାଉଥିବା ବେଳେ ସୁନାଝରି ଆସନ୍ନ ଜଳମଗ୍ନତାକୁ ଅପେକ୍ଷା କରିଥିଲା । 'ମୁରାକ୍ୟାମ୍ପର ସୁଖବାସୀ'ରେ ପରମାଣପୁର ଶାସନର ଅନ୍ଧଦୂରେ ଅବସ୍ଥିତ ମୁରା ନୂଆ ବସ୍ତି; ଯେଉଁଠି ୧୯୫୫-୫୬ ମସିହାରୁ ମୁରା ଗାଁରୁ ଲୋକେ ଆସି ସ୍ଥାପନ କିଥିଲେ ନୂତନ ବସତି । ରମ୍ପେଲାର ଲୋକେ ଯେପରି ରେଙ୍ଗାଲି କ୍ୟାମ୍ପରେ ବସବାସ କଲେ ଠିକ୍ ସେମାନେ ବି ନୂଆ କରି ଗଢିଥିଲେ ନୂଆ ନୂଆ ଗାଁ । ବୁଡ଼ି ଅଞ୍ଚଳରୁ ବିସ୍ଥାପିତ ପ୍ରାୟ ପଚାଶ ହଜାର ଲୋକଙ୍କ ଭିତରୁ ନବେ/ପଞ୍ଚାନବେ ଶତକଡ଼ା ଲୋକ ଥିଲେ ଭୂମିହୀନ ମଜୁରିଆ । ଗାଁ ସବୁ ବୁଡ଼ିଯିବାପରେ ସମସ୍ତେ ହରେଇଥିଲେ ସେମାନଙ୍କର କୌଳିକ ବୃତ୍ତି । ନୂଆ ବସବାସ ଜାଗାରେ ସେଭଳି ବୃତ୍ତି ସେମାନେ ପାଇଲେ ନାହିଁ । ବେଶୀ ଭାଗ ଲୋକ ବୃତ୍ତିହରା ହୋଇ ଦିନ ମଜୁରିଆ ହେଲେ, ଅନ୍ୟମାନେ ଭିକ ମଧ୍ୟ ମାଗିଲେ । ଏହି ପ୍ରସଙ୍ଗରେ ଲେଖକ ମୂଳ ମୁରା ଗାଁର ବନ ବାରିକ ଏବଂ ବରଜୁ ସେଠୀ ପରିବାରର କଥା ଉଲ୍ଲେଖ କରିଛନ୍ତି । ୧୯୫୫ରେ ବୁଡ଼ି ଅଞ୍ଚଳରୁ ବାହାରି ଆସି ନୂଆ ବସତିରେ ମୁଣ୍ଡ ଥାପିଥିବା ପାଞ୍ଚପ୍ରାଣୀ କୁଟୁମ୍ବର ବନ ବାରିକ କ୍ଷତିପୂରଣ କ'ଣ ପାଇଲା ସେ ବୁଝିପାରିଲାନି । ଦୁଇ ଝିଅ ବେଡି ଓ କେଡି ବାହା ହୋଇଗଲେ ଝାରସୁଗୁଡ଼ା; ଜ୍ୱାଇଁମାନେ ଝାରସୁଗୁଡ଼ା ବେହେରାମାଲରେ ସେଲୁନ କରିଥିଲେ; ସାଙ୍ଗରେ ଗଲେ ଦୁଇ ଭାଇ ସାନୁ ଓ ମାନୁ । ସ୍ତ୍ରୀ ରେବତୀକୁ ଧରି ବନ କିଛି ଦିନ ବୟସ ଥିବା ଯାଏଁ ମଜୁରି କଲା ପରେ ଭିକ ମାଗିଲା । ସେଇଭଳି ମୁରା ଗାଁର ଧୋବା ବରଜୁ

ସେଠୀର ବାପା କ୍ୟାମ୍ପକୁ ଆସିବା ଛଅଦିନ ପରେ ରୋଗରେ ପଡି ମରି ଯାଇଥିଲା । ଜମି ନଥିଲା ବୋଲି କିଛି କ୍ଷତି ପୂରଣ ବି ପାଇଲାନି । ପରମାଣପୁର ବଜାରରେ ଗୋଟାଉଥିବା ଜାଳେଣି ବିକି ଗୁଜୁରାଣ ମେଣ୍ଟାଇଲା; ପରେ ତା' ପୁଅ-ବୋହୂ ନାତୁଣୀ ବନ ବାରିକ ସାଙ୍ଗରେ ମିଶି ବରଜୁ ଭଳି ଭିକ ମାଗିଲେ; କିପରି ବାରିକ-ଧୋବା ଭଳି କୌଳିକ ବୃତ୍ତି ହରାଇ ଅଶାନ୍ତ ଅସହାୟ ଭାବରେ ଭିକ ମଣିଷ ଭିକ୍ଷୁକ ସାଜିଲା; ସେ କଥାଟି ଏଥିରେ ହୋଇଛି ବର୍ଣ୍ଣିତ । ଉପନ୍ୟାସରେ ଏହି ପର୍ଯ୍ୟାୟରେ ପିତାପାଲିର ଗୌନ୍ତିଆ ଶ୍ରୀବତ୍ସ ବିଶ୍ୱାଳଙ୍କ ପ୍ରସଙ୍ଗ ମଧ୍ୟ ରହିଛି । ମୁରା ଗାଁରୁ ପିତାପାଲି ହେଉଛି ମହାନଦୀ ପାଖ ଗାଁ । ହୀରାକୁଦର ଜଳ ପିତାପାଲିରେ ପଶିଲା ପରେ ସେ ଯାଇ ବାରଡୁମୁରୀରେ ଜାଗାଖଣ୍ଡେ କିଣି ରହିଲେ । ଶ୍ରୀବତ୍ସ ବା ମାନୁ ବିଶ୍ୱାଳଙ୍କ ପୁତ୍ର ହେଉଛନ୍ତି ସୁସାହିତ୍ୟିକ ମଙ୍ଗଳୁଚରଣ ବିଶ୍ୱାଳ । ମଙ୍ଗଳୁ ବାରଡୁମୁରୀରେ ଆସି ପାଠ ପଢିଥିଲେ ଏବଂ ପରେ ଗାଁ ସ୍କୁଲରେ ହେଡ୍‌ମାଷ୍ଟର ହୋଇ ରହିଲେ । ବିସ୍ଥାପନର ଦୁଃଖକୁ ସେ ଭୁଲି ନପାରିବା ତାଙ୍କର ସାହିତ୍ୟ ଭିତରେ ହୋଇଛି ପ୍ରତିଫଳିତ । 'ତେଲଗି ଗାଁର ବ୍ୟଥା'ରେ ଲେଖକ କହିଛନ୍ତି ଯେ କେତେକ ଗାଁ ବୁଡ଼ିଲା କିନ୍ତୁ ଗାଁର ଜମିବିଲ ବୁଡ଼ିଲା ନାହିଁ, ଆଉ କେତେକ ଗାଁର ଜମି-ବିଲ ବୁଡ଼ିଲା କିନ୍ତୁ ଗାଁ ବୁଡ଼ିଲା ନାହିଁ; ତେଣୁ କେତେକ ଗାଁ ଲୋକେ ନିଜ ଗାଁ ଆଖପାଖରେ ଯାହା ବୁଡ଼ିବାର ଆଶଙ୍କା ନଥିଲା ସେଭଳି ଜାଗାରେ ରହିଲେ । ନଈ ଉପରେ ନିର୍ଭର କରି ଚଳିଲେ । ଏଭଳି ଏକ ଗାଁ ଥିଲା ତେଲଗି ଗାଁ । ଏହି ନୂତନ ଗାଁଟି ଲଖନପୁର ବ୍ଲକରେ ଅବସ୍ଥିତ ଏବଂ ଏଠି ପ୍ରାୟ ୧୩ ଖଣ୍ଡ ଛୋଟ ମୂଳ ଗାଁ ଲୋକେ ବସବାସ କରିଛନ୍ତି । ଏ ପର୍ଯ୍ୟାୟରେ ଲେଖକ ଧନୁ ବରଗର୍ତ୍ତୀ ଓ ବଟୁ ପଧାନର କାହାଣୀ କହିଛନ୍ତି । ନୂତନ ବସତିରେ ଘର ବାନ୍ଧି ରହିବାର ଦୁଃଖ ଓ ଅନୁଭୂତି ବେଶ୍ ହୃଦୟବିଦାରକ । ସେଇ ଗାଁରେ ସୃଷ୍ଟି ହୋଇଥିଲା ଜନଅସନ୍ତୋଷ । କାରଣ ହେଉଛି ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ବିରୋଧରେ ସରକାରଙ୍କୁ ସେମାନେ ସ୍ମାରକ ପତ୍ର ଦେଇଥିଲେ । ଏହି ୧୩ ଖଣ୍ଡ ଗାଁରେ ପାଂଶହ ପ୍ରାୟ ଗାଁ ଲୋକେ ହୀରାକୁଦ ଜଳଭଣ୍ଡାରରୁ ମାଛ ମାରି ଜୀବିକା ନିର୍ବାହ କରନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁନଶ୍ଚ ଜମି ଅଧିଗ୍ରହଣ ପାଇଁ ସେଇ ଗାଁ ଲୋକଙ୍କୁ ପୁନର୍ବାର କରାଯାଇଥିଲା ବିସ୍ଥାପିତ । ବଟୁ ପଧାନ ଓ ଧନୁ ବରଗର୍ତ୍ତୀମାନଙ୍କର ଭାଗ୍ୟ ସେଇ ଦୋହରା ବିସ୍ଥାପନ ଭିତରେ ସନ୍ତୁଳି ହେଲା ଯାହା; ଯାହାସବୁ କେହି ଅନୁଭବ ମଧ୍ୟ କରିପାରିଲେନି । ବାରମ୍ବାର ମୂଳୋତ୍ପାଟିତ ହେବାର ଅନ୍ୟ ନାଁ ହେଉଛି ତେଲଗି ଗାଁର ନୂତନ ବସତିଙ୍କ ତୀବ୍ର ଅନ୍ତଃକଥା ।

'ବିସ୍ଥାପନର ପାଉଣା'ରେ ଦେଖାଇ ଦିଆ ଯାଇଥିଲା ଯେଉଁ ନୂତନ ଗ୍ରାମ ଗଠିତ ହେଲା, ସର୍ତ୍ତ ମୁତାବକ ସେଗୁଡ଼ିକ ରାଜସ୍ୱ ଗ୍ରାମ ଭାବେ ସ୍ୱୀକୃତି ପାଇବା କଥା; କିନ୍ତୁ ସେଭଳି ଘଟିଲା ନାହିଁ । କ୍ୟାମ୍ପଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଜଳର ବ୍ୟବସ୍ଥା ହେବ; କିନ୍ତୁ ତାହା ମଧ୍ୟ ସବୁଠାରେ ଫଳବତୀ ହେଲା ନାହିଁ । ସପ୍ରସଙ୍ଗ ବର୍ଣ୍ଣିତ ହୋଇଛି କୃଷ୍ଣଚନ୍ଦ୍ରଙ୍କ କଥା । କୃଷ୍ଣଚନ୍ଦ୍ର ସାହୁଙ୍କର ପରିବାର ଆସି ରହିଥିଲେ ମୁରା କ୍ୟାମ୍ପରେ । ରମ୍ପାଲୁଗାରେ ସେ ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକ ଥିଲେ । ଶ୍ୱଶୁର ଘର ଥିଲା ଡିହୁରା ଗାଁ । କୃଷ୍ଣଚନ୍ଦ୍ର ତାଙ୍କର ୧୭ ଏକର ୧୩ ଡେସିମିଲ ଜମିର ତଥା ଜମିରେ ଥିବା ଏଗାରଟି ଶାଳ-ପିଆଶାଳ ଗଛର କ୍ଷତିପୂରଣ ପାଇଲେ ନାହିଁ । ଘଟଣାର ପାଞ୍ଚାବନ ବର୍ଷ ପର୍ଯ୍ୟନ୍ତ ମଧ୍ୟ ତାହା ସେ ପାଇନଥିଲେ । ୧୯୮୭ ମସିହାରେ ମୁଖ୍ୟମନ୍ତ୍ରୀ ବିଧାନ ସଭାରେ ବିବୃତ୍ତି ଦେଲେ ଯେ ୯୯୧୨ ଟି ପରିବାର କ୍ଷତିପୂରଣ ପାଇପାରି ନାହାଁନ୍ତି । ୬୫ ବର୍ଷପରେ ମଧ୍ୟ ସେ ସଂଖ୍ୟା ନକମିବା ଥିଲା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ।(ପୃ-୯୨)

୧୩ ସେପ୍ଟେମ୍ବର ୧୯୪୬ ମସିହାରେ ସମ୍ବଲପୁରର କେତେଜଣ ବରିଷ୍ଠ ନାଗରିକ ହୀରାକୁଦ ନଦୀବନ୍ଧ ନକରିବା ପାଇଁ ତଥା ସେଠାକାର ସମସ୍ୟାକୁ ଧରି ସେତେବେଳେ ସରକାରଙ୍କ ମୁଖ୍ୟ ଓ କଂଗ୍ରେସର ସଭାପତି ନେହେରୁଙ୍କୁ ସାକ୍ଷାତ୍ ପାଇଁ ଦିଲ୍ଲୀଯାତ୍ରା କରିଥିଲେ । ମହାତ୍ମାଗାନ୍ଧୀ ସେତେବେଳେ ନୂଆଖାଲିରେ ଥାଆନ୍ତି । ତାଙ୍କୁ ମଧ୍ୟ ସମ୍ବଲପୁରରେ କେତେଜଣ ବ୍ୟକ୍ତି ସାକ୍ଷାତ୍ କରି ଓଡ଼ିଶାର ଅନ୍ନଭଣ୍ଡାର ମହାନଦୀର ଉର୍ବର ଉପତ୍ୟକାକୁ ନଷ୍ଟ ନକରିବା ପାଇଁ ଅନୁରୋଧ କରିଥିଲେ ।(ପୃ-୯୩) ଯାହାର କି କୌଣସି ଫଳ ଫଳି ନଥିଲା ଏବଂ ୧୯୫୭ରେ ଜନତାଙ୍କ ଅନୁରୋଧର ପ୍ରତ୍ୟାଖ୍ୟାନ ପୂର୍ବକୁ ନିର୍ମାଣ ସଂପୂର୍ଣ୍ଣ ହୋଇ କାର୍ଯ୍ୟକାରୀ ହୋଇଥିଲା । ଏପରିକି ୧୯୬୪ ମସିହାରେ ବିନୋବା ଭାବେଙ୍କୁ ମଧ୍ୟ କରାଯାଇଥିବା ଅନୁରୋଧର ମଧ୍ୟ କୌଣସି ସୁଫଳ ମିଳି ନଥିଲା ।

'ପାଏନ୍‌ଝରିରୁ ନୂଆପାଲି'ରେ ବର୍ଣ୍ଣିତ ହୋଇଛି ଶ୍ରୀଗିଡ଼ା ଗାଁର କଥା । ଶ୍ରୀଗିଡ଼ା ଗାଁର ଲୋକେ ଇଂରେଜ ବିରୁଦ୍ଧରେ ସୁରେନ୍ଦ୍ର ସାଏଙ୍କୁ କରିଥିଲେ ସାହାଯ୍ୟ । ଏହି ଗାଁକୁ ଲାଗି ବାରପାହାଡ଼ର ପର୍ବତ-ଜଙ୍ଗଲ । ହୀରାକୁଦ ବନ୍ଧର ବିସ୍ଥାପନ ପରେ କେତେକ ପରିବାର ଆସି ପାହାଡ଼ କଡ଼ରେ ସ୍ଥାପନ କରିଥିଲେ ବସତି । ହୀରାକୁଦ ବନ୍ଧର ବାମପାର୍ଶ୍ୱରେ ଥିବା ମାଟିବନ୍ଧ ସମ୍ପ୍ରସାରିତ ହୋଇ ନେହେରୁ ମିନାର ମୁଖ୍ୟ ବନ୍ଧରେ ମିଶିଛି; ସେଇ ବସ୍ତିର ନାଁ ନୂଆପାଲି । ନୂଆପାଲିରେ ରହନ୍ତି ୨୭ ଆଦିବାସୀ-ହରିଜନ ପରିବାର । ଯେଉଁମାନଙ୍କର ମୂଳ ଗାଁଟି ହେଉଛି ପାଏନ୍‌ଝରି । ରତନୀ ବୁଢ଼ୀ, ତା'ର ନାତୁଣୀ ଚୁମ୍‌କୀ ସହିତ ବଣ୍ୟଜାତ ଦ୍ରବ୍ୟ

ସଂଗ୍ରହ କରି ଚଳେ; ମହୁଲ ଫୁଲ ଶୁଖାଇ ବିକ୍ରି କରେ ମଦ ଭାଟିକୁ । ଶ୍ରୀଗିଡ଼ା ରାଜସ୍ୱ ଗ୍ରାମ ଥିଲା; କିନ୍ତୁ ନୂଆପାଲି ଆସି ସେମାନେ ହରାଇଲେ ସବୁ ସୁଖସୁବିଧା । ଗାଁ ଛାଡ଼ି ଆସିବା ବେଳେ ରତନୀ ବୁଢୀ ଭଳି ପୁରଖା ଲୋକ ଛାଡ଼ିଦେଇ ଆସିଥିଲେ ପୁରୁଣା ବଟବୃକ୍ଷ ତଳେ ମା' କନ୍ଧେନ ବୁଢୀକୁ । ଯିଏ ଜଳମଗ୍ନ ହେବାପରେ ବି ମୁଣ୍ଡଟେକି ନିଜ ଅସ୍ତିତ୍ୱକୁ ଦେଖାଉଥାଏ ।(ପୃ-୯୯) 'ଜଳରୁ କାଳ'ରେ ହୀରାକୁଦ କେନାଲ ପାଖ ଡଭଲା ଗାଁର ଉପକଥା ହୋଇଛି ସ୍ଥାନିତ । ଗାଁଟା କେନାଲର ଶେଷମୁଣ୍ଡରେ ଥିବାରୁ ଜଳକଷ୍ଟ ଭୋଗିବାକୁ ପଡ଼େ । ଏହି ଭାଗରେ କିଏଁଟୁ ବାଘ, ଦୈତାରୀ ମାଝୀ, ସପନ ଭୁଏ ଓ ବନ୍ଧୁ ବଘାରର କଥା ଓ ବ୍ୟଥା ଦେଇ ହୀରାକୁଦର ବିସ୍ଥାପନର ଅନ୍ତର୍କଥାକୁ ଔପନ୍ୟାସିକ ପରଶିଛନ୍ତି । ଜଳକଷ୍ଟର କଥାକୁ ଭୋଟ୍ ବେଳେ ଗୁହାରି କରିବା ପାଇଁ ଗାଁ ଲୋକେ ଚିନ୍ତା କଲେ । ଏଥିରେ ଗାଁର ଶିକ୍ଷିତ ଧୀରେନ୍ଦ୍ର ପଣ୍ଡା ଏବଂ ଗୌନ୍ତିଆ ଭରତ ବାବୁ ମଧ୍ୟ ଦେଇଥିଲେ ସମର୍ଥନ । ଚାଷୀକୁ ଜଳ ମିଳୁନି କିନ୍ତୁ; ଚାଷୀ ଦେଉଛି ଜଳକର, ଏକଥାକୁ ବିରୋଧ କରି ଏ ବ୍ୟବସ୍ଥାର ଉଚ୍ଛେଦ ନେଇ ସମସ୍ତେ ହେଲେ ବଦ୍ଧପରିକର ।

ହୀରାକୁଦ ବନ୍ଧ ମୁଖ୍ୟତଃ ତିନିଟି ଉଦ୍ଦେଶ୍ୟ ନେଇ ନିର୍ମାଣ କରାଯାଇଥିଲା । ବନ୍ୟା-ନିୟନ୍ତ୍ରଣ, ଜଳସେଚନ, ଓ ବିଜୁଳି-ଉତ୍ପାଦନ । ଯଦିଓ ବନ୍ୟା-ନିୟନ୍ତ୍ରଣରେ ସଫଳତା ମିଳି ପାରିନଥିଲା । ପ୍ରମାଣ ସ୍ୱରୂପ ହୀରାକୁଦ ନଦୀବନ୍ଧ ଥାଇ ମଧ୍ୟ ୧୯୬୧, ୧୯୮୨, ୨୦୦୧,୨୦୧୧ରେ ବନ୍ୟା ଭୀଷଣ ରୂପ ଧାରଣ କରିଥିଲା । ବିଜୁଳି ମଧ୍ୟ ପରିମାଣ ଅନୁଯାୟୀ ଅର୍ଦ୍ଧଭାଗ ବି ପୂରଣ କରି ପାରିନଥିଲା; ଜଳସେଚନ ବି ତଳମୁଣ୍ଡରେ ଥିବା ଶହଶହ ଗ୍ରାମକୁ ଆବଶ୍ୟକ ମୁତାବକ ହୋଇ ପାରିନଥିଲା । ସମସ୍ୟା ବଢି ଚାଲିଥିଲା ସିନା ସମାଧାନର ପନ୍ଥା ଦେଖା ଦେଇନଥିଲା ।(ପୃ-୧୦୧) ଏହି କଥା ପାଇଁ ଅକ୍ଟୋବର ୨୬, ୨୦୦୬ ରେ ଚାଷୀଙ୍କ ଆନ୍ଦୋଳନ ତୀବ୍ରରୂପ ଧାରଣ କରିଥିଲା । ଜଳକଷ୍ଟରେ ମୁଖ୍ୟ କାରଣ ଥିଲା ଜଳାଭାବ; ସରକାର ୬୦ରୁ ଊର୍ଦ୍ଧ୍ୱ କଳକାରଖାନାକୁ ଜଳ ଯୋଗାଉ ଥିବାରୁ ସାଧାରଣ ଚାଷୀ ଓ ଜନତାଙ୍କୁ ଭୋଗିବାକୁ ହେଉଥିଲା ଜଳକଷ୍ଟ । ସମ୍ବଲପୁର ଜିଲ୍ଲା କୃଷକ ସଂଗଠନ ବାରମ୍ବାର ବିଶାଳ ଜନ ସମାବେଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଅପ୍ରତିହତ ଜାରୀ ରଖିବା ଥିଲା ବେଶ୍ ଭାବିତ କଳାଭଳି ।

ଉପନ୍ୟାସର ଶେଷ ଭାଗ 'ସପନ ବଣିକ'ରେ ଜମଡ଼ା-ରମ୍ଭେଲା-ରମ୍ପାଲୁଗା-ସୁନାଝରି-ତେଲଗି-ତିହୁରା-ନୂଆପାଲି-ଡଭଲା ଆଦି ଅଂଚଳର ପୂର୍ବ ଓ ପରର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କଥାକୁ ରୂପାୟିତ ହୋଇଛି । ମଣିଷର ସ୍ୱପ୍ନ ବାସ୍ତବ ରୂପ ନିଏନାହିଁ । ତେଣୁ ସ୍ୱପ୍ନ ଦେଖିବାକୁ ଥିଲେ ବଡ଼ ସ୍ୱପ୍ନ ହିଁ ଦେଖିବା ଉଚିତ୍ କହି ଲେଖକ ସ୍ୱପ୍ନ ଦେଖିବାରେ କାର୍ପଣ୍ୟ କରିବା କଥା ନୁହେଁ ବୋଲି କହିଛନ୍ତି ବ୍ୟଞ୍ଜନାରେ । ହୀରାକୁଦ ନଦୀବନ୍ଧରେ ବିସ୍ଥାପିତ ହୋଇଥିବା ୨୪୯ଟି ସମୃଦ୍ଧ ଗ୍ରାମର ୨୨୧୪୪ ପରିବାର କେବେ ବି ଚାହିଁ ନଥିବେ ନିଜ ମା', ମାଟି, ଭିଟା ଆଉ କ୍ଷେତକୁ ଛାଡ଼ି ଯିବାପାଇଁ । କାରଣ ଗାଁ-ଘର-କୁଟୁମ୍ବ ନେଇ ସ୍ୱପ୍ନ ଦେଖିବା ମଣିଷର ଜନ୍ମସିଦ୍ଧ ଅଧିକାର । ମାତ୍ର ବିସ୍ଥାପନର ଅସହ୍ୟ ଦୁଃଖ ଓ ଦୁର୍ଦ୍ଦଶା ଯେ ଭୋଗିବାକୁ ପଡ଼ିଲା; ତାହା ଅନେକ କାଳ ଧରି ଅଲିଭା କ୍ଷତ ହୋଇ ରହିଗଲା ଲୋକଙ୍କ ଛାତି ଭିତରେ । ସବୁକିଛି ପାହାଡ଼ ଉପତ୍ୟକା ତଳେ ଜଳମଗ୍ନ ହୋଇଗଲା; ବୁଡ଼ି ଯାଇଥିଲା ଗାଁଗୁଡ଼ିକରେ ଥିବା ମନ୍ଦିରର ଚୂଡ଼ା ଆଉଁ ଶୀର୍ଷରେ ଫରଫର ଉଡୁଥିବା ଚିରିଯାଇଥିବା ଧଳାପତାକା ଅତୀତକୁ ଝୁରି ହେଉଥିଲା । ଯେଉଁ ଅତୀତ ମଗ୍ନଉପତ୍ୟକା ତଳେ ସଲୀଳ ସମାଧି ନେଇଥିଲା ସିନା ଲୁହ ଶୁଖି ନଥିଲା; ତାହା ବୋହୁଥିଲା ମହାନଦୀ ଓ ଇବ୍‌ର ଜଳାଧାରରେ ଅନବରତ । ଯାହାକୁ ମଣିଷର ବିପନ୍ନ ଓ ଧ୍ୱସ୍ତ ଆସ୍ଥାର ସ୍ମାରକୀ ଭାବେ ଅଭିହିତ କରାଯାଇପାରେ ।

**ଚେମା କାଲୋ (୨୦୧୬) :**

ହୀରାକୁଦର ନଦୀବନ୍ଧ ନିର୍ମାଣ ଓ ବିସ୍ଥାପନକୁ ଭିତ୍ତି କରିଥିବା ଅନ୍ୟ ଏକ ଉପନ୍ୟାସ ହେଉଛି ଔପନ୍ୟାସିକ କରୁଣାକର ସୂପକାରଙ୍କର 'ଚେମା କାଲୋ' (୨୦୧୬) । ଏପ୍ରିଲ୍ ୧୯୪୮ରେ ଜମଡ଼ା ଗାଁର ଚବିଶଟି ପରିବାର ବିନା କ୍ଷତିପୂରଣରେ ତାଙ୍କ ଘରୁ ତଡ଼ା ଖାଇଥିଲେ । ଚେମା କାଲୋ ଥିଲା ସେଇ ଜମଡା ଗାଁର ବିସ୍ଥାପିତମାନଙ୍କ ଭିତରୁ ଜଣେ । ହୀରାକୁଦ ନଦୀବନ୍ଧ ଯୋଗୁଁ ଓଡ଼ିଶାର ୨୪୯ ଗାଁ ଓ ଛତିଶଗଡ଼ର ୩୬ ଗାଁ ମଧ୍ୟରୁ କେତେକ ପୂରାପୂରି; କେତେକ ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା । ୨୦୦ରୁ ଅଧିକ ଗାଁ ଚିରଦିନ ବୁଡ଼ିଗଲା । ଓଡ଼ିଶାର ୨୬,୫୦୧ ପରିବାର ହୀରାକୁଦ ନଦୀବନ୍ଧ ଯୋଗୁଁ ବିସ୍ଥାପିତ ହେଲେ । ଆଉ ସେମାନଙ୍କ ଲୁହରେ ହୀରାକୁଦ ଜଳଭଣ୍ଡାର ସୃଷ୍ଟି ।(ପୃ-୪)

'ଚେମା କାଲୋ' ଉପନ୍ୟାସର ପ୍ରାରମ୍ଭରୁ ଚେମା ଓ ବିଦ୍ୟାଧର ଯାଇଛନ୍ତି ସମ୍ବଲପୁର; ସେଠାରେ ଚେମା ତାର ଝିଅ ସାବିତ୍ରୀ ପାଇଁ କିଣିଛି ଖେଳନାଟିଏ ଏବଂ ସେମାନେ ଫେରିବା ବେଳକୁ ବାଟରେ ଗୋପାଳପୁରରେ ରୋଷେଇବାସ କରି ଖାଇ ଶୋଇ ସକାଳୁ ପହଞ୍ଚିଛନ୍ତି ଜମଡା । ମହାନଦୀ ପାଖରେ ଜମଡ଼ା ଗାଁ; ଦୁଇ ଲାଇନ୍ ଘର ଏବଂ ୨୫ ପାଖାପାଖି ପରିବାର । ପ୍ରତ୍ୟେକ ପରିବାର ପାଖରେ ଏକରେ /ଅଧ ଏକର ଜମି ଥିଲା; ସେଥିରେ ଚାଷବାସ କରି ଚଳୁଥିଲେ ଜାମଡ଼ାର ଲୋକେ । ବ୍ରଜ-

ବିଦ୍ୟାଧର-ନିରଞ୍ଜନ-ବେନିଭୁଜ-ଚେମା ଆଦି ମଣିଷଙ୍କୁ ନେଇ ଜାମଡ଼ାର ଗାଁ ଜୀବନ । ଆଠ ବର୍ଷୀୟ ସାବିତ୍ରୀର ସାଙ୍ଗ ପୂଜା; ତା'ର ଅନ୍ୟ ପଡ଼ୋଶୀ ସାଙ୍ଗଥିଲେ ସୁଜାତା-ମାଧୁରୀ-ରାନୀ; ସମସ୍ତେ ଥିଲେ ସମବୟସ୍କ । ଗାଁରେ ଫଗୁଣପୂର୍ଣ୍ଣିମା, ହୋଲିପୁଡ଼ା ଉତ୍ସବରେ ସମସ୍ତେ ଥିଲେ ଆନନ୍ଦମୁଖରିତ; ଏହା ଥିଲା ୧୯୪୭ ମସିହାର ଏକ ପୃଷ୍ଠଭୂମି । ସେହିବର୍ଷ ମଇ ମାସ ବେଳକୁ ଗାଁର ଗୌନ୍ତିଆ ସାଙ୍ଗରେ ଧରି ଆସିଥିଲେ 'ହୀରାଖଣ୍ଡ ସମାଚାର' କେତେଖଣ୍ଡ ଏବଂ ଗାଁ ଆଲୋଚନା ସଭା ଡାକିଥିଲେ । ଚେମା ବି ଯାଇଥିଲା ସେହି ଗ୍ରାମସଭାକୁ । ଗୌନ୍ତିଆ ସେଠାରେ କହିଥିବା କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା କାରଣ ଓଡ଼ିଶା ଗେଜେଟର ୧୧ ଏପ୍ରିଲ୍ ୧୯୪୭ ସଂଖ୍ୟାରେ ଘୋଷଣା କରାଯାଇଥିଲା ଯେ ଓଡ଼ିଶା ସରକାର ସମ୍ବଲପୁରର ଅଚ୍ୟୁତାନନ୍ଦ ପୁରୋହିତ; ରାମଚନ୍ଦ୍ର ମିଶ୍ର, ଈଶ୍ୱର ପ୍ରସାଦ ମିଶ୍ର, ବିଷ୍ଣୁ ପ୍ରସାଦ ମିଶ୍ର, ମନୋରଂଜନ ପ୍ରଧାନ, ବେଣୀମାଧବ ସୂପକାର ଓ ନୃସିଂହ ପ୍ରସାଦ ଗୁରୁଙ୍କ ଉପରେ ପୁନଶ୍ଚ ୧୪୪ ଧାରା ଅଦେଶ ଜାରି କରିଛନ୍ତି । ସମ୍ବଲପୁର ଜିଲ୍ଲା ହୀରାକୁଦ ବନ୍ଧ ବିପକ୍ଷରେ କୌଣସି ସଭା, ସମିତି, ଅନୁଷ୍ଠାନରେ ଯୋଗଦାନ; ଶୋଭାଯାତ୍ରାରେ ସହଯୋଗ କିମ୍ବା କୌଣସି ପ୍ରକାର ଆନ୍ଦୋଳନରେ ଯୋଗଦାନ ନକରିବାକୁ ସେଥିରେ ନିର୍ଦ୍ଦେଶ ରହିଥିଲା ।(ପୃ-୧୦) ଏପରିକି ବୋଧରାମ ଦୁବେଙ୍କ ଉପରେ ମଧ୍ୟ ଏହି ୧୪୪ ଧାରା ଜାରି ହୋଇଥିଲା, ଯଦିଓ ପାଟଣା ହାଇକୋର୍ଟ ବିଚାର ହେବାପରେ ସରକାର ତାହା ଉଠାଇ ନେଇଥିଲେ । ଚେମା ବି ଭୁଲକା ଗାଁର ଗୌନ୍ତିଆଙ୍କ ପାଖରୁ ଏକଥା ଶୁଣିଥିଲା ଯେ ସରକାର ମହାନଦୀ ଉପରେ ଗୋଟିଏ ବନ୍ଧ ନିର୍ମାଣ କରିବେ । କାରଣ ପ୍ରତ୍ୟେକ ବର୍ଷ ତଳମୁଣ୍ଡରେ କଟକ, ପୁରୀ ଜିଲ୍ଲାରେ ଥରକୁ ଥର ବନ୍ୟା ହୋଇ ଲୋକେ କ୍ଷତିଗ୍ରସ୍ତ ହେଉଥିଲେ । ତେଣୁ ପ୍ରଥମେ ହୀରାକୁଦ ତା'ପରେ ଟିକରପଡ଼ା ଓ ନରାଜରେ ମଧ୍ୟ ବନ୍ଧ ନିର୍ମାଣ ହେବ । ୧୯୪୬ରେ ଗଭର୍ଣ୍ଣର ହର୍ଥର୍ଣ୍ଣ ଲୁଇସ୍ ଆସି ଯୋଜନାର ଶୁଭ ଦେଇଗଲେ । ହୀରାକୁଦ ବନ୍ଧ ବିରୋଧୀ କମିଟି ତରଫରୁ ମହୀଶୂରର ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ରଙ୍ଗେୟା ସାହେବଙ୍କୁ ୧୯୪୬ରେ ଡକାଯାଇଥିଲା । ଯଦିଓ ହୀରାକୁଦକୁ ରଙ୍ଗେୟା ବନ୍ଧନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ; ଏପରିକି ସେ ନରାଜ ଓ ଟିକରପଡ଼ା ମଧ୍ୟ ବୁଲି ଦେଖିଥିଲେ; ମାତ୍ର ରଙ୍ଗେୟାଙ୍କ ରିପୋର୍ଟରେ କୌଣସି ପ୍ରଭାବ ସରକାରଙ୍କ ଉପର ପଡ଼ିନଥିଲା । (ପୃ-୧୧)

୧୨ ନଭେମ୍ବର ୧୯୪୭ ମସିହା ବେଳକୁ ଲକ୍ଷେରୁ ଉର୍ଦ୍ଧ୍ୱଲୋକ ହୀରାକୁଦ ବନ୍ଧ ବିରୋଧରେ ଆନ୍ଦୋଳନ କରିଥିଲେ ଏବଂ ଅନେକ ଗିରଫ ହୋଇଥିଲେ । ଚେମା, ଗୌନ୍ତିଆ ପାଖରୁ ଶୁଣିଥିଲା ଯେ ତାଙ୍କ ସମସ୍ତଙ୍କର ଗାଁ ବୁଡ଼ିଯିବ । ଇତି ମଧ୍ୟରେ ଗୋଟିଏ ବୁଧବାର ଦିନ ଗୋଟିଏ ଚିଠି ଆସିଥିଲା ଚେମା ଘରକୁ । ସେଭଳି ଚିଠି ବି ଆସିଥିଲା ବିଦ୍ୟାଧର ଘରକୁ । ପ*ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବିଦ୍ୟାଧର ଚିଠି ପଢି ଦେଖିଲା; ଚିଠି ଥିଲା ପନ୍ଦର ଦିନ ପୂର୍ବ ତାରିଖର । ସେଇ ଦୃଷ୍ଟିରୁ ଦୁଇଦିନ ଭିତରେ ସେମାନଙ୍କୁ ଘରଛାଡ଼ିବା ପାଇଁ ସେଥିରେ ନିର୍ଦ୍ଦେଶ ଥିଲା । ସେ ଚିଠି ବି ଆସିଥିଲା ଅନ୍ୟ ସମସ୍ତଙ୍କ ଘରକୁ; ସମସ୍ତଙ୍କ ମୁଣ୍ଡରେ ପଡ଼ିଲା ବିଜୁଳି ଚଡ଼କ; କ'ଣ କରିବେ ସେମାନେ ଭାବି ମଧ୍ୟ ପାରିଲେ ନାହିଁ । ସଂଧ୍ୟାରେ ପୋଲିସ୍ କନେଷ୍ଟବଳ ବି କହିଗଲା ଦୁଇଦିନ ଭିତରେ ଘର ଆଉ ଗାଁ ଖାଲି କରିବାକୁ ପଡ଼ିବ । କାରଣ ସେଇ ଜାଗା ଉପରେ ହୀରକୁଦ ୱାର୍କସପ୍ ନିର୍ମିତ ହେବ । ସେସବୁ ଜାଗା ମିଶିଥିଲା ୨୭ ଏକର ୭୬ ଡେସିମିଲ । ବିନା କ୍ଷତିପୂରଣରେ ଦୁଇ ଦିନ ଭିତରେ ଗାଁ ଛାଡ଼ିବାକୁ ନିର୍ଦ୍ଦେଶ ଭାଙ୍ଗି ଦେଇଥିଲା ସମସ୍ତଙ୍କୁ । ଚେମାର ସ୍ତ୍ରୀ ବୈଦେହୀ ବିଶ୍ୱାସ ବି କିପାରୁନଥିଲା । ଚେମା ସଙ୍ଗେ ସଙ୍ଗେ ଭାବିଛି ସ୍ତ୍ରୀ ବୈଦେହୀ ସହିତ ସାବିତ୍ରୀ ଓ ଗୁରୁବାରୀକୁ ଧରି ତା ଶ୍ୱଶୁରଘର ସାପଲହରାକୁ ଚାଲିଯିବ । ଗାଁର ନିରଞ୍ଜନ ଓ ରତନକୁ କହି ଦୁଇଟି ଶଗଡ଼ ଯୋଗାଡ କରିଛି ଚେମା; ସାବିତ୍ରୀ ଖୋଜି ହେଉଥିଲା ସାଙ୍ଗମାନଙ୍କୁ; ସମସ୍ତେ ଆସି ଜମା ହୋଇଥିଲେ ଚେମା ଘର ପାଖରେ; ଚେମା କିନ୍ତୁ ଭାବି ସାରିଥିଲା ସେ ଜମଡ଼ାକୁ ଚିରଦିନ ପାଇଁ ଛାଡ଼ି ଚାଲିଯିବ । ଏପ୍ରିଲ୍ ୧, ୧୯୪୮ରେ ଚେମା ଛାଡ଼ିଥିଲା ଜମଡ଼ା; ଯଦିଓ ବର୍ଷେ ପର୍ଯ୍ୟନ୍ତ ଜମଡ଼ାର ୨୪ ପରିବାର 'ସମ୍ବଲପୁରର କ୍ଷତିପୂରଣ ଅଫିସରକୁ ଅନେକ ଥର ଦଉଡ଼ିଥିଲେ ମଧ୍ୟ ଶେଷରେ ଏପ୍ରିଲ୍ ୧୪,୧୯୪୯ରେ ପାଇଥିଲେ କ୍ଷତିପୂରଣ । ୨୭ ଏକର ୭୬ ଡେସିମିଲ ପାଇଁ ପାଇଲେ ମୋଟେ ପାଞ୍ଚଶହ ଉଣେଇଶ ଟଙ୍କା ପା*ଅଣା । ଏକରକୁ ଅଠର ଟଙ୍କା ବାରଅଣା ଯାହାକି ୧୧ ଅକ୍ଟୋବର ୧୯୪୯ ମସିହାର ପ୍ରଶ୍ନୋତ୍ତରରେ ବିଧାନସଭାର ବିବରଣୀରେ ହୋଇଥିଲା ସ୍ଥାନୀତ ।(ପୃ-୧୫)

ଚେମା ତା'ର ଅଧା ଏକର ଚାରି ଡେସିମିଲ ପାଇଁ ନଅଟଙ୍କା ଚାରିଅଣା କ୍ଷତିପୂରଣ ପାଇଥିଲା । ରାସ୍ତାରେ ଆସିବାବେଳକୁ ହିଁ ସେ ଖର୍ଚ୍ଚ କରିସାରିଥିଲା ଚାରିଅଣା । ବାକିତକ ଦେଇଥିଲା ସ୍ତ୍ରୀ ବୈଦେହୀକୁ । ଚେମାର ଶ୍ୱଶୁର ପୁରୁଷୋତ୍ତମ ତାଙ୍କ ଜେଜେ ଅମଳରୁ ରହି ଆସୁଥିଲେ ସାପଲହରା ଗାଁରେ । ପକ୍କା ଘର ସହ ଜମି ଥିଲା ଛଅ ଏକର; ସେଥିରୁ ଭଲ ବାହାଲ ଜମି ଥିଲା ତିନି ଏକର; ତେଣୁ ଚାଷବାସ ତାଙ୍କର ଭଲ ହେଉଥିଲା । ଚେମାକୁ ଘରଜ୍ୱାଇଁ ହୋଇ ରହିବାକୁ ଭଲ ନଲାଗିଲେ ବି ବାଧ୍ୟ ହୋଇ

ମନକୁ ବୁଝାଇ ଦେଇଥିଲା; କାରଣ ପରେ ସେସବୁ ଥିଲା ତା'ର ସମ୍ପତ୍ତି । ସାବିତ୍ରୀକୁ ସେଠାରେ ନୂଆ ସାଙ୍ଗ ବି ମିଳିଗଲେ ମାମା ଓ ଅଞ୍ଜନା । ମାମାର ବଡ଼ଭାଇ ସତ୍ୟପାଳ ବୟସରେ ସାବିତ୍ରୀଠାରୁ ଚାରିବର୍ଷ ବଡ଼ ଥିଲା । ପାସ୍ କରିଥିଲା ସପ୍ତମ ଶ୍ରେଣୀ । ଆସନ୍ତା ବର୍ଷ ସେ ପଢିବ ସମ୍ବଲପୁର ଜିଲ୍ଲା ସ୍କୁଲରେ ଅଷ୍ଟମ । ଏ ଭିତରେ ବିତିସାରିଥିଲା ତିନିବର୍ଷ; ସାବିତ୍ରୀର କଣ୍ଢେଇ (ଗୁରୁବାରୀ)କୁ ପସନ୍ଦ କରେ ନାହିଁ ବୈଦେହୀ; କାରଣ ସେ ଆସିବା ଦିନରୁ ତାଙ୍କର ବିପତ୍ତି ପଡ଼ିଛି ବୋଲି ସେ ମନେକରୁଥିଲା ।

ନଦୀବନ୍ଧ କାମ ଆଗେଇ ଚାଲିଥିଲା ମାତ୍ର ଗାଁଗୁଡ଼ିକୁ ସେତେବେଳେ ବନ୍ଧ ବିରୋଧୀ ଆନ୍ଦୋଳନରେ ସାମିଲ ଥିବା ବିଧାୟକ ପ୍ରସନ୍ନ ପଣ୍ଡା, ବିଧାୟକ ଗୁରୁଚରଣ ପଟ୍ଟନାୟକ ଭଳି ଲୋକଙ୍କୁ ପୋଲିସ୍ ଗାଁ ଭିତରକୁ ଆସିବାକୁ ଦେଉନଥିଲା । (ପୃ-୧୯) ସେପ୍ଟେମ୍ବର ୧୯୫୩ ମସିହାରେ ଚେମାର ଶ୍ୱଶୁର ଏବଂ ସେମାନଙ୍କର ବାପା-ମା'ଙ୍କର ଅସ୍ଥି ବିସର୍ଜନ ପାଇଁ ତୀର୍ଥଯାତ୍ରାରେ ବାହାରିଲେ ଆହ୍ଲାଦ । ପୁରୁଷୋତ୍ତମ ଜମି ଓ ଘରର ମାଲିକାନା ସବୁ ଚେମା ନାଁରେ କରିସାରି ସଂସାରମୁକ୍ତ ହୋଇ ବାହାରି ଯାଇଥିଲେ । ତାହା ହିଁ ଶେଷ ଦେଖା ଭାବି ସେମାନେ ବାହୁଡ଼ି ଯାଇଥିଲେ । ଏକଥା ବି ସତ୍ୟ ସେମାନେ ଫେରିବା ବେଳକୁ ଗାଁ ବି ଆଉ ନଥିବ; ଜଳମଗ୍ନ ହୋଇଯିବ କିଛି ଦିନପରେ । ସାବିତ୍ରୀକୁ ଆସନ୍ତା ବର୍ଷ ବାହାକରି ଦବାପାଇଁ କହି ସେମାନେ ଚାଲିଗଲେ ତୀର୍ଥରେ । ରହିଗଲେ ସାବିତ୍ରୀ-ବୈଦେହୀ ଓ ଚେମା ।

ସତ୍ୟପାଳ ସେତେବେଳକୁ ଗଙ୍ଗାଧର ମେହେର କଲେଜରେ ପ୍ରଥମ ଶ୍ରେଣୀରେ ଆଇ.ଏସ୍‌ସି ପାସ୍ କରି ସାରିଥାଏ । ଗାଁକୁ ଫେରିବା ବେଳେ ସାବିତ୍ରୀ ପାଇଁ ସେ ଆଣିଥିଲା ଶାଢିର ଉପହାର । ଚେମା ଓ ବୈଦେହୀ ବି ଭାବିଥିଲେ ସାବିତ୍ରୀ ପାଇଁ ସତ୍ୟପାଳଠାରୁ ସେମାନେ ଭଲପିଲା କୋଉଠୁ ପାଇବେ ! ନଭେମ୍ବର ୪, ୧୯୫୪ ରେ ଉଭୟଙ୍କ ବାହାଘର ମଧ୍ୟ ହୋଇଗଲା । ଚେମାର ସେଠାରେ ବନ୍ଧୁ ହୋଇଯାଇ ଥିଲେ ଯଦୁମଣି; ଯଦୁମଣି ଜମିବାଡ଼ି ନଥିବାରୁ ଗୌନ୍ତିଆକୁ କହି ଜାଗା ଖଣ୍ଡେ ପାଇ ଚାଷବାସ କରି ନିଜ ଶ୍ରମରୁ ବେଶ୍ ଲାଭବାନ୍ ହୋଇପାରିଥିଲେ; ମାତ୍ର ଯେତେବେଳେ କ୍ଷତିପୂରଣରେ ପାଞ୍ଚ ଏକର ପାଇଁ ଚଉରାନବେ ଟଙ୍କା ମିଳିଲା; ଟଙ୍କା ନନେଇ ଫେରି ଆସିଥିବାବେଳେ ମଣିଷର ତୀବ୍ର ଅସହାୟତାକୁ ଲକ୍ଷ୍ୟ କାରଯାଇପାରିବ । କ୍ଷତିପୂରଣ ମିଳୁଥିଲା ଅଳ୍ପ; କିନ୍ତୁ ପୁନଃବସତି ପାଇଁ ଏକର ପିଛା ଥିଲା ସାତଶହ ଟଙ୍କା । ଯଦୁମଣି କ୍ଷୀର ବିକି ଯେଉଁ ପଇସା ରଖିଥିଲେ ତାହା ଜମା କରିଥିଲେ ପୁନଃବସତି କ୍ୟାମ୍ପରେ ଜମିପାଇଁ । ସାଙ୍ଗରାମାଲ କ୍ୟାମ୍ପରେ ଯଦୁମଣିକୁ ମିଳିଲା ସରକାରୀ ଜମି, ଗାଈ-ମଇଁଷି ଓ ପରିବାର ସହ ସଂପୂର୍ଣ୍ଣ ଏକ ଅପନ୍ତରାକୁ ଯାଇ ରହିବାକୁ ହେଲା ଯଦୁମଣିକୁ ।(ପୃ-୨୩-୨୪) ସତ୍ୟପାଳ ସମ୍ବଲପୁର ଅଫିସ୍‌କୁ ଯାଇ ଚାରି ଏକର ବାହାଲ ଜମିକୁ ୨୫୦ ଟଙ୍କା ହିସାବରେ, ଆଠ ଜମି ଅଢେଇ ଏକକୁ ୭୦ ଟଙ୍କା ହିସାବରେ ବଗିଚା ପାଇଁ ଥିବା ଅଧ ଏକର ମିଶି ଘର ପାଇଁ ୩୫୦ ଟଙ୍କା; ସର୍ବମୋଟ ୧୫୨୫ ଟଙ୍କା କ୍ଷତିପୂରଣ ପାଇଥିଲା । ଚେମା କାଲୋକୁ ବି ୧୩୦୦ ଟଙ୍କା କ୍ଷତିପୂରଣ ମିଳିଥିଲା । ୧୯୫୪ ଅକ୍ଟୋବର ମାସରେ ସାପଲହରା ଗୌନ୍ତିଆଙ୍କୁ ଜିଲ୍ଲାପାଳ ଆସିବା ଖବର ଦିଆଗଲା, ଜିଲ୍ଲାପାଳ, ଗାଁଲୋକଙ୍କୁ ଧନ୍ୟବାଦ ଜଣାଇବା ସହିତ ବିସ୍ଥାପିତମାନଙ୍କ ତ୍ୟାଗ ପାଇଁ ଏ ଦେଶ ସେମାନଙ୍କଠାରେ ଋଣୀ ରହିବ ବୋଲି କହିବା ଥିଲା ଅତ୍ୟନ୍ତ ହୃଦୟ ବିଦାରକ । (ପୃ-୨୮-୨୯)

୧୯୫୫, ଏପ୍ରିଲରେ ପୁଣି ଗୋଟିଏ ପର୍ଯ୍ୟାୟରେ ୬୯ ଖଣ୍ଡ ଗାଁର ପ୍ରାୟ ୧୫୦୦୦ ପରିବାର ଲୋକଙ୍କୁ ପୋଲିସ୍ ବାଡ଼େଇ ପିଟି ଘରୁ କାଢି ଦେଇଥିଲା; ସେଥିପାଇଁ ପାଞ୍ଚଶହ ପୋଲିସ୍ ମୁତୟନ ହୋଇଥିଲେ । ପୁନର୍ବସତି କ୍ୟାମ୍ପ ପାଇଁ ଲୋକେ ଦଶଲକ୍ଷ ଟଙ୍କା ଦରଖାସ୍ତ କରି ଜମା କରିଥିଲେ ।(ପୃ-୩୯) ଚେମା ଓ ବୈଦେହୀ ସେମାନଙ୍କ ଝିଅ-ଜ୍ୱାଇଁ, ସମୁଦି-ସମୁଦୁଣୀଙ୍କ ସହିତ କଥାହୋଇ ଏକାଠି ମୁରା କ୍ୟାମ୍ପ ଯିବାପାଇଁ ମନସ୍ଥ କଲେ । ଏଭିତରେ ସାବିତ୍ରୀ ଗର୍ଭବତୀ ହୋଇଥିଲା, ମାତ୍ର ହଠାତ୍ ଦିନେ ଅଧରାତିରେ ପୋଲିସ୍ ଆସି ସତ୍ୟପାଳକୁ ରାତିରେ ଘରଛାଡ଼ିବା ପାଇଁ କହିଲା ଏବଂ ସକାଳକୁ ମଧ୍ୟ ଅପେକ୍ଷା କରିବାକୁ ନାରାଜ ହୋଇଥିଲା । ହଇରାଣ ହରକତ ଭିତରେ ଦୁଇ ପରିବାର ଟ୍ରକରେ ଜିନିଷ ଲଦି ବାହାରି ପଡିଥିଲେ ମୁରା କ୍ୟାମ୍ପକୁ । ମିଳିଥିବା କ୍ଷତିପୂରଣ ଟଙ୍କାରେ ଜମି କିଣି ହେବନାହିଁ । ତେଣୁ ଭଲ ଜମି ପାଇଁ ଅଧିକ ଟଙ୍କା ଲାଗିବ; ସେଥିପାଇଁ ଚେମା ବୈଦେହୀର ସୁନାମାଳି ବିକିଲା ଏବଂ ସତ୍ୟପାଳ ବି ସେମାନଙ୍କ ସଞ୍ଚିତ ଅର୍ଥରେ ମୁରା ପାଖରେ ଚାରି ଏକର ଲେଖାଏଁ ଚାଷଜମି କିଣିଲେ । ରହିବା ପାଇଁ ତିନି ବଖରା ଲେଖାଏଁ ପକ୍କା ଘର ମଧ୍ୟ କଲେ । ଭଉଣୀ ମାମି ପାଇଁ ଭଲ ପ୍ରସ୍ତାବଟେ ଖୋଜୁଥିଲା ସତ୍ୟପାଳ । ଭଣ୍ଡାରୀମାଳର ଲୋକନାଥ ଭୋଇ; ଯିଏକି ଆଗେ ଭୁଲ୍‌କା ଗାଁରେ ରହୁଥିଲା । ଭୁଲକାରୁ ଅନେକ ବିସ୍ଥାପିତ ଆସି ଏକାସାଙ୍ଗରେ ରହିବାରୁ ଗାଁର ନୂଆ ନାଁ ବି ରହିଥିଲା ଭୁଲ୍‌କା । ଅକ୍ଟୋବର ୨୫ ତାରିଖରେ ଉଭୟଙ୍କର ବିବାହ କରିଦେଲେ ସୁରୁଖୁରୁରେ । ୧୯୫୬ ମସିହା ବେଳକୁ ବୁର୍ଲା ଇଂଜିନିୟରିଂ କଲେଜରେ ନାଁ ଲେଖାଇବା ପାଇଁ ଦରଖାସ୍ତ ଆବେଦନ ବାହାରି ଥିଲା । ଚେମା, ସତ୍ୟପାଳକୁ ପଢିବାପାଇଁ

କହିଲା ଏବଂ ଅର୍ଥରଣ କରିବା ପଛେ ତୁମେ ପାଠପଢ ବୋଲି କହିଥିଲା । ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସତ୍ୟପାଳଙ୍କୁ ପ୍ରଥମ ସିଟ୍ ମିଳିଲା ଏବଂ ସେ ମୁରାର ଏମ୍ଇ ସ୍କୁଲର ବିଜ୍ଞାନ ଶିକ୍ଷକପଦକୁ ଛାଡ଼ି ନୂଆ ଇଞ୍ଜିନିୟରିଂ କଲେଜ 'ୟୁନିଭରସିଟି କଲେଜ ଅଫ୍ ଇଞ୍ଜିନିୟରିଂ'ରେ ନାଁ ଲେଖାଇଥିଲା । ସେଠାରେ ପ୍ରଥମେ ପ୍ରଫେସର ଭୁବନେଶ୍ୱର ବେହେରା ଅଳ୍ପ ସମୟ ପାଇଁ ଏବଂ ପରେ ପ୍ରଫେସର ଭଗବତ ପ୍ରସାଦ କଲେଜର ପ୍ରିନ୍ସିପାଲ ଦାୟିତ୍ୱ ନେଇଥିଲେ । ହଷ୍ଟେଲ ହୋଇ ନଥିବାରୁ ହୀରାକୁଦ ନଦୀବନ୍ଧ ଯୋଜନାର କୋଡ଼ିଏଟି ସରକାରୀ କ୍ୱାଟରସ୍ ପିଲାମାନଙ୍କୁ ଦିଆଯାଇଥିଲା ରହିବା ପାଇଁ । ସତ୍ୟପାଳ ବି ରହିଥିଲା ଗୋଟିଏରେ । ପ୍ରଥମ ବର୍ଷ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲା ସତ୍ୟପାଳ । ଏ ଭିତରେ ସତ୍ୟପାଳ ବାପା ହୋଇସାରିଥାଏ । ପୁଅର ନାଁ ଦେଇଥିଲା ବିଶ୍ୱଜିତ୍ । ନାଁଟି ଥିଲା ଇଞ୍ଜିନିୟର ବିଶେଶ୍ୱରାୟଙ୍କ ନାଁକୁ ମେଳକରି; ବିସ୍ଥାପନ ପାଇଁ ପୁରୁଷୋତ୍ତମ ତାଙ୍କ ନାତୁଣୀ ସାପଲହରାରୁ କେଉଁଠିକି ଗଲେ ସେମାନେ ଜାଣିପାରିଲେ ନାହିଁ । ପୁରୁଷୋତ୍ତମଙ୍କ ଅର୍ଥ ସରିବାକୁ ବସିଥିଲା ଏବଂ ସେ ଭାବୁଥିଲେ ସାପଲହରା ବୁଡ଼ିଯାଇଥିବ । ଏ ଭିତରେ ଲୋକନାଥର ବି ଗୋଟିଏ ଝିଅ ହୋଇ ସାରିଥାଏ । ଭୁଲ୍କା-ପରତା-ସାପଲହରା-ରମ୍ଫେଲା ଆଦିରେ ବି ସମାନ ଅତ୍ୟାଚାର ଚାଲିଥିଲା ଅଧରାତିରେ ଲୋକଙ୍କୁ ଗାଁକୁ ବାହାରି କରିବା ପାଇଁ । ସତ୍ୟପାଳର ବାପା-ମା' ବି ବାହାରିରେ ତୀର୍ଥଯାତ୍ରାରେ । ଉପନ୍ୟାସରେ ସତ୍ୟପାଳ ଏବଂ ଇଞ୍ଜିନିୟରିଂ କଲେଜର ସହପାଠୀ ଦିଲ୍ଲୀପ-ବିପିନ-ତ୍ରିବିକ୍ରମ-ଶେଷଦେବ-ମେନକା ଆଦିଙ୍କ ପ୍ରସଙ୍ଗ ସମାନ୍ତରାଳ ଭାବେ ସଂଯୁକ୍ତ ହୋଇଛି । ମେନକାର ସତ୍ୟପାଳ ପ୍ରତି ଥିବା ଦୁର୍ବଳତାର ପ୍ରକାଶ ; ସତ୍ୟପାଳର ଦୃଢତାର ସହ ମେନକାକୁ ପ୍ରତ୍ୟାଖ୍ୟାନ; ରେଜଲ୍ଟ ପ୍ରକାଶ ପାଇବା ଏବଂ ସମଗ୍ର କଲେଜରେ ସତ୍ୟପାଳ ପ୍ରଥମ ଶ୍ରେଣୀରେ ପ୍ରଥମ ହେବା; ୧୯୬୦ ମସିହା ବେଳକୁ ହୀରାକୁଦ ନଦୀବନ୍ଧର ପ୍ରୋଜେକ୍ଟରେ ଜୁନିୟର ଇଞ୍ଜିନିୟର ଦରଖାସ୍ତ ଆହ୍ୱାନ ବେଳେ ସତ୍ୟପାଳ ଦରଖାସ୍ତ କରିବା ଏବଂ ଜୁନିୟର ଇଂଜିନିୟର ଭାବେ ବୁର୍ଲାରେ ଯୋଗଦାନ ଉପନ୍ୟାସର ଅନ୍ୟ ଏକ ପର୍ଯ୍ୟାୟ ଅଟେ । ସତ୍ୟପାଳ ସମସ୍ତଙ୍କୁ ରାଉରକେଲା ନେବା ପାଇଁ ମନସ୍ତ କରିଥିଲା; ସମସ୍ତଙ୍କୁ ସେଠାକାର ରହିବାର ଆଦବକାଇଦା କଥା କହିଥିଲା; ମାତ୍ର ଚେମା ଜମିବାଡ଼ି ଛାଡ଼ି ଯିବାକୁ ଅମଙ୍ଗ ହେଲା; ଚେମା ଓ ବୈଦେହୀ ରହିଗଲେ ମୁରାରେ ଏବଂ ଅନ୍ୟ ସମସ୍ତେ ଗୋଟିଏ କାରରେ ଚାଲିଗଲେ ରାଉରକେଲା । ଏ ଭିତରେ ବିତି ଯାଇଥିଲା ଦୁଇ ବର୍ଷ । ସେତେବେଳକୁ ବି ଫେରି ନଥିଲେ ସତ୍ୟପାଳର ପିତାମାତା ତୀର୍ଥରୁ । ସାବିତ୍ରୀ-ବିଶ୍ୱଜିତ୍ ଗାଁକୁ ଆସି ଅସୁବିଧାରେ ପଡିଥିଲେ କାରଣ ରାଉରରକେଲାର ଜୀବନଶୈଳୀରେ ସେମାନେ ଅନେକ ବଦଳି ସାରିଥିଲେ । ନାତିକୁ ଚେମା ଗପ ଶୁଣାଇଥିଲା ଜମଡା ଗାଁର କଥା । ସତ୍ୟପାଳ, ଚେମା ଓ ବୈଦେହୀଙ୍କୁ ମଧ୍ୟ ସାଙ୍ଗରେ ରାଉରକେଲା ଆଣିଥିଲା । ପ୍ରଥମେ ସେଇ ଜୀବନ ଅଲଗା ଲାଗିଲେ ବି ଚେମାକୁ କ୍ରମଶଃ ଭଲ ଲାଗିଥିଲା ରାଉରକେଲା । ଚେମା ଅପ୍ରତ୍ୟାଶିତ ଭାବେ ତାର ଶାଶୂ-ଶ୍ୱଶୁର ଅର୍ଥାତ୍ ପୁରୁଷୋତ୍ତମଙ୍କୁ ସେଠାରେ ଭେଟି ଥିଲା; ଚେମା ଓ ବୈଦେହୀ ପାଇଁ ତାହା ଥିଲା ଏକ ମହୋତ୍ସବ ଭଳି । ପୁରୁଷୋତ୍ତମ ତୀର୍ଥଯାତ୍ରାରୁ ଫେରି କୋଉଠିକି ଯିବେ ଭାବିପାରିନଥିଲେ, କାରଣ ସେତେବେଳକୁ ସାପଲହରା ନଥିଲା । ତେଣୁ ଉଭୟ ଭିକ୍ଷାବୃତ୍ତି କରୁଥିଲେ ରାଉରକେଲାରେ । ସମସ୍ତଙ୍କୁ ସମସ୍ତେ ପାଇ ଭୁଲିଗଲେ ଅତୀତର ଦୁଃଖକୁ । ସମୟ କ୍ରମେ ଚେମାର ଯକ୍ଷ୍ମାରୋଗ ବାହାରିଥିଲା; ଔଷଧ ଓ ପଥ୍ୟରେ ରହିଲା ଚେମା; କିନ୍ତୁ ନାତିଠାରୁ ଦୂରେଇ ରହିବାର ଦୁଃଖରେ ଦୁହେଁ ଦୁଃଖୀ ଥିଲେ, ଯଦିଓ ବିଶ୍ୱଜିତ୍ ରୋଗ କଥା ଜାଣିନଥିଲା; ଏ ଭିତରେ ଦିନେ ଚେମାର ପ୍ରଥମ ହୃଦ୍‌ଘାତ ମଧ୍ୟ ହୋଇ ସାରିଥିଲା । ଚେମା ନାତି ବିଶ୍ୱଜିତ୍‌କୁ ଜମଡ଼ାର କଥା କହୁକହୁ ସେଠାକାର କର୍ତ୍ତା କିଏ କହିନଥିଲା; ମାତ୍ର ଆଉଥରେ ଗପ କହୁକହୁ ପ୍ରକାଶ କଲା ଯେ ଜମଡ଼ାର ସେହି ଗାଁର କର୍ତ୍ତାଟି ନିଜେ ହେଉଛି ଚେମା ! ଉପନ୍ୟାସରେ ପୁନଶ୍ଚ ହୃଦ୍‌ଘାତ ହୋଇଛି ଏବଂ ପରିଶେଷରେ ଚେମାର ପ୍ରାଣବାୟୁ ଉଡ଼ିଯାଇଛି । ହୀରାକୁଦ ବିସ୍ଥାପନର ଅସରନ୍ତି ଦୀର୍ଘଶ୍ୱାସର ପ୍ରତୀକ ହେଉଛି ଉପନ୍ୟାସର ଚେମା !

'ଚେମା କାଲୋ' ପୂର୍ଣ୍ଣତଃ ହୀରାକୁଦ ବନ୍ଧ ବିସ୍ଥାପିତ-ମଣିଷଙ୍କର ଏକ ଜୀବନ୍ତ ସାର୍ଥକ ପ୍ରତିନିଧି । କାରଣ 'ଜମଡ଼ା'ର ଲୋକେ ପ୍ରଥମେ ବିସ୍ଥାପିତ ହୋଇଥିଲେ; ଆଉ ବୋଧେ ପ୍ରଥମ ବିସ୍ଥାପିତ ମଣିଷଟି ଥିଲା ଚେମା । 'ଜମଡା'ରେ ୱାର୍କସପ ହେଲାପରେ ସେଠାରେ ସମସ୍ତେ ରହି ତଦାରଖ କରିଥିଲେ ନଦୀବନ୍ଧର କାର୍ଯ୍ୟକୁ । ତେଣୁ 'ଜମଡ଼ା' ହିଁ ଥିଲା ହୀରାକୁଦ ନଦୀବନ୍ଧ ବିସ୍ଥାପନର ପ୍ରଥମ ବିସ୍ଥାପିତ ବୁଡ଼ି ଅ*ଳ!

### ବୁଡ଼ି ଅଞ୍ଚଳ (୨୦୨୩) :

କୁମାର ହସନଙ୍କ ଦ୍ୱାରା ଲିଖିତ ୨୦୨୩ ମସିହାରେ ପ୍ରକାଶିତ ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କର ଛାତିଥରା ପ୍ରାମାଣିକ କାହାଣୀ: 'ବୁଡ଼ି ଅଞ୍ଚଳ' ଉପନ୍ୟାସକୁ ଏକ ନୂତନ ଭାବଭୂମିର ଐତିହାସିକ ଦସ୍ତାବିଜ ଭାବେ ଗ୍ରହଣ କରାଯାଇପାରେ । ଲେଖକ ଏହାକୁ ବହୁମୁଖୀ ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ହୋଇଥିବା

ମର୍ମନ୍ତୁଦ ବିସ୍ଥାପନ; ଯାହା ପୃଥିବୀର ସବୁଠୁ ବଡ଼ କରୁଣ ଓ ବୀଭତ୍ସ ବିସ୍ଥାପନ ଥିଲା; ଯେଉଁଥିରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଓ ତତ୍କାଳୀନ ମଧ୍ୟପ୍ରଦେଶର ତିନି ଶତାଧିକ ଗାଁ; ପଲ୍ଲୀପଡ଼ାର ଦୁଇ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଥିବା ବେଳେ, ଦେଢ଼ ଲକ୍ଷରୁ ବେଶୀ ଲୋକ କ୍ଷତିଗ୍ରସ୍ତ ଓ ପ୍ରଭାବିତ ହୋଇଥିଲେ ବୋଲି ଉଲ୍ଲେଖ କରିଛନ୍ତି । ସେଥିରେ ଗାଁଗଣ୍ଡା, ଘରଦ୍ୱାର, ଜମିବାଡ଼ି, ଜଙ୍ଗଲ-ଡଙ୍ଗର, ପାହାଡ଼, ପର୍ବତ, ପାରମ୍ପରିକ ଜୀବିକା, ଗ୍ରାମ୍ୟ-ସଭ୍ୟତା, ସଂସ୍କୃତି, ସାମାଜିକତା ଓ ଅର୍ଥନୀତି ଚିରକାଳ ପାଇଁ ଜଳମଗ୍ନ ହୋଇଥିଲା । ସରକାରୀ ପ୍ରତାରଣା, ପ୍ରବଞ୍ଚନା ଫଳରେ ସମୃଦ୍ଧ ଚାଷିମାନେ ନାମକୁ ମାତ୍ର କ୍ଷତିପୂରଣ, ପୁନର୍ଥଇଥାନ ବ୍ୟବସ୍ଥା ଯୋଗୁଁ ଠିକଣା ହରାଇ ଦାଣ୍ଡର ଭିକାରି ହୋଇ ଯାଇଥିଲେ । ଲେଖକ ଏହାକୁ ଦୁଇ ଦୁଇଟା ବିଶ୍ୱଯୁଦ୍ଧ, ଭାରତ ବିଭାଜନର ମର୍ମନ୍ତୁଦ ଦୁର୍ଦ୍ଦଶାଠାରୁ ବି ଅଧିକତମ ବିଭୀଷିକାର ଚିତ୍ର କହିବା ସହିତ ଜନନେତା ପ୍ରସନ୍ନ କୁମାର ପଣ୍ଡାଙ୍କ ଜୀବନ ବ୍ୟାପି ବିଧାନସଭା ଭିତରେ ଓ ବାହାରେ ଦୁର୍ବାର ଆନ୍ଦୋଳନ ଯୋଗୁଁ ବିସ୍ଥାପିତମାନେ ଯେଉଁ 'ସହାୟତା' ଓ 'ଅନୁକମ୍ପା' ରାଶି ନାଁରେ ବିସ୍ଥାପିତଙ୍କର ଉଚିତ କ୍ଷତିପୂରଣର ଦାବିକୁ ଚପେଇ ଦେବା ଏବଂ ଫାଇନାଲ ସେଟେଲମେଣ୍ଟ ନାଁରେ ସରକାର କରିଥିବା ଚରମ ଅବହେଳା, ଅପମାନ ଯେ ପୃଥିବୀ ଇତିହାସରେ ବିରଳ ବୋଲି କହିବା ବେଶ୍ କ୍ଷୋଭ ସୃଷ୍ଟିକାରୀ । (ପୃ-୫)

'ବୁଢ଼ି ଅଞ୍ଚଳ' ଉପନ୍ୟାସର ପ୍ରାରମ୍ଭ ଯେଉଁ ପରିବେଶକୁ ସୃଷ୍ଟି କରିବାର ପ୍ରଚେଷ୍ଟା କରିଛି; ତାହା ଏକ ଜୀବନଧାରାର ପ୍ରବହମାନ ଚଳଚଞ୍ଚଳ ତଥା ଏକ ସମୃଦ୍ଧ ସଂସ୍କୃତିର ସୂଚକ; ଯିଏ ହୁଏତ ଜଳମଗ୍ନ ହୋଇଯିବ ଆଗାମୀ ଭବିଷ୍ୟତରେ; ସେହିଭଳି ପ୍ରତ୍ୟାଶା ଲକ୍ଷ୍ୟଣୀୟ । ସେଠି ଦେଖିହେବ ରାମଧୀନର ଲୁହାର କଡେଇରେ ଗୁଡ ମାରିବାର ଅନନ୍ୟ ଦୃଶ୍ୟ; ବନମାଳୀ ଗଣ୍ଡର ଘରୁ କୁକୁଡ଼ା ଡାକିବାର ଶବ୍ଦ; ମଣି ଚୌକିଦାରର ବର୍ଛାଧରି ଦାମ୍ଭିକ ଚାଲି; ବଁଡୋ ଅଜାର ରହସ୍ୟ କଥା ଭିତରେ ପ୍ରଥମେ ସୂଚିତ ହେଉଛି ଯେ ମଣି ଚୌକିଦାର ଥାନାବାବୁ ପାଖରୁ ଖବର ପାଇଛି ଯେ ବୁଢ଼ି ଅଞ୍ଚଳର ଝାଙ୍କର, ଚୌକିଦାର, ସୁଖବାସୀ ଆଉ ଯେଉଁମାନେ ପଇସା ପାଇନାହାନ୍ତି; ସେମାନଙ୍କୁ ଦେବାପାଇଁ ସରକାର କ'ଣ ଯୋଜନା କରିଛନ୍ତି । ସେତେବେଳକୁ ବିତି ଗଲାଣି ଷାଠିଏ ବର୍ଷ; ସରକାର କାହାକୁ କୋଉଠି ଖୋଜି କ୍ଷତିପୂରଣ ଦେବେ ବୋଲି ବଁଡୋ ଅଜାର କଥା ଭିତରେ ଅନୁଭବି ହେବ ହୀରାକୁଦ ବିସ୍ଥାପନର ଅତୀତ କଥାକୁ ।(ପୃ-୧୨) ମଣିର କଥାରେ ବୁଢ଼ି ଅଞ୍ଚଳର ଜଗନ୍ନାଥ ମନ୍ଦିରର ଚୂଡ଼ାରୁ ହିଁ ଯାହା ବୁଝାଯାଏ ଯେ କେଉଁଟା କେଉଁ ଗାଁ ଥିଲା; ନଚେତ ସବୁଠି ତ ଅକାତକାତ ପାଣି; ସରକାର କିଛି ଶୁଣିନଥିଲେ; କେବଳ ଘୋଷଣାକୁ ଜାରୀ କଲେ ଗାଁ ଖାଲି କରିବା ପାଇଁ । ଲୋକେ ଜାଣିବି ନଥିଲେ ଯେ ୧୯୪୫ ମସିହା ନଭେମ୍ବର ମାସରେ କଟକରେ 'ଓଡ଼ିଶା ବହୁମୁଖୀ ନଦୀ ସମ୍ମିଳନୀ' ହୋଇଥିଲା ଏବଂ ଡକ୍ଟର ବି.ଆର୍. ଆମ୍ବେଦକର ଏଥିରେ ଅଧ୍ୟକ୍ଷ ଥିଲେ । ଏହି ବୈଠକରେ ହୀରାକୁଦ ବନ୍ଧନିର୍ମାଣ କରିବା ନିମନ୍ତେ ଶେଷ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜଳ-ବିଦ୍ୟୁତ୍ ଉତ୍ପାଦନ, ବନ୍ୟା-ନିୟନ୍ତ୍ରଣ, ଜଳ-ସେଚନ ଓ ନୌ-ପରିବହନ ଥିଲା ଏହାର ମୂଳ ଲକ୍ଷ୍ୟ । ମାତ୍ର ଏହି ନିଷ୍ପତ୍ତି କଥା ସରକାରୀ ସ୍ତରରେ ଏଭଳି ଚପେଇ ଦିଆଗଲା ଯେ କଟକରୁ ଏ ଖବର ସମ୍ବଲପୁରକୁ ଆସିବା ପାଇଁ ଲାଗିଥିଲା ଚାରି ମାସରୁ ଅଧିକ ସମୟ ।(ପୃ-୧୪)

ଖବର ପହଞ୍ଚିଲା ମାତ୍ରକେ ସମଗ୍ର ସମ୍ବଲପୁର ସ୍ତବ୍ଧ ହୋଇ ଯାଇଥିଲା । ଅବିଭକ୍ତ ସମ୍ବଲପୁର ଅର୍ଥାତ୍ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁରରେ ଖେଳିଯାଇଥିଲା ଆତଙ୍କ ! ଏ ଯୋଜନାକୁ ବନ୍ଦ କରିବା ପାଇଁ ଲୋକେ ଅଣ୍ଟା ଭିଡ଼ିଥିଲେ । ସମ୍ବଲପୁର ଜିଲ୍ଲା ବୋର୍ଡ, ଜିଲ୍ଲା କୃଷକ ସଂଘ, ଅଞ୍ଚଳର କମ୍ୟୁନିଷ୍ଟ, କଂଗ୍ରେସ ପାର୍ଟି ଆଦି ମଧ୍ୟ ଆନ୍ଦୋଳନରେ ମିଶିଥିଲେ । ରମ୍ପେଲା, ମୁରା, ବଣ୍ଡଲା, ଅଢାପରା, କୁର୍ଲା, ସାଁପଲହରା ପ୍ରଭୃତି ଗାଁର ହୀରାକୁଦ ବନ୍ଧ ବିରୋଧୀ କମିଟୀ ସେତେବେଳକୁ ଗଠିତ ହୋଇ ସାରିଥିଲା । ସମ୍ବଲପୁର ମୁନିସିପାଲିଟିରେ ସଭା ହୋଇ ବନ୍ଧ ନିର୍ମାଣ ବିରୋଧୀ ପ୍ରସ୍ତାବ ଗୃହୀତ ହୋଇ ଓଡ଼ିଶାର ଲାଟ୍ ସାହେବ ଲୁଇସ୍ ହର୍ଥର୍ଣ୍ଣଙ୍କୁ ପଠାଯାଇଥିଲା । କାରଣ ସେ ବନ୍ଧର ଭିତ୍ତିସ୍ଥାପନ କରିବାକୁ ଆସିବାର ଥିଲା । ଟାଉନ୍ ହଲ୍‌ରେ ଜିଲ୍ଲା କୃଷକ ସମ୍ମିଳନୀରେ ବୋର୍ଡ଼କୁ ବିରୋଧ କରାଗଲା; ଏହି ସଭାରେ ଅତିଥି ଭାବେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡ.ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ । ମହତାବଙ୍କର କଟକ ସଭାରେ ସମ୍ବଲପୁର ଲୋକଙ୍କୁ ସବୁ ବୁଝାଇ ଦିଆଯାଇଥିବା କଥା ଭଳି ଦୋମୁହାଁ ନୀତିକୁ ସମାଲୋଚନା କରି କମଳ ଲୋଚନ ମିଶ୍ର (କମଲୁ ମାଷ୍ଟ୍ରେ)ଙ୍କ ହିନ୍ଦୀ କବିତା, ଯାହାକୁ ସେ ବନ୍ଧ ବିରୋଧୀ ସଭାରେ ଗାଉଥିଲେ; ତାହାର ଉଲ୍ଲେଖ କରାଯାଇପାରେ: "ହମ୍ ଲୋଗ ହୀରାଖଣ୍ଡକେ ଭୂତ/ଗଣତନ୍ତ୍ର ନହିଁ ଷଡ଼ଯନ୍ତ୍ର ହୈ / ଚୋରୋଁକା ୟହ ମହାମନ୍ତ୍ର ହୈ / ଛୋଡ଼ୋ ତୋ ନା ମିଲେ ଛୁଟ୍ / ହମ ଲୋଗ ହୀରାଖଣ୍ଡକେ ଭୂତ୍ । /

ମହତାବ୍ ନହିଁ ମହାତାପ୍ ହେ / ନର୍ ତନ୍‌ଧାରୀ ମହାଶାପ ହେ / ବାତ୍ ବୋଲେ ବଡ଼ା ଝୁଟ୍ / ହମ୍ ଲୋଗ୍ ହୀରାଖଣ୍ଡ ଭୂତ ।"

(ପୃ-୧୬)

ପୂର୍ବୋକ୍ତ ଅନ୍ୟ ଦୁଇ ଉପନ୍ୟାସ ଭଳି ଏଥିରେ ମଧ୍ୟ ସମଧରଣର କଥାର ବିକାଶକୁ ଲକ୍ଷ୍ୟ କରିହେବ । ସମ୍ବଲପୁରର ନେତୃବର୍ଗଙ୍କ ବନ୍ଧ ସଂକ୍ରାନ୍ତରେ ସରକାରଙ୍କଦ୍ୱାରା ରିପୋର୍ଟ ଅନୁଧ୍ୟାନ କରିବାକୁ ମହୀଶୂରର ବିଖ୍ୟାତ ଇଞ୍ଜିନିୟର ରଙ୍ଗୟାଙ୍କୁ ନିମନ୍ତ୍ରଣ କରାଯିବା; ତାଙ୍କ ରିପୋର୍ଟରେ ହୀରାକୁଦ ବନ୍ଧ ଦ୍ୱାରା ଲାଭ ଅପେକ୍ଷା କ୍ଷୟକ୍ଷତି ଅଧିକ ବୋଲି ରିପୋର୍ଟ ଦେବା; ମାତ୍ର ସରକାର ତାକୁ ଗ୍ରହଣ କରିବା ପରିବର୍ତ୍ତେ ଆନ୍ଦୋଳନକାରୀମାନଙ୍କ ଉପରେ ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରିବା ଥିଲା ବେଶ୍ ଅମାନବୀୟ ।(ପୃ-୧୭) ସମ୍ବଲପୁରରୁ ବନ୍ଧ ବିରୋଧୀ ଆନ୍ଦୋଳନର ମୁଖପତ୍ର ଭାବେ 'ହୀରାଖଣ୍ଡ ସମାଚାର' ନିର୍ଭୀକ ଭାବେ ଦଣ୍ଡାୟମାନ ହୋଇଥିବା ସ୍ଥଳେ ନବକୃଷ୍ଣ ଚୌଧୁରୀ, ମାୟାଧର ମାନସିଂହଙ୍କ ଭଳି ପ୍ରବୁଦ୍ଧ ରାଜନୀତିକ କର୍ମୀ ଏବଂ ବୁଦ୍ଧିଜୀବୀ 'ଶଙ୍ଖ' ପତ୍ରିକାର ସମ୍ପାଦକ ପ୍ରମୁଖ ହୀରାକୁଦ ନଦୀବନ୍ଧକୁ ସ୍ୱାଗତ କରି ଲେଖାମାନ ଲେଖିବା ବିଡ଼ମ୍ବନାର ବିଷୟ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଲେଖକ । (ପୃ-୧୩)

ଉପନ୍ୟାସରେ ପ୍ରଥମ ଦଫାରେ ପଞ୍ଚାନବେ ଖଣ୍ଡ ଗାଁ ଜଳମଗ୍ନ ହେବା ପାଇଁ ଯୋଜନା ପ୍ରସ୍ତୁତ ହେଲା ଏବଂ ଘୋଷଣା କରାଗଲା । ଏହାର ପ୍ରତିବାଦରେ ତିରିଶ ହଜାର ଲୋକ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଦାବିପତ୍ର ଦେଇଥିଲେ; ସେତେବେଳେ ବନ୍ଧକୁ ବିରୋଧ କରି ସରକାରୀ ଓକିଲ ପଦରୁ ଇସ୍ତଫା ଦେଇଥିଲେ ଅଚ୍ୟୁତାନନ୍ଦ ପୁରୋହିତ । ଦିନକୁ ଦିନ ବଢୁଥିବା ଆନ୍ଦୋଳନ ପାଇଁ ମହତାବ ଗାନ୍ଧୀଙ୍କୁ ଚିଠି ଲେଖି ଲୋକଙ୍କୁ ବୁଝାଇବା ପାଇଁ କହିବା ପରେ; ବନ୍ଧ ବିରୋଧୀ ଆନ୍ଦୋଳନର ପ୍ରମୁଖ ଜନନେତା ଶଙ୍କର ପ୍ରସାଦ ମିଶ୍ର ଓ ବୋଧରାମ ଦୁବେ ଗାନ୍ଧୀଙ୍କୁ ଭେଟିବା ପାଇଁ ଦିଲ୍ଲୀ ଯାଇଥିଲେ; ଗାନ୍ଧୀ ସବୁ ଶୁଣିବା ପରେ ସେ ଏ ବିଷୟରେ କିଛି ଜାଣି ନଥିବା କଥା ଏବଂ ମହତାବଙ୍କୁ କୌଣସି ଆର୍ଶୀବାଦ ଦେଇ ନଥିବା କଥା ଉଲ୍ଲେଖ କରିଥିଲେ ।

(ପୃ-୧୭-୧୮)

ତତ୍‌କାଳରେ ବନ୍ଧକୁ ବିରୋଧ କରୁଥିବା ଲୋକଙ୍କୁ ରୋକିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରରୁ ଚିନ୍ତାମଣି ମିଶ୍ର ପ୍ରଚାରକ ନିଯୁକ୍ତ ହୋଇ ଗାଁଗାଁ ବୁଲି ମିଛରେ ପ୍ରଚାର କଲେ ଯେ; ସମ୍ବଲପୁରରେ ଭୟଙ୍କର ହଇଜା, ଶହଶହ ଲୋକ ଝାଡ଼ାବାନ୍ତିରେ ପ୍ରାଣ ହରାଇଛନ୍ତି । ସ୍ଥିତି ଉଦ୍‌ବେଗ ଜନକ । ସମ୍ବଲପୁରରେ ବୋମା ପଡ଼ିବ ଆଦି କହି ଲୋକଙ୍କୁ ଭୟଭୀତ କରିଥିଲେ, ଯାହାଫଳରେ କେହି ସମ୍ବଲପୁର ଆସିବାକୁ ସାହସ କରିବେ ନାହିଁ ।(ପୃ-୧୮) ସାର ହଥର୍ଣ୍ଣ ଓଡ଼ିଶାର ରାଜ୍ୟପାଳ ପଦରୁ ଯିବାପରେ ଚନ୍ଦୁଲାଲ ଦ୍ୱିବେଦୀ ହୋଇଥିଲେ ଗଭର୍ଣ୍ଣର । ତାଙ୍କ ସମ୍ବଲପୁର ଗସ୍ତବେଳେ ବନ୍ଧ ବିରୋଧୀ ମହାସଭାର ଡାକରା ଥିଲା; ତେଣୁ ଏଭଳି ପଦକ୍ଷେପ ନିଆଯାଇଥିଲା । "ଚାଲରେ ଚାଲରେ ଚାଲ / ହୀରାକୁଦ କେ ଚାଲ / ହୀରାକୁଦ କେ ଚାଲ/ ସରକାର ଯେନ ବନ୍ଧ ବାନ୍ଧୁଛେ / ବନ୍ଦ କରମା ଚାଲ..." ଭଳି ସାମୂହିକ ସ୍ଲୋଗାନ ଥିଲା ବନ୍ଧ ବିରୋଧୀ ଅଭିଯାନର ମନ୍ତ୍ରପାଠ ! ବନ୍ଧ ବିରୋଧୀ ଆନ୍ଦୋଳନରେ ପୂର୍ଣ୍ଣମାସୀ ଦେବୀଙ୍କ ସହିତ ଆହୁରି ଅନେକ ମହିଳା ମଧ୍ୟ ଗାନ୍ଧୀଙ୍କୁ ଭେଟିବା ପାଇଁ ଦିଲ୍ଲୀ ଯାଇଥିଲେ । ଗାନ୍ଧୀ ସବୁ ଶୁଣି ଏହି ଯୋଜନା ବିରୋଧରେ ଭାରତ ସରକାରଙ୍କୁ ଚିଠି ଲେଖିବାର ଆଶ୍ୱାସନା ଦେଇଥିଲେ । ବନ୍ଧ ବିରୋଧୀ ଆନ୍ଦୋଳନକୁ ସଫଳ କରିବା ପାଇଁ ଦଶଦିନ ପର୍ଯ୍ୟନ୍ତ ସମଲେଶ୍ୱରୀ ମନ୍ଦିରରେ ମହାଯଜ୍ଞ କରାଯାଇଥିଲା । ଅଢାପରାର ପ୍ରସନ୍ନ କୁମାର ପଣ୍ଡା, ଭୁଲକାର ଶ୍ରଦ୍ଧାକର ସୁପକାର, ସମ୍ବଲପୁର ଜନାର୍ଦ୍ଦନ ପୂଜାରୀ, କମଳା ପୂଜାରୀ, ଶଙ୍କର ପ୍ରସାଦ ମିଶ୍ର, ଦୁର୍ଗା ମିଶ୍ର, ଅଚ୍ୟୁତ ପୁରୋହିତ, ଅନ୍ତରାମ ବେହେରା, ଈଶ୍ୱର ମିଶ୍ର, ହରିଚରଣ ପାଠୀ, ବଲଣ୍ଡାର ରାମାଧିନ ବର୍ତ୍ତିଆ, ରାଜାରାମ ଦୁବେ, ବରଗଡ଼ର ଫକୀର ବେହେରା, ମାୟାଧର ପୁରୋହିତ, ଲରମ୍ଭାର ବ୍ରଜମୋହନ ପଣ୍ଡା, କୁର୍ମିମାଲର ଶତ୍ରୁଘ୍ନ ପଣ୍ଡା, ଚିନ୍ତାମଣି ହୋତା, ପୁରୁନ୍ଦର ପଣ୍ଡା, ଶ୍ରୀନିବାସ ଭଳି ବହୁ ଜନନେତାମାନେ ବିଭିନ୍ନ ସଂଗଠନ ମାଧ୍ୟମରେ ଲୋକଙ୍କୁ ଏକାଠି କରି ବନ୍ଧକୁ କରିଥିଲେ ବିରୋଧ ।(ପୃ-୧୯) ଲୋକଙ୍କୁ ଗିରଫ୍ କରିବା ସହିତ ସାମ୍ବାଦିକମାନଙ୍କ କଲମ ଓ କ୍ୟାମେରା ଭାଙ୍ଗି ଦିଆଯାଇଥିଲା; ମହିଳାନେତ୍ରୀମାନଙ୍କୁ ଗାଡ଼ିରେ ନେଇ କୋଡ଼ିଏ ମାଇଲ ଦୂର ଜଙ୍ଗଲରେ ଛାଡ଼ି ଦିଆ ହୋଇଥିଲା; ଶ୍ରଦ୍ଧାକର ସୁପକାର, ପ୍ରସନ୍ନ ପଣ୍ଡାଙ୍କୁ ଗିରଫ କରି ଜେଲରେ ପୂରେଇ ଦିଆଯାଇଥିଲା । ବିଖ୍ୟାତ ଓକିଲ ବୋଧରାମ ଦୁବେ ତାଙ୍କର ବିଧାୟକ ପଦକୁ ପରିତ୍ୟାଗ କରିଥିଲେ । ପରିସ୍ଥିତିକୁ ହାତକୁ ଆଣିବା ପାଇଁ ଅନେକ ବଡ଼ବଡ଼ ଜମିଦାର, ଗୌନ୍ତିଆ, ବର୍ତ୍ତିଆ, ଧନୀ ଚାଷୀଙ୍କୁ ଅର୍ଥ ପ୍ରଲୋଭନ ଦେଇ ସରକାର ମୁହଁ ବନ୍ଦ କରୁଥିଲେ ।(ପୃ-୨୦)

ଉପନ୍ୟାସର ତୃତୀୟ ଭାଗରେ ଦେଖିବାକୁ ମିଳିବ କୁର୍ଳା

ଗାଁକୁ ପୋଲିସ ଓ ମିଲିଟାରୀଙ୍କ ସହିତ କଲେକ୍ଟରଙ୍କ ଆଗମନ । ସମ୍ବଲପୁର ସହରରୁ ତିରିଶ କିଲୋମିଟର ଦୂରରେ ଅବସ୍ଥିତ ଏକ ସମୃଦ୍ଧ ଓ ଉର୍ବର ଗାଁ ଥିଲା କୁର୍ଲା । ଉତ୍ତରରେ ମଉଲା-ଭଣଜା ପର୍ବତ; ପୂର୍ବ ଦିଗରେ ସବୁଜ ଫସଲ ଲହଡ଼ି ମାରୁଥିବା ଶସ୍ୟକ୍ଷେତ୍ର; ପଶ୍ଚିମରେ ଇବ୍ ନଦୀ । ପାଖରେ ଅନ୍ୟ ଏକ ଶିକ୍ଷିତ ସମୃଦ୍ଧ ଗାଁ ରମ୍ପେଲା । ତିନିଟି କଟା ଓ ଗୋଟିଏ ବଡ଼ ପଦ୍ମପୋଖରୀ । ବାରମାସ ଧରି କେବେ ବି ପାଣିର ଅଭାବ ନଥାଏ କୁର୍ଲାରେ; ସେ ଦୃଷ୍ଟିରୁ କୁର୍ଲାଥିଲା ଉର୍ବର ମାଟିର ଏକ ଚଳଚଞ୍ଚଳ ଭୂଗୋଳ ! ପାଖରେ କୁଦୋପାଲି, ସାଲଡ, ବାରିକପାଲି, ଖଲିହାପାଲି, ଯୁଗିପାଲି । ସତ୍ୟାନନ୍ଦ ଗୌନ୍ତିଆଙ୍କ ବଂଶଧରମାନେ ସେଠାରେ ଗୋଟିଏ ମନ୍ଦିର ତିଆରି କରିଥିଲେ । ହୀରାକୁଦ ନଦୀବନ୍ଧ ପାଇଁ କୁର୍ଲା ଯେ ତା' ଗରିମାମୟ ଅସ୍ତିତ୍ୱ ହରାଇବ; ଏକଥାରେ ଭୟଭୀତ ହୋଇ ଯାଇଥିଲେ ସମସ୍ତେ । ତେଣୁ ଆରମ୍ଭ ହୋଇଯାଇଥିଲା ସଭା-ସମିତି-ବିକ୍ଷୋଭ-ଧାରଣା-ସତ୍ୟାଗ୍ରହ; ସ୍ତ୍ରୀଲୋକ ବି ଆଗେଇ ଆସିଥିଲେ । ମନ୍ଦିର ପ୍ରାଙ୍ଗଣରେ ମିଲିଟାରୀଙ୍କୁ ଗାଳି ଦେଇ ଗାଁର ମହିଳାମାନେ ସେଠାରୁ ସେମାନଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ବାଧ୍ୟ କରିଥିଲେ । ଗୌନ୍ତିଆ ଘରୁ ରାଗ ତମତମ ହୋଇ ବାହାରି ଆସିଥିବା ମହିଳା ଜଣେ ମିଲିଟାରୀଙ୍କୁ ତଡ଼ିବାରେ ସମର୍ଥ ହୋଇଥିଲେ; ସେ କଲେକ୍ଟରଙ୍କ ପାଖକୁ ଯାଇ ଆରମ୍ଭ କରିଦେଇଥିଲେ ଇଂରେଜୀରେ ତାଙ୍କର ବକ୍ତବ୍ୟ: "ହେ, ଏଣ୍ଡ୍ ୟୁ... ଆର୍ ୟୁ ଏ କଲେକ୍ଟର ହେଭିଙ୍ଗ ନଥିଙ୍ଗ ଏନି କମନ୍‌ସେନ୍ସ ହାଓ ୟୋର ଟ୍ରୁପ୍ ଡେୟାର ଟୁ ସିଟ୍ ଇନ୍ ଏ ହୋଲି ଟେମ୍ପଲ ପ୍ରେମିସେସ୍ ହେଭିଙ୍ଗ୍ ସୁଜ୍ ଇନ୍ ଦେୟାର ଫୁଟ ? ଏଣ୍ଡ୍ ୟୁ ଆର୍ ଡେଡ୍ ସାଇଲେ[ ? ୱାଜ୍ ଇଟ୍ ନଟ୍ ୟୋର ଡିଉଟି ଟୁ ପ୍ରିଭେଣ୍ଟ ଦେମ୍ ।"(ପୃ-୨୨) ଗୌନ୍ତିଆ ଘର ମ୍ୟାଟ୍ରିକ୍ ପାଠ ପଢ଼ିଥିବା ଝିଅର ଏହି ରୁଦ୍ର ରୂପ ଏବଂ ଇଂରେଜୀରେ ତଟସ୍ଥ ହୋଇଯାଇଥିଲେ କଲେକ୍ଟର । ପରିସ୍ଥିତିକୁ ସମ୍ଭାଳି ମଧ୍ୟ ନେଇଥିଲେ । ଉପନ୍ୟାସର ସେଇ ମହିଳା ହିଁ କଲେକ୍ଟରଙ୍କୁ ସମଗ୍ର ଗାଁ ବୁଲେଇବା ସହିତ ଏଭଳି ନୂଆ ସୁନ୍ଦର ଗାଁ ଗୋଟିଏ ଦେଇ ପାରିବେ କି ବୋଲି ପ୍ରଶ୍ନ ସହିତ: "ଘ ଘ ଆମକୁ ଦେଇପାରିବେ ? ଯେଉଁଠି ଏଭଳି ସୁନ୍ଦର ପ୍ରକୃତି, ସୁନା ଫଳେଇଥିବା କ୍ଷେତବାଡ଼ି, ପୋଖରୀ, କଟା ସବୁ ଥିବ ? ଯଦି ପାରିବେ, ତେବେ ଆମକୁ ହଟେଇ ଦିଅ । ନହିଲେ ମରିବୁ ପଛକେ ଗାଁ ଛାଡ଼ିବୁ ନାହିଁ ।"(ପୃ-୨୩) କହିବା ବେଶ୍ ସମ୍ବେଦନଶୀଳ ।

କିନ୍ତୁ ସତ୍ୟର ନିଷ୍ଠୁରତା ହେଉଛି ହୀରାକୁଦ ବନ୍ଧ ପାଇଁ କୁର୍ଲା ଛାଡ଼ିବାର ୬୪ ବର୍ଷ ପରେ ବି ସେ ଲୋକମାନଙ୍କୁ ଘରଡ଼ିହ, ଜମିବାଡ଼ି ପଟ୍ଟା ମିଳି ପାରିନାହିଁ । ଦେଢ଼ କିଲୋମିଟର ଦୂରରେ ଇବ୍ ନଦୀ ଓ ହୀରାକୁଦ ଥାଇ ବି ନୂଆ ବସିଥିବା ଗାଁକୁ ପାଣି ଆସି ପାରିନାହିଁ । ତେଣୁ ଏହାର ପ୍ରତିବାଦରେ ସାଲଡ ପଂଚାୟତର ସପ୍‌ନେ, ଯୁଗିପାଲି ଓ କୁର୍ଲାର ଲୋକେ ୨୦୧୨ ମସିହାରେ ବର୍ଜନ କରିଥିଲେ ନିର୍ବାଚନ । ୨୦୧୭ରେ ସପ୍‌ନେ ଓ ଯୁଗିପାଲିର ଲୋକଙ୍କୁ ଜମିର ଡିସି ପଟ୍ଟା ମିଳିବା ସହ ଚାରି ଡେସିମିଲ ଲେଖାଏଁ ଘରଡିହ ପଟ୍ଟା ମିଳିଥିବା ସ୍ଥଳେ କୁର୍ଲାକୁ ତାହା ବି ମିଳି ନଥିଲା ।

ସମ୍ବଲପୁରରେ ଆନ୍ଦୋଳନ ଯେତେ ତୀବ୍ର ହେଲା; ସେତେ ସେତେ ଫାଟ ବି ସୃଷ୍ଟି ହେଲା । ଗୋଟିଏ ଗୋଷ୍ଠୀ ହୀରକୁଦ ବନ୍ଧ ଯୋଜନାକୁ ବାତିଲ କର ବୋଲି କହୁଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ସମ୍ବଲପୁରକୁ ନିଜ ଇଚ୍ଛା ଅନୁଯାୟୀ କୌଣସି ଅନ୍ୟ ପ୍ରଦେଶରେ ମିଶିବାର ସ୍ୱାଧୀନତା ଦିଅନ୍ତୁ ବୋଲି ଆନ୍ଦୋଳନ ଚାଲିଲା । ଅନୁରୂପ ଭାବରେ ଆହୁରି କିଛି ଗୋଷ୍ଠୀ 'ହୀରାଖଣ୍ଡ ପ୍ରଦେଶ'ଗଠନର କଥା ବି କହିଲେ ଏବଂ ସ୍ଲୋଗାନ୍ ଦେଲେ: "ଓଡ଼ିଶା ମେଁ ନେହିଁ ରହେଙ୍ଗେ/ହୀରାଖଣ୍ଡ ପ୍ରଦେଶ ଜରୁର୍ ବନାଏଙ୍ଗେ ।"(ପୃ-୨୪) ଯେଉଁ ସମ୍ବଲପୁରକୁ ଅତୀତରେ ମଧ୍ୟପ୍ରଦେଶରୁ ଫେରାଇ ଆଣିବା ପାଇଁ ତଥା ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ୧୮୯୫ ରୁ ୧୯୦୫ ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଇଥିଲା; ସେଠି ସ୍ୱତନ୍ତ୍ର 'ହୀରାଖଣ୍ଡ ପ୍ରଦେଶ' ଥିଲା ଏକ କ୍ଷୁବ୍ଧ କ୍ଷୋଭର ଚରମ ପ୍ରତୀକ ! ଆନ୍ଦୋଳନକାରୀଙ୍କ ମଧ୍ୟରେ ଥିବା ଜଣେ ଟାଣୁଆ ନେତା ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ବନ୍ଧ ବିରୋଧରେ ଗାନ୍ଧୀଙ୍କୁ ଭେଟିବା ପାଇଁ ପୂର୍ବବଙ୍ଗ ପର୍ଯ୍ୟନ୍ତ ଯାଇଥିଲେ; କିନ୍ତୁ ଫେରିବା ପରେ ସେ ଆନ୍ଦୋଳନ ବିରୋଧୀ ହେବା ସହ ଅନ୍ୟମାନଙ୍କୁ ହୀରାକୁଦ ବନ୍ଧ ହେବା ଉଚିତ ଏବଂ ତାହା ଲୋକଙ୍କ ପାଇଁ ଭଲ ବୋଲି କହିବା ସହିତ ଅନ୍ୟ ନେତାମାନଙ୍କୁ ଏହା ପ୍ରଚାର କର ବୋଲି ମଧ୍ୟ କହିବାକୁ ପଛେଇ ନଥିଲେ ।(ପୃ-୨୫) ଫଳତଃ ଅଚ୍ୟୁତ ପୁରୋହିତ ସରକାରୀ ଓକିଲ ହେବା ଏବଂ ବୋଧରାମ ଦୁବେ ଓଡ଼ିଶା ହାଇକୋର୍ଟର ଏଡ୍‌ଭୋକେଟ ଜେନେରାଲ ହୋଇ ପାରିଥିଲେ ବୋଲି ଔପନ୍ୟାସିକ ସୂଚିତ କରିଛନ୍ତି ।(ପୃ-୨୫) ଏଭଳି କେତେକ କାରଣ ଦର୍ଶାଇ ଲେଖକ ଦୀର୍ଘ ସାତ ଆଠ ବର୍ଷ ଧରି ଚାଲିଥିବା ଆନ୍ଦୋଳନ ଦୁର୍ବଳ ହେବା ଏବଂ ପରିଶେଷରେ ବନ୍ଧବିରୋଧୀ କମିଟିର ସଭାପତି ଶଙ୍କର ପ୍ରସାଦ ମିଶ୍ର ଡେପୁଟି କମିଶନରଙ୍କୁ ଚିଠି ଲେଖି କମିଟି ଭାଙ୍ଗି ଦିଆଗଲା ବୋଲି ଜଣାଇଥିଲେ ।(ପୃ-୨୫) ନିଜର ଗାଁ ମାଟି, ଘରଦ୍ୱାର, ନିର୍ଯାତନା,

ହତାଶା, ଅସନ୍ତୋଷ, ଅସହାୟତା, କ୍ଷୋଭର କ୍ରୋଧାଗ୍ନିରେ ଲୋକେ ମାନସିକ ଭାରସାମ୍ୟ ହରାଇ ୧୯୫୦ର ମଧ୍ୟଭାଗରେ ଲୋକଙ୍କୁ ନିର୍ଯାତନା ଦେଇଥିବା ଦୁଇଜଣ ତହସିଲଦାରଙ୍କୁ ହତ୍ୟା କରାଯାଇଥିବା କଥା ଉଲ୍ଲେଖ କରିଛନ୍ତି ଔପନ୍ୟାସିକ ।(ପୃ-୨୫)

"xxx ଏଇଟା ପାଣି ନୁହେଁରେ, ଏଇଟା ହେଉଛି ଆମର ପୂର୍ବପୁରୁଷଙ୍କର, ଆମ ପିଲାଛୁଆମାନଙ୍କର କଞ୍ଚା ରକ୍ତ ହିଁ, କଞ୍ଚା ରକତ । xxx ଆମର ଆଖିର ଅବାରିତ ଅଶୁଖା ଲୁହଧାର । ଆଉ ଏଇ ତମର ବିଜୁଳିବତି ଜଳୁଛି ନା, ସେଇଟା ହେଉଛି ଆମର ମହାଶ୍ମଶାନର ଚିତାଗ୍ନି; ଯେଉଁଥିରେ ଆମେ ସମସ୍ତେ ଜୀବନ୍ତ ହୁହୁ ହୋଇ ଜଳୁଛୁ ।"(ପୃ-୨୬) ଏହାଥିଲା ବିସ୍ଥାପିତ ମଣିଷଙ୍କ ଅନ୍ତର୍ବେଦନା । ପ୍ରଗତିର ସୂଚକ ହୀରାକୁଦ; କିନ୍ତୁ ବିସ୍ଥାପିତ ମଣିଷଙ୍କ ପାଇଁ ହୋଇଥିଲା କ୍ଷତାକ୍ତ ଆତ୍ମା ଓ ଧ୍ୱସ୍ତ ଜୀବନର ପ୍ରତୀକ ! ସେହିଭଳି ଇବ୍ ନଦୀକୂଳସ୍ଥ ଆଉ ଏକ ଗାଁ ହେଉଛି ଭୁଲ୍କା । ସେଇ ଗାଁର ମାଖନୁ ଦାଦାର କ୍ଷୋଭ ଆଉ ହତାଶା ଭିତରେ ମହାତ୍ମାଗାନ୍ଧୀଙ୍କ ପ୍ରତି ଥିଲା ବ୍ୟଙ୍ଗ ଭାବ: "ହେଲେ ଗାନ୍ଧୀବୁଢ଼ା କୋଉ ଆଫ୍ରିକାର ଘୋର ବନସ୍ତ ଭିତରୁ ଆସିଲା ଯେ ଏଠି ଗନ୍ଧେଇ ଦେଲା । ରାମରାଇଜ ରାମରାଇଜ କହିକି ରାଇଜକୁ ଜଙ୍ଗଲ କରି ରାବଣ ହାତେ ଟେକି ଦେଲା । ଗୁରାମାନଙ୍କୁ ଘଉଡ଼ି ଦେଲା । ହେଲେ ଏଠି ଯୋଉ କଳା ସରକାର ବନେଇଲା, ସେମାନେ ତ ଗୁରା ସରକାରଠୁ ବି ବାପଜିଣା ସଇତାନ ।"(ପୃ-୨୭)

ଉପନ୍ୟାସରେ ବଇଦ ମଙ୍ଗଳ କକା ରାତିର ପରିସ୍ରା ଗିନାରେ ଦୂବଘାସର ଅଗକୁ ସୋରିଷ ତେଲରେ ବୁଡ଼େଇ ତେଲ ଭୂଇଁରେ ପକାଇ ଯେତେ ପ୍ରକାର ପରୀକ୍ଷା କଲେବି ଚିହ୍ନି ପାରିନଥିଲା ରୋଗ; ଅନ୍ୟପଟେ କେହି ପୁଣି ଗୁଣି-ଗାରୁଡ଼ି କରୁଥିବା କଥା କହିବାରୁ ବରୁଆ କୁକୁଡ଼ା ମାନସିକ କରି ବଳିଦେଇ ଆବାହନ କରିଥିଲା ଗାଁ ଦେବୀଙ୍କୁ । ବରୁଆ ଦେହରେ ଦେବୀ ଆବିର୍ଭାବ ହୋଇ କହିଲେ- ସେଠି ରହିଲେ ଗୋଟିଏ ଗୋଟିଏ କରି ସମସ୍ତେ ମରିବ; ଜୀବନରେ ବଞ୍ଚିବାର ଥିଲେ ଏ ଜାଗା ଛାଡ଼ି ଚାଲିଯାଅ; ଏ କଥାରେ ଆତଙ୍କ ଖେଳିଯାଇଥିଲା ସାଧାରଣ ଗ୍ରାମବାସୀଙ୍କ ଭିତରେ ।

ସେଇ ରୋଗକୁ ଚିହ୍ନି ଡାକ୍ତରମାନେ କହିଥିଲେ 'ଡିପ୍ରେସନ୍' । ଯେଉଁ ରୋଗକୁ କେବେ ଶୁଣିଥିଲେ କେହି; ସେଇ ଡିପ୍ରେସନ୍ ମଣିଷକୁ କାବୁ କରିଥିଲା ନଦୀବନ୍ଧ ଜନିତ ବିସ୍ଥାପନ ପାଇଁ । ସାଧାରଣ ଗ୍ରାମବାସୀ ଗାଁ ଛାଡ଼ିବା ପୂର୍ବରୁ ଲୁଚି ଲୁଚି ଶ୍ମଶାନକୁ ଯାଇ ନିଜ ନିଜ ପୂର୍ବପୁରୁଷ ଓ ପ୍ରିୟଜନଙ୍କୁ ଜଣାଉଥିଲେ ସେମାନଙ୍କ ଅନ୍ତର୍କଥା । କାରଣ ଶ୍ମଶାନ ବି ବିଲୁପ୍ତ ହୋଇଯିବ ଆସନ୍ନ ଜଳର ଉପତ୍ୟକା ତଳେ । ମଣିଷ ଯେ ଆଉ କେତେ ଦିନ ତାଙ୍କ ଗାଁ ପୋଖରୀ ହୁଡ଼ାରୁ ସୂର୍ଯୋଦୟକୁ ଦେଖିପାରିବ; ସେଥି ନେଇ ହେଉଥିଲା ବ୍ୟତିବ୍ୟସ୍ତ କାରଣ ସବୁ ସ୍ମୃତି; ସବୁ ଅନୁଭୂତି ସଲିଳ ସମାଧି ନେବ ହୀରାକୁଦର ଜଳର ଭଉଁରି ଭିତରେ : xxx ଆମ୍ବତୋଟାର ପାଚିଲା ଆମ୍ବ ଲେଡି ସେହିପରି ହିଁ ଝଡ଼ି ଯାଉଥିବ xxx ମହୁଲ ଗଛରୁ ସେହିପରି ହିଁ ମହୁଲ, ଟୋଳ ଥିପୁଥିବ । xxx ବହଳ ଶାଗ ଗଛରେ ସେମିତି ହିଁ କଢି ଧରୁଥିବ । କୁଲେର ଗଛରେ ସେମିତି ହିଁ କଅଁଳ କଅଁଳ ଶାଗ କଅଁଳୁଥିବ । xxx ସୁଲୁସୁଲିଆ ପବନରେ ଖରାଦିନେ ଦି'ପହରେ ବଘିଆ ଦେବତାଙ୍କ ଆମ୍ବ ଗଛର ଡାଳକୁ ମଡ଼ମଡ଼ କରି ଭାଙ୍ଗି ଦେଉଥିବ; xxx କେନାପାଲିର କଙ୍ଗାଲୁ ସେମିତି ହିଁ ମାଙ୍କଡ଼ କି ଭାଲୁ ନଚେଇ ଆସୁଥିବ । ସୋମବାର ହାଟରେ, ଚଂପା, ଗଞ୍ଜା ଲଢ଼େଇ ସେମତି ଚାଲିଥିବ । xxx ଏଇ ଗାଁ ଓ ଏଇଭଳି ଶହଶହ ଗାଁ, ଲକ୍ଷ ଲକ୍ଷ ଲୋକଙ୍କର ଭୂଗୋଳଟା ଅଭୁଲା ଇତିହାସ ପାଲଟି ଯିବ" ।(ପୃ-୩୫)

ହୀରାକୁଦ ବନ୍ଧ ନିର୍ମାଣ ପାଇଁ ସର୍ବ ପ୍ରଥମେ ବଳି ପଡ଼ିଥିଲା ଜମଡା ଗାଁ । ଦାନବ ଭଳି ବିରାଟ ସଭ୍ୟତା ଆଖି ପିଛୁଳାରେ ସବୁ ଶେଷ କରିଦେଲା । ଜମଡ଼ାରେ ବନ୍ଧର ଓ୍ୱର୍କସପ ତିଆରି ହେଲା । ଯନ୍ତ୍ରପାତି ପରିବହନ ନିମନ୍ତେ ସମ୍ବଲପୁରରୁ ହୀରାକୁଦ ଓ ବୁର୍ଲାକୁ ରେଳ ଲାଇନ୍ ପଡ଼ିଲା । ଇଞ୍ଜିନିୟର, ସୁପରଭାଇଜର, ଠିକାଦାର ଆଦିଙ୍କ ଭିଡ ଲାଗିଲା । ସେମାନଙ୍କ ପିଲାଛୁଆ ପଢିବା ପାଇଁ ହାଇସ୍କୁଲ ଖୋଲାଗଲା, ଶିକ୍ଷକ/ଶିକ୍ଷୟିତ୍ରୀ ପଞ୍ଜାବରୁ ଆସିଲେ । ଓଡ଼ିଆ ପଢ଼ାଗଲା ନାହିଁ । ଦୋକାନ ବଜାର ବସିଲା, ସେଠାରେ ଛୋଟିଆ ଜଳଖିଆ ଦୋକାନଟିଏ ଖୋଲିଲା । ଲୋରିଣ୍ଡ ଚାନ୍ଦ ପିପଲାନୀଙ୍କର ସେଇ ଛୋଟିଆ ଜଳଖିଆ ଦୋକାନଟି ଆଜି ଦେଶର ସବୁ ବଡବଡ଼ ପ୍ରଖ୍ୟାତ ମିଠା ଦୋକାନ 'ପିପଲାନୀ ସୁଇଟ୍ସ' ଭାବେ ଖ୍ୟାତ । ଏହି ସମୟରୁ ହିଁ ହୀରାକୁଦ ଦେଇ ସମ୍ବଲପୁର, ବରଗଡ଼; ବଘରା ଆଦି ସ୍ଥାନରୁ ବରଗଡ଼ର ନର୍ଦ୍ଦେରାମ ଯୋଶୀଙ୍କର 'କଛି ବସ' ସେବା ଆରମ୍ଭ ହୋଇଥିଲା । ସେତେବେଳେ ଉଜାଡ଼ି ଦିଆ ଯାଇଥିବା ଜମଡ଼ା ଗାଁର ଶବ ଉପରେ ଆଜିର ହୀରାକୁଦ ସହର ଠିଆ ହୋଇଥିବା କଥା ଉଲ୍ଲେଖ କରିଛନ୍ତି ଲେଖକ ।(ପୃ-୩୭)

ଜମଡ଼ା ପାଖରେ ମହାନଦୀ ଗର୍ଭରେ ଥିବା ଏକ ଦ୍ୱୀପରେ ପ୍ରାୟ ସତୁରି ଜଣ ଝରା ସମ୍ପ୍ରଦାୟର ଲୋକେ ବସବାସ କରୁଥିଲେ । ସେଇ କୁଦରୁ ହୀରା ମିଳୁଥିବାରୁ ଅଂଚଳର ନାଁ ଥିଲା ହୀରାକୁଦ । ତା'ପାଖରେ ଆଉ ଏକ କୁଦ; କୋଇଲା କୁଦ । ବାମପଟେ ଜୁନାନି ଗାଁ । ଡାହାଣ ପଟେ ବୁର୍ଲା । ଅନ୍ୟ ବନ୍ଧ ଫଳରେ ହୀରାକୁଦ ଦ୍ୱୀପ

ଆଉ କୋଇଲାର ଦ୍ୱୀପ ସହିତ ଜୁନାନି, ବୁର୍ଲା ଗାଁ ଜଳଗର୍ଭରେ ଲୀନ ହୋଇ ଯାଇଥିଲା ।(ପୃ୩୯)

ବନ୍ଧକାମ ଆରମ୍ଭ ହେଲା ବେଳେ ଶୁଣିବାକୁ ମିଳିଲା ଯେ ସେଠାରେ ନରବଳି ଦିଆ ଯାଉଛି । ଆଉ କେଛୋ ମଟର (କଚ୍ଛପ ଆକୃତିର କାର ବା ଆମ୍ବାସେଡର କାର) ଦେଖିଲେ ଲୋକେ ଛୁଆ ଚୋରି କରୁଥିବା ମୋଟର ଭାବେ ଅର୍ଥହୀନ ଲୋକକଥା ଭଳି ଗ୍ରାମୀଣ ପରିବେଶରେ ଏକ ଚପା ଗୁଞ୍ଜରଣ ଶୁଣିବାକୁ ମିଳୁଥିଲା ।(ପୃ-୩୯) ମଇ ମାସର ଖରାରେ ହିଁ ଲୋକମାନଙ୍କୁ ଗାଁରୁ ବିତାଡ଼ିତ କରିବା ଆରମ୍ଭ ହୋଇଥିଲା । ସରକାର ଗାଁମାନଙ୍କରେ ୧୪୪ ଧାରା ଏବଂ ନେତାମାନଙ୍କୁ ଗାଁ ପ୍ରବେଶ ବନ୍ଦ କରି ଦେଇଥିଲେ । ମିଲିଟାରୀ ବାହିନୀ ଫ୍ଲାଗମାର୍ଚ୍ଚ କରୁଥିଲେ ଏବଂ ଲୋକଙ୍କୁ ଘରୁ କାଢ଼ି ଗାଁରୁ ବାହାର କରୁଥିଲେ । ଏହି ପ୍ରସଙ୍ଗରେ କବି ମିତ୍ରଭାନୁ ଖମାରୀଙ୍କ 'ବୁଡ଼ି ଅଞ୍ଚଳର ଦୁର୍ଦ୍ଦଶା' ଗୀତରେ ପ୍ରତିଫଳିତ ପଂକ୍ତି: "ମୁଁ ନିଜେ ଦେଖିଛି ଆମ୍ଭର/ପାଖ ପଡ଼ୋଶୀ ବୁଢୀ / 'ନାଇଁ ଯାଏଁ ମୁଇଁ ବୋଲିଣ / ବସି ରହିଲା ଅଡ଼ି/ ସିପାହୀ ଜଣକ ଉଠାଇ/ଦାଣ୍ଡେ ଦେଲା କଚାଡ଼ି... ।"(ପୃ-୪୧)ରେ ଲକ୍ଷ୍ୟ କରାଯାଇପାରିବ ।

ସେତେବେଳେ ସମ୍ବଲପୁର ଜିଲ୍ଲାରେ ଚାରିଟି ଥାନା ଥିଲା ଯଥା: ରମ୍ପେଲା, ମୁରା, କତରବଗା ଓ ସମ୍ବଲପୁର । ସମ୍ବଲପୁର ଥାନାରୁ ଏଗାର ଗାଁ; ଶାସନ ଥାନାର ଏଗାର ଗାଁ; କତରବଗା ଥାନାର ତେଇଶଟି ଗାଁ; ପୂର୍ବରୁ ଝାରସୁଗୁଡ଼ା ଥାନାର ସାତଟି ଗାଁ; ପୂର୍ବତନ ରମ୍ପେଲା ଥାନାର ତେସ୍ତରିଟି ଗାଁ; ପୂର୍ବତନ ମୁରା ଥାନାର ଅଠତିରିଶ ଗୋଟି ଗାଁ; ପୂର୍ବତନ ମହାଦେବପାଲି ଥାନାର ଅଠେଇଶଟି ଗାଁ; ଅମ୍ବାଭୋନା ଥାନାର ଏଗାର ଗୋଟି ଗାଁ; ଏସବୁ ବ୍ୟତୀତ ଅନେକ ଛୋଟ ପଡା, ପାଲି ଓ ଗାଁଗୁଡ଼ିକର ସଂଖ୍ୟା ଥିଲା ଅନେକ; ପ୍ରାୟ ଦୁଇଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ସ୍ଥଳେ ଦେଢ଼ ଲକ୍ଷରୁ ଅଧିକ ଲୋକ ବନ୍ଧ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ । ଔପନ୍ୟାସିକ ଉପନ୍ୟାସରେ ପ୍ରାୟ ଦୁଇଶହ ଛଅଗୋଟି ଜଳବୁଡ଼ି ଗାଁର ନାମୋଲ୍ଲେଖ କରି ହୀରାକୁଦ ନଦୀବନ୍ଧ ଜନିତ ବିସ୍ଥାପନର କରାଳତାକୁ ଅନୁଭବ କରିଛନ୍ତି ଅତ୍ୟନ୍ତ ନିଛକ ଭାବେ ।

(ପୃ-୪୫-୪୬)

ଲେଖକ ଇତିହାସକୁ ସ୍ମରଣ କରିବା ସହିତ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ବେଳେ ଇଂରେଜ ସରକାର ଘିନାଚାଲରୁ ଚାଉଳ ପଠେଇ ଥିଲେ; ବଙ୍ଗର ଭୟାବହ ଦୁର୍ଭିକ୍ଷ ବେଳେ ମଧ୍ୟ ଏଠାରୁ ଚାଉଳ ଯାଇ ଲୋକଙ୍କ ପ୍ରାଣରକ୍ଷା କରି ଯାଇଥିଲା; ଏହି ଶସ୍ୟ ସମୃଦ୍ଧ ଅଞ୍ଚଳକୁ ଇଂରେଜ ସରକାର ସ୍ୱର୍ଗୋଦ୍ୟାନ (ଗାର୍ଡେନ ଅଫ୍ ଇଡେନ୍) ବୋଲି କହୁଥିଲେ । ସେହି ସରଗର ବଗିଚାକୁ ଜଳସମାଧି ଦେବାର ନିଷ୍ପତ୍ତିକୁ ଅତ୍ୟନ୍ତ ବିସ୍ମୟକର ବୋଲି ସୂଚିତ ହୋଇଥିବା ଲକ୍ଷ୍ୟଣୀୟ ।(ପୃ-୪୭) ହୀରାକୁଦ ବିସ୍ଥାପନ ଗ୍ରାମୀଣ ଜୀବନରେ ଛୁଆଁଛୁଇଁ ଭେଦଭାବକୁ ବି ଦୂରେଇ ଦେଇଥିଲା । ପରିସ୍ଥିତିର ଚାପରେ ଜାତି-ଅଜାତିର ବାରଣ ଆଉ ନଥିଲା; କୋଉଠି ଗଣ୍ଡା ଲୋକର ଛୁଆକୁ ବ୍ରାହ୍ମଣ ଗୋସେଇଁ ଘର ଭୁଆସୁଣୀ ଧରି ଦଉଥିଲା ତ; କେଉଁଠି ବ୍ରାହ୍ମଣ ବୁଢାର ବୋକଚାକୁ ଘଁସିଆଣୀ ସ୍ତ୍ରୀଲୋକ ମୁଣ୍ଡକୁ ବୋହି ଦେଇଥିଲା' ।(ପୃ-୪୯) ଏ ପ୍ରସଙ୍ଗର ଉତ୍ଥାପନ କରି ଲେଖକ ଧର୍ମ ଓ ଜାତିବାଦ ମଣିଷର ଭିଆଣ ଏବଂ ଏକ ଘୃଣ୍ୟ ପରମ୍ପରା ଭାବେ ଉତ୍ଥାପନ କରିଛନ୍ତି । ତଥା ଭାଗବତର ଏକାଦଶ ସ୍କନ୍ଧର ବାଣୀକୁ ଉଲ୍ଲେଖ କରି ପ୍ରସଙ୍ଗଟିକୁ ଅଧିକ ପୁଷ୍ଟିତ କରିଛନ୍ତି । ଉପନ୍ୟାସରେ ଲୋକଙ୍କର ଗାଁ ଛାଡ଼ିବାର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟ ବିଦାରକ; କିଏ କାନ୍ଦି ଲୋଟି ପଡୁଥିଲା ତ କାହାର ଆଖିରୁ ଶୁଖୁ ନଥିଲା ଲୁହ; କିଏ ଛାଡ଼ି ଯାଇପାରୁ ନଥିଲା ଶୂନ୍ୟ ଘରକୁ; କିଏ ଦାଣ୍ଡଦୁଆରେ ମୁଣ୍ଡିଆମାରି ଦୁଆରୁ ମାଟି ମୁଠାଏ ଆଣି ମୁଣ୍ଡରେ ଗଙ୍ଗାଜଳ ଭଳି ଛାଟି ହେଉଥିଲା । ଆଉ ଉକୁର୍ଲି ବୁଢୀ ତ ଗାଁ ଆଡ଼କୁ ମୁହଁ କରି ହାତର ଆଙ୍ଗୁଠି ଫୁଟାଇ ଗାଳି ଦେଉଥିଲା; ଯେଉଁମାନେ ଭିଆଇ ଥିଲେ ଏସବୁ କଥା ଏବଂ ପରିଶେଷରେ ଅନ୍ତର୍ବାସ ଖୋଲି, କସ୍ତା ଶାଢ଼ିଟି ହାତରେ ଧରି ଠିଆ ଠିଆ କରିଥିଲା ପରିସ୍ରା; ଏସବୁର ବର୍ଣ୍ଣନା ଉପନ୍ୟାସ ଭିତରେ ବେଶ୍ ସମ୍ବେଦନଶୀଳ ଓ କ୍ଷୋଭ ଜର୍ଜରିତ ।(ପୃ-୫୩) ମଣିଷ କୁଆଡ଼େ ଯାଉଥିଲା ନିଜେ ଜାଣିପାରୁ ନଥିଲା; ସରକାର ଏକପ୍ରକାର ଶରଣାର୍ଥୀ କରି ଦେଇଥିଲେ ଲୋକଙ୍କୁ । ବେଳେବେଳେ ବଣବିଲ ଅପନ୍ତରାରେ ଛାଡ଼ି ଦେଇ ଟ୍ରକ-ଫେରି ପଳାଉଥିଲେ । କେତେବେଳେ ମହିଳାଙ୍କର ଅକାଳରେ ଗର୍ଭପାତ ହେଉଥିଲା, ଗର୍ଭବତୀ ବୋହୂ ଭୁଆସୁଣୀମାନେ ପ୍ରସବ କରି ପକାଉଥିଲେ ଅପନ୍ତରା ଭୂଇଁରେ । ଏସବୁର ସୁଯୋଗ ଉଣ୍ଡି ଚୋର, ଡକାଏତ୍‌ମାନେ ବି ସୁଯୋଗକୁ ହାତଛଡ଼ା ନକରି ଲୁଟ୍‌ପାଟ ଚଳେଇ ଥିଲେ । କେତେକ ଗାଁର ଲୋକ ସହାୟ ହେଉଥିଲେ; କେତେକ ଜାଗାରେ ଲୋକଙ୍କୁ ଅନ୍ୟ ଗାଁରେ ପଶେଇ ଦେଉନଥିଲେ । ଅନେକ ନିଜନିଜ ପରିଚିତ ଓ କୁଟୁମ୍ବ ଲୋକଙ୍କ ଘରେ ଆଶ୍ରୟ ନେଇଥିଲେ । ଝିଅଘରେ ପାଣି ନଛୁଇଁବା ଭଳି ସଣ୍ଢଣାକୁ ବି ଲୋକେ ପରିସ୍ଥିତିରେ ତାଡ଼ନାରେ ଅର୍ଥହୀନ ବୋଲି ଭାବିଲେ; କାରଣ ବିସ୍ଥାପନର ବିଭୀଷିକା ଥିଲା ଅତ୍ୟନ୍ତ ଦୁର୍ଦ୍ଦଶାପୂର୍ଣ୍ଣ ।(ପୃ-୫୪-୫୫)

ଲୋକଙ୍କ କ୍ଷତିପୂରଣ, ପୁନଃ ଥଇଥାନ, ପୁନର୍ବାସ ବ୍ୟବସ୍ଥା ପୂର୍ବରୁ ସରକାର ହୀରାକୁଦ ଲେଣ୍ଡ୍ ଅର୍ଗାନାଇଜେସନ୍ ଅଫିସ୍ ବନ୍ଦ କରିଦେଇଥିଲେ । ସମସ୍ତ କାଗଜପତ୍ର ସମ୍ବଲପୁର କଲେକ୍ଟୋରେଟର ଏକ କୋଠରି ଭିତରେ ଅଳିଆ ଆବର୍ଜନା ଭଳି ଫୋପାଡ଼ି ଦେଇଥିଲେ । ତେଣୁ ଅନେକ ରେକର୍ଡ଼ ପତ୍ରର ହିସାବ ମିଳି ନଥିଲା ।(ପୃ-୪୬) ତତ୍କାଳରେ ଉପାନ୍ତ ଲଖନପୁର ବ୍ଲକ୍‌ରେ ବିଚ୍ଛେଦଗଡ଼ ମୌଜାର ପରିପାର୍ଶ୍ୱର ମୁସଲମାନ ଗୌନ୍ତିଆ ମୌଲାନା ମୁସ୍ତକିମ ଖାଁ ଅନେକ ବିସ୍ଥାପିତଙ୍କୁ ମାଗଣାରେ ଘରଡ଼ିହ ଦେଇଥିଲେ । ଫଳରେ ସେମାନଙ୍କର ଏକ ପଡ଼ା ବସିଯାଇଥିଲା । ବିସ୍ଥାପିତ ମଣିଷ ଅନ୍ୟର ସୁଖସୁବିଧା ପାଇଁ ବିସ୍ଥାପିତ ହେଲେ; କିନ୍ତୁ ନିଜେ କିଛି ପାଇଲେ ନାହିଁ ଠିକ ଭାବରେ; ତେଣୁ ଉଜୁଡ଼ି ଯାଇଥିଲା ବହୁ ଲୋକଙ୍କର ସ୍ୱପ୍ନ ଓ ସମ୍ଭାବନାର ଜୀବନ । ଏସବୁ ହୀରାକୁଦ ଅଞ୍ଚଳର ଲୋକଗୀତରେ ରୂପ ପାଇଥିବା ଏବେ ବି ଶୁଣିବାକୁ ମିଳିଥାଏ । ସମସ୍ତେ ଥିଲେ ସମଦଶାର ଶିକାର ! ସମସ୍ତେ ତେଣୁ ନିଜ ଯୁଦ୍ଧକୁ ନିଜେ ଯୁଝୁଥିଲେ କିଏ କାହାକୁ ଅବା ଆଶ୍ୱାସନା ଦେବ !

ନଈକୂଳିଆ ଗାଁ ଘିନାଚାଲ । ମହାନଦୀ ହେଉଛି ସେଇ ଗାଁର ମା' ଭଳି । ରମ୍ଭେଲାର କଂସାବାସନ, ଘିନାଚାଲର ଚାଉଳର ନାଁ ଥିଲା ଖଣ୍ଡମଣ୍ଡଳରେ । ସେଇ ଘିନାଚାଲ ବି ତା'ର ଅସ୍ତିତ୍ୱ ହରାଇବାର କାହାଣୀ ଥିଲା ଉପନ୍ୟାସର ସତର ନମ୍ବର ଭାଗରେ ମୌଳିକ କଥାଭାଗ । ଯେଉଁ କଥାଟି ଗାଁର ରାଏମତି ବୁଢ଼ୀ ଦେଇ ହୋଇଛି ପ୍ରତିଫଳିତ । ସେ ବୁଝିପାରୁ ନାହିଁ ଯେ କାହିଁକି ମହାନଦୀର ପାଣିରେ ତା ଗାଁ, ଘରଦ୍ୱାର; କ୍ଷେତଖଳା ସବୁ ବୁଡ଼ିଯିବ ? କ'ଣ ବା ଦୋଷ, ଅପରାଧ କରିଛି ତା' ଗାଁ । ଲୋକେ କ'ଣ ପାପ କରିଛନ୍ତି ଯେ ମାଉଳିମା' ବି ସାହା ହେଉ ନାହାନ୍ତି । (ପୃ- ୬୨-୬୩) ଉପନ୍ୟାସରେ ରାଏମତି ତା' ଆଖି ଆଗରେ ଦେଖୁଛି ଅପସରି ଯାଉଛି ଗାଁର ଶେଷ ବଳଦ ଗାଡ଼ି ! ସେ ଭାବୁଛି ସବୁ ବୁଡ଼ି ଯିବ, ମନେ ପକଉଛି ତା'ର ଚାଳିଶ ବର୍ଷ ତଳେ ହରେଇ ଥିବା ଝିଅର କଥା । ଯିଏ ମରିବା ଆଗରୁ କହିଥିଲା ମା'ଗୋ, ମତେ ଛାଡ଼ି କୁଆଡେ ଯିବୁନି । ମୋତେ ବଡ଼ ଡର ଲାଗୁଛି ତୁ ଗଲେ ମୁଁ ମରିଯିବି । ତେଣୁ ସମସ୍ତେ ଗଲା ପରେ ବି ଯାଇ ପାରିଲାନି ରାଏମତି ! ଘର ପାଖର ପୁରୁଣାକାଳିଆ କୂଅ ଭିତରକୁ ଡେଇଁ ପ୍ରାଣ ଦେଇଦେଲା । ବଡ଼ପୁଅ ଥିଲା ଅପେକ୍ଷାରେ ଗାଁ ଛାଡ଼ିବା ପାଇଁ । ଯିଏ ଯେତେ ଖୋଜିଲେ ବି କେହି ଜାଣି ପାରିଲେନି ରାଏମତି ଗଲା କୁଆଡ଼େ । ବୁଡ଼ି ଅଞ୍ଚଳ ବୁଡ଼ିବା ପୂର୍ବରୁ ରାଏମତି ସତେକି ସର୍ବଂସହା ଭୂମିର ପ୍ରତୀକ ଭାବେ ବିଲୁପ୍ତ ହୋଇଗଲା ହୀରାକୁଦର ଜଳଗର୍ଭରେ ।

ଲୋକେ ଭାବୁଥିଲେ; ଯିଏତ ଯାହାର କୌଳିକବୃତ୍ତି କରିପାରିବ, କିନ୍ତୁ ଚାଷୀ କରିବ କ'ଣ; କାରଣ ପାଖରେ ତା'ର ନଥିବ ଚାଷଭୂମି ! ଉର୍ବର ବିଲ କିମ୍ବା ସାଙ୍ଗରେ ନେଇ ଯାଇପାରୁନଥିବା ଗାଇ-ବଳଦ-ମଇଁଷି । କ୍ରମେ ଗାଁ-ଗଣ୍ଡା-ପାହାଡ଼-ମୁଣ୍ଡିଆ ଭିତରେ ପାଣି ଜମିବାକୁ ଲାଗିଲା; ଶେଷରେ ୧୩୦ ନମ୍ବର ଖୁଣ୍ଟ ଉପରେ ଯେତେବେଳେ ପାଣି ଥମିଗଲା; ସେତେବେଳେ ବନ୍ଧର ଉପର ମୁଣ୍ଡ ଅଞ୍ଚଳରେ ସାପ-ବିଛା ଆଦି ଜୀବଜନ୍ତୁଙ୍କର ପ୍ରାଦୁର୍ଭାବ ବଢ଼ିବାକୁ ଲାଗିଲା । ଉପନ୍ୟାସର ଏକୋଇଶ ଭାଗରେ ଲେଖକ ତାଙ୍କ କବିରାଜ ପିତାଙ୍କର ପ୍ରସଙ୍ଗର ଅବତାରଣା କରିବା ସହିତ ଅଡ଼ାପରା ଗାଁର ଏକ ପ୍ରସଙ୍ଗର ଉଲ୍ଲେଖ କରିବା ଭିତରେ ତତ୍କାଳରେ ବୁଡ଼ିଅଞ୍ଚଳ ନେଇ ଲୋକଙ୍କର ଉପଲବ୍ଧିର ଜଗତ କେତେ ଭିନ୍ନ ଭାବେ ପ୍ରତ୍ୟେକ କଥାକୁ ତଉଲୁ ଥିଲା; ତାହାର ସୂଚନା ପ୍ରଦାନ କରିଛନ୍ତି । ଲୋକେ ପୁରାଣ-ଶାସ୍ତ୍ର-ଭାଗବତର ଆଧାରରେ ଜୀବନକୁ ବାର୍ତ୍ତମାନିକତାରେ ତଉଲିବାର ଦୃଷ୍ଟିଭଙ୍ଗୀକୁ ଦେଖିହେବ 'ବୁଡ଼ି ଅଞ୍ଚଳର' ବାଇଶ ଭାଗର କଥାଭିବ୍ୟକ୍ତିରେ: "ଭଗବାନ ଆଉ ସରକାରଙ୍କ କଥା କେବେହେଲେ ଲଙ୍ଘିଯାଅ ନାହିଁରେ ପିଲେ । xxx ଶାସ୍ତ୍ରରେ ପରା ଅଛି କପାଳ ଲିଖନ, କେ କରିବ ଆନ, ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ, ତେଣିକି ଯାଇ । ଯେମିତି ହେଲେ ବି ଯିବାକୁ ତ ପଡ଼ିବ । ଗାଁ ଛାଡ଼ିବାକୁ ପଡ଼ିବ ନହେଲେ ବୁଡ଼ି ମରିବାଟା ସାର ହେବ । ଜଳ ଦାନବକୁ ପାରିହୁଏ ନାହିଁ; ଏ ଜଳରେ ପରା କୃଷ୍ଣ ଭଗବାନଙ୍କର ଦ୍ୱାରକା ବି ମିଶିଯାଇଥିଲା ଆଉ ଆମେ ଛାର ମଣିଷ । ଆମର ବା ସାଧ କେତେ xxx କୃଷ୍ଣଙ୍କୁ ବି ତ ଗାଁ ଛାଡ଼ିବାକୁ ପଡ଼ିଥିଲା । ଜନ୍ମ ହେଲା ମାତ୍ରକେ ମଥୁରା ଗୋପକୁ ଯିବାକୁ ପଡ଼ିଥିଲା; ଗୋପପୁରରୁ ମଥୁରାକୁ ଆସିବାକୁ ହୋଇଥିଲା ।"(ପୃ-୭୬-୭୭) ଅପର ପକ୍ଷରେ ଗଣ୍ଡାପଡ଼ାର ବୁଝାବୁଝି ପାରୁନଥିଲା କୋଉ ଦୂର ଜାଗାରେ ନଦୀବନ୍ଧ ହେଉଛି । ହେଲେ ସେମାନଙ୍କୁ କାହିଁକି ଗାଁରୁ ତଡ଼ାଯାଉଛି । ଦୁଃଖକଷ୍ଟରେ ତିଆରି କରିଥିବା ଘରକୁ ଜଳନ୍ତା କାଠଖଣ୍ଡେ ଧରି ନିଆଁ ଲଗେଇ ଦେଇଥିଲା । ଏହା ପଛରେ କାରଣ ଥିଲା ତୀବ୍ର ଅସହାୟତା; ତା' ଘରକୁ ବଢିପାଣି ବୁଡ଼େଇ ନଦେଉ ସେଇ କଥା ତାକୁ ଦେଉଥିଲା ତୀବ୍ର ବେଦନା । ପରେ ଶୁଣାଗଲା ତାର ମାନସିକ ବିଚଳନ ବଢିଥିଲା ଏବଂ କୌଣସି ଗାଁକୁ ଉଜାଡ଼ିବାକୁ ଯାଉଥିବା ଗୋଟିଏ

ମୋଟର ଗାଡ଼ି ଉପରକୁ ସେ ପଥର ଫୋପାଡ଼ି ଥିଲା ଏବଂ ଦଉଡ଼ି ଦଉଡ଼ି କୁଆଡ଼େ ପଳେଇଲା ଯେ ତା'ର ଖବର କେହି ଆଉ ପାଇ ନଥିଲେ ! ବଝାକୁ ଖୋଜିଖୋଜି ବଡ଼ପୁଅ କଙ୍ଗାଲୁ ସେମାନଙ୍କ ଦରପୋଡା ଘରକୁ ଦେଖି କାନ୍ଦିଥିଲା । ନିଜ ଘର ଅଗଣାର ମହୁଲ ଗଛରେ କଷଗାମୁଛା ବନ୍ଧା ହୋଇଥିବା ଦେଖି ସେ ବୁଝି ସାରିଥିଲା ଯେ ବାପା ତା'ର ଆତ୍ମହତ୍ୟା କରି ଦେଇଥିଲା । ଅନେକ ଦିନ ହୋଇଯାଇଥିବାରୁ ଗଳିତ ଶବଟି ଗାମୁଛାରୁ ଖସି ପଡ଼ିଥିଲା, ସେଥିରେ ଲାଗିସାରିଥିଲେ ପୋକ; ପିମ୍ପୁଡ଼ି; ଦେଖା ଯାଉଥିଲା କେବଳ କେଇ ଖଣ୍ଡ ହାଡ଼; ଶୂନ୍ୟ ହୋଇସାରି ଥିଲା ସମଗ୍ର ଖପୁରି; ଏଭଳି ଏକ ବୀଭତ୍ସ ମୃତ୍ୟୁର ପ୍ରଚ୍ଛନ୍ନରେ ଦେଖିହେବ ବିସ୍ଥାପନର ଦୁଃଖ, ତାଡ଼ନା ଓ ତୀବ୍ର ଅସହ୍ୟ ଜୀବନବୋଧକୁ ।(ପୃ-୮୧-୮୩)

ଟ୍ରକ-ଲରିରେ ମଣିଷ ବସି ଗଲାବେଳେ ଅନୁଭବ ଥିଲା ସତେକି ସବୁକିଛି ପଡ଼ି ରହିଗଲା; ଯାହାର ଆଉ କୌଣସି ଅର୍ଥ ନାହିଁ; ଖାଲି ଗୁଡ଼ାଏ ଶୂନ୍ୟତା ଏବଂ ହତାଶା ଯାହା; କାରଣ ସବୁକିଛି ରହିଗଲା ପଛରେ । ଗାଁରୁ ସୁନାଦେଈ ଆସିଲା ବେଳେ ତା' ଗାଁ ପାଖର ତୁରାପଡ଼ାରୁ ଚାଉଳ ପୁଞ୍ଜେ ଦେଇ କିଣିଥିଲା ଏକ ଛୋଟିଆ ରଙ୍ଗରଙ୍ଗିଆ ବାଉଁଶ ଝାମ୍ପି ଛଟ ବାକ୍ସ । ତାକୁ କରିଥିଲା ଗଣ୍ଡିଧନ; ସେଇ ଝାମ୍ପିରେ କଣ ଥିଲା କହାକୁ କହୁ ନଥିଲା କି କାହାକୁ ତା' ପାଖକୁ ମାଡ଼ିବାକୁ ଦେଉନଥିଲା । ଝାମ୍ପିରେ ପକେଇ ଦେଇଥିଲା ଏକ ଲୁହୁରା କମାର ତାଲା । ଝାମ୍ପିରେ କ'ଣ ଅଛି କହିଲେ ଲୁହ ଜକେଇ ଆସୁଥିଲା ତା'ର ଆଖି । ସୁନାଦେଈର ସ୍ୱାମୀ ରୋଗରେ ପଡି ମରି ଯାଇଥିଲା; ସାନପୁଅ ଗୋଟିଏ ଝିଅ ପାଲରେ ପଡି ଶେଷରେ ଧୋକା ଖାଇ ଇବ୍ କୂଳରେ ଟ୍ରେନ୍‌ରେ କଟି ଆତ୍ମହତ୍ୟା କରିଥିଲା । ସାନବୋହୂ ଜଣେ ଗ୍ରାମୀଣ ନାଗର ସହ ଉଦୁଲିଆ ପଳେଇଥିଲା । ଏଇ ସବୁ ଘଟଣା ସୁନାଦେଈକୁ କରି ଦେଇଥିଲା ଅବେଳରେ ବୟସ୍କା । ସୁନାଦେଈ ବି ପଡ଼ିଲା ବାଧିକାରେ । ବଡ଼ପୁଅ ଲୋକ ଦେଖାଣିଆ ଡାକ୍ତର ବଇଦ କଲା । ଗୁଣିଆ ଡକାଇ ଝଡ଼ାଫୁଙ୍କା କଲା । ସୁନାଦେଈର ଶେଷ ସମୟ ଆସିଗଲା ଜାଣି ପୁଅ-ବୋହୂ, ନାତି-ନାତୁଣୀମାନଙ୍କୁ ପାଖକୁ ଡାକି ଧକେଇ ଧକେଇ କହିଲା ଯେ ମୁଁ ଆଉ ବଞ୍ଚିବି ନାହିଁ । ମୋ ଅଣ୍ଟିରୁ ଏଇ କଞ୍ଚିଟି ନେଇ ଝାମ୍ପି ଖୋଲି ଯୋଉଟା ନାଲିକନାରେ ବନ୍ଧା ହୋଇଛି ସେଇଟା ଆଣ; ସମସ୍ତେ ଏକ ଲୟରେ ଅନାଇଁ ଥଆନ୍ତି ଭିତରେ ଥିବା ପୁଟୁଳିକୁ । ସୁନାଦେଈ ତା'ର ଥରଥର ହାତରେ ପୁଟୁଳିଟିକୁ ଟେକି କପାଳରେ ଥରେ ଲଗେଇଥିଲା । ତା'ର ଲେଞ୍ଜୋରା ଆଖିରୁ ଦୁଇ ବୁନ୍ଦା ଲୁହ ଝରିପଡ଼ିଲା । ସମସ୍ତେ ଭାବୁଥିଲେ ବୁଢ଼ୀର ସେ ପୁଟୁଳିରୁ ବୋଧେ ସୁନା-ରୁପା ବାହାରିବ; ମାତ୍ର ବୁଢ଼ୀ କହିଲା; ଯେଉଁଠି ଆମର ଦେବୀ-ଦେବତା ଥିଲେ; ଗୁଡ଼ି-ମନ୍ଦିର ଥିଲା; ପୂର୍ବପୁରୁଷଙ୍କ ମାଶାଣିପଦା ଥିଲା; ଯେଉଁ ଗାଁକୁ ଦିନେ ବୁଢୀ ବୋହୂ ହୋଇ ଆସିଥିଲା; ଯେଉଁଠି ତା' ପୁଅମାନଙ୍କୁ ଦଶମାସ ଗର୍ଭରେ ଧରି ଜନ୍ମ ଦେଇଥିଲା । ଯେଉଁଠି ସେମାନଙ୍କର ଏନ୍ତୁଡ଼ି ଜଳିଥିଲା; ଯେଉଁଠି ତା' ପିଲାମାନେ ପାଦ ପକାଇ ଚାଲିବାକୁ ଶିଖିଥିଲେ; ଯେଉଁଠାକାର ଧୂଳିମାଟିରେ ସେମାନେ ବଡ଼ ହୋଇଥିଲେ; ଯେଉଁଠି ସେ ତା'ର ସୁଖ-ଦୁଃଖର ସଂସାର ପାତିଥିଲା; ସେଇ ଗାଁ, ଘର, ପିଣ୍ଡାର ମୁଠାଏ ମାଟିକୁ ବୁଢ଼ୀ କାନି ପଣତରେ ପୋଲିସ୍‌ର ଧକ୍କା ମାଡ଼ ଖାଇଖାଇ ଘେନି ଆସିଥିଲା; ତାହା ହିଁ ଥିଲା ସୁନାଦେଈ ପାଇଁ ସବୁ କିଛି । ସେ ମଲାପରେ ଯେଉଁଠି ତାକୁ ପୋତା ହେବ; ସେଇଠାରେ ସେ ମୁଠାକ ମାଟି ବିଞ୍ଚ ଦେବା ପାଇଁ କହିଥିଲା ।(ପୃ-୯୦-୯୩)

ପୁଅ-ବୋହୂର ଏତେଦିନର ସଞ୍ଚିତ ସ୍ୱପ୍ନ କିନ୍ତୁ ଭାଙ୍ଗି ଚୂରମାର ହୋଇଯାଇଥିଲା । ସୁନାଦେଈ ନିର୍ବାକ ହୋଇ ସ୍ଥିର ହୋଇଯାଇଥିଲା । ଏହି ଛବିଶ ଅଧ୍ୟାୟଟି ଅତ୍ୟନ୍ତ ସମ୍ବେଦନଶୀଳ; ଯାହା ପାଇଁ ତା'ର ଗାଆଁ ଭୂଇଁରେ ମାଟିଠାରୁ ଶ୍ରେଷ୍ଠ କିଛି ନାହିଁ, ତାହା ଅଭିବ୍ୟଞ୍ଜିତ ହୋଇଛି ବିସ୍ଥାପିତ ବ୍ରଜରାଜନଗରର ରାଜପୁରକୁ ଚାଲି ଆସିଥିବା ସୁନାଦେଈର କଥା । ଅପୂର୍ବ ନଷ୍ଟାଲଜିଆ ସହିତ ଅତୀତକୁ ଝୁରି ହେବାର ଅପରୂପ ଜୀବନବୋଧକୁ ଏଠାରେ ଲକ୍ଷ୍ୟ କରାଯାଇପାରିବ । ବୁଢ଼ୀର ଶବଦାହ କରାଗଲା ସତ; କିନ୍ତୁ ସେଇ ମାଟି ପଡ଼ିପାରି ନଥିଲା କାରଣ; ସମସ୍ତଙ୍କ ଅଲକ୍ଷ୍ୟରେ ତା'ର ସାନବୋହୂ ସେଇ ପୁଟୁଳିକୁ ଫୋପାଡ଼ି ଦେଇଥିବା ସ୍ଥଳେ ବୁଢ଼ୀର ସାନ ନାତୁଣୀ କନ୍ଦାକନ୍ଦି କରି ତାକୁ ଆଣି ନିଜ ବହି ବସ୍ତାନି ଭିତରେ ଲୁଚେଇ ରଖିଥିଲା !

କେବଳ ମଣିଷ ବିସ୍ଥାପିତ ହୋଇ ନଥିଲେ; ଗୃହପାଳିତ ବି ଭୋଗିଥିଲେ ଦୁର୍ଦ୍ଦଶା । ହୀରାକୁଦ ଜଳଭଣ୍ଡାର ଗର୍ଭରେ ଥିବା ଟାପୁଗୁଡ଼ିକରେ ରହିଗଲେ ଅସଂଖ୍ୟ ଗୋମହୀଷ । ୧୯୫୩ ମସିହା ବେଳକୁ ବନ୍ଧ କାମ ଶେଷ ହେଲା; ସେତେବେଳକୁ ପାଣି ବି ଭର୍ତ୍ତି ହେବା ଆରମ୍ଭ ହେଲା; ଲୋକେ ଗାଁ ଛାଡ଼ିଲା ବେଳକୁ ଯେଉଁ ଗାଈଗୋରୁ ଛାଡ଼ି ପଳେଇଲେ, ସେମାନେ ରହିଗଲେ ସେଠାରେ । ବନ୍ଧର ପାଣି ଚାରିପଟୁ ଘେରିବାକୁ ଲାଗିଲା; ତେଣୁ ଭୂମି ବି ସଂକୁଚିତ ହେଲା; ଗାଈଗୋରୁ ଯାଇ ସେଠାରେ ଆଶ୍ରୟ ନେଲେ । ଡଙ୍ଗର (ଛୋଟ ପାହାଡ଼)ରେ ରହିଗଲେ ସେମାନେ ଏବଂ ତାହା କ୍ରମଶଃ ବଦଳିଗଲା ଏକ କୁଦରେ । ବିସ୍ଥାପିତ ହୀରାକୁଦ ବନ୍ଧର ଜଳଭଣ୍ଡାର ଅନ୍ତର୍ଗତ ପ୍ରାକୃତିକ ବିସ୍ମୟ ହେଉଛି ଏହି ଗୋରୁଦ୍ୱୀପ

(କେଟେଲ ଆଇଲେଣ୍ଡ) । ଏମାନଙ୍କର ପୂର୍ବ ବଂଶଧର ବିସ୍ଥାପିତ ମଣିଷଙ୍କର ଗୋରୁଗାଇ; କିନ୍ତୁ ଆଜି ସେମାନେ ପୋଷ୍ୟ ନହୋଇ ଜଙ୍ଗଲି ଗାଇ ଗୋରୁରେ ହୋଇଛନ୍ତି ରୂପାନ୍ତରିତ । ଏମାନେ ଆଜି କ୍ରୋଧୀ ଓ ମାରଣା; କାରଣ ଏମାନେ ମଣିଷର ସମାଜଠାରୁ ରହିଲେ ବିଚ୍ଛିନ୍ନ ହୋଇ । ଜଳଭଣ୍ଡାର ବନ୍ଧ ଭିତରେ ରହିଛି ସେହିଭଳି 'ବାଦୁଡ଼ିଦ୍ୱୀପ' । ଯେଉଁଠି ଅଗଣିତ ବାଦୁଡି ଏବଂ ଦଶ/ବାର ଘର ମତ୍ସ୍ୟଜୀବୀ; ଏହାକୁ ଛାଡ଼ି ଦେଲେ ଆଉ କେତେକ ଛୋଟ ଛୋଟ ଦ୍ୱୀପ ମଧ୍ୟ ରହିଛି ପାଣି ଭିତରେ ।(ପୃ-୯୬-୯୮)

ବୁଡ଼ି ଅଞ୍ଚଳର ସବୁଠାରୁ ଅଧିକ ଜଣାଶୁଣା ଶିକ୍ଷିତ, ସଂସ୍କୃତିସମ୍ପନ୍ନ ହେଉଛି ସୁରେନ୍ଦ୍ର ସାଏଙ୍କ ପରମ ମିତ୍ର ଲୋକନାଥ ଗଡ଼ତିଆଙ୍କର ରମ୍ଭେଲା ଗାଁ । ତତ୍କାଳୀନ ପଶ୍ଚିମ ଓଡ଼ିଶାର ସବୁଠାରୁ ବଡ଼ ଗାଁ, ଯେଉଁଠି ରହିଥିଲା ଷୋଡ଼ଶ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ଜଗନ୍ନାଥ ମନ୍ଦିର; ଯାହାକୁ ରମ୍ଭେଲାର ଗୌନ୍ତିଆ ପରିବାର ନିର୍ମାଣ କରିଥିଲେ ବୋଲି କୁହାଯାଏ । ଗାଁଠାରୁ କିଛି ଦୂରରେ ମଉଳା-ଭଣଜା ପର୍ବତ । ଇବ୍ ନଦୀ କୂଳରେ ଏହି ଗାଁରେ ପନ୍ଦର ଶହ ପରିବାର ବସବାସ କରୁଥିଲେ । ଏଠାକାର କଂସାବାସନର ବେଶ୍ ଖ୍ୟାତି ଥିଲା ସମଗ୍ର ଓଡ଼ିଶାରେ । ପଞ୍ଚାନବେ ଘର କଂସାରି ବସବାସ କରୁଥିଲେ ସେଠାରେ । ନାରୀଶିକ୍ଷାରେ ବି ନାଁ ଥିଲା ରମ୍ଭେଲାର । ଡାକ୍ତରଖାନା, ପଶୁ ଡାକ୍ତରଖାନା, ଡାକବଙ୍ଗଳା ଥିବା ସହିତ ସଂଗୀତ-ଲୀଳା-ନାଟକ-ପାଲା-ଦାସକାଠିଆ ପାଇଁ ବେଶ୍ ପ୍ରସିଦ୍ଧ ଥିଲା ଗାଁଟି । ବିଭିନ୍ନ ପର୍ବପର୍ବାଣି ପାଳନ ସହିତ ଗାଁର ସାମାଜିକ ସାଂସ୍କୃତିକ ଜୀବନ ଥିଲା ଅତ୍ୟନ୍ତ ସମୃଦ୍ଧ । ସୁନ୍ଦରତା କାରଣରୁ ରମ୍ଭେଲାକୁ ଲୋକେ 'ରମ୍ୟପଲ୍ଲୀ' ବୋଲି ମଧ୍ୟ କହୁଥିଲେ ।(ପୃ-୧୦୦)

ହୀରାକୁଦ ବନ୍ଧ ହେବା ସମୟରେ ବୁର୍ଲା ପାୱାର ହାଉସର ପରିତ୍ୟକ୍ତ ଜଳରୁ ଅତିରିକ୍ତ ବିଦ୍ୟୁତ୍ ଉତ୍ପାଦନ କରିବା ନିମନ୍ତେ ଚିପିଲିମାଠାରେ ଆଉ ଏକ ସବସିଡାରୀ ବନ୍ଧ ନିର୍ମାଣ କରାଯାଇ ବିଦ୍ୟୁତ୍ ଉତ୍ପାଦନ ପାଇଁ ୧୯୪୬ରେ ସମ୍ବଲପୁରର ବସନ୍ତପୁର, ସାହାଜବାହାଲ, ଗରୁମୁଣ୍ଡା, ତାଳପଦର, ରେଙ୍ଗାଲିପାଲି ଭଳି ଏଗାରଟି ଗାଁର ପ୍ରାୟ ସାତ ହଜାର ପାଞ୍ଚଶହ ଏକର ଘର-ଚାଷଜମି-ଅନାବାଦୀ-ଗୋଚର-ଗ୍ରାମ୍ୟ ଜଙ୍ଗଲର ଜମି ଅଧିଗ୍ରହଣ କରାଯାଇଥିଲା । କ୍ଷତିପୂରଣ ବଜାର ମୂଲ୍ୟଠାରୁ ପନ୍ଦର ଗୁଣ କମ୍ ଦିଆଯାଇଥିଲା । ୧୯୫୧-୫୨ ବେଳକୁ ଅଧିଗୃହୀତ ଜମି କାର୍ଯ୍ୟକାରୀ ହେଲା । ପରେ ରାଜ୍ୟ ସରକାର ୧୯୬୨-୬୩ ମସିହା ବେଳକୁ ବସନ୍ତପୁରରୁ ଅଧିଗୃହୀତ ଜମିରେ ଡାଏରୀ ଫାର୍ମର ଯୋଜନା କଲେ । ୧୪ ବର୍ଷ ଧରି ଚାଷ କରି ଆସୁଥିବା ଜମି ଉପରେ ଫାର୍ମ ନିର୍ମାଣକୁ ଚାଷୀମାନେ ସିପିଆଇ ନେତା ପ୍ରସନ୍ନକୁମାର ପଣ୍ଡାଙ୍କ ନେତୃତ୍ୱରେ ବିରୋଧ କଲେ । ସେଠାରେ ପକ୍କା ଘର ନିର୍ମାଣ ହେଲା । ଗ୍ରାମବାସୀ ରାଜ୍ୟପାଳଙ୍କୁ ଜଣାଇଲେ, ଶେଷରେ ରାଜ୍ୟପାଳ ଅଯୋଧ୍ୟା ନାଥ ଖୋସଲା ନିଜେ ପରିଦର୍ଶନ କରି ବାସ୍ତବ ଅବସ୍ଥା ଦେଖିଲେ ଏବଂ ଚବିଶ ଘଣ୍ଟା ମଧ୍ୟରେ ତିଆରି ପକ୍କା ଘର ଭଙ୍ଗାଗଲା ତଥା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଗଲା । ୧୯୬୮ରେ କେନ୍ଦ୍ର ସରକାର ଗୋ-ପ୍ରଜନନ କେନ୍ଦ୍ର କରିବା ପାଇଁ ବସନ୍ତପୁର ଅଧିଗୃହିତ ଜମି ହସ୍ତାନ୍ତରିତ ପାଇଁ ପ୍ରସ୍ତୁତ ହେଲେ । ଫଳରେ ସମସ୍ୟା ଜଟିଳ ହୋଇପଡ଼ିଥିଲା । ମାତ୍ର ସମସ୍ତ ନିୟମର ବ୍ୟତିକ୍ରମ ଘଟାଇ ଆଠଶହ ଏକରରୁ ତିନି ଶହ ପଚାଶ ଏକର ଜମି ପୁନଶ୍ଚ ଡାଏରୀ ଫାର୍ମ ନାମରେ ଅଧିଗ୍ରହଣ କରାଗଲା । ମାତ୍ର ୧୯୬୮ ରୁ ୧୯୭୦ ମସିହା ପର୍ଯ୍ୟନ୍ତ ସବୁ ଜମି ପଡ଼ିଆ ପଡ଼ିଲା । ଗାଁର କିଛି ଗୋଚର ଜମି ରହିଲା ନାହିଁ । ଗାଈଗୋରୁ ଭୋକିଲା ରହିଲେ । ଗାଁ ବାହାରେ ଥିବା ଏକମାତ୍ର ପୋଖରୀ ବ୍ୟବହାରରୁ ଲୋକେ ବଂ୍ଚିତ ହେଲେ । କାରଣ ପଖରୀକୁ ଯିବାପାଇଁ ରାସ୍ତା ନଥିଲା ଲୋକେ ନିକଟସ୍ଥ ଏକ ନାଳ ଉପରେ ନିର୍ଭର କଲେ; ତାହା ମଧ୍ୟ ଅଧିକୃତ ରାସ୍ତା ଅନ୍ତର୍ଗତ ହୋଇଥିବାରୁ ଲୋକେ ହଇରାଣ ହେଲେ; ଗ୍ରାମବାସୀ ଜୀବିକାଶୂନ୍ୟ ହେଲେ । ମଇ ୨୦,୧୯୭୧ରେ ସମ୍ବଲପୁର ଆରଡ଼ିସି, ଜିଲ୍ଲାପାଳ ଓ ଅନ୍ୟାନ୍ୟ ରାଜସ୍ୱ ଅଧିକାରୀ ଆସି ସମସ୍ୟାର ସମାଧାନ କରିବା ସହିତ ଜୁନ୍ ୧୯୭୧ ରେ ତରବରିଆ ଭାବେ ୯୫୦ ଏକରରୁ ୧୫୦ ଏକର ଜମି ଚାଷ ପାଇଁ ଲୋକଙ୍କୁ ଦିଆଗଲା । ମାତ୍ର ସେହିବର୍ଷ ଅକ୍ଟୋବରରେ ଚାଷୀ ସ୍ଥାୟୀ ପଟ୍ଟା ଦାବି କଲେ ଏବଂ ସେଥିରେ ବିଫଳ ହେଲେ । ଜବରଦଖଲ ଅଭିଯୋଗରେ ଚାଷୀ ଗିରଫ ହେଲେ; ମକଦ୍ଦମା ଚାଲିଲା; ଫାର୍ମ ତରଫରୁ ବୁଲ୍‌ଡୋଜର ଚାଲିଲା ଚାଷଜମିରେ । ବିଭିନ୍ନ ମିଥ୍ୟା ଅଭିଯୋଗଦ୍ୱାରା ଚାଷୀ ହଇରାଣ ହେଲେ । ପୋଲିସ୍ ଗ୍ରାମକୁ ଅବରୋଧ କଲେ; ମହିଳାମାନଙ୍କ ଉପରେ ମଧ୍ୟ ଅତ୍ୟାଚାର ହେଲା; ପୋଲିସ୍ ଧାନର ରବିଫସଲ ସବୁ ନଷ୍ଟ କଲା; ଗଲାବେଳେ ଗାଁ ଯାକର ଗାଈଗୋରୁ ଓ ଛେଳି ନେଇ ଲରମ୍ଭାର କାଞ୍ଜିଆହୁଦାରେ ପୂରାଇଦେଲେ । ଏପରିକି ସେଠାରେ ଜାଗା ଅଭାବରୁ ବାହାରେ ଛାଡ଼ିଦିଆଗଲା । ଅଗଷ୍ଟ ୬,୧୯୭୨ରେ ଗ୍ରାମବାସୀ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୋଲିସ୍ ଓ ଫାର୍ମ ଅଧିକାରୀଙ୍କ ଅତ୍ୟାଚାରର ବିଚାର ବିଭାଗୀୟ ତଦନ୍ତ ଦାବି କରିବା ସହ ସ୍ଥାୟୀ ସମାଧାନ ଏବଂ ନଷ୍ଟ ଫସଲର

କ୍ଷତିପୂରଣ ପାଇଁ ନିବେଦନ କଲେ । ମାତ୍ର ତାହା ବିଫଳ ହେଲା । ଉଦ୍‌ବୃତ୍ତ ୫୮୫୭ ଏକର ଜମି ଚାଷୀମାନଙ୍କୁ ଫେରାଇବା ଦାବିରେ ଜନନେତା ପ୍ରସନ୍ନ କୁମାର ପଣ୍ଡାଙ୍କ ନେତୃତ୍ୱରେ ୧୯୭୭ ମସିହାରୁ ବ୍ୟାପକ ଜନଆନ୍ଦୋଳନ ଲାଗିରହିଲା । ପଟ୍ଟା କିନ୍ତୁ ଚାଷୀମାନେ ପାଇଲେ ନାହିଁ । ଯଦି କେନ୍ଦ୍ର ସରକାର ଜମିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିନାହାନ୍ତି ତେବେ ରାଜ୍ୟସରକାରଙ୍କୁ ଅନେକ ଅନୁଷ୍ଠାନ ପାଇଁ ଜମି କିପରି ଦିଆଗଲା; ତାହା ହିଁ ଥିଲା ପ୍ରଶ୍ନବାଚୀ !

ବାମଣ୍ଡା, ବାସିଆପଡ଼ା, ଅଡାପରା, ବଡସାଏ, ସଂଗ୍ରାମାଲ, ସାନ କୁଣ୍ଡେସରା, ଝରଘାଟି, କଦଳିପାଲି ଆଦି ଜଙ୍ଗଲିଆ ଜାଗାରେ ଅଶୀ ହଜାର ଏକର ଜଙ୍ଗଲ ଜମି ଚିହ୍ନଟ କରି ସତେଇଶଟି କ୍ୟାମ୍ପ ସ୍ଥାପନ କରାଗଲା; ସେଥି ମଧ୍ୟରୁ ୨୭ ହଜାର ଏକର ଜଙ୍ଗଲ ସଫାକରି ଛଅ ହଜାର ଏକର ଜମି ତିଆରି କରି ବିସ୍ଥାପିତ ଲୋକଙ୍କୁ ବିକାଗଲା । ଯେଉଁମାନେ ଭାଗ୍ୟକୁ ଆଦରି କ୍ୟାମ୍ପରେ ରହିଲେ; ରାସ୍ତା-ଜଳ-ବିଦ୍ୟୁତ-ଶିକ୍ଷା-ସ୍ୱାସ୍ଥ୍ୟର ସୁବିଧା କିଛି ବି ପାଇଲେ ନାହିଁ । ଘରେଘରେ ଲୋକଙ୍କର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦେଲା ଲୋକେ 'କଳାଭୂତ' (ମ୍ୟାଲେରିଆ) ଭାବେ ନାଁ ଧରିଲେ ନାହିଁ ରୋଗର । ମାତ୍ର ଆତଙ୍କିତ ଜୀବନର ଶେଷ ନଥିଲା ।(ପୃ-୧୦୭-୧୦୯) ଉପନ୍ୟାସରେ କଳାଭୂତଦ୍ୱାରା ମରିଯାଇଥିବା ଟିଙ୍ଗାଲୁର ମା'ର ପ୍ରସଙ୍ଗରେ କେବଳ ରୋଗ ନୁହେଁ; ପ୍ରଧାନ ବୁଢା ଦ୍ୱାରା ପାଳିତ ଟିଙ୍ଗାଲୁ ଏବଂ ତା'ର ମା'ର କାହାଣୀରେ ଜୀବନର ଦୟନୀୟତା ସହିତ ଜାତିବାଦର ତୀବ୍ରତାକୁ ଅନୁଭବି ହେବ ।

ଉପନ୍ୟାସର ତିରିଶ ପରିଚ୍ଛେଦରେ 'ବନାଲହ'ର ପ୍ରସଙ୍ଗକୁ ଯୋଡ଼ି ଔପନ୍ୟାସିକ କିପରି ଏକ ବଣୁଆ ଲତାକୁ ଯଦି କେହି ଗୋଡ଼ରେ ମାଡ଼ି ଦିଅନ୍ତି ତେବେ କିପରି ବଣ ସାରା ମଣିଷ ବଣା ହୋଇ ବୁଲୁଥାଏ ଭଳି ଏକ ଲୌକିକ ବିଶ୍ୱାସର କଥାକୁ ବେଶ୍ ରୋଚକ ଶୈଳୀରେ ଉଲ୍ଲେଖ କରିଛନ୍ତି ।

ପେରିଫେରି ଗାଁଗୁଡ଼ିକରେ ଲୋକଙ୍କର ମାଲିକାନା ବା ପଟ୍ଟାପାଉତି ନଥିବାରୁ ସେମାନେ କିଛି ସରକାରୀ ସୁବିଧା ପାଇପାରୁ ନଥିଲେ; ତେଣୁ ୧୯୮୦ ମସିହା ବେଳକୁ ଲଖନପୁର ବୁଡ଼ି ଅଞ୍ଚଳ ସମିତି ଗଠନ କରାଯାଇଥିଲା । ଏହି ଅଂଚଳରେ ଏଗାର ହଜାର ଭୂମିହୀନ ପରିବାର କୋଡ଼ିଏ ହଜାର ଏକର ପେରିଫେରି ଜମିକୁ ଚାଷ କରୁଥିଲେ । ୧୯୬୬ ମସିହାରେ ଲଛିପାଲିରେ କୋଡ଼ିଏ ହଜାର ଏକର ଜମିକୁ ରୁଷିଆ ସରକାରର ସହଯୋଗରେ ବିହନ ଫାର୍ମ କରିବାପାଇଁ ଭାରତ ସରକାରଙ୍କୁ ଜମି ଦିଆଗଲା । ସେଥିପାଇଁ ସେହିସବୁ ଚାଷ କରୁଥିବା ସାତ ହଜାର ଚାଷୀଙ୍କୁ ପତିତ ଜଙ୍ଗଲ ଦେଇ ଅନ୍ୟ କୌଣସି ସୁବିଧା ଦିଆଗଲା ନାହିଁ । ଏହାର ଦୁଇବର୍ଷ ପରେ ପୁନଶ୍ଚ ମିଲିଟାରୀ ଫୋର୍ସ ଲଗାଇ ଲୋକଙ୍କୁ ଜମିରୁ ତଡ଼ିବାକୁ ଚେଷ୍ଟା କରାଗଲା । ତିନିବର୍ଷର ଆନ୍ଦୋଳନର ପରେ ଲଛିପାଲି ଫାର୍ମ ଅନ୍ୟତ୍ର ଉଠିଗଲା । ତଥାପି ସେ ଜମିର କୌଣସି ହକ୍‌ଦାର କେହି ନଥିବାରୁ ଏକ ଆଶଙ୍କା ସବୁବେଳେ ଲାଗି ରହିଥିଲା । ଏହି ପରିଚ୍ଛେଦର ଜନନେତା ପ୍ରସନ୍ନ କୁମାର ପଣ୍ଡାଙ୍କର ଆନ୍ଦୋଳନର ରୂପରେଖ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ସଂଯୁକ୍ତ କରିଛନ୍ତି ଲେଖକ । ୧୯୭୪-୭୫ ମସିହା ବେଳକୁ ହୀରାକୁଦ ନଦୀବନ୍ଧର ସ୍ପିଲ୍-ୱେର ବ୍ଲକ୍‌ମାନଙ୍କରେ ଫାଟ ସୃଷ୍ଟି ହେଲା । ବନ୍ଧ ଚାରିପଟେ ଥିବା କଳ କାରଖାନାର ଦୂଷିତ ବର୍ଜ୍ୟବସ୍ତୁ ପାଇଁ ଏହା ଘଟିଲା ଏବଂ ଏହାକୁ ବାହାର କରିବା ଅସୁବିଧା ସୃଷ୍ଟି କରିଥିଲା । ବନ୍ଧ ନିର୍ମାଣ ବେଳେ ବାର୍ଷିକ ଚଉଦ କୋଟି ଲାଭ କଥା କୁହାଯାଇଥିଲା; କିନ୍ତୁ ବର୍ଷକୁ କ୍ଷତି ହେଲା ଚଉଦ କୋଟି । ଯାହାକି ରଙ୍ଗେୟା କମିଶନର ସତ୍ୟତାକୁ ସ୍ୱୀକାର ନକଲେ ହେଁ; ତାହା ସତ୍ୟରେ ପ୍ରତିପାଦିତ ହୋଇଥିଲା । ବୁଡ଼ି ଅଂଚଳ ପାଇଁ ନିଜର ସବୁକିଛି ହରାଇବା ପରେ ମଧ୍ୟ ହୀରାକୁଦ ନିଜର ଘୋଷିତ ଲକ୍ଷ୍ୟରେ ହୋଇଥିଲା ବିଫଳ । ଜଳସେଚନ-ଜଳବିଦ୍ୟୁତ୍ ଉତ୍ପାଦନ-ବନ୍ୟା ନିୟନ୍ତ୍ରଣ-ନବୀକରଣ ସବୁ କିଛିରେ ବିଫଳ ହୋଇଥିଲା । ମହାନଦୀ-ଇବ୍-ଭେଡେନ-କେଲୋ ଭଳି ନଦୀ ସହ ଅନେକ ଛୋଟ ନଦନଦୀ, ନାଳ, ଝରଣାର ପଙ୍କ କାଦୁଅ ବର୍ଷା ଦିନେ ବୋହିଆସି ଏହାର ଜଳଧାରଣର କ୍ଷମତାକୁ ମଧ୍ୟ କ୍ରମଶଃ ହ୍ରାସ କରୁଥିଲା ।

୨୦୦୭ ମସିହାର ଜଳଭଣ୍ଡାର ଦଖଲ ଆନ୍ଦୋଳନରେ ୫୦ ହଜାରରୁ ଅଧିକ ଚାଷୀ ଯୋଗ ଦେଇଥିଲେ । ଯଦିଓ ଏହାର ଦିନକପରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ପ୍ରଭାବିତ କରି କାରଖାନାକୁ ବୁନ୍ଦେ ମଧ୍ୟ ଜଳ ଦିଆଯିବ ନାହିଁ ବୋଲି କହିଥିଲେ । ମାତ୍ର ଏହି ଆନ୍ଦୋଳନର ଚାରିଦିନ ପରେ ଜମାଦାରପାଲିଠାରେ ବେଦାନ୍ତର ପାଣି ପାଇପ୍ ସାମ୍ନାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ତରଫରୁ ସିମେଣ୍ଟର ବାରଫୁଟ ଦୀର୍ଘ ଓ ଛଅଫୁଟ ଉଚ୍ଚ କାନ୍ଥ ଉଠାଇ ତାକୁ 'ଚାଷୀର ରେଖା' ବୋଲି ଚିହ୍ନିତ କରାଯାଇଥିଲା ।(ପୃ-୧୨୩)

ଛତିଶଗଡ଼ ରାଜ୍ୟ ସରକାରଙ୍କ ମହାନଦୀ ଉପରେ ଅବାରିତ ଭାବରେ ଅନେକ ନଦୀବନ୍ଧ, ଆନିକଟ କରିବା ଫଳରେ ନଦୀର ପାଣିପ୍ରବାହ ଓଡ଼ିଶାକୁ ହ୍ରାସ ହୋଇଥିଲା । ଛତିଶଗଡ଼ର ରାୟଗଡ଼ ପାଖରେ ବଡ଼କେଲୋ ନଦୀ ଉପରେ ବନ୍ଧ ହେବା ଦିନଠୁ ଓଡ଼ିଶାର

ଅନ୍ଧାରୀ ବ୍ଲକ ଭାବେ ପରିଚିତ ଲଖନପୁର ବ୍ଲକର ୧୯ ଖଣ୍ଡ ମୌଜାର ଜୀବନରେଖା ଥିଲା ଶୁଖିଯିବା ଉପରେ । ଅନୁରୂପ ଭାବରେ ଜିନ୍ଦଲ କମ୍ପାନୀ ମଧ୍ୟ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରତାଡ଼ିତ କରିଥିଲା ।(ପୃ-୧୨୫) କାରଣ କେଲୋ ନଦୀରେ ଜିନ୍ଦଲ ଷ୍ଟପ୍‌ବନ୍ଧ ନିର୍ମାଣ କରି ଅନେକ ଅସୁବିଧା ସୃଷ୍ଟି କରିଥିଲା । ମହାନଦୀର ଏହି ୧୧୨ କିଲୋମିଟର ଦୀର୍ଘ ମୁଖ୍ୟ ଉପନଦୀର ବନ୍ଧନିର୍ମାଣ ଫଳରେ ମହାନଦୀ କ୍ରମଶଃ ଶୁଖିବାକୁ ବସିଥିଲା । ବଡ଼ କେଲୋ ନଦୀ ହେଉଛି ଓଡ଼ିଶା ଓ ଛତିଶଗଡ଼ର ସୀମା । ନଦୀର ଏପଟେ ଓଡ଼ିଶା ସେପଟେ ଛତିଶଗଡ଼ । ଦୁଇ ଦିଗରେ ମହାନଦୀ ଓ ଗୋଟିଏ ଦିଗରେ ବଡ଼ କେଲୋ ନଦୀ ଯୋଗୁଁ ଓଡ଼ିଶାର ମୂଳ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇଥିବା ଅନେକ ଲୋକ ସରକାରୀ ଉପେକ୍ଷାରେ ଅତିଷ୍ଠ ହୋଇଉଠିଲେ । ଛତିଶଗଡ଼ ସରକାର ମହାନଦୀର ଉପଖଣ୍ଡରେ ବନ୍ଧ ଓ ଆନିକଟ ପାଇଁ ହୀରାକୁଦ ଜଳଭଣ୍ଡାର ମଧ୍ୟ ବହୁ ଭାବେ ପ୍ରଭାବିତ ହୋଇଥିଲା ।

ଉପନ୍ୟାସର ଅଣଚାଳିଶ ଭାଗରେ ଜଳଭଣ୍ଡାର ଅ*ଳରେ ମତ୍ସ୍ୟଜୀବୀମାନଙ୍କ ସମସ୍ୟା ଏବଂ ଜୀବନଧାରା କଥାକୁ ସ୍ମରଣ କରିହେବ । ମାଛ ମାରିବାର ନିର୍ଦ୍ଧାରିତ ସମୟକୁ ସାଧାରଣ ମତ୍ସ୍ୟଜୀବୀ ମାନୁଥିଲେ ମଧ୍ୟ ବଡ଼ବଡ଼ ବ୍ୟବସାୟୀମାନେ ନମାନିବା; ସୋସାଇଟି ମତ୍ସ୍ୟଜୀବୀଙ୍କୁ ଅଧିକ କିଛି ସାହାଯ୍ୟ କରିବା ପାଇଁ ଦାବି; ନୋଳିଆଙ୍କ ଦାବି; ସରକାର ଓ ମତ୍ସ୍ୟ ସମ୍ପଦ ବିଭାଗର କଡ଼ାକଡ଼ି ନିୟମ ନେଇ ସମାଲୋଚନା; ମତ୍ସ୍ୟଜୀବୀଙ୍କ ଜାଲ-ଡଙ୍ଗାର ବୀମା; ବାର୍ଦ୍ଧକ୍ୟଭତ୍ତା; ଭୋଟର କାର୍ଡ, ଦୁର୍ଘଟଣା କ୍ଷତିପୂରଣ ଆଦି ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ନିଛକ ଭାବେ । ଉପନ୍ୟାସରେ ଡମ୍ବରୁ, ତ୍ରିନାଥ ଭଳି ଚରିତ୍ର ଦେଇ ବେଶ୍ ଜନସଚେତନତା ସୃଷ୍ଟି କରିଛନ୍ତି ଲେଖକ ।

ଚାଳିଶ ଅଧ୍ୟାୟରେ ହୀରାକୁଦ କିପରି ବନ୍ୟାଜଳ ନିୟନ୍ତ୍ରଣରେ ବିଫଳ ହୋଇଛି; ତାହା ସୂଚାଇବାକୁ ଯାଇ ୧୯୬୧ ମସିହାରେ ବରଗଡ଼ରେ ସୃଷ୍ଟି ହୋଇଥିବା ବନ୍ୟାର କରାଳତାକୁ ଦର୍ଶାଇଛନ୍ତି ଲେଖକ । ବିଶେଷତଃ ଚିଖିଲି ଗାଁର ପ୍ରସଙ୍ଗକୁ ଉଲ୍ଲେଖ କରିବା ସହିତ କିପରି ଜଳଭଣ୍ଡାର ପାଣି ବୃଦ୍ଧି ଘଟି ବନ୍ୟା ଅନ୍ୟତ୍ର ପ୍ରଭାବ ପକାଇଲା; ତାହା ହୋଇଛି ବର୍ଣ୍ଣିତ । ଅନୁରୂପ ଭାବେ ମାଛଧରାକୁ କେନ୍ଦ୍ରକରି ତାମଦେଇ ପୁରରେ ଘଟିଥିବା ଘଟଣାଟି କିଭଳି ସମଗ୍ର ଦେଶକୁ ପ୍ରଭାବିତ କରିଥିଲା; ସେ କଥାକୁ ମଧ୍ୟ ଲକ୍ଷ୍ୟ କରାଯାଇପାରେ । ଅଲେଖ ନାମକ ତଫସିଲଭୁକ୍ତ ବଳିଷ୍ଠ ଉଗ୍ରସ୍ୱଭାବର ବ୍ୟକ୍ତିକୁ ତା'ର ପରିବାର ସହ  କିପରି ଲୋକେ ମିଳିତ ହୋଇ ଘରେ ନିଆଁ ଲଗାଇ ଦେଲେ ଏବଂ ବର୍ଚ୍ଛା ମୁନରେ ଖେଞ୍ଚିଖେଞ୍ଚି ବାହାରିବାକୁ ସୁଯୋଗ ଦେଇ ନଥିଲେ; ପରିଶେଷରେ ଅଲେଖ ସମେତ ତା'ର ସମଗ୍ର ପରିବାର ଘରଭିତରେ ପୋଡ଼ି ପାଉଁଶ ହୋଇଗଲେ । ମାଝିମାନଙ୍କ ଏହି ସମୂହିକ ପ୍ରତିଶୋଧମୂଳକ ବର୍ବରକାଣ୍ଡ ତତ୍‌କାଳରେ ବେଶ୍ ଚର୍ଚ୍ଚାର ପରିସରକୁ ଆସିଥିଲା । (ପୃ-୧୩୮) ବାଂଲାଦେଶର ସ୍ୱାଧୀନତା ସଂଗ୍ରାମ ବେଳେ ଅନେକ ଶରଣାର୍ଥୀଙ୍କୁ ଏହି ତାମଦେଇପୁରର ରିଫ୍ୟୁଜି କ୍ୟାମ୍ପରେ ପ୍ରଥମେ ରଖାଯାଇ ପରେ ମାଲକାନ୍‌ଗିରି, ଦଣ୍ଡକାରଣ୍ୟ ଅଞ୍ଚଳକୁ ପଠେଇ ଦିଆ ହୋଇଥିଲା । ସେ କଥାକୁ ମଧ୍ୟ ଲେଖକ କରିଛନ୍ତି ସ୍ମରଣ ।

ହୀରାକୁଦ ବନ୍ଧନିର୍ମାଣ ବେଳେ ବିଭିନ୍ନ ଦେଶରୁ ଲୋକ ଆସି ଶ୍ରମିକ, ମୁଲିଆ ଭାବେ କାମ କରୁଥିଲେ; ସେଥିରୁ ଅନେକ କାର୍ଯ୍ୟ ସରିଯିବାପରେ ଫେରିଗଲେ ନିଜ ନିଜ ଅଞ୍ଚଳକୁ; କିନ୍ତୁ ଅନେକ ରହିଗଲେ ମଧ୍ୟ ଜଳଭଣ୍ଡାରର ଆଖପାଖ ଅଞ୍ଚଳରେ; ସେମାନେ ସଂଘର୍ଷ କରୁଥିଲେ ନିଜର ଅସ୍ତିତ୍ୱ ଓ ପରିଚୟ ପାଇଁ; ଏ ପ୍ରସଙ୍ଗଟି ବୟାଳିଶ ଭାଗର ପ୍ରମୁଖ ଅଂଶ ଅଟେ । ଉପନ୍ୟାସର ତେୟାଳିଶ ଭାଗରେ ବିସ୍ଥାପିତ ଜଳମଗ୍ନ ଗ୍ରାମବାସୀଙ୍କର କ୍ଷତିପୂରଣ ପ୍ରସଙ୍ଗ ସ୍ଥାନିତ ହୋଇଛି । ୧୮୯୪ ମସିହାର ବ୍ରିଟିଶ ଜମିଦଖଲ-କ୍ଷତିପୂରଣ ଆଇନ୍ ୧୯୮୬ରେ କଂଗ୍ରେସ ସରକାର ଓଡ଼ିଶା ବିଧାନସଭାରେ ସଂଶୋଧନ କରିଥିଲା । ୧୯୨୪-୨୫ ହମିଦ୍ ବନ୍ଦୋବସ୍ତର ଧାର୍ଯ୍ୟ ମାଲଗୁଜାରୀ ଅନୁସାରେ କ୍ଷତିପୂରଣ ଦେବାକୁ ସରକାରଙ୍କ ନିଷ୍ପତ୍ତି । ପୁନଶ୍ଚ ୧୯୪୮ରେ ବିଧାନସଭାରେ ଓଡ଼ିଶା ସରକାରଙ୍କ ୧୮ ନମ୍ବର ସ୍ୱତନ୍ତ୍ର ଜମି ଦଖଲ ଆଇନ୍ ଭଳି ପ୍ରସଙ୍ଗର ଅବତାରଣା କରି ଅନେକ ସତ୍ୟଶୀଳ ତଥ୍ୟକୁ ସଂଯୋଗ କରି ବିସ୍ଥାପିତମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅତ୍ୟାଚାର ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି । ହୀରାକୁଦ ବନ୍ଧ ହେବାର ୬୮ ବର୍ଷପରେ ବି ଦୁଇ ହଜାରରୁ ଅଧିକ ପରିବାର ଏଯାଏଁ ସେମାନଙ୍କର ନ୍ୟାର୍ଯ୍ୟ କ୍ଷତିପୂରଣ ନପାଇବା କ୍ଷୋଭର ବିଷୟ ଭାବେ ଉଲ୍ଲେଖ କରିଛନ୍ତି । ଏପରିକି ଯେଉଁମାନେ ପାଇଛନ୍ତି ସେମାନେ ମଧ୍ୟ ଯତ୍‌କିଞ୍ଚିତ୍ ପାଇ ଏକ ପ୍ରକାର ପ୍ରତାଡ଼ିତ ହୋଇଥିବା ପୁଷ୍ଟି କରିଛନ୍ତି ଲେଖକ । (ପୃ-୧୪୫-୧୪୬)

ବିସ୍ଥାପନ କେବଳ ଶରୀରକୁ ନୁହେଁ; ଏହା ସମଗ୍ର ଆତ୍ମାକୁ ବି ମାରିଦିଏ । ଉପନ୍ୟାସର ଚଉରାଳିଶ ପର୍ଯ୍ୟାୟରେ ଦଶମତିର ବଡ଼ଝିଅ ଲାଏବନ୍ ଓ ସାନଝିଅ ଫୁଲତୁଲିର କଥାର ଅବତାରଣା କରିଛନ୍ତି; ଫୁଲତୁଲି ହୋଇଛି ଗର୍ଭବତୀ ଏବଂ ତାର ଗର୍ଭବତୀ ହେବା ପଛରେ ବିଘ୍ନିତ ଅର୍ଥନୀତି ଏବଂ ବାପା କୁଳଧରର ମଦନିଶା

ଏବଂ ବଡ଼ଭାଇର ପରିବାର ପ୍ରତି ଶୂନ୍ୟ ଦାୟିତ୍ୱରୁ ସୃଷ୍ଟି ହୋଇଥିଲା ସମସ୍ୟା । ଏକଦା ପରିବାରର ନାଁ ଡାକ ଥିଲା; କିନ୍ତୁ ବିସ୍ଥାପନ ଆଣି ଦେଇଥିଲା ବ୍ୟର୍ଥତା । ବାପା କୁଳଧରର ସାନ ଝିଅକୁ ଟଙ୍କା ମାଗିବାର ଅଭ୍ୟାସ ଭିତରେ ଫୁଲତୁଲି ଅର୍ଥ-ରୋଜଗାର ନାଁରେ ହୋଇଥିଲା ଗର୍ଭବତୀ । ଉପନ୍ୟାସର ଏ ପର୍ଯ୍ୟାୟରେ ମଣିଷର ବିଶେଷତଃ ନାରୀର ଆର୍ଥିକ ଅସ୍ୱଚ୍ଛଳତା ଏବଂ ଶୋଷିତ ହେବାର ଚିତ୍ରକୁ ଲକ୍ଷ୍ୟ କରାଯାଇପାରିବ । ଦଶମତି-ଲାଏବନ-ଫୁଲତୁଲି-କଲଧର ବଡ଼ ବୋହୂ ଭଳି ଚରିତ୍ର ଦେଇ ଲେଖକ ଦେଖିଛନ୍ତି ବେଶ ସମ୍ବେଦନଶୀଳ ଦୃଷ୍ଟିରେ । ପଇଁଚାଳିଶ ନମ୍ବର ଅଂଶବିଶେଷରେ ନଦୀବନ୍ଧ ଯୋଜନା ପାଇଁ ହେଉ କିମ୍ବା ଖଣିଖାଦାନ ପାଇଁ କିମ୍ବା ଅଭୟାରଣ୍ୟ ଲାଗି କିମ୍ବା 'ସେଜ୍' ପାଇଁ ହେଉ ଲୋକମାନଙ୍କୁ ବନ୍ଧୁକ ମୁନରେ ଜଳ-ଜମି-ଜଙ୍ଗଲ-ଜୀବିକାରୁ ବଳପୂର୍ବକ ନିଷ୍କାସିତ କରିବା ପ୍ରସଙ୍ଗଟି ଗୁରୁତ୍ୱ ଲାଭ କରିଛି । କେବଳ ସାଧାରଣ ମଣିଷଙ୍କ ବିସ୍ଥାପନ ନୁହଁ; ଜନଜାତି ଅଧିବାସୀ ସଂସ୍କୃତି, ବନ୍ୟଜନ୍ତୁ, ଅଭୟାରଣ୍ୟ, ଜୈବବିବିଧତାର ଧ୍ୱସ୍ତ ବିଭୀଷିକାର ରୂପରେଖ ମଧ୍ୟ ସଂଦର୍ଶନ କରିଛି । ଉପନ୍ୟାସରେ ଧ୍ୱସ୍ତ ଅର୍ଥନୀତି ଏବଂ ବିଘ୍ନିତ ସାମାଜିକ ଜୀବନ ଭିତରେ ବୃନ୍ଦା-ତୁଳସୀ-ପାରା-ଫୁଲତୁଲି ଭଳି ଝିଅମାନେ କିପରି ପ୍ରଥମେ ଗୁଡ଼ାଖୁ, ନଖପାଲିସ୍, ଅଳତା, ସାବୁନ୍, ବାସ୍ନାତେଲ ଅବା କେଇଟା ଟଙ୍କାର ବିନିମୟରେ ନିଜକୁ ବିକିବା ଆରମ୍ଭ କରନ୍ତି ଏବଂ ତାହା କ୍ରମଶ ବଦଳିଯାଏ ପେସାରେ; ତା'ରି ଚିତ୍ର ମଧ୍ୟ ବିସ୍ଥାପନର ପ୍ରଚ୍ଛନ୍ନରେ ଘଟିତ ମଣିଷର ଧ୍ୱସ୍ତ ଅର୍ଥନୀତିକୁ ସୂଚିତ କରିଥାଏ ।

(ପୃ-୧୫୨-୧୫୭)

ପରିବାରର ମୁଖ୍ୟ, ସିଆଣମାନଙ୍କ ମୃତ୍ୟୁରେ ଘରର ସବୁ ବନ୍ଧନ ହୁଗୁଳି ଯିବାର ଦୁର୍ଦ୍ଦଶା; ଅର୍ଦ୍ଧମୃତ ପ୍ରାୟ ନାରୀମାନଙ୍କର କାକୁସ୍ଥବୋଧ; ଅସାମର୍ଥ୍ୟପଣ ସହ ଘରଦ୍ୱାରର ଅଧିକାର ହରାଇବାର ଅନ୍ତର୍କଥା ଏବଂ ପୂର୍ବପୁରୁଷମାନଙ୍କର ଧନ ସଂପଦରୁ ବେଦଖଲ ହୋଇ 'ପୋଷ୍ଟମାଟ୍ରିକ୍ ଷ୍ଟ୍ରେସ୍ ସିଣ୍ଡ୍ରୋମର ଶିକାର ହେବା ଅନ୍ୟ ଏକ ପ୍ରମୁଖ ଦିଗ ଅଟେ । ଏହି ପର୍ଯ୍ୟାୟରେ ଲେଖକ ବିଘ୍ନିତ ସାଂସ୍କୃତିକ ଜୀବନବୋଧର ପ୍ରସଙ୍ଗକୁ ଅବଲୋକନ କରିଛନ୍ତି । ବିକାଶ ନାଁରେ ପ୍ରାକୃତିକ ସଂପଦର ବିନାଶଲୀଳା ଏବଂ ତତ୍‌ସହିତ ଉପୁଜୁଥିବା ନାନା ସ୍ୱାସ୍ଥ୍ୟଗତ ସମସ୍ୟା; ମାନସିକ ବିକାର ଏବଂ ମନଗତ ରୋଗର ଶିକାର ହେଉଥିବା ପୁରୁଷଙ୍କ ତୁଳନାରେ ଅଧିକ ନାରୀମାନେ ଭୋଗ କରିଛନ୍ତି ଦୁର୍ଦ୍ଦଶାର ଜୀବନ; ଏହି ଲକ୍ଷଲକ୍ଷ ବିସ୍ଥାପିତ ସ୍ତ୍ରୀଲୋକ ଗଛରୁ ଛିଣ୍ଡି ଯାଇଥିବା ଶାଖା ଭଳି; ଯେଉଁମାନେ ଆକାଶରୁ ଖସି ଖଜୁରୀ ଗଛର କଣ୍ଟାରେ ଅଟକି ରହିଥିବା ଭଳି ଅବସ୍ଥା ବେଶ୍ କାରୁଣ୍ୟ ବିଜଡ଼ିତ ।

ହୀରାକୁଦର ବିସ୍ଥାପନରେ ଯେଉଁମାନେ ପଳେଇ ଆସି କେଉଁଠି କେଉଁଠି ରହିଗଲେ; ସେମାନଙ୍କର ଅବସ୍ଥା, ଥଇଥାନ କ୍ୟାମ୍ପ, ପେରିଫେରି ଅଞ୍ଚଳରେ ରହୁଥିବା ଲୋକଙ୍କ ବ୍ୟବସ୍ଥାଠାରୁ ମଧ୍ୟ ଖରାପ୍ ଥିଲା । ଏହି ପ୍ରସଙ୍ଗର ଅବତାରଣା ବେଳେ ବେଲପାହାଡ଼ ରେଳଷ୍ଟେସନ ନିକଟସ୍ଥ ସାଗରପାଲିକୁ ଯେତେବେଳେ ହୀରାକୁଦ ବୁଡ଼େଇ ଦେବ ବୋଲି ଜଣାପଡ଼ିଲା; ସେତେବେଳେ ଗାଁର ଗଣ୍ଡାପଡ଼ାର ସୁଖବାସୀମାନଙ୍କୁ ପୋଲିସ୍ ତଡ଼ିବା ଆରମ୍ଭ କଲା, ସେଇ ଭୟରେ ତିରିଶ ଘର ସୁଖବାସୀ ବିକ୍ରମଖୋଲ ଜଙ୍ଗଲକୁ ପଳେଇଗଲେ । ସେଠାରେ ଗୋଟିଏ ବଡ଼ ତେନ୍ତୁଳି ଗଛ ତଳେ ସେମାନେ ଡେରା ପକାଇଲେ; ପରେ ସେ ଗାଁର ନାଁ ହୋଇଗଲା ତେତେଲିଆ ବାହାଲ । ଦେଢ ଶହ ଲୋକଙ୍କର ଏହି ଗାଁରେ ଏବେ ବି ବିଜୁଳି ନାହିଁ, ରାସ୍ତା ନାହିଁ ଗାଁକୁ, ତେଣୁ ଆମ୍ବୁଲାନ୍ସ ଯାଇପାରେନି ସେଠାକୁ । ସେଇ ଗାଁର ବୁଢ଼ାବୁଢ଼ୀ ପ୍ରତି ମାସ ବଣ ପାହାଡ଼ ଡେଇଁ ସାତ କିଲୋମିଟର ଦୂର ବଞ୍ଜାରୀ ଗାଁକୁ ଯାଆନ୍ତି ବାର୍ଦ୍ଧକ୍ୟଭତ୍ତା ପାଇଁ । ସ୍ୱାଧୀନତାର ଏତେ ବର୍ଷ ପରେ ବି ନାହିଁ ନଥିବା ସମସ୍ୟା ଭିତରେ ଜୀବନ ଜିଉଥିବା ଭଳି ବିସ୍ଥାପିତମାନେ କେବଳ କଦର୍ଥନା ସିନା ଭୋଗିଛନ୍ତି; କିଛି ସୁବିଧା ନପାଇବା ଭାଗ୍ୟର ବିଡମ୍ବନା ବୋଲି କୁହାଯାଇପାରେ । (ପୃ-୧୬୩-୧୬୪) ବୋଲି ଉଲ୍ଲେଖ କରିଛନ୍ତି ଔପନ୍ୟାସିକ ।

ନେହେରୁ ୧୯୪୮ ମସିହାର ବିସ୍ଥାପିତ ହେବାକୁ ଥିବା ଗାଁଲୋକଙ୍କୁ କହିଥିଲେ ଯଦି ତମକୁ ଦୁଃଖ ଭୋଗିବାକୁ ପଡ଼େ, ତେବେ ଦେଶ ଲାଗି ତାଙ୍କୁ ଏ ଦୁଃଖ ସହିବାକୁ ପଡ଼ିବ । ଏହି ଅଠଚାଳିଶ ଭାଗରେ ଲେଖକ ସମଗ୍ର ଓଡ଼ିଶାରେ ହୋଇଥିବା ବିବିଧ ବିସ୍ଥାପନର ରୂପରେଖ କଥା ଉଲ୍ଲେଖ କରିବା ସହିତ ଅନେକ ତଥ୍ୟକୁ ଏକତ୍ରିତ କରିଛନ୍ତି । ଯେମିତିକି ୧୯୫୫ ମସିହା ପର୍ଯ୍ୟନ୍ତ ଏକ ହିସାବ ଅନୁସାରେ ବିଭିନ୍ନ ଯୋଜନା ଯୋଗୁଁ ଓଡ଼ିଶାର ଚାରି ଲକ୍ଷରୁ ଅଧିକ ଆଦିବାସୀ ବିସ୍ଥାପିତ ହୋଇଥିବା ଉଲ୍ଲେଖ କରିଛନ୍ତି । କୋରାପୁଟର ପରଜା; ରାୟଗଡ଼ାର କନ୍ଧ; ମାଲକାନଗିରିର କୋଣ୍ଡାଦୋରା ଓ ଗାଦବା; ସୁନ୍ଦରଗଡ଼ର ବିଭିନ୍ନ ଆଦିବାସୀଙ୍କ ସହିତ ରାଉରକେଲାର ଇସ୍‌ପାତ କାରଖାନା ପାଇଁ ସୁନ୍ଦରଗଡ଼ ଓ ରାଉରକେଲାରୁ ବିସ୍ଥାପିତ ୩୩୬ର ୪୦୦ ଆଦିବାସୀ ପରିବାର ଚାକିରି ପାଇଁ ଆଜି ବି ସଂଘର୍ଷ କରୁଥିବା ପ୍ରସଙ୍ଗ; ସେମାନଙ୍କ ପ୍ରାପ୍ୟ ନପାଇ ମାଛକୁଣ୍ଡରେ ବିସ୍ଥାପିତ ପାଂଶହ ପରିବାରଙ୍କ ଦୁର୍ଦ୍ଦଶା;

ହୀରାକୁଦ, ହିନ୍ଦୁସ୍ଥାନ ଏରୋନେଟିକ୍ସ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏହାର ସେହିଭଳି ବଡ଼ବଡ଼ ଉଦାହରଣ ଅଟେ । ଏପରିକି ହୀରାକୁଦର ବିସ୍ଥାପିତ ଲୋକମାନଙ୍କୁ ଥରକୁ ଥର ବିସ୍ଥାପିତ କରାଯାଇଥିଲା । ଲଖନପୁରର ଫଲ୍‌ସାମୁଡ଼ା, ବନହରାପାଲି, ଡେବ୍ରିଗଡ଼ର କୁରୁମକେଲ, ଉତୁଲି, ବାଏଲଜୁରି, ରେଙ୍ଗାଲି, ଅତାବିରାର ଲାମ୍ପିପାଲି, ଜୁନାନୀର ହୀରାକୁଦର ବିସ୍ଥାପିତମାନଙ୍କୁ ପୁନଶ୍ଚ ବିସ୍ଥାପିତ କରାଯାଇଥିଲା ।(ପୃ-୧୬୮)

ଉପନ୍ୟାସର ଅଣପଚାଶ ଅଂଶଟି ଉପନ୍ୟାସର ଶେଷ ଅଂଶ ଏବଂ ଉପନ୍ୟାସର ନିଷ୍କର୍ଷ ଭଳି ଏକ ଉପସ୍ଥାପନ ମଧ୍ୟ । ଯେଉଁଠି ଶିଳ୍ପ ଓ ବିକାଶ ନାଁରେ କ୍ରମଶଃ ବିଶ୍ୱରେ ବଢିଥିବା ବୈଶ୍ୱିକ ଉତ୍ତାପନର ପ୍ରସଙ୍ଗର ଅବତାରଣା ସହିତ କ୍ରମଶଃ ଅପସୃୟମାଣ ଗ୍ରାମ୍ୟସଂସ୍କୃତି; ଭୂଲୁଣ୍ଠିତ ସାଂସ୍କୃତିକ ଜୀବନ; ଧ୍ୱସ୍ତ ଜୈବ ବିବିଧତା ତଥା ପ୍ରାକୃତିକ ଅରଣ୍ୟ ଓ ଅଭୟାରଣ୍ୟ; ନଷ୍ଟ ଜଳ-ଜଙ୍ଗଲ-ଜମି-କୃଷି ଓ କୌଳିକ ବୃତ୍ତି; ପ୍ରଦୂଷିତ ପର୍ଯ୍ୟାବରଣ ଆଦିର ପ୍ରସଙ୍ଗ ଉତ୍‌ଥାପନ କରି ଜଣେ ଇକୋ-କ୍ରିଟିକ୍ ଭଳି ତର୍ଜମା କରିଛନ୍ତି ପ୍ରକୃତି ଓ ମଣିଷର । ପରିଶେଷରେ ହୀରାକୁଦର ବୁଡ଼ି ଅଂଚଳର ଲୋକଙ୍କର ଅପରିବର୍ତ୍ତିତ ନିୟତି ଏବଂ ଅସରନ୍ତି ଦୀର୍ଘଶ୍ୱାସକୁ ଅନୁଭବିଛନ୍ତି ଆପଣା ହୃଦୟରେ । ନେହେରୁଙ୍କ ଅଭିବ୍ୟକ୍ତି: "ଏ (ହୀରାକୁଦ) ବନ୍ଧ ହେଉଛି ସ୍ୱାଧୀନ ଦେଶର ଏକ ମନ୍ଦିର । ହେଲେ ଏଭଳି ଏକ ମନ୍ଦିର ଯେଉଁଠି ଦେ'ଦେବତା ବୋଲି କେହି ନାହାନ୍ତି । ପୂଜାରୀ ବି ନାହିଁକି ପୂଜାଧୂଜା ବି ନାହିଁ, ଖାଲି ଯାହା ବଳିପଡୁଛି ଲକ୍ଷଲକ୍ଷ ଜୀବନ୍ତ ଲୋକଙ୍କ ବଳି... ରକ୍ତଧାର ଛୁଟୁଛି... ଏ ଦେଶର ମାଟି ନାଲି ଟହଟହ ହୋଇ ଉଠୁଛି ଆଉ ସେଇ କଞ୍ଚା ରକ୍ତକୁ ଦେଶର ଓ ବିଦେଶର ରକ୍ତମୁହାଁ କୁକୁର ଭଳି ଚାକୁଚାକୁ କରି ଚାଟି ଯାଉଛନ୍ତି । ବିକାଶ ନାଁରେ ବିନାଶ ହାଟ ବସୁଛି ।"(ପୃ-୧୭୪)

ନେହେରୁ ପରିଶେଷରେ ବୁଝି ସାରିଥିଲେ ଯେ ବିକାଶ ବିନାଶ ଆଣିଛି; ତେଣୁ ସେ ୧୯୫୮ ନଭେମ୍ବର ମାସରେ କେନ୍ଦ୍ର ଜଳସେଚନ ଓ ଶକ୍ତି ବୋର୍ଡର ବୈଠକରେ କହିଥିଲେ: "ଭାରତକୁ ଏକ ବଡ଼ ବିପଜ୍ଜନକ କଥା ଘାରିଥିବାର ଦେଖାଯାଉଛି । ଆଉ ସେଇଟା ହେଉଛି ବଡ଼ବଡ଼ ଜିନିଷ କରିବାର ରୋଗ ।" (ପୃ-୧୭୪) ଔପନ୍ୟାସିକ ଏହି ବିସ୍ଥାପନକୁ ଏକ ନଳୀଘା ସହିତ ତୁଳନା କରି ଯାହା କେବେ ବି ଶୁଖେନାହିଁ ବୋଲି କହିଛନ୍ତି । ଏପରିକି ଦିନେ ଏ ହୀରାକୁଦ ବନ୍ଧ ଖତମ୍ ପାଇଯିବ । ହେଲେ ଏଥିଯୋଗୁଁ ଯେଉଁମାନେ ବାସହରା, ଘରହରା, ଜମିହରା ଗାଁହରା ହୋଇଛନ୍ତି ସେମାନଙ୍କର ଦୁଃଖଟା କେବେହେଲେ ସରିବ ନାହିଁ ।"(ପୃ-୧୭୪-୧୭୫)

**ମଗ୍ନ ଉପତ୍ୟକାର ଭଗ୍ନ କଥା :**

'ହୀରାକୁଦ'ର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ନେଇ ଏହି ଉପନ୍ୟାସ ସମୂହ ହେଉଛି ହୀରାକୁଦର ବନ୍ଧ ବିସ୍ଥାପିତମାନଙ୍କ ମର୍ମଥରା ପ୍ରମାଣିକ କାହାଣୀ; ଏଥିରେ ସନ୍ଦେହ ନାହିଁ । ହୀରାକୁଦର ବିସ୍ଥାପନ ନେଇ ଉପର୍ଯ୍ୟୁକ୍ତ ଆଲୋଚନାରେ ବିସ୍ଥାପନର ଦୁର୍ଦ୍ଦଶା ଏବଂ ଜନଅସନ୍ତୋଷ ଜନିତି ସତ୍ୟତାର ଚିତ୍ର ସମସ୍ତ ଉପନ୍ୟାସରେ ପ୍ରତିପାଦିତ ହୋଇଛି; ମାତ୍ର ଗାଁଗୁଡିକର ସ୍ଥାନାନ୍ତରଣ, ବିସ୍ଥାପନର ସଂଖ୍ୟାଗତ ତଥ୍ୟ ତଥା କେତେକ ରିପୋର୍ଟ ଏବଂ ଅସଲ ବିସ୍ଥାପିତ ମଣିଷଙ୍କ ହିସାବ ଆଦି ଭିତରେ କେତେକ ଅମେଳ ପରିଲକ୍ଷିତ ହୋଇଥାଏ; ସେ କଥାଟିକୁ ଏଥିପାଇଁ ଅଣଦେଖା କରାଯାଇପାରେ କାରଣ ତତ୍କାଳର ଅସଚେତନତା ଏବଂ ଦୀର୍ଘକାଳର ବ୍ୟବଧାନ । ଔପନ୍ୟାସିକମାନଙ୍କର ତଥ୍ୟର ସଂଯୋଜନରେ ବିଭିନ୍ନତାର ଆଧାର ଯାହା ହେଉନା କାହିଁକି ହୀରାକୁଦର ବିସ୍ଥାପନ ଏବଂ ତା'ର ଇତିହାସ ବର୍ତ୍ତମାନ ଭିତରେ ଉପସ୍ଥାପିତ ତଥ୍ୟର ସତ୍ୟଶୀଳତାରେ ରହିଛି ସାଦୃଶ୍ୟ; ତାହା ହିଁ ହେଉଛି ଜଳମଗ୍ନ ହୀରାକୁଦର ଅନ୍ତଃକଥା ! ହୀରାକୁଦ ସମ୍ପର୍କିତ ଉପନ୍ୟାସରେ ଭାବଗତ ସାଦୃଶ୍ୟ ଏବଂ ଉପସ୍ଥାପନାଗତ ସାଦୃଶ୍ୟ ଅନେକ; କାରଣ ଉପନ୍ୟାସଗୁଡ଼ିକରେ ବିବୃତ୍ତିମୂଳକ ଶୈଳୀର ସଂଯୋଜନ । ତେଣୁ କେତେକ କ୍ଷେତ୍ରରେ ତଥ୍ୟର ପୁନରାବୃତ୍ତି ଘଟିଛି । ତାହା ଉପନ୍ୟାସ ଅନୁଯାୟୀ ଭିନ୍ନ ହୋଇଥିବାରୁ ଆଲୋଚକ ସେଥିରୁ ମୁକୁଳି ପାରିନାହିଁ । ଏ ଆଲେଖ୍ୟ କୌଣସି ପକ୍ଷର ସମର୍ଥନ କିମ୍ବା ବିରୋଧ ଭିତ୍ତିକ ନୁହେଁ; ଏହାର ଉଦ୍ଦେଶ୍ୟ ଓଡ଼ିଆରେ ଲିଖିତ ହୀରାକୁଦ ଓ ହୀରାକୁଦ ବିସ୍ଥାପନ ଭିତ୍ତିକ ସମଧର୍ମା ଉପନ୍ୟାସ ସମୂହର ହାର୍ଦ୍ଦିକ ଅନୁଶୀଳନ ଅଟେ ।

ବି.ଦ୍ର. ଉପନ୍ୟାସ ସମୂହରେ ଉଲ୍ଲିଖିତ ତଥ୍ୟ ଔପନ୍ୟାସିକମାନଙ୍କର ନିଜର ଅଟେ ଏବଂ ଏହା ହିଁ ଏହି ଆଲେଖ୍ୟର ମୌଳିକ ଭିତ୍ତି ଅଟେ । ଅର୍ଥାତ୍ ଆବଶ୍ୟକ ସ୍ଥଳେ ସଂଯୋଜିତ ତଥ୍ୟ ସମୂହ ପାଇଁ ମୂଳ ଉପନ୍ୟାସଗୁଡ଼ିକୁ ପାଠ କରିବା ପାଇଁ ଅନୁରୋଧ ।

ଓଡ଼ିଆ ବିଭାଗ,
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ISSN -2583-147X (P), Vol.- 9, Issue No.VI, September 2023
Bastabatara Pariprakash Prachee
*Peer Reviewed and Referred Research Journal*

# ସ୍ତମ୍ଭ ରଚନା : ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ

**ଚନ୍ଦ୍ରିକାରାଣୀ ପଣ୍ଡା**

ଖବରକାଗଜ ପୃଷ୍ଠାରେ ବାହାରୁଥିବା ସ୍ୱତନ୍ତ୍ର ଆଲେଖ୍ୟକୁ ଆମେ ମୁଖ୍ୟତଃ ସ୍ତମ୍ଭ ରୂପେ ଅଭିହିତ କରିଥାଉ । ସ୍ତମ୍ଭର ଇଂରାଜୀ ପ୍ରତିଶବ୍ଦ ରୂପେ 'Column'କୁ ଗ୍ରହଣ କରାଯାଏ । ସର୍ବପ୍ରଥମେ ଏହି ଶବ୍ଦଟି ଖ୍ରୀଷ୍ଟପୂର୍ବ ୧୨ଶହ ଶତାବ୍ଦୀରେ ପୁରାତନ ପ୍ରାନ୍ସ ଶବ୍ଦ 'Colomb'ରୁ ଉତ୍ପତ୍ତି ଲାଭ କରିଥିଲା । ଏହାର ଅର୍ଥ ସମ୍ବାଦପତ୍ର ତଥା ବହିମାନଙ୍କରେ ଉପରୁ ତଳକୁ ଖମ୍ବାକୃତି ରୂପେ ଲେଖାଯାଉଥିବା ଲେଖାର ବିନ୍ୟାସ, ଯାହା ସମାନ୍ତରାଳ (Horizontal) ନହୋଇ ହୋଇଥାଏ ଭୂଲମ୍ବ (Vertical) । ମାତ୍ର ସ୍ତମ୍ଭ କହିଲେ ଆଧୁନିକ ଅର୍ଥରେ ଆମେ ସ୍ୱତନ୍ତ୍ର ଭାବେ ଖବରକାଗଜରେ ପ୍ରକାଶ ପାଉଥିବା ଏକ ନିର୍ଦ୍ଦିଷ୍ଟ ରଚନାକୁ ବୁଝିଥାଉ । ପ୍ରକୃତରେ କେଉଁ ମସିହାରୁ ସ୍ତମ୍ଭ ଲିଖନ ପରମ୍ପରା ଆରମ୍ଭ ହୋଇଛି ତାର କୌଣସି ଲିଖିତ ପ୍ରମାଣ ମିଳେ ନାହିଁ ।

ଏହି ପରିପ୍ରେକ୍ଷୀରେ ମୃଣାଳ ଚାଟାର୍ଜୀଙ୍କ 'ଓଡ଼ିଶାରେ ସାମ୍ବାଦିକତା'ର ବହିରେ ଆଲୋଚ୍ୟ ଯେ ୧୯୨୦ ଦଶକ ବେଳକୁ ଓଡ଼ିଶାରେ ସ୍ତମ୍ଭ ଲିଖନର ପରମ୍ପରା ଥିଲା । ଯାହାକି ଡେଭିଡ ସୁଟ୍‌କା ତାଙ୍କ ନିବନ୍ଧ 'Column-writing and the internet Revolution' ରେ ପ୍ରମାଣିତ କରିଛନ୍ତି ମାତ୍ର ଏହାର ସତ୍ୟତା ସମ୍ପର୍କିତ ତଥ୍ୟ ଦୁଷ୍ପ୍ରାପ୍ୟ । ଏହାଛଡ଼ା ଉନବିଂଶ ଏବଂ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଯେଉଁ ସ୍ତମ୍ଭମାନ ରଚନା କରାଯାଉଥିଲା ତାହା ଥିଲା ସ୍ତମ୍ଭର ଛଦ୍ମ ରୂପ । କିନ୍ତୁ ୧୬୬୦-୧୭୮୦ ମ୍ସର ଯେଉଁ ସମୟ ଯାହାକୁ ମୁଖ୍ୟତଃ ଆମେ ଇଂଲଣ୍ଡ ଏବଂ ଇଉରୋପର ଏକ ବୌଦ୍ଧିକ ଆନ୍ଦୋଳନ ଆରମ୍ଭ ହୋଇଥିଲା ଯେଉଁଥିର ପ୍ରଭାବରେ ଜାତୀୟ ଜୀବନର ସର୍ବାଙ୍ଗ ପ୍ରଭାବିତ ହୋଇଥିଲା । ଯାହାର ପ୍ରଭାବ ଏବଂ ପ୍ରତିଫଳନକୁ ନେଇ ସେ ସମୟରେ ଅନେକ ପ୍ରକାଶନୀ ସଂସ୍ଥା ବିଭିନ୍ନ ଲେଖାମାନେ ପ୍ରକାଶ କରିଥିଲେ । ଜୋସେଫ ଆଡିସନ୍ ଏବଂ ତାଙ୍କର ଦୈନିକ ପ୍ରକାଶନ ସ୍ପେକ୍‌ଟାଟର୍ (୧୭୧୧-୧୭୧୨) ରେ ଲେଖା ଆରମ୍ଭ କରିଥିଲେ । ଏହା ହିଁ ଥିଲା ଇଂଲଣ୍ଡ ଏବଂ ଆମେରିକାର ପ୍ରଥମ ସ୍ତମ୍ଭ ଲିଖନ ।

ଏହିପରି ବିଶ୍ଳେଷଣରୁ ଦେଖାଯାଏ ପ୍ରଥମ ବିଶ୍ୱଯୁଦ୍ଧ ପରେ ହିଁ ସ୍ତମ୍ଭ ଲିଖନ ପରମ୍ପରାର ପ୍ରଚାର ପ୍ରସାର ହୋଇଛି । ଭାରତରେ ଉନବିଂଶ ଶତାବ୍ଦୀର ଆରମ୍ଭରେ ଏକାଧିକ ଖବରକାଗଜ ପ୍ରକାଶ ପାଇବା ପରେ ସ୍ତମ୍ଭ ଲେଖା ନିମନ୍ତେ ଏକ ସୁଯୋଗ ସୃଷ୍ଟି ହେବାକୁ ଲାଗିଲା । ଏହାପରେ ଧିରେ ଧିରେ ସ୍ତମ୍ଭର ବିକଶିତ ରୂପ ଦେଖିବାକୁ ମିଳିଲା ।

ସ୍ତମ୍ଭ ହେଉଛି ଏକ ପ୍ରମୁଖ ଗଣ ସାହିତ୍ୟ, ଯେଉଁଥିରେ ଭାବପ୍ରବଣତା ନଥାଏ,ବୌଦ୍ଧିକତା ନଥାଏ, କିମ୍ବା ଅତିକଳ୍ପନା ପାଇଁ ଅବକାଶ ନଥାଏ । ତେଣୁ ସ୍ତମ୍ଭ ସାମାଜିକ ଆବେଗ-ଆବେଦନ ବହନ କରୁଥିବା ପ୍ରତିକ୍ରିୟାତ୍ମକ ସାହିତ୍ୟ । ସ୍ତମ୍ଭକାରଙ୍କର ପ୍ରତ୍ୟେକ୍ଷ ଅନୁଭବ ଯେତେବେଳେ ସ୍ତମ୍ଭରେ ପରିଲକ୍ଷିତ ହୁଏ ଏହା ହୁଏ ଅଧିକ ପ୍ରାମାଣିକ ଏବଂ ସମାଜ ହିତସାଧକ । ସ୍ତମ୍ଭ ସର୍ବଦା ନୂତନ ତଥ୍ୟ, ଯୁକ୍ତି ଏବଂ ସମସ୍ୟା ସମାଧାନର ସୂତ୍ରକୁ ଆଧାର ଆତ୍ମପ୍ରକାଶ କରିଥାଏ । ପରିମିତ ଭୂମି ଉପରେ ଏହାର ପରିକଳ୍ପନା ମାତ୍ର ମଣିଷ ଜୀବନ ତଥା ମଣିଷ ସମାଜର ବିଶାଳ ଦିଗ ଉପରେ ଏହାର ରହିଛି ଏକ ସୁଦୂର ପ୍ରସାରୀ ପ୍ରଭାବ । ମାତ୍ର ଏହି ସ୍ତମ୍ଭ ଏକ ସ୍ୱତନ୍ତ୍ର କାୟା ଧାରଣ କରିବା ପୂର୍ବରୁ ଏହା ପ୍ରଚ୍ଛଦରେ ରହିଛି ଏକ ନବଜାଗରଣ (Renaissance) ଅଥବା ବିବର୍ତ୍ତନର ଇତିହାସ । ସଂକ୍ଷେପରେ କହିଲେ ଯଦିଓ ଖବରକାଗଜ ପ୍ରକାଶନୀ ପରେ ଏହି ମାଟି ଉପରେ ଦଣ୍ଡାୟମାନ ସ୍ତମ୍ଭ ସାହିତ୍ୟ । କିନ୍ତୁ ଓଡ଼ିଶାରେ ପ୍ରାକ୍-ଖବରକାଗଜ ସମୟରୁ ହିଁ ଏହି ସ୍ତମ୍ଭ ପରି ଏକ ସ୍ୱତନ୍ତ୍ର ରଚନା ଶୈଳୀ ଭିତ୍ତିକ ସାହିତ୍ୟ ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ କେତେକ ପ୍ରମୁଖ ପତ୍ରିକାର ସମ୍ପାଦକଗଣ ଯଥା :- 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର 'ଉତ୍କଳ ଦୀପିକାର'ର ଗୌରୀଶଙ୍କର

ରାୟ, 'ପ୍ରଜାବନ୍ଧୁ' ଏବଂ 'ଉତ୍କଳମଧୁପ'ର ନୀଳମଣି ବିଦ୍ୟାରତ୍ନ,'ସମ୍ବଲପୁର ହିତୈଷିଣୀ'ରାଜା ସାର୍ ବାସୁଦେବ ସୁଢଳଦେବ,'ଉତ୍କଳପୁତ୍ର'ର ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରମୁଖ। ଯଦିଓ ସମ୍ପାଦକୀୟ 'ସ୍ତମ୍ଭ' ନୁହେଁ। ମାତ୍ର ସ୍ତମ୍ଭ ରୂପକ ଏକ ସ୍ୱତନ୍ତ୍ର ପ୍ରାରୂପ ରହିତ ସାହିତ୍ୟର ଉଦ୍‌ଘାଟନ ମୂଳରେ ରହିଛି ଏହି ମାନଙ୍କର ପ୍ରାଥମିକ ଅବଦାନ। ଯଦିଓ ଏକ ନିର୍ଦ୍ଦିଷ୍ଟ ନାମ, ଶୃଙ୍ଖଳା ତଥା ନିୟମଭିତ୍ତିକ ରଚନା ହେଉଛି 'ସ୍ତମ୍ଭ' ମାତ୍ର ଏଥିରେ ଗଣଜୀବନର ଏକ ବୃହତ୍ତର ଦିଗ ପ୍ରତିଫଳିତ ହୋଇଥାଏ। ଆମେ କହିପାରିବା ସ୍ତମ୍ଭ ହେଉଛି ଏକ ଗଣଭିତ୍ତିକ ସାହିତ୍ୟ। ତେଣୁ ଏହା ସର୍ବଦା ଏକ ଅନ୍ତରଙ୍ଗ ଉପସ୍ଥାପନା ଶୈଳୀକୁ ନେଇ ଆତ୍ମପ୍ରକାଶ କରିଥାଏ।

ଦୈନିକ ଖବରକାଗଜ ପ୍ରକାଶନ ସହ ବିଶେଷଭାବେ ସ୍ତମ୍ଭର ଜନ୍ମ ଲଗ୍ନ ଜଡ଼ିତ। ଦୈନିକ ଓଡ଼ିଆ ଖବରକାଗଜ ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ 'ସମାଜ' ପ୍ରକାଶିତ ହେଲା। ଏଥିରେ ଗୋପବନ୍ଧୁଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ସମାଜ'କୁ ଗଢ଼ିବା। ସେହି ମୂଳମନ୍ତ୍ରକୁ ପାଥେୟ କରି ତାଙ୍କର ପରବର୍ତ୍ତୀ ଦାୟାଦମାନେ ସେହି ପ୍ରୟାସ ଏଯାବତ୍ ଜାରି ରଖିଛନ୍ତି। ଏହି 'ସମାଜ' ସମ୍ବାଦପତ୍ରଟି ହିଁ ସର୍ବପ୍ରଥମେ ଏକ ଅନୁକୂଳ ବାତାବାରଣ ସୃଷ୍ଟି କଲା ସମ୍ବାଦପତ୍ରରେ ସ୍ତମ୍ଭ ଧର୍ମି ଲେଖାମାନ ପ୍ରକାଶ ପାଇବା ନେଇ। ଯଦିଓ ପ୍ରାଥମିକ ଅବସ୍ଥାରେ ସ୍ତମ୍ଭର ଆକାର ଅଲଗା ଥିଲା,ରୂପ ଅଲଗା ଥିଲା କିନ୍ତୁ ପରେ ପରେ ଏହା ଏକ ସ୍ୱତନ୍ତ୍ର ତଥା ପରିମାର୍ଜିତ ରୂପ ଧାରଣ କଲା। ଏହାର ପରିସୀମା ତଥା ଆକାରରେ ସୀମାବଦ୍ଧତା ଦେଖାଦେଲା। ମାତ୍ର ଅନ୍ୟାନ୍ୟ ସାହିତ୍ୟ ଠାରୁ ଏହା ସାମାଜିକ ଜୀବନ ତଥା ବ୍ୟକ୍ତି ଜୀବନ ଉପରେ ଏକ ସୁଦୂର ପ୍ରଭାବ ରଖେ। ଖବରକାଗଜର ପ୍ରସାରକୁ ଆଖିରେ ରଖି ଦେଖିଲେ ସ୍ତମ୍ଭ ସାହିତ୍ୟର ପାଠକ ସଂଖ୍ୟା ଅଧିକ। ଅପେକ୍ଷାକୃତ ଭାବେ ଅନ୍ୟାନ୍ୟ ସାହିତ୍ୟ ଠାରୁ। ଏହାର ପ୍ରଭାବ ମ୍ଭ ଅନ୍ୟାନ୍ୟ ସାହିତ୍ୟ ଠାରୁ ଶକ୍ତିଶାଳୀ। ଯାହାଫଳରେ ଅନେକ ସମୟରେ ସ୍ୱ-ରଚିତ ଶକ୍ତିଶାଳୀ ସ୍ତମ୍ଭ ନିମନ୍ତେ ସ୍ତମ୍ଭକାରଙ୍କୁ ଧମକପୂର୍ଣ୍ଣ ମନ୍ତବ୍ୟ ମ୍ଭ ଶୁଣିବାକୁ ପଡ଼େ। ଯାହାର ନମୁନା ଆମେ ନିମ୍ନୋକ୍ତ ଉଦ୍ଧୃତିରେ ଦେଖିପାରିବା। 'ସମାଜ' ଖବରକାଗଜରେ ଝିଟିପିଟି ଛଦ୍ମନାମରେ ରାଧାନାଥ ରଥ 'ଝିଟିପିଟି କହେ' ସ୍ତମ୍ଭ ରଚନା କରୁଥିଲେ ଯେଉଁଥିପାଇଁ ତାଙ୍କୁ ଅନେକଥର ହତ୍ୟା ଧମକ ଶୁଣିବକୁ ହେଇଛି। ଏକଦା ସେ ବୁର୍ଲା ଇଂଜିନିୟରିଂ କଲେଜ ଛାତ୍ରମାନଙ୍କ ହତ୍ୟାକାଣ୍ଡର କାହାଣୀ 'ସମାଜ'ରେ ପ୍ରକାଶ କରିଥିବାରୁ ତାଙ୍କୁ ଏପରି ଶୁଣିବାକୁ ହୋଇଥିଲା-

"ପ୍ରାପ୍ତି ସ୍ୱୀକାର ତା ୩୦/୦୭/୮୪

ରାଧାନାଥ ବାବୁ,

ଆପଣଙ୍କ 'ସମାଜ' ପଢ଼ି ମୁଁ ନିମ୍ନଲିଖିତ ଚେତାବନୀ ଆପଣଙ୍କୁ ଦେବାକୁ ଉଚିତ୍ ମନେକରୁଛି ଗତ କିଛିଦିନ ହେଲା ବୁର୍ଲା ଘଟଣାକୁ ଅପପ୍ରଚାର କରି ଆମ ଦଳର ଭାବମୂର୍ତ୍ତିକୁ ନଷ୍ଟ କରୁଛନ୍ତି। ଆସନ୍ତା ନିର୍ବାଚନରେ ଶାସକ ଦଳକୁ ଗାଦିଚ୍ୟୁତ କରିବାକୁ ଯେଉଁ ଚକ୍ରାନ୍ତ ଆପଣ କରୁଛନ୍ତି ତାର ଠିକଣା ଜବାବ ଦିଆଯିବ ଠିକଣା ସମୟରେ। ଏ ପତ୍ର ପାଇବାର ୫ ଦିନ ଭିତରେ ଆମ ଦଳ ବିରୁଦ୍ଧରେ ପ୍ରଚାର ବନ୍ଦ ନକରନ୍ତି ତେବେ ଆପଣଙ୍କ ମରଶରୀରରକୁ ମଧ୍ୟ ଆପଣଙ୍କ ବଂଶଧରମାନେ ଦେଖିବାକୁ ପାଇବେ ନାହିଁ।"(୧)

ତେବେ ସ୍ୱତନ୍ତ୍ର ତଥା ଯୁକ୍ତି ସଂଗତ ଭାବେ ସ୍ତମ୍ଭ ସାହିତ୍ୟର ସୂତ୍ରଧର ରୂପେ ଆମେ ଯାହାଙ୍କୁ ପ୍ରଥମେ ସ୍ମରଣ କରୁ ସେ ହେଉଛନ୍ତି ଗୋପବନ୍ଧୁ ଦାସ। ସର୍ବପ୍ରଥମେ ସେ ନିଜର ସ୍ୱ-ପ୍ରକାଶିତ 'ସମାଜ' ଖବରକାଗଜରେ ଜାତୀୟତା,ଶିକ୍ଷା ଓ ରାଜନୀତି ଆଦି ପ୍ରସଙ୍ଗକୁ କେନ୍ଦ୍ରକରି ସ୍ତମ୍ଭ ଲେଖିବାର ଏକ ନୂତନ ପରମ୍ପରା ଆରମ୍ଭକଲେ ଏବଂ ତାଙ୍କ ପରେ ହରେକୃଷ୍ଣ ମହତାବ ଦୈନିକ 'ପ୍ରଜାତନ୍ତ୍ର'(୧୯୪୭,୮ ଅଗଷ୍ଟ) ତାଙ୍କ ରଚିତ ସ୍ତମ୍ଭ 'ଗାଁ ମଜଲିସ୍' ହେଉଛି ସ୍ତମ୍ଭର ପ୍ରକୃତ ସଂଜ୍ଞା ବହନ କରୁଥିବା ପ୍ରଥମ ସ୍ତମ୍ଭ। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଡ଼ଗର' (୧୯୩୭)ରେ ଧାରାବାହିକ ଭାବେ ସମ୍ପାଦକୀରେ ପ୍ରକାଶ ପାଉଥିବା 'ବିଲୁଆ ବିଚାର' ମଧ୍ୟ ସ୍ତମ୍ଭର ଆତ୍ମିକ ପ୍ରାରୂପକୁ ଧାରଣ କରିବାରେ ଅନେକାଂଶରେ ସଫଳ। ମୂଳତଃ ସ୍ତମ୍ଭ ଖବରକାଗଜ ପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନରେ ପ୍ରକାଶ ପାଇବାର ପଶ୍ଚାଦପଦରେ ରହିଛି ଏକ ଐତିହାସିକ ପରିବର୍ତ୍ତନ। ଅର୍ଥାତ୍ ମୁଖ୍ୟତଃ! ଆମେ ଦୁଇଟି ଘଟଣାକୁ ସ୍ତମ୍ଭ ରଚନା ସହ ସଂପୃକ୍ତ କରିପାରିବା ଗୋଟିଏ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ଏବଂ ଅନ୍ୟଟି ଖବରକାଗଜର ପ୍ରକାଶନ। ଯେଉଁ ଭିତ୍ତିଭୂମି ଉପରେ ହିଁ ପରବର୍ତ୍ତି ସମୟରେ ଦଣ୍ଡାୟମାନ ସ୍ତମ୍ଭ ରଚନା। ତେଣୁ ଆମେ କହିପାରିବା ବିଶ୍ୱ ସମାଜ ଜୀବନର ଏକ ଅଣୁରୂପ (Micro Appearance) ହେଉଛି ସ୍ତମ୍ଭ। ନିମ୍ନରେ ଏହାର ସଂଜ୍ଞା ,ସ୍ୱରୂପ ଏବଂ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚିତ।

**ସ୍ତମ୍ଭର ସଂଜ୍ଞା :**

ସ୍ତମ୍ଭର ପରିଭାଷା ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ଏହାର ସ୍ପଷ୍ଟିକରଣକୁ ଆଉଟିକୁ ଦୃଢ଼ କରିବା ନିମନ୍ତେ ଡ.ମୃଣାଳ ଚାଟାର୍ଜୀଙ୍କ 'ସମ୍ବାଦ ଓ ସାହିତ୍ୟ' ପ୍ରବନ୍ଧରୁ କିଛି ଉଦାହରଣ

ନିଆଯାଇପାରେ :- "ସମ୍ବାଦ ଓ ସାହିତ୍ୟର ମିଶ୍ରଣରେ ଆଉ ଏକ ଧାରାର ସୃଜନାତ୍ମକ ଲେଖାର ଉଦ୍‌ଭବ ହୋଇଛି । ସମ୍ବାଦାଶ୍ରୟୀ ସାହିତ୍ୟର ଏ ଧାରାଟିର ଏକ ଉଜ୍ଜ୍ୱଳ ଉଦାହରଣ ହେଉଛି – ହରେକୃଷ୍ଣ ମହତାବଙ୍କ ଗାଁ ମଜଲିସ୍‌ । ବାସ୍ତବ ଘଟଣାକୁ ସାହିତ୍ୟାଶ୍ରୟୀ ଢ଼ାଂଚାରେ ପରିବେଷଣ କରାଯାଇଥିଲା ଏଥିରେ । ପରବର୍ତ୍ତୀ ସମୟରେ ଏହି ଧାରା ଅଧିକ ପୁଷ୍ଟ ଓ ବେଗବତୀ ହୋଇଛି ।"(୨)

ଅର୍ଥାତ୍‌ ଡ.ଚାଟାର୍ଜୀଙ୍କ ମତରେ ସ୍ତମ୍ଭ ହେଉଛି ସମ୍ବାଦ ଓ ସାହିତ୍ୟର ମିଶ୍ରଣରେ ଏକ ସୃଜନାତ୍ମକ ଲେଖା । ଯାହାକୁ ସେ ସମ୍ବାଦାଶ୍ରୟୀ ସାହିତ୍ୟ ବୋଲି ଅଭିହିତ କରୁଛନ୍ତି ।

ସ୍ତମ୍ଭର କଳେବର ଏବଂ ସ୍ୱତନ୍ତ୍ରତାର ପ୍ରସଙ୍ଗରେ ଭ୍ରମ ସୃଷ୍ଟି ହେବା ସ୍ଥଳେ 'ଶେଷ ସ୍ତମ୍ଭ'ର ସ୍ତମ୍ଭକାର ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ' ପୁସ୍ତକସ୍ଥ ଭୂମିକାରୁ କିଛି ଉକ୍ତି ଏଠାରେ ଉଦ୍ଧାର କରାଯାଇ ଉକ୍ତ ଭ୍ରମକୁ ସଂକୁଚିତ କରାଯାଇପାରେ । ଯାହା ସେ ସମ୍ବାଦ ଖବର କାଗଜ ପୃଷ୍ଠାରେ ପ୍ରକାଶିତ ତାଙ୍କ ଶେଷସ୍ତମ୍ଭ ଶୀର୍ଷକ ସମ୍ପର୍କରେ ମତ ପୋଷଣ କରି କହିଛନ୍ତି । ସେ କହୁଛନ୍ତି :- "ସାହିତ୍ୟ ପୃଷ୍ଠାର ପ୍ରଥମ ସଂଖ୍ୟାରେ ହଠାତ୍‌ ଆଠ / ଦଶ କଲମ ଇଂଚ ସ୍ଥାନ ପାଇଁ ଗଦ୍ୟ ଲେଖାଟିଏ ପ୍ରୟୋଜନ ପଡ଼ିଲା । ମୋର ସହକାରୀ ମତେ ଆସି କହିଲେ,"ଏତେ ଛୋଟ ଗଦ୍ୟ ଲେଖାଟିଏ ବା କାହିଁ ? ବରଂ କବିତାଟିଏ ଦେଇ ଦେଉଛି ।" ମୁଁ ତାଙ୍କୁ ଉତ୍ତର ଦେଲି ମୋ, "ମୋର ନିଷ୍ପତି ଅପରିବର୍ତ୍ତନୀୟ । କବିତାଟିଏ ଶୂନ୍ୟସ୍ଥାନ ପୂରଣ ପାଇଁ ସେଠାରେ ଛପାଇଦେଲେ,କବିତାର ଅମର୍ଯ୍ୟାଦା ହେବ ।" ସହକାରୀ କହିଲେ, 'ତାହାଲେ ଆପଣ ସେହି ସ୍ଥାନ ପାଇଁ ଲେଖାଟିଏ ଦିଅନ୍ତୁ ।'(୩)

ଅର୍ଥାତ୍‌ ଏଥିରୁ ସ୍ପଷ୍ଟ ଖବରକାଗଜରେ ଆଠ / ଦଶ କଲମ ଇଂଚ ସ୍ଥାନ ପାଇଁ ଯେଉଁ ଗଦ୍ୟ ଲେଖାଟି ପ୍ରକାଶପାଏ ତାହା ହିଁ ପ୍ରକୃତରେ ସ୍ତମ୍ଭର ପଦବାଚ୍ୟ । ପୁନଶ୍ଚ ସେ 'ଶେଷସ୍ତମ୍ଭ' ଭୂମିକାରେ କହୁଛନ୍ତି :- "ସମାଲୋଚକମାନେ 'ଶେଷସ୍ତମ୍ଭ'ର ଲେଖାଗୁଡ଼ିକୁ କେଉଁ ଶ୍ରେଣୀ (Genre) ରୂପେ ଗ୍ରହଣ କରିବେ, ତାହା କହିବା ମୋ ପକ୍ଷରେ କଠିନ । ଏସବୁ ପ୍ରବନ୍ଧ ବା ମିତ-ପ୍ରବନ୍ଧ ନୁହେଁ । କାରଣ ଏଥିରେ କୌଣସି ତତ୍ତ୍ୱକୁ ପ୍ରତିପାଦିତ କରିବାର ଉଦ୍ୟମ ନାହିଁ । ଏସବୁ ମ୍ଭ ରମ୍ୟରଚନା ଶ୍ରେଣୀର ନୁହେଁ । କାରଣ ଏଥିରେ ରମ୍ୟତା ବା ଚଟୁଳତାର ଘୋର ଅଭାବ ।"(୪) ଯେଉଁଥିରୁ ସ୍ତମ୍ଭ ସମ୍ପର୍କିତ ଆମର ଅବଧାରଣା ସ୍ପଷ୍ଟ ହୁଏ ।

ଆଲୋଚକ ବେଣୁଧର ପାଢ଼ୀ 'ସ୍ତମ୍ଭ ରଚନାର କଳା' ଶୀର୍ଷକ ପ୍ରବନ୍ଧରେ କୁହନ୍ତି ଯେ କି :- "ସ୍ତମ୍ଭ ହେଉଛି ଏକ ପରିମିତ, ଶୃଙ୍ଖଳିତ ଏବଂ ଏକ ପ୍ରସଙ୍ଗ ଭିତ୍ତିକ ନିର୍ଦ୍ଦିଷ୍ଟ ରଚନା, ଯାହା ଏକ ସ୍ୱତନ୍ତ୍ର ଆବେଦନକୁ ଉପସ୍ଥାପିତ କରିଥାଏ ।"(୫)

ଇଂରାଜୀରେ ସ୍ତମ୍ଭର ସଂଜ୍ଞା ହେଉଛି :- "A Column is a recurring piece or article in a newspaper,magazine or other publication where a writer expresses there own opinion in few columns allotted to them by the newspaper organization." (୬)

ଅର୍ଥାତ୍‌ ସ୍ତମ୍ଭ ହେଉଛି ଖବରକାଗଜ ଏବଂ ପତ୍ର ପତ୍ରିକା ଆଦିରେ ଆବଶ୍ୟକୀୟ ତଥ୍ୟକୁ ନେଇ ବାହାରୁଥିବା ଲେଖା । ଏହା ଏକ ସୁନିର୍ଦ୍ଦିଷ୍ଟ ବିଷୟ ଉପରେ ପର୍ଯ୍ୟବେଶିତ ହୋଇଥାଏ । ଯେଉଁଥିରେ ନିଜସ୍ୱ ମତ ରଖିବାର ଅଧିକାର ଥାଏ ସ୍ତମ୍ଭକାରଙ୍କର । ଏହି ପରିପ୍ରେକ୍ଷୀରେ ଏକଦା 'ସ୍ତମ୍ଭ ହିଁ ମାଧ୍ୟମ' ଶୀର୍ଷକରେ ବାଂଛାନିଧି ମହାନ୍ତି କହିଥିଲେ ସମ୍ବାଦପତ୍ରରେ ସାହିତ୍ୟିକ ଛଟାରେ ନିଜ ଭାବଧାରା ପରିବେଷଣର ଇତିହାସ ସ୍ରଷ୍ଟା ହରେକୃଷ୍ଣ ମହାତାବ ଓ ନିତ୍ୟାନନ୍ଦ ମହାପାତ୍ର । ଏମାନେ ସର୍ବଭାରତୀୟ ସ୍ତରରେ ସ୍ତମ୍ଭ ଲେଖକ ଗିରିଧର ଜୈନ, ଚଂଚଳ ସରକାର, କୁଲଦିପ୍‌ ନାୟାର, ଆଦିଙ୍କର ପଦାଙ୍କ ଯେ ଅନୁସରଣ କରିଛନ୍ତି ଏଥିରେ ସନ୍ଦେହ ନାହିଁ ।

ଯଦିଓ ଆମେ ଜାଣିଛନ୍ତି ସ୍ତମ୍ଭ ସର୍ବଦା ଏକ ସାମାଜିକ ଆବେଦନକୁ ବହନ କରିଥାଏ । ସ୍ତମ୍ଭରେ କଳ୍ପନା ନଥାଏ, ଛଳନା ନଥାଏ ଥାଏ ସତ୍ୟର ପରିପ୍ରକାଶ । ବାଂଛାନିଧି ମହାନ୍ତିଙ୍କ ସ୍ତମ୍ଭର ସଂଜ୍ଞା ନିରୂପଣ କରିନାହାନ୍ତି ସତ ମାତ୍ର ତାଙ୍କ ପରୋକ୍ଷରେ ଉକ୍ତିରୁ ଉପଲବ୍ଧି କରିହୁଏ ଯେ ସେ ସ୍ତମ୍ଭ କହିଲେ ମୁଖ୍ୟତଃ ବୁଝନ୍ତି ସାହିତ୍ୟିକ ଛଟାରେ ସତ୍ୟର ପରିପ୍ରକାଶ କରିବା ନିମନ୍ତେ ରଚିତ ସାହିତ୍ୟ ।

ଗୋଟିଏ ଖବରକାଗଜର ଗୋଟିଏ ପୃଷ୍ଠାର ଏକ ତୃତୀୟାଂଶ ଜାଗାରୁ ଅଧିକ ଜାଗା ନଥାଏ ସ୍ତମ୍ଭ ପାଇଁ । ତେଣୁ ସ୍ତମ୍ଭ ସର୍ବଦା ସଂକ୍ଷିପ୍ତ ହେବା ସହ ନିର୍ଦ୍ଦିଷ୍ଟ ଗୁରୁତ୍ୱ ରଖୁଥିବା ପ୍ରସଙ୍ଗ ଭିତ୍ତିକ ମଧ୍ୟ ହୋଇଥାଏ । ଗୋଟିଏ ଖବରକାଗଜର ଗୋଟିଏ ପୃଷ୍ଠାର ଏକ ତୃତୀୟାଂଶ ଜାଗାରୁ ଅଧିକ ଜାଗା ନଥାଏ ସ୍ତମ୍ଭ ପାଇଁ ।

ସମାଜର ସମସ୍ତ ଦିଗ ଯଥା :- ଭଲ, ମନ୍ଦ, ପୁଣ୍ୟ, ଧର୍ମ, ଅଧର୍ମ, ନ୍ୟାୟ, ଅନ୍ୟାୟ ଇତ୍ୟାଦିର ଚିତ୍ର ପ୍ରତିବିମ୍ବିତ ହୋଇଥାଏ ଖବରକାଗଜ ବା ଗଣମାଧ୍ୟମ ମାନଙ୍କରେ ଏଥିରେ ପ୍ରକାଶିତ

ଅନ୍ୟାନ୍ୟ ଲେଖାଠାରୁ ଏକ ସ୍ୱତନ୍ତ୍ର ଧରଣର ଲେଖା ହେଉଛି ସ୍ତମ୍ଭ । ଏହା ସଂପୂର୍ଣ୍ଣ ପ୍ରାସଙ୍ଗିକ । ବିଶେଷକରି ସ୍ତମ୍ଭକାରମାନେ ସ୍ତମ୍ଭ ମାଧ୍ୟମରେ ଜନସାଧାରଣଙ୍କର ବିଭିନ୍ନ ଅଭାବ ଅସୁବିଧା ଇତ୍ୟାଦିକୁ ଗଣମୁଖି ଭାଷାରେ ଉପସ୍ଥାପନ କରିଥାନ୍ତି । ଏଥିରେ ଭାଷାରେ କଳାତ୍ମକତା ଥାଏ ସତ ମାତ୍ର କଳ୍ପନା ନଥାଏ ।

**'ସ୍ତମ୍ଭ'ରଚନାର ସ୍ୱରୂପ ଓ ବୈଶିଷ୍ଟ୍ୟ:**

ଯେହେତୁ ସ୍ତମ୍ଭ ଏକ ଗଣମୁଖୀ ରଚନା ସେହି ଦୃଷ୍ଟିରୁ ଆମେ ଯଦି ଦେଖିବା ତେବେ ଗଣଜୀବନର ବହୁମୁଖି ଆବେଦନକୁ ପରିପ୍ରକାଶ କରିବା ହେଉଛି ସ୍ତମ୍ଭର ମୁଖ୍ୟ ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟ ହେଇପାରେ ଜନକଲ୍ୟାଣ, ଜନସଚେତନତା, ସାଂସ୍କୃତିକ ମୂଲ୍ୟବୋଧର ଜୟଗାନ ଇତ୍ୟାଦି । କିନ୍ତୁ ଏହା ମନେ ରଖିବାକୁ ହେବ ଲଘୁ ମନୋରଂଜନ କରିବା ଉଦ୍ଦେଶ୍ୟରେ ଏହାର ଉନ୍ମେଷ ଘଟିନାହିଁ । ଶିକ୍ଷା ପ୍ରଦାନ, ଗଣ ସଚେତନତା ତଥା ବୁଦ୍ଧିଜୀବୀ ଜନତା ସମୂହଙ୍କ ଚିନ୍ତା ଚେତନାକୁ ପରିବ୍ୟାପ୍ତ ତଥା ଜାଗରଣମୁଖି କରିବା ଏବଂ ଗଣ ଚେତନାର ସମୃଦ୍ଧି, ଉନ୍ନତି ତଥା ରୁଚିବୋଧର ବିକାଶ କରିବା ହେଉଛି ସ୍ତମ୍ଭର ପ୍ରାଥମିକ ଉଦ୍ଦେଶ୍ୟ । କହିପାରିବା ଏହା ଏକ ଦାୟିତ୍ୱବୋଧ ରଚନା । ଏକ ବିଶେଷ ଶିକ୍ଷା ପ୍ରଦାନ କରିବା ହେଉଛି ସ୍ତମ୍ଭର ମୁଖ୍ୟ ଆବେଦନ । ଯାହାକୁ ସ୍ତମ୍ଭ ଦାୟିତ୍ୱବୋଧର ସହ ପାଳନ କରିଥାଏ । ଏହାର ମୌଳିକ ସ୍ୱରୂପ ଏବଂ ବୈଶିଷ୍ଟ୍ୟ ସଂପର୍କରେ ନିମ୍ନରେ ଆଲୋକପାତ କରାଗଲା ।

୧) ଯଦିଓ ଖବରକାଗଜ ପୃଷ୍ଠାରେ ସ୍ତମ୍ଭ ପ୍ରକାଶିତ, କିନ୍ତୁ ଏଥିରେ ସମ୍ବାଦ ଭଳି ଘଟଣାର ଅବତାରଣା ନଥାଏ ସ୍ତମ୍ଭରେ ଥାଏ ସମାଜ ଜୀବନ ସହିତ ଜଡ଼ିତ ବୃହତର ପ୍ରସଙ୍ଗର ଦାର୍ଶନିକ ସିଦ୍ଧାନ୍ତ ।

୨) ସ୍ତମ୍ଭ ଏକ ବ୍ୟକ୍ତିଗତ (Objective) ରଚନା ଅଟେ । ଯେଉଁଥିରେ ସର୍ବଦା ପ୍ରତିଫଳିତ ହୋଇଥାଏ ସ୍ତମ୍ଭକାରଙ୍କର ବ୍ୟକ୍ତିଗତ ଅଭିଜ୍ଞତା, ଅନୁଭୂତି ଏବଂ ପୁରୋଦୃଷ୍ଟି ।

୩) ଏଥିରେ ବର୍ଣ୍ଣନାଧର୍ମିତା ନଥାଏ କିମ୍ବା ନଥାଏ ବାହୁଲ୍ୟକଥନ, ଥାଏ ଏଥିରେ ଗଭୀର ଚିନ୍ତନର ନିବିଡ଼ତମ ଅଭିବ୍ୟକ୍ତି ।

୪) ସ୍ତମ୍ଭରେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ, ବିଷୟ ଏବଂ ଘଟଣାର ବିଶ୍ଳେଷଣାତ୍ମକ ଅବତାରଣା ଥାଏ ।

୫) ଏଥିରେ ଥାଏ ଯୁକ୍ତିନିଷ୍ଠ ଚିନ୍ତାପ୍ରସୂତ,ଅନୁଭୂତି ଆଧାରିତ ଏକ ତାର୍କିକ ଆଲେଖ୍ୟ ।

୬) ସମ୍ବାଦ ଏବଂ ସାହିତ୍ୟର ଏକ ମିଳିତ କଳାରୂପ ଭାବେ ଆମେ ସ୍ତମ୍ଭକୁ ଗ୍ରହଣକଲେ ଅତ୍ୟୁକ୍ତି ନାହିଁ ।

୭) ଏହାର ଶିଳ୍ପରୂପ ପ୍ରତ୍ୟକ୍ଷ, ସ୍ୱଚ୍ଛ ଓ ପ୍ରାଂଜଳ ।

୮) ଯଦିଓ ଏହା ସମ୍ବାଦର ଧର୍ମ ପାଳନ କରିଥାଏ କିନ୍ତୁ ଏହା ସାହିତ୍ୟର ଆଧାରରେ ସର୍ବଦା ହୋଇଥାଏ ରୂପାୟିତ ।

୯) ସମାଜର ବହୁମୁଖି ପ୍ରସଙ୍ଗ ଯଥା- ରାଜନୀତି, ଅର୍ଥନୀତି, ସାହିତ୍ୟ, ଜୀବନ, ଜଗତ, ଧର୍ମ, ପ୍ରକୃତି, କଳା ଇତ୍ୟାଦି ପ୍ରସଙ୍ଗକୁ ନେଇ ଅଧିକାଂଶ ସମୟରେ ସ୍ତମ୍ଭ ପ୍ରସ୍ତୁତ ହୋଇଥାଏ ।

୧୦) ସାହିତ୍ୟର ସମସ୍ତ ଗୁଣ ଧର୍ମ ବହନ କରୁଥିବା ସ୍ତମ୍ଭକୁ ଯଦି ଆମେ ସାହିତ୍ୟିକ ଆଧାରରେ ବିଚାର କରିବା ତେବେ ମନେହୁଏ ସ୍ତମ୍ଭ ହେଉଛି କ୍ଷୁଦ୍ରଗଳ୍ପ ଏବଂ ପ୍ରବରେ ଏକ ମିଳିତ ରୂପରୁ ଜନ୍ମ ନେଉଥିବା ଏକ ନୂଆ ପ୍ରଜାତିର ସାହିତ୍ୟ ।

୧୧) ଅନୁଶୀଳନ କରିବା ଯଦିଓ ସ୍ତମ୍ଭର ଲକ୍ଷଣ କିନ୍ତୁ ଏହା ବିସ୍ତୃତି କିମ୍ବା ବ୍ୟାଖ୍ୟା ନୁହେଁ ବିଶ୍ୱାସ କରେ ବିଶ୍ଳେଷଣ ଏବଂ ତତ୍ତ୍ୱସିଦ୍ଧ ଉପସ୍ଥାପନା ଉପରେ ।

୧୨) ସ୍ତମ୍ଭର ମୁଖ୍ୟ ଆକର୍ଷଣ ହେଉଛି ଗଣମୁଖି ତଥା ଗଣ ଉପଯୋଗୀ ଭାଷାରେ ବିନ୍ୟାସ ।

୧୩) ସ୍ତମ୍ଭ ଏକ ସମସ୍ୟାକୁ ଉପସ୍ଥାପିତ କରିବା ସହ ଏକ ଯୁକ୍ତିନିଷ୍ଠ ସମାଧାନର ପନ୍ଥା ବା ସୂତ୍ର ମଧ୍ୟ ପ୍ରଦାନ କରିଥାଏ ।

୧୪) ସ୍ତମ୍ଭ ସର୍ବଦା ସାବଲୀଳ ଏବଂ ବୋଧଗମ୍ୟ ହୋଇଥାଏ ।

୧୫) ସାଂସ୍କୃତିକ ଗଣଚେତନାର ପୁନଃପ୍ରତିଷ୍ଠା ଏବଂ ପୁନର୍ବିନ୍ୟାସ ପ୍ରତିଫଳିତ ହୋଇଥାଏ ସ୍ତମ୍ଭରେ ।

୧୬) ସ୍ତମ୍ଭରେ ବିସ୍ତୃତ ବର୍ଣ୍ଣନା ଅପେକ୍ଷା ଏକ ନିର୍ଦ୍ଦିଷ୍ଟ ତଥା ପ୍ରସଙ୍ଗ ଅନୁଯାୟୀ ଉପସ୍ଥାପନର ଗୁରୁତ୍ୱଥାଏ ।

୧୭) ଏଥିରେ ଶିକ୍ଷାପ୍ରଦ, ନୀତିନିଷ୍ଠ ଏବଂ ଯୁକ୍ତିସମ୍ମତ ପ୍ରସଙ୍ଗର ଅବତାରଣା ଥାଏ ।

୧୮) ଏହା ଜୀବନ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ । ସୁତରାଂ ଏହାକୁ ଏକ ଗୁଣାତ୍ମକ ଆଲେଖ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯) ଇତିହାସ ଏବଂ ସାହିତ୍ୟର ଏକ ସମୋନ୍ନିତ ପରିପ୍ରକାଶ ହେଉଛି ସ୍ତମ୍ଭ ।

୨୦) ବୁଦ୍ଧିଜୀବୀ ପାଠକ ଗୋଷ୍ଠୀ ନିର୍ମାଣ କରିବା ଦିଗରେ ସ୍ତମ୍ଭର ରହିଛି ଅତୁଳନୀୟ ଭୂମିକା ।

୨୧) ଏହା ଏକ ସ୍ୱତନ୍ତ୍ର ସାହିତ୍ୟିକ ସୃଜନକର୍ମ ।

୨୨) ସ୍ତମ୍ଭ ହେଉଛି ବିଶ୍ୱର ଏକ ସାମଗ୍ରିକ ସାରସ୍ୱତ ଆକଳନ ।

୨୩) ପ୍ରତିଦିନର ଏକ ସାରସ୍ୱତ ଆକଳନ ହେଉଛି ସ୍ତମ୍ଭ

ଡ଼କ୍ଟର ସତ୍ୟ ରାୟଙ୍କ ମତରେ ତେଣୁ- "ସମ୍ବାଦ ସାହିତ୍ୟ ହେଉଛି ଏକ ସର୍ଜନଶୀଳ କଳା । ସମ୍ପାଦକ ବା ସାମ୍ବାଦିକମାନେ ସତ୍ୟ ଘଟଣା ଉପରେ ଆଧାରିତ କୌଣସି ସମ୍ବାଦରେ ସାମାନ୍ୟ କଳ୍ପନା ସାହିତ୍ୟର ରସବୋଧ ଯୋଗକରି ତାକୁ ସରଳ ଓ ବୋଧଗମ୍ୟ ଭାଷା ତଥା ସ୍ୱତନ୍ତ୍ର ଶୈଳୀରେ ପ୍ରକାଶ କଲେ, ତାହା ଚିତ୍ତମୋହନକାରୀ ସମ୍ବାଦ ସାହିତ୍ୟରେ ପରିଣତ ହୁଏ ।"(୭)

ଏଠାରେ ଶ୍ରୀଯୁକ୍ତ ରାୟଙ୍କ ମତକୁ ସମ୍ପୂର୍ଣ୍ଣ ଖଣ୍ଡନ ନକଲେ ମ୍ଭ ଗ୍ରହଣ କରାଯାଇନପାରେ । ଯାହାକି ଶ୍ରୀ ରାୟ କହୁଛନ୍ତି ସମ୍ବାଦରେ କଳ୍ପନାର ପୁଟ ମିଶିଲେ ତାହା ସାହିତ୍ୟ ହୁଏ, ମାତ୍ର ଗବେଷକୀୟ ଦୃଷ୍ଟିଭଙ୍ଗୀ ଅନୁସାରେ ବିଚାରକରେ କଳ୍ପନା ନୁହେଁ ବରଂ ସୌନ୍ଦର୍ଯ୍ୟବୋଧ ବା ସୌନ୍ଦର୍ଯ୍ୟ ଚେତନା ମିଶିଲେ ସମ୍ବାଦ ଯେଉଁ ସାହିତ୍ୟରେ ପରିଣତ ହୁଏ ତାହା ହିଁ ହେଉଛି ପ୍ରକୃତ ସମ୍ବାଦ ସାହିତ୍ୟ ।

ଅର୍ଥାତ୍ ସମ୍ବାଦ ସାହିତ୍ୟର ଆତ୍ମିକ ରୂପରେଖ ଆକଳନ ପରିପ୍ରେକ୍ଷୀରେ ଡ଼କ୍ଟର ରାୟଙ୍କ ଉପରୋକ୍ତ ମତ ପ୍ରଦାନ କରି ଏହି ସର୍ଜନଶୀଳ ସମ୍ବାଦ ସାହିତ୍ୟର ଉଦାହରଣ ଦେବାକୁ ଯାଇ ସେ କେତକ ଖବରକାଗଜରେ ପ୍ରକାଶିତ ଏହି ଧରଣର ରଚନାର ଉଦାହରଣ ଦେଇଛନ୍ତି :- "ଦୈନିକ 'ସମାଜ'ରେ ପ୍ରକାଶିତ 'ଝିଟିପିଟି କହେ...'(ବର୍ତ୍ତମାନ ବନ୍ଦ ଅଛି),'ଦିନ ଥିଲା', 'ସମ୍ବାଦ ଓ ସଂକେତ' ସାପ୍ତାହିକ 'ସମାଜ'ରେ ପ୍ରକାଶିତ । ସେହିପରି 'ପ୍ରଚ୍ଛଦ ପ୍ରସଂଗ', 'ବିଚିତ୍ରା' ,'ଅନ୍ୱେଷା', 'ଦର୍ଶନୀୟ', 'ଦୃଷ୍ଟିକୋଣ', 'ବିଶ୍ଳେଷଣ' ଆଦି ସ୍ତମ୍ଭରେ ବର୍ଣ୍ଣିତ ବିଷୟବସ୍ତୁ ସମ୍ବାଦ ସାହିତ୍ୟର ଅଂଶବିଶେଷ । ସେହିପରି ଦୈନିକ 'ପ୍ରଜାତନ୍ତ୍ର'ର 'ଗାଁ ମଜଲିସ୍'(ବର୍ତ୍ତମାନ ବନ୍ଦ ଅଛି), 'ଅବ୍ୟକ୍ତ','ସାଂପ୍ରତିକ', 'ଏଇ କଥାକୁ', 'ନାନା କଥା ନାନା ବ୍ୟଥା', 'ଧ୍ୱନି ପ୍ରତିଧ୍ୱନି', 'ଲଘୁପାକ', 'ଅନୁଚିନ୍ତା', 'ଦୈନିକ', 'ଧରିତ୍ରୀ'ରେ ପ୍ରକାଶିତ । 'ଚଳନ୍ତିକା', 'ଏଇ ଭାରତରେ', 'ମିଶ୍ରରାଗ', 'ଚଳଣି ଓ ଚାହାଣି', 'ଜ୍ଞାନବିଜ୍ଞାନ', 'କୃଷି ବିଜ୍ଞାନ', 'କୃଷି ଜୀବନ', 'ସାପ୍ତାହିକ ବିତର୍କ', 'ଆନ୍ତର୍ଜାତୀୟ ଦର୍ପଣ', 'ଭିନ୍ନ ରଙ୍ଗ ଓ ଦିଲ୍ଲୀ', 'ଦରବାର' । ସେହିପରି ଦୈନିକ ପ୍ରଗତିବାଦୀରେ ପ୍ରକାଶିତ 'ଦେଶ ବିଦେଶ', 'ଚୟନିକା','ମନୋରଂଜନ' । ଦୈନିକ 'ଆଶା'ରେ ପ୍ରକାଶିତ 'ସଂବାଦ ବିଚିତ୍ରା' ଏବଂ ଦୈନିକ ସମ୍ବାଦରେ ବିଭିନ୍ନ ଦିବସରେ ସ୍ଥାନ ପାଉଥିବା 'ବିଚିତ୍ରା', 'ଦୃଷ୍ଟିପାତ', 'ଅଙ୍ଗୀକାର', 'ତୀର ତରଙ୍ଗ', 'ମୁକ୍ତ ବିଚାର', 'ସିଂହାବଲୋକନ', 'ପଥେ ପ୍ରାନ୍ତରେ', 'ରାଜ୍ୟ ରାଜଧାନୀ' ପ୍ରଭୃତି ସ୍ତମ୍ଭ ସୃଜନଶୀଳ ଓଡ଼ିଆ ସାହିତ୍ୟକୁ ଅଧିକ ରୁଚିମନ୍ତ ତଥା ବୁଦ୍ଧିମନ୍ତ କରିବାରେ ସହାୟକ ହୋଇଛି ।"(ତତ୍ରୈବ) (୮) ଅର୍ଥାତ୍ ସମ୍ବାଦପତ୍ରରେ ସ୍ୱତନ୍ତ୍ର ମଝି ପୃଷ୍ଠାରେ ପ୍ରକାଶ ପାଉଥିବା ସ୍ତମ୍ଭ ହିଁ ହେଉଛି ଏହି ସମ୍ବାଦସାହିତ୍ୟର ପ୍ରକୃତ ଅବଧାରଣା ।

**ସ୍ତମ୍ଭର ପ୍ରକାର ଭେଦ :**

ପ୍ରକାର ଭେଦ ଦୃଷ୍ଟିରୁ ସ୍ତମ୍ଭକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରିପାରିବା । ଯଦିଓ ଏହାର ଉପ-ପ୍ରକାରଭେଦ ରହିଛି ଏକାଧିକ । କିନ୍ତୁ ମୌଳିକ ଆବେଦନ ଦୃଷ୍ଟିରୁ ସ୍ତମ୍ଭ ଦୁଇପ୍ରକାର । ୧-ନିୟମିତ ସ୍ତମ୍ଭ, ୨-ଅନିୟମିତ ସ୍ତମ୍ଭ, ୩-ସ୍ୱତନ୍ତ୍ର ସ୍ତମ୍ଭ । ନିମ୍ନରେ ପ୍ରତ୍ୟେକଟି ସମ୍ପର୍କରେ ସଂକ୍ଷେପରେ ସୂଚନା ପ୍ରଦାନ କାରାଯାଇଛି ।

**(୧) ନିୟମିତ ସ୍ତମ୍ଭ :**

ଏହି ଧରଣର ସ୍ତମ୍ଭ ମୁଖ୍ୟତଃ ଏକ ନିର୍ଦ୍ଦିଷ୍ଟ ନାମରେ ତଥା ନିର୍ଦ୍ଦିଷ୍ଟ ବ୍ୟବଧାନରେ ପ୍ରକାଶିତ ହୋଇଥାଏ । ଏହା ସମାଜର ଯେକୌଣସି ବିଷୟକ ହୋଇପାରେ । ଏହା ନିୟମିତ ପ୍ରକାଶ ପାଉଥିବାରୁ ଏହାର ପାଠକ ମଧ୍ୟ ନିୟମିତ ଥା'ନ୍ତି । ଏହି ସ୍ତମ୍ଭ ଏକ ବିଶେଷ 'ଶିରୋନାମା' ସହିତ ପ୍ରକାଶ ପାଇଥାଏ । ଏହି ଧରଣର ସ୍ତମ୍ଭରେ ମୁଖ୍ୟତଃ ଲେଖକ ସମ୍ବାଦପତ୍ର ସହ ଚୁକ୍ତିବଦ୍ଧ ହୋଇଥାନ୍ତି । ଏହି ଧରଣର କେତେକ ସ୍ତମ୍ଭ ହେଲା ଏକଦା ପ୍ରଜାତନ୍ତ୍ରରେ ପ୍ରକାଶିତ 'ଗାଁ ମଜଲିସ୍','ସମାଜ' ରବିବାର ପୃଷ୍ଠାରେ ପ୍ରକାଶିତ 'ଅଣାକାର'ଙ୍କ 'ଝିଟିପିଟି କହେ' ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ । ପ୍ରଗତିବାଦୀରେ ପ୍ରକାଶିତ ବରେନ୍ଦ୍ର କୃଷ୍ଣ ଧଳଙ୍କ 'ଖୋଲା ବିଚାର', ଧରିତ୍ରୀ ପୃଷ୍ଠାରେ ପ୍ରକାଶିତ ବିପିନ୍ ବିହାରୀ ମିଶ୍ରଙ୍କ 'ଭିତିରି କଥା', ଅଭୟ ଦ୍ୱିବେଦୀଙ୍କ 'ପ୍ରତିବିମ୍ବର ପ୍ରତିଧ୍ୱନି' ଇତ୍ୟାଦି ।

ପ୍ରାୟ ପ୍ରତ୍ୟହ ଏହି ଧରଣର ସ୍ତମ୍ଭ ଆମେ ପ୍ରତ୍ୟେକ ଖବରକାଗଜ ପୃଷ୍ଠାରେ ଭେଟୁ । ଏହି ଧରଣର ସ୍ତମ୍ଭ ପାଇଁ ଏକ ସ୍ୱତନ୍ତ୍ର ପ୍ରସଙ୍ଗ ଥାଏ ଯାହା ପୂର୍ବରୁ ନିର୍ଦ୍ଧାରିତ ଥାଏ । ଅଧୁନା ଆମେ

ଏହି ଧରଣର ଅନେକ ସ୍ତମ୍ଭ ପ୍ରତ୍ୟେହ ଖବରକାଗଜ ପୃଷ୍ଠାରେ ଦେଖିପାରିବା । ପ୍ରତ୍ୟେକ ଦିନ ଉକ୍ତ ପ୍ରସଙ୍ଗର ବିଭିନ୍ନ ନୂତନ ଦିଶା ଦିଗନ୍ତମାନ କେବଳ ନୂଆ ନୂଆ ରୂପରେ ସ୍ତମ୍ଭ ପୃଷ୍ଠାରେ ପ୍ରକାଶ ପାଆନ୍ତି ।

**(୨) ସାମୟିକ ସ୍ତମ୍ଭ :**

ଏହି ଧରଣର ସ୍ତମ୍ଭର କୌଣସି ନିର୍ଦ୍ଦିଷ୍ଟତା ନଥାଏ । ଦିନ, ବାର କିମ୍ବା ପ୍ରସଙ୍ଗ ମଧ୍ୟ ସ୍ଥିର ନଥାଏ । ଏହି ଧରଣର ସ୍ତମ୍ଭ ପାଇଁ ଧରାବନ୍ଧା ନିୟମ ଭିତ୍ତିରେ କୌଣସି ନିର୍ଦ୍ଦିଷ୍ଟ ଲେଖକ ମଧ୍ୟ ସ୍ଥିର ନଥାନ୍ତି । ଏହା ଅନେକ ସମୟରେ ତତ୍କାଳୀନ ଆବଶ୍ୟକତା ଭିତ୍ତିରେ ମଧ୍ୟ ଲେଖା ଯାଇଥାଏ, ଯାହାର କିଛି ସୂଚନା ଆଗରୁ ନଥାଏ । ସୁତରାଂ ସ୍ତମ୍ଭ ରଚନାର ଗୁରୁତ୍ୱକୁ ଆଖିରେ ରଖି ଖବରକାଗଜ କର୍ତ୍ତୃପକ୍ଷ ଅନେକ ସମୟରେ ଏହି ଧରଣର ସ୍ତମ୍ଭ ପାଇଁ ପ୍ରଚୁର ସୁଯୋଗ ରଖିଥାନ୍ତି । ଏହି ଧରଣର ସ୍ତମ୍ଭ ଲେଖୁଥିବା ପ୍ରମୁଖ ସ୍ତମ୍ଭକାରମାନେ ହେଲେ । ପଂଚାନନ କାନୁନ୍‌ଗୋ, ତ୍ରିଲୋଚନ କାନୁନ୍‌ଗୋ, ଅରୁଣ ପଣ୍ଡା (ସାମ୍ବାଦିକ), ବେଣୁଧର ପାଢ଼ୀ, ବୈଦ୍ୟନାଥ ମିଶ୍ର, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶୁଭଶ୍ରୀ ଦାସ ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞ ବ୍ୟକ୍ତିଗଣ ଅନିୟମିତ ଭାବେ ରଚନା କରିଥାନ୍ତି ଉପାଦେୟ ସ୍ତମ୍ଭମାନ । ପ୍ରତିଦିନ ବିଭିନ୍ନ ସମ୍ବାଦପତ୍ରମାନଙ୍କରେ ଏହି ଧରଣର ସାମୟିକ ସ୍ତମ୍ଭମାନ ପରିଲକ୍ଷିତ ହୋଇଥାଏ । ଏହି ଧରଣର ସ୍ତମ୍ଭମାନଙ୍କରେ ପ୍ରାୟତଃ ଦେଖାଯାଏ ବିଭିନ୍ନ ଜୟନ୍ତୀ ତଥା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କର ଶ୍ରାଦ୍ଧ ଆଦି ତିଥିକୁ ସ୍ମରଣ କରିବା ଲେଖା, ବିଭିନ୍ନ ସମାସ୍ୟାଧର୍ମୀ ଲେଖା ଯଥା :- ଦାଦନ ସାମସ୍ୟା, ଶିଶୁ ସମସ୍ୟା ଇତ୍ୟାଦି ।

**(୩) ସ୍ୱତନ୍ତ୍ର ସ୍ତମ୍ଭ :**

ଘଟଣା ଓ ପ୍ରସଙ୍ଗର ସ୍ୱତନ୍ତ୍ରତା ଏବଂ ଲେଖକର ପ୍ରତିଷ୍ଠା ଏବଂ ଦକ୍ଷତାକୁ ଆଧାର କରି ସମ୍ବାଦପତ୍ରମାନେ କିଛି ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭ ପ୍ରକାଶ କରିଥାନ୍ତି । ଏହି ଧରଣର ସ୍ତମ୍ଭ ନିୟମିତ ପ୍ରକାଶ ପାଇନଥାଏ । ବିଭିନ୍ନ ସମୟରେ ସାମାଜିକ ଆବଶ୍ୟକତା ପାଠକ ମାନଙ୍କ ପସନ୍ଦକୁ ଲକ୍ଷ୍ୟ କରି ଖବରକାଗଜର ପ୍ରକାଶକମାନେ ଏହି ଧରଣର ସ୍ତମ୍ଭ ପ୍ରକାଶ ପାଇଁ ଇଚ୍ଛା ପୋଷଣ କରିଥାନ୍ତି । ଆମେ କହିପାରିବା ତତ୍କାଳୀନ ଅଗ୍ରାଧିକାର ଦାବୀରେ ଏହି ଧରଣର ସ୍ତମ୍ଭ ପ୍ରକାଶ ପାଇଥାଏ । ଯେହେତୁ ସ୍ତମ୍ଭର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟ ହେଉଛି ବୁଦ୍ଧିଜୀବୀ ପାଠକଗୋଷ୍ଠୀ ନିର୍ମାଣ କରିବା ।

ଏହି ଧରଣର ସ୍ତମ୍ଭର ଏକ ବିଶେଷ ଏବଂ ସ୍ୱତନ୍ତ୍ର ମର୍ଯ୍ୟାଦା ମଧ୍ୟ କରିଛି । ବୁଦ୍ଧିଜୀବୀମାନେ ଏହି ଧରଣର ସ୍ତମ୍ଭକୁ ସର୍ବଦା ପଢ଼ିବାକୁ ଅପେକ୍ଷା ରଖିଥାନ୍ତି । ଏହି ଧରଣର କେତେକ ସ୍ତମ୍ଭ ହେଲା ପ୍ରତିଭା ଶତପଥିଙ୍କର 'ଉଦ୍‌ଭାସନ', ଡ.ଦ୍ୱିଜେଶ ପଣ୍ଡା 'ଶରୀରମାଦ୍ୟମ୍' ଯାହାକି ଏକଦା ୨୦୦୭-୨୦୦୮ ମସିହାରେ ସମ୍ବାଦ କଳିକାରେ ପ୍ରକାଶ ପାଇଥିଲା । 'ବିପନ୍ନ ପୃଥିବୀ' ନାମରେ ମୃଣାଳ ଚାଟାର୍ଜୀ ପରିବେଶ ସମ୍ପର୍କିତ ସ୍ତମ୍ଭ ଲେଖୁଥିଲେ ପ୍ରଜାତନ୍ତ୍ରରେ । ତ୍ରିଲୋଚନ କାନୁନ୍‌ଗୋଙ୍କ 'କାନ୍ ଖୋଲା କରି ଶୁନ୍ ସରକାର', ମନୋଜ ଦାସଙ୍କ 'ସନ୍ଧାନ ଓ ସଂକେତ', ଶୁଭଶ୍ରୀ ଦାସଙ୍କ 'ଦରିଆ ପାରିରୁ ଚିଠି', ଗୌରହରି ଦାସଙ୍କ 'ଜୀବନର ଜଳଛବି', ଜୟନ୍ତ ମହାପାତ୍ରଙ୍କ 'ଦିଗ୍‌ବଳୟ ଆରପାରେ', ଅଧ୍ୟାପକ ବିଶ୍ୱରଂଜନଙ୍କ 'ପଦ୍ମାବତୀର ପ୍ରଶ୍ନ', ବେଣୁଧର ପାଢୀଙ୍କ 'ଡିପିଇପି : ଶିକ୍ଷାରେ ଠିପି' ଇତ୍ୟାଦି ।

ଉପର ଉଲ୍ଲିଖିତ ତିନୋଟି ମୁଖ୍ୟ ମୌଳିକ ସ୍ତମ୍ଭ ରଚନା ବ୍ୟତୀତ ପ୍ରକାରଭେଦ ଦୃଷ୍ଟିରୁ ସ୍ତମ୍ଭକୁ ପୁନଶ୍ଚ ଆହୁରି ଏକାଧିକ ବିଭାଗରେ ବିଭାଗୀକୃତ କରାଯାଇପାରେ ଯଥା:- (କ) ରାଜନୈତିକ ସ୍ତମ୍ଭ (ଖ) ଅର୍ଥନୈତିକ ସ୍ତମ୍ଭ (ଗ) ଆଧ୍ୟାତ୍ମିକ ସ୍ତମ୍ଭ (ଘ) ଚରିତମୂଳକ ସ୍ତମ୍ଭ (ଙ) ସମସ୍ୟାମୂଳକ ସ୍ତମ୍ଭ (ଚ) ସାରସ୍ୱତ ସ୍ତମ୍ଭ / ସାହିତ୍ୟିକ ସ୍ତମ୍ଭ ଇତ୍ୟାଦି ।

ବାସ୍ତବ ଜୀବନର ନିଖୁଣ ଚିତ୍ର ପରିଲକ୍ଷିତ ହୋଇଥାଏ ସ୍ତମ୍ଭରେ । ଯାହାର ପ୍ରଭାବ ଅନେକ ସମୟରେ ସରକାରଙ୍କୁ ବାଧ କରେ ଗଣଜୀବନ ତଥା ଗଣ ସମସ୍ୟାର ଆଶୁ ସମାଧାନ କରିବାକୁ । ତେବେ ସେହି ଦୃଷ୍ଟିରୁ ସ୍ତମ୍ଭ ହେଉଚି ସମାଜ ପରିବର୍ତ୍ତନର ବାର୍ତ୍ତା ବହନ କରୁଥିବା ଏକ ପ୍ରମୁଖ ରଚନା । ଏହା ସର୍ବଦା ସ୍ତମ୍ଭକାରଙ୍କର ନିଜସ୍ୱ ଶୈଳୀରେ ହୋଇଥାଏ ଋଦ୍ଧିମନ୍ତ । ସ୍ତମ୍ଭ ସର୍ବଦା ନୂତନ ତଥ୍ୟ, ଯୁକ୍ତି ଏବଂ ସମସ୍ୟା ସମାଧାନର ସୂତ୍ରକୁ ଧରି ଆତ୍ମପ୍ରକାଶ କରିଥାଏ । ଏଥିରେ ସ୍ତମ୍ଭକାରଙ୍କର ନିଜର ମତାମତ ମଧ୍ୟ ଥାଏ ଯାହାଫଳରେ ଏହା ଅଧିକ ପାଠକୀୟ ଆଦୃତି ଲାଭ କରିଥାଏ । ସଂକ୍ଷେପରେ କହିଲେ ବ୍ୟକ୍ତି ତଥା ସମାଜର ସାର୍ବଜନୀନ ଆବଶ୍ୟକତା ତଥା ସାମୁହିକ ସ୍ୱାର୍ଥ ନିହିତ ଥାଏ ସ୍ତମ୍ଭରେ । ଶେଷରେ ଆମେ ସ୍ତମ୍ଭ ରଚନା ସମ୍ପର୍କରେ କିଛି ଯଥୋଚିତ ସ୍ୱଷ୍ଟ ଉକ୍ତି ପାକିସ୍ତାନସ୍ଥିତ ଏକ ବିଶ୍ୱବିଦ୍ୟାଳୟ University of Sargodhaରୁ ପ୍ରକାଶ ପାଇଥିବା ଏକ ଗବେଷଣାଧର୍ମୀ ପ୍ରବନ୍ଧରୁ ଗ୍ରହଣ କରିପାରିବା ।

"Column writing is the only writing of the newspaper which has literary touch while otherwise like news, editorial, features do not consist this element." (୧୦)

ସୁତରାଂ ତାହା ହିଁ ସ୍ତମ୍ଭ ଯାହା କେବଳ ଖବରକାଗଜରେ ଏକ ସ୍ୱତନ୍ତ୍ର ସ୍ଥାନ, ଶୈଳୀ ଏବଂ ନିୟମାଧାରେ ରଚନା କରାଯାଏ । ପ୍ରସଙ୍ଗ ଆଧାରରେ ଏହାର ଆବେଦନ ଭିନ୍ନ ହେଇପାରେ ମାତ୍ର ଏହାର ଆଙ୍ଗିକ ଆବେଦନ ସର୍ବଦା ସ୍ଥିର ଏବଂ ସମାନ ଥାଏ । ତେବେ ଯେଉଁ ବାଦ ବିବାଦ ସ୍ତମ୍ଭ, ପ୍ରବନ୍ଧ, ରମ୍ୟରଚନା, ତଥା ଫିଚର୍ ଭିତରେ ପାର୍ଥକ୍ୟ ନଥିବାକୁ ନେଇ ସାହିତ୍ୟାକାଶରେ ଝଡ଼ ସୃଷ୍ଟି କରେ । ମନେହୁଏ ଉପୋରକ୍ତ University of Sargodha ବିଶ୍ୱବିଦ୍ୟାଳୟର ମନ୍ତବ୍ୟଟି ଆମ୍ଭମାନଙ୍କ ତଦ୍‌ଜନିତ ମାନସିକତାକୁ ଅନେକାଂଶରେ ପ୍ରଶମିତ କରିବାରେ ସହାୟକ ହେବ । ମାତ୍ର ଗବେଷଣାର ଆଲୋକରେ ଏହା ଗଭୀରତର ବିଚାର ବିଶ୍ଳେଷଣ ହେବାର ସମ୍ଭାବନା ରଖେ ।

**ସହାୟକ ଗ୍ରନ୍ଥସୂଚୀ :**


(୧) ମହାପାତ୍ର, କୁମାର, 'ଝିଟିପିଟି କହେ'- (ସଂ) ପୃଷ୍ଠା-୪୦୨

(୨) ଚାଟାର୍ଜୀ, ଡ଼.ମୃଣାଳ: 'ଗଣମାଧ୍ୟମ ଓ ସାମ୍ବାଦିକତା'- ଢ଼େଙ୍କାନାଳ, ପ୍ରକାଶକ- ଶେଫାଳୀ କମ୍ୟୁନିକେସନ୍ସ - ପୃଷ୍ଠା -୧୯୪

(୩) ମହାନ୍ତ, ସୁରେନ୍ଦ୍ର: 'ଶେଷସ୍ତମ୍ଭ'- କଟକ, ପ୍ରକାଶକ- କାହାଣୀ ପ୍ରକାଶନୀ, ପ୍ରଥମ ପ୍ରକାଶ-୧୯୮୯

(୪) ତତ୍ରୈବ

(୫) ପାଢ଼ୀ, ବେଣୁଧର- ପ୍ରାୟୋଗିକ ଭାଷା ଓ ସୃଜନ କ୍ରିୟା - ଏ.କେ.ମିଶ୍ର, ପ୍ରାଇଭେଟ ଲିମିଟେଡ଼, ଭୁବନେଶ୍ୱର- ପୃଷ୍ଠା-୨୫୭

(୬) https://www.google.com/search ? q=column+meaning

(୭) ରାୟ , ଡ଼କ୍ଟର ସତ୍ୟ - 'ଓଡ଼ିଆ ସାମ୍ବାଦିକତା ଓ ରାଧାନାଥ ରଥ'

(୮) ତତ୍ରୈବ

(୯) ମିଶ୍ର, ପ୍ରଫେସର, ଉମାକାନ୍ତ - 'ସମ୍ବାଦ ପ୍ରସଙ୍ଗ' ଢ଼େଙ୍କାନାଳ, ପ୍ରକାଶକ - ଭାରତୀୟ ଜନସଂଚାର ସଂସ୍ଥାନ

(୧୦) Seesource:https://lms.su.edu.pk/download?filename=1588445835-coulmn-qualities-charateristics-feature-structure-converted.pdf&lesson=16153



(ଗବେଷିକା)

ମହାରାଜା ଶୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,

କେନ୍ଦୁଝର

ISSN -2583-147X (P), **Vol.- 9, Issue No.VI, September 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଧର୍ମୀୟ ସଂସ୍କାର ଆନ୍ଦୋଳନ : ଶଙ୍କରଦେବ, ମାର୍ଟିନ୍‌ଲୁଥର କିଂ ଓ ଶ୍ରୀଚୈତନ୍ୟ

**ଡକ୍ଟର ପ୍ରତୀଚୀ ନନ୍ଦ**

ବିଶ୍ୱରେ ମାନବ ସଭ୍ୟତାର ଉଦ୍ଭବଠାରୁ ଧର୍ମର ଏହି ଧାରା ପ୍ରଚଳିତ ହୋଇ ଆସୁଛି । ପ୍ରକୃତିର କରାଳ-ରୌଦ୍ର ରୂପକୁ ଦେଖି ମାନବ ମଧ୍ୟରେ ସଞ୍ଚରିତ ଭୟ ଭାବର ନିସ୍ତାରଣ ହେତୁ ଧର୍ମ ଜନ୍ମଲାଭ କରିଅଛି । ଲେନିନ୍ କହିଛନ୍ତି-ପୃଥିବୀର ପ୍ରତ୍ୟେକ ଜାତି,ଗୋଷ୍ଠୀ, ସଂସ୍କୃତି ଓ ଅଞ୍ଚଳ ଭେଦରେ ଗୋଟିଏ ଗୋଟିଏ ଧାର୍ମିକ ସ୍ଥିତି ରହିଥିବାର ପରିଦୃଷ୍ଟ ହୁଏ । ଏହି ଧର୍ମ ସମାଜର ଶ୍ରେଷ୍ଠ ଜାତି, ପ୍ରତିପତ୍ତିଶାଳୀ ଗୋଷ୍ଠୀ ତଥା ଧର୍ମଯାଜକମାନଙ୍କ ଦ୍ୱାରା ନିର୍ଦ୍ଧାରିତ, ନିୟନ୍ତ୍ରିତ ଓ ପ୍ରତିପାଳିତ ହୋଇଥାଏ । ଧର୍ମର ଏହି ରୀତି-ନୀତିକୁ ସାଧାରଣ ଜନତା ଭଗବାନଙ୍କର ଇଚ୍ଛା ବା ନିୟତିର ନୀତି ବୋଲି ମନେ କରିଥାନ୍ତି । ସେହି ନୀତି ଅନୁସାରେ ନିଜକୁ ଓ ନିଜର ଜୀବନକୁ ଶୃଙ୍ଖଳିତ କରନ୍ତି । ଏହାର ସୁଯୋଗ ନେଇ ଧର୍ମନିୟନ୍ତାମାନେ ସେମାନଙ୍କର ଏକଚ୍ଛତ୍ର ଆଧିପତ୍ୟ ଓ ପ୍ରଭୁତ୍ୱକୁ ଜାହିର କାରିବା ପାଇଁଭଗବାନଙ୍କ ପ୍ରତି ଭୟ ସୃଷ୍ଟି କରିଥାନ୍ତି । ଯାହାଫଳରେ ସାଧାରଣ ମଣିଷଟେ ଭଗବାନଙ୍କର ଅପ୍ରିତି ଭାଜନ ନହୋଇ ନାନା ବିପତ୍ତିରୁ ବର୍ତ୍ତିବା ଲାଗି ନିର୍ଦ୍ଦିଷ୍ଟ ଧର୍ମର ନିୟମ ପାଳନ କରିବା ନିମନ୍ତେ ବାଧ୍ୟ ହୋଇଥାଏ । ଧର୍ମ ନିୟନ୍ତାମାନଙ୍କର ଏହି ଶୋଷଣ ବିରୋଧରେ ତଥା ପରିବର୍ତ୍ତିତ ସମାଜର ଉତ୍ସୁକତାକୁ ଭିତ୍ତିକରି ଧର୍ମରେ ସଂସ୍କାର ସାଧିତ ହୋଇଥାଏ । ଏହା ଏକ ଆୟାସସାଧ୍ୟ ବ୍ୟାପାର । ଏଥି ନିମିତ୍ତ ନାନା ପ୍ରତିବନ୍ଧକ, ସମସ୍ୟା ଓ ବିରୋଧିତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଧର୍ମସଂସ୍କାରକ ବା ସମାଜ ସଂସ୍କାରକମାନେ ସମାଜକୁ ଓ ମାନାବୀୟ ଯୁଗୋପଯୋଗିତାକୁ ଦୃଷ୍ଟିରେ ରଖି ଧର୍ମ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ପ୍ରୟାସ କରନ୍ତି । ଫଳରେ ପ୍ରଚଳିତ ଧାର୍ମିକ ଧାରାରେ ନୂତନ ଦିଗନ୍ତ ବା ପରିମାର୍ଜନ ଜନିତ ନବଜନ୍ମ ସଂଘଟିତ ହୋଇଥାଏ । ଏହାକୁ ଧାର୍ମିକ ନବଜାଗରଣ କୁହାଯାଏ । ଏହି ପରିବର୍ତ୍ତନ ଆନୟନ ହେତୁ ଉଦ୍ଧିତ ପଦକ୍ଷେପ, ସଂଘର୍ଷ ଓ ସଂଗ୍ରାମକୁ ଧର୍ମ ସଂସ୍କାର ଆନ୍ଦୋଳନ କୁହାଯାଏ ।

ଆଲୋଚ୍ୟ ପ୍ରବନ୍ଧରେ ଧର୍ମ ସଂସ୍କାର ଆନ୍ଦୋଳନ କ୍ଷେତ୍ରରେ ଭିନ୍ନ ଭିନ୍ନ ଅଞ୍ଚଳରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତିନିଜଣ ଧର୍ମ ପ୍ରଚାରକ ଓ ସଂସ୍କାରକଙ୍କ ଦୃଷ୍ଟିଭଙ୍ଗୀର ଆଲୋଚନା କରାଯାଇ ସାମାଜିକ ଜୀବନରେ ଏହାର ପ୍ରଭାବକୁ ଦର୍ଶାଯାଇଛି । ସେମାନେ ହେଲେ- ଆସାମର ଶ୍ରୀମନ୍ତ ଶଙ୍କରଦେବ, ଜର୍ମାନୀର ମାର୍ଟିନ୍‌ଲୁଥର୍ କିଂ ଓ ବଙ୍ଗର ଶ୍ରୀଚୈତନ୍ୟ ।

ଆସାମରେ ପଞ୍ଚଦଶ ଶତାବ୍ଦୀର ଆଦ୍ୟ ପାଦରେ ଦେଖାଯାଏ ଯେ, ତାନ୍ତ୍ରିକ ଶାକ୍ତ ଧର୍ମର ପ୍ରଚଳନ ଓ ଆଦୃତି ବେଶ୍ ଅଧିକ ଥିଲା । ଏହା ସହିତ ବୌଦ୍ଧ ମହାଯାନ ଓ ତନ୍ତ୍ରଯାନର ପ୍ରଭାବ ମଧ୍ୟ ସମାଜରେ ଦେଖିବାକୁ ମିଳେ । ଶଙ୍କରଦେବ (୧୪୪୯-୧୫୬୮)ଙ୍କ ଆବିର୍ଭାବ ଫଳରେ ଆସାମରେ ବୈଷ୍ଣବଧର୍ମର ସୂତ୍ରପାତ ହୋଇଥିଲା । ସେ ଶାକ୍ତଧର୍ମର ତାନ୍ତ୍ରିକ ପ୍ରଥା, କୁସଂସ୍କାର ଓ ଅନ୍ଧ ବିଶ୍ୱାସକୁ ବିରୋଧ କରି ବୈଷ୍ଣବଧର୍ମର ପ୍ରଚାର କରିଥିଲେ । ସେ ୨୨ବର୍ଷ ବୟସରେ ସଂସ୍କୃତ ଅଧ୍ୟୟନ ଶେଷ କରି ଗୃହସ୍ଥ

ଜୀବନରେ ପାଦ ଦେଇଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ସେ ବୈରାଗ୍ୟ ଗ୍ରହଣ କରି ତୀର୍ଥଯାତ୍ରା ଆରମ୍ଭ କରିଥିଲେ । ସେ ଅଧ୍ୟୟନ କାଳରେ ବହୁ ଭାବରେ ମହାଭାରତ, ମହାପୁରାଣ ଓ ଗୀତାର ପ୍ରବୃତ୍ତ ମାର୍ଗ ବା କର୍ମଯୋଗ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେ ୧୫୪୬ ମସିହାରେ କରିଥିବା ଦ୍ୱିତୀୟ ତୀର୍ଥଯାତ୍ରା କାଳରେ ପୁରୀ ଗମନ କରିଥିଲେ । ତେଣୁ ତାଙ୍କ ଧାର୍ମିକ ଚେତନାରେ ଶ୍ରୀଚୈତନ୍ୟଙ୍କ ବୈଷ୍ଣବୀୟ ପନ୍ଥା ଏବଂ ଶ୍ରୀ ଜଗନ୍ନାଥଙ୍କ ପ୍ରଭାବ ବେଶ୍ ପ୍ରତିଫଳିତ । ସେ ଚୈତନ୍ୟଙ୍କ 'ପ୍ରେମଭକ୍ତି'କୁ ଗୁରୁତ୍ୱ ଦେଇଥିଲେ । ତେଣୁ ତାଙ୍କ ଦ୍ୱାରା ପ୍ରଚାରିତ ବୈଷ୍ଣବଧର୍ମର କେନ୍ଦ୍ର ହେଉଛି 'ଭକ୍ତି' । ସେ ପ୍ରଚଳିତ ଧର୍ମରେ ସ୍ଥିତ ବାହ୍ୟ ଔପଚାରିକତାକୁ ପରିତ୍ୟାଗ କରିଛନ୍ତି । ତାଙ୍କ ମତରେ ଭଗବତ ପ୍ରାପ୍ତି ନିମିତ୍ତ କୌଣସି ଆଡ଼ମ୍ବର ପୂର୍ଣ୍ଣ ଆୟୋଜନ ନୁହେଁ, ଭଗବାନଙ୍କ ପ୍ରତି ଅର୍ପିତ ଆନ୍ତରିକ ପ୍ରେମଭକ୍ତି ହିଁ ଭଗବତ୍ ସାନ୍ନିଧ୍ୟର ମୂଳବିନ୍ଦୁ । ସେ ବହୁ ଧାର୍ମିକତାକୁ ବିରୋଧ କରି 'ଏକଶରଣନାମ' ଧର୍ମର ପ୍ରଚାର କରିଥିଲେ । ସେ ବୈଦିକ ଧର୍ମ ଅନୁଷ୍ଠାନ ଓ ଭିନ୍ନ ଭିନ୍ନ ଦେବଦେବୀ ପୂଜାର୍ଚ୍ଚନାକୁ ଗ୍ରହଣ କରିନାହାନ୍ତି । ତାଙ୍କ ମତରେ – "There is one God and one Devotion, and there is non else." (History Of Assamese Literature,page-20) । ଅର୍ଥାତ୍ ସେଠାରେ ଗୋଟିଏ ଦେବତା ଓ ଗୋଟିଏ ଭକ୍ତିଭାବନା ରହିଛି, ଏହାବ୍ୟତୀତ ଅନ୍ୟକିଛି ନାହିଁ । ସେ ବୈଷ୍ଣବଧର୍ମର ଆରାଧ୍ୟ ଦେବତା କୃଷ୍ଣ ଓ ଜଗନ୍ନାଥଙ୍କୁ ଏକ ବୋଲି କହିଥିଲେ ।

ଶଙ୍କରଦେବ ପୁରୀରୁ ପ୍ରତ୍ୟାବର୍ତ୍ତନର କିଛି ବର୍ଷ ପରେ ସେ କୋଚ୍‌ବିହାରର ରାଜା ନରନାରାୟଣଙ୍କ ରାଜସଭାକୁ ନିମନ୍ତ୍ରିତ ହୋଇଥିଲେ । ସେଠାରେ ସେ ଶାସ୍ତ୍ର ଆଲୋଚନା ତଥା ଧର୍ମ ସମ୍ବନ୍ଧୀୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସେଠାରେ ସେ ରାଜପୃଷ୍ଠକତା ଲାଭ କରି ସେଇଠାରେ ହିଁ ରହି ଧର୍ମ ପ୍ରଚାର କରିଥିଲେଏବଂ ଭଗବତ୍ ଓ ମାନବୀୟ ଚିନ୍ତନର ଗୋଟିଏ ନୂତନ ପଥ ପ୍ରଦର୍ଶନ କରାଇଥିଲେ ।

ଶଙ୍କରଦେବ ତତ୍‌କାଳୀନ ସମାଜରେ ସ୍ଥିତ ବ୍ରାହ୍ମଣମାନଙ୍କର ଦୌରାତ୍ମ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସଂସ୍କୃତରେ ରଚିତ ପୁରାଣ ଗ୍ରନ୍ଥ, ବେଦ ବେଦାନ୍ତ, ଉପନିଷଦ ଆଦି ଉପରେ ରହିଥିବା ବ୍ରାହ୍ମଣମାନଙ୍କର ଏକଚାଟିଆ ମାଲିକାନାକୁ ବିରୋଧ କରି ଦେବ ଭାଷା ସଂସ୍କୃତକୁ ଅସମୀୟ ଭାଷାରେ ଅନୁବାଦ କରି ସର୍ବଜନ ବୋଧଗମ୍ୟ କରିଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବେଦ ପୁରାଣାଦିକୁ ସର୍ବଜନ ପଠନୀୟ କରାଇଥିଲେ । ଏହାର ପ୍ରାଥମିକ ପ୍ରୟାସ ହେଉଛି ବେଦାନ୍ତ ଦର୍ଶନ ସମ୍ବଳିତ ଧର୍ମଗ୍ରନ୍ଥ 'ଭାଗବତ'ର ଅସମୀୟା ଅନୁବାଦ । ଏହା ବ୍ୟତୀତ ସେ ଅନେକ ନାଟକ, ଗୀତ ରଚନା କରିଛନ୍ତି । 'ଭକ୍ତିପ୍ରଦୀପ', 'ଆନନ୍ଦୀ ପାଟଣା', 'ଗୁଣମାଳା', 'କୀର୍ତ୍ତନ ଘୋଷା', 'ହରିଶ୍ଚନ୍ଦ୍ର ଉପାଖ୍ୟାନ', 'ରୁକ୍ମିଣୀ ହରଣ', 'ବାଳି ଚଳନ' ଆଦି କାବ୍ୟ ରଚନା ଅନ୍ୟତମ । ତାଙ୍କ ଦ୍ୱାରା ରଚିତ ନାଟକଗୁଡ଼ିକ ହେଉଛି– 'କାଳୀଦମନ', 'ପତ୍ନୀପ୍ରସାଦ', 'ରାସକ୍ରୀଡ଼ା ଓ କେଳି ଗୋପାଳ', 'ପାରିଜାତ ହରଣ ଓ ରାମବିଜୟ' ଆଦି । ଏଗୁଡ଼ିକ ଅଷ୍ଟାଦଶ ପୁରାଣ ମଧ୍ୟରୁ କଥାବସ୍ତୁ ଗ୍ରହଣ କରି ତା'ର ରୂପାୟନ କରାଯାଇଛି । ତାଙ୍କ ଦ୍ୱାରା ରଚିତ 'ଅଙ୍କିଆ' ନାଟ ହେଉଛି ଧର୍ମ ପ୍ରଚାର ନିମନ୍ତେ ଓ ସର୍ବଜନୀନ ମନୋରଞ୍ଜନ ପାଇଁ ରଚନା କରାଯାଇଥିବା ନାଟ । ଏହା ଜନ୍ମାଷ୍ଟମୀ, ଦୋଳପୂର୍ଣ୍ଣମୀ ଓ ରାସପୂର୍ଣ୍ଣମୀ ଅବସରରେ ନାମ ଘରେ ପ୍ରଦର୍ଶନ କରାଯାଇଥାଏ । ଏହା ଫଳରେ ଧର୍ମର ପ୍ରଚାର ହେବା ସହିତ ଲୋକମାନଙ୍କ ଅନ୍ତର୍ଚେତନାକୁ ବହୁ ପରିମାଣରେ ପ୍ରଭାବିତ କରିଥାଏ । ସୁତରାଂ ସମାଜରେ ଲୋକେ ଧର୍ମ ନିୟନ୍ତ୍ରକଙ୍କୁ ଈଶ୍ୱରଙ୍କ ପ୍ରତିନିଧି ବୋଲି ମାନିଲେ ନାହିଁ ଓ ଧାର୍ମିକ ଔପଚାରିକତାକୁ ଅସ୍ୱୀକାର କଲେ । ଶଙ୍କରଦେବ ପୁରାଣ ଓ ଧର୍ମ ଆଲୋଚନା ନିମନ୍ତେ ଓଡ଼ିଶାସ୍ଥ ଭାଗବତ ଟୁଙ୍ଗୀ ଅନୁସରଣରେ ନାମକୀର୍ତ୍ତନ ନିମିତ୍ତ 'ନାମଘର' ସ୍ଥାପନ କରାଇଥିଲେ । ତେଣୁ ଶଙ୍କରଦେବଙ୍କୁ ଅସମୀୟା ବୈଷ୍ଣବଧର୍ମର ନବଜଗରକ ବୋଲି କୁହାଯାଏ ।

ଜର୍ମାନ୍‌ରେ ମାର୍ଟିନ୍‌ଲୁଥର କିଂ (୧୪୮୩-୧୫୪୬)ଙ୍କ ଆବିର୍ଭାବ ହୁଏ ପଞ୍ଚଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ । ସେତେବେଳକୁ ସମାଜରେ ଧର୍ମାନ୍ଧତା ଅତ୍ୟଧିକ ପରିମାଣରେ ଘର କରି ସାରିଥିଲା । ତତ୍‌କାଳୀନ ସମାଜର ନିୟନ୍ତ୍ରକ ଓ ଧର୍ମର ନିୟନ୍ତା ଥିଲେ ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ପୋପ୍‌ମାନେ । ସେମାନେ ନିଜକୁ ଭଗବାନଙ୍କର ପ୍ରତିନିଧି ବୋଲି ଘୋଷଣା କରିଥିଲେ । ସମାଜର ଶାସନ ବ୍ୟବସ୍ଥା, ଶାସକ ନିର୍ବାଚନ, ଦଣ୍ଡ ବିଧାନ, କୌଣସି ପାପର ପ୍ରାୟଶ୍ଚିତ୍ତର ବିଧି ଆଦି ସମସ୍ତ ବିଧାନର ଅଧିକାର ସେମାନେ ନିଜ ହାତରେ ରଖିଥିଲେ । ସେମାନଙ୍କ ମତରେ ଭଗବାନ ହେଉଛନ୍ତି 'ଧର୍ମୀ'

ଏବଂ ସେ ପାପୀକୁ ଦଣ୍ଡ ବିଧାନ କରନ୍ତି । ଏହି ଭୟରେ ଲୋକେ ବାଧ୍ୟ ହୋଇ, ଅନିଚ୍ଛାସତ୍ତ୍ୱେ ନିର୍ଦ୍ଦିଷ୍ଟ ଧାର୍ମିକ ନୀତିର ପାଳନ କରୁଥିଲେ । ତତ୍କାଳୀନସମାଜରେଗୀତ ଗାଇବା ବାରଣ ଥିଲା । ବ୍ୟକ୍ତି ସ୍ୱାତନ୍ତ୍ର୍ୟ ବୋଲି କିଛି ନଥିଲା । କୌଣସି କୃତି ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟବସ୍ତୁକୁ ନେଇ ରଚନା କରାଯାଇ ପାରୁନଥିଲା । ଜଳପଥରେ ଯାତ୍ରା ନିଷେଧ ଥିଲା । ମାର୍ଟିନ୍‌ଲୁଥର୍ କିଂ ଖ୍ରୀଷ୍ଟଧର୍ମରେ ସ୍ଥିତ ଏହି କୁସଂସ୍କାର ଗୁଡ଼ିକର ସୁଧାର ନିମନ୍ତେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ । ସେ '95 Thesises'ରେ ଏଗୁଡ଼ିକୁ ଉଲ୍ଲେଖ କରିଥିଲେ । ସେ ଇହୁଦୀମାନଙ୍କ ପକ୍ଷ ସମର୍ଥନ କରି ଚର୍ଚ୍ଚ ବ୍ୟବସ୍ଥାରେ ପରିବର୍ତ୍ତନର ଦାବି କରିଥିଲେ । ଏଥି ନିମିତ୍ତ ଆୟୋଜିତ ସଭାରେ ସେ ଚର୍ଚ୍ଚ ତଥା ଖ୍ରୀଷ୍ଟଧର୍ମରେ ସ୍ଥିତ ତ୍ରୁଟିଗୁଡ଼ିକୁ ଉନ୍ମୋଚନ କରିଥିବାରୁ ତାଙ୍କୁ ଦେଶ ତ୍ୟାଗର ଧମକ ଦିଆଯାଇଥିଲା । ସେ ତାଙ୍କର ତିନୋଟି ଗୁରୁତ୍ୱପୂର୍ଣ୍ଣ ପୁସ୍ତକରେ କ୍ୟାଥଲିକ୍ ବ୍ୟବସ୍ଥା ଓ ପାପାସି ଲୋ ବିପକ୍ଷରେ ପ୍ରତିବାଦ କରିଛନ୍ତି । ସେଇ ପୁସ୍ତକ ତ୍ରୟ ହେଉଛି- 'The Address to the Christian Nobility', 'The Babylonian Captivity Of The Church' and 'On the Freedom Of a Christian' । ଏଥିରେ ସେ ବ୍ୟକ୍ତିସତ୍ତାର ଭାବ ସ୍ୱାଧୀନତାର କଥା କହିଛନ୍ତି । ସେ ଭଗବାନଙ୍କୁ ପ୍ରେମ କରିବା ଏବଂ ଭଗବାନଙ୍କ ନିକଟରେ ପ୍ରଗାଢ଼ ବିଶ୍ୱାସ ସ୍ଥାପନ ନିମନ୍ତେ ପ୍ରେରଣା ପ୍ରଦାନ କରିଛନ୍ତି । ମାତ୍ର ଧର୍ମରେ ସ୍ଥିତ ଔପଚାରିକତା ଭିତରେ ଲୁଚି ରହିଥିବା ପୋପ୍‌ମାନଙ୍କର ଷଡ଼ଯନ୍ତ୍ରକୁ ଖଣ୍ଡନ କରିଛନ୍ତି । ସେ ଖ୍ରୀଷ୍ଟଧର୍ମର ଧର୍ମଗ୍ରନ୍ଥ 'ବାଇବେଲ'ର ସଂସ୍କାର କରିଛନ୍ତି । ତେଣୁ ତାଙ୍କୁ ଖ୍ରୀଷ୍ଟଧର୍ମର ସଂସ୍କାରକ ବୋଲି କୁହାଯାଏ । ସେ ଖ୍ରୀଷ୍ଟଧର୍ମରେ ନବଜାଗରଣ ଆଣିଥିଲେ । ଏହା ଧର୍ମ ବ୍ୟତୀତ ସାମାଜିକ, ସାଂସ୍କୃତିକ ରୀତିନୀତି, ବିଧି ବ୍ୟବସ୍ଥା ତଥା ଆର୍ଥନୀତିକ କ୍ଷେତ୍ରରେ ମଧ୍ୟ ପ୍ରଭାବ ବିସ୍ତାର କରିଥିଲା ।

ଶ୍ରୀଚୈତନ୍ୟ ୧୪୮୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଜଣାଯାଏ ତାଙ୍କର ପୂର୍ବପୁରୁଷ ଓଡ଼ିଶାସ୍ଥ ଯାଜପୁର ଅଞ୍ଚଳର ଅଧିବାସୀ ଥିଲେ । ତାଙ୍କ ପିତାମହ ଉପେନ୍ଦ୍ର ମିଶ୍ର ଓଡ଼ିଶାରୁ ଯାଇ ବଙ୍ଗଳାର ଶ୍ରୀହଟ୍ଟ ଜିଲ୍ଲାରେ ବସବାସ କରୁଥିଲେ । ପରବର୍ତ୍ତୀ ସମୟରେ ସେମାନେ ନଦିଆ-ନବଦ୍ୱୀପକୁ ଚାଲିଯାଇଥିଲେ । ସେ ପିତୃଶ୍ରାଦ୍ଧ ଉଦ୍ଦେଶ୍ୟରେ ଗୟା ଗମନ କରିଥିଲେ । ସେଠାରେ ମାତ୍ର ୨୪ ବର୍ଷ ବୟସରେ ସେ ଈଶ୍ୱରପୁରୀଙ୍କଦ୍ୱାରା 'ପ୍ରେମଭକ୍ତି' ମନ୍ତ୍ରରେ ଦିକ୍ଷିତ ହୋଇଥିଲେ । ସେ ୧୫୧୦ ମସିହାରେ ପ୍ରଥମ ଓଡ଼ିଶା ଆଗମନ କରି ସେଠାରେ 'ରାଗାନୁଗା ପ୍ରେମଧର୍ମ' ପ୍ରଚାରର ପ୍ରୟାସ କରିଥିଲେ । ସେତେବେଳେ ବିଷ୍ଣୁ ଉପାସନା ଏକ ଉନ୍ନତିର ପଥ ଅନୁସରଣ କରିଥିଲା ପଞ୍ଚସଖା (ଜଗନ୍ନାଥ, ବଳରାମ, ଅନନ୍ତ, ଅଚ୍ୟୁତ, ଯଶୋବନ୍ତ)ଙ୍କ ଦ୍ୱାରା । ତାହା ଜ୍ଞାନ, ଯୋଗ, ଧ୍ୟାନ, ଧାରଣା ଉପରେ ପର୍ଯ୍ୟବେଶିତ ହୋଇଥିଲା । ତେଣୁ ଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ 'ପ୍ରେମଭକ୍ତି'କୁ ଗ୍ରହଣ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ପୁରୀରେ କେତେକ ପଣ୍ଡିତଙ୍କ ସହ ତର୍କ ଅଲୋଚନା ହେବାପରେ ଶ୍ରୀ ଚୈତନ୍ୟ ତାଙ୍କ ଅଲୌକିକ ଦୈବୀ ଶକ୍ତିର ପରିଚୟ ଦେଇ ଶ୍ୟାମ-ବଂଶୀମୁଖ ଦେଖାଇ ସେମାନଙ୍କୁ ଆକୃଷ୍ଟ କରିପାରିଥିଲେ । ସେତେବେଳେ ସମଗ୍ର ଭାରତବର୍ଷରେ ସର୍ବଶ୍ରେଷ୍ଠ ବୈଦାନ୍ତିକ ପଣ୍ଡିତ ଭାବରେ ଗଣ୍ୟ ମହାରାଜା ପ୍ରତାପରୁଦ୍ର ଦେବଙ୍କ ସଭା ପଣ୍ଡିତ ବାସୁଦେବ ସାର୍ବଭୌମ ଚୈତନ୍ୟଙ୍କ ଆନୁଗତ୍ୟ ସ୍ୱୀକାର କରିଥିଲେ । ଫଳରେ ଚୈତନୀୟ ବୈଷ୍ଣବୀୟ ଧର୍ମର ଧାରା ରାଜପୃଷ୍ଠପୋଷକତା ଲାଭକରି ରାଜଧର୍ମରେ ପରିଣତ ହୋଇଥିଲା । ଉତ୍କଳୀୟ ବୈଷ୍ଣବଗଣ ମଧ୍ୟ ଚୈତନ୍ୟଙ୍କ ପ୍ରଚାରିତ ଧର୍ମ ଦ୍ୱାରା ପ୍ରଭାବିତ ହୋଇ କେତେକ ନୀତିକୁ ଗ୍ରହଣ କରିଥିଲେ । ସେତେବେଳେ ପଞ୍ଚସଖାଙ୍କ ମଧ୍ୟରୁ ଅଗ୍ରଜ ବଳରାମ ଦାସଙ୍କର ଦାଣ୍ଡୀ ରାମାୟଣ ଓ ଜଗନ୍ନାଥ ଦାସଙ୍କର ଭଗବତ ରଚନା ସରିଥାଏ । ଗ୍ରାମେ ଗ୍ରାମେ ଭାଗବତର ଆଦୃତି ବୃଦ୍ଧି ପାଇବାରେ ଲାଗିଥାଏ । ସେତେବେଳେ ଭାରତର ଅଧିକାଂଶ ଅଞ୍ଚଳରେ ମୁସଲମାନ ମାନଙ୍କର ରାଜତ୍ୱ ଚାଲିଥଏ ।ସେମାନଙ୍କର ଅତ୍ୟାଚାରରେ ହିନ୍ଦୁ ସଂସ୍କୃତି ଓ ପରମ୍ପରା ଏବଂ ଧର୍ମାନୁଷ୍ଠାନମାନ ସଂକଟାପନ୍ନ ସ୍ଥିତିରେ ଗତି କରୁଥିବା ବେଳେ ଶ୍ରୀ ଚୈତନ୍ୟଙ୍କ ପ୍ରଚାରିତ ନାମ ସଂକୀର୍ତ୍ତନ ଦ୍ୱାରା ଜନସାଧାରଣଙ୍କୁ ଏକତ୍ରୀତ କରାଇ ଧର୍ମାନୁଷ୍ଠାନ କରାଯାଇ ପାରୁଥିଲା । ସମାଜରେ ବ୍ରାହ୍ମଣମାନଙ୍କର ଏକଚ୍ଛତ୍ର ଆଧିପତ୍ୟ, ଅତ୍ୟାଚାର ଏବଂ ନାନା ନୀତି-ନିୟମ, କୁସଂସ୍କାର, ଅନ୍ଧବିଶ୍ୱାସ ସମାଜ ଜୀବନକୁ ନିପୀଡ଼ିତ କରିଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ଚୈତନ୍ୟ 'ପ୍ରେମଧର୍ମ'ର ପ୍ରଚାର କରିଥିଲେ । ବାହ୍ୟ ଆଡ଼ମ୍ବରକୁ ଗୁରୁତ୍ୱ ନଦେଇ ସେ ଭକ୍ତର ଆନ୍ତରିକ ପ୍ରେମଭକ୍ତି, ସମର୍ପଣ ତଥା ସଖ୍ୟପ୍ରୀତି ବା ରାଧାପ୍ରେମ

କରିପାରିଲେ ଭଗବତ୍ ସାନ୍ନିଧ୍ୟ ଲାଭ କାରିହୁଏ ବୋଲି ସେ ବିଶ୍ୱାସ ଜନ୍ମାଇଥିଲେ ।ତାଙ୍କର ଏହି 'ପ୍ରେମଭକ୍ତି' ବା 'ରାଗାନୁଗା ଭକ୍ତି ମାର୍ଗ' ସମାଜରେ ବେସ୍ ଆଦୃତିଲାଭ କରୁଥିଲା । ଫଳରେ ଓଡ଼ିଶାରେ ପ୍ରଚଳିତ ବିଷ୍ଣୁ ଉପାସନା ଓ ଉତ୍କଳୀୟ ବୈଷ୍ଣବୀୟ ଧର୍ମମାର୍ଗରେ ଦେଖା ଦେଇଥିଲା ଅଭୁତପୂର୍ବ ପରିବର୍ତ୍ତନ ।

ଧର୍ମ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଧର୍ମରେ ପରିବର୍ତ୍ତନ ସଂଘଟିତ ହେଲେ ସମାଜରେ ମଧ୍ୟ ତା'ର ପ୍ରତିଫଳନ ଦେଖା ଯାଇଥାଏ । ଏହି ଧର୍ମ ଦ୍ୱାରା ସାମାଜିକ ମଣିଷର ଅନ୍ତଚେତନାରେ ମଧ୍ୟ ପରିବର୍ତ୍ତନ ଆଣାଯାଇପାରେ । ତେଣୁ ଧର୍ମ ସଂସ୍କାର ବା ସମାଜ ସଂସ୍କାର କ୍ଷେତ୍ରରେ ସଂସ୍କାରକର ଗୁରୁଦାୟିତ୍ୱ ରହିଥାଏ ଯେ, ତାହା ଯେପରି ସମାଜର ହିତକର ଓ ଉନ୍ନତି ସାଧନ ନିମନ୍ତ ଅଭିପ୍ରେତ ହେବ । ତେଣୁ ସଂସ୍କାରକଙ୍କ ନାମ ସ୍ମରଣୀୟ ହୋଇ ରହିଥାଏ ଇତିହାସର ପୃଷ୍ଠାରେ । ଆଲୋଚ୍ୟ ଧର୍ମ ସଂସ୍କାରକ ତ୍ରୟୀ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ ।

ଏ ତ୍ରୟୀଙ୍କ ମଧ୍ୟରେ ଶ୍ରୀମନ୍ତ ଶଙ୍କରଦେବଙ୍କ ପ୍ରଭାବ ଏଇ ପାଞ୍ଚଶହ ବର୍ଷ ଧରି ଆସାମରେ ଅକ୍ଷୁର୍ଣ୍ଣ ରହିଚି । ଅସମୀୟା ବ୍ୟକ୍ତିଙ୍କ ପାରିବାରିକ ଜୀବନ, ସାମାଜିକ ଚଳଣି, ଆଚାର ଅନୁଷ୍ଠାନ, ବିବାହ, ବ୍ରତଘର, ଧର୍ମାଚାର ସବୁରି ଭିତରେ ଶଙ୍କରଦେବଙ୍କ ଗଭୀର ପ୍ରଭାବ ଏବେବି ଅନୁଭବ କରାଯାଇପାରେ । ଏହାହିଁ କୌଣସି ସମାଜ କଲ୍ୟାଣକାରୀ ଧର୍ମ ପ୍ରଚାରକଙ୍କ ନିଃସ୍ୱାର୍ଥ ସାଧନାର ସାକାର ରୂପ !

ଅମ୍ବାପୂଜା, ହଳଦୀପଦା ବାଲେଶ୍ୱର-୭୫୬୦୨୭
ଦୂରଭାଷ : ୭୦୬୪୫୦୫୭୯୪

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ